بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

ସୟେଦିନା ହ. ମୁସଲେହ୍ ମଉଦ୍ ର.ଅଙ୍କ 1924 ମସିହାରେ ପ୍ରଥମ ଇଉରୋପ ଗସ୍ତ ଏବଂ ତା'ର କଲ୍ୟାଣମୂଳକ ଫଳଶ୍ରୁତି


ଖଣ୍ଡ: 09

ସମ୍ପାଦକ:
କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ:
ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ
# ବଦର
Weekly
BADAR
କାଦିଆନ
Qadian
Odia
www.akhbarbadr.in

ସଂଖ୍ୟା:
51-52

ବାର୍ଷିକ ଦେୟ :
୬୦୦/-

16-23 ଜମାଦିଉସ୍ ସାନି 1446, ହିଜ୍ରୀ କମ୍ରୀ ● 19-26, ଫତହ୍ 1403 ହି.ଶ ● 19-26 DEC 2023 ମସିହା


## ହେ ଇଶ୍ୱର ! ତୁମ୍ଭର ଯଶ, ମହିମା ସଂସାର ଲୋକରେ ପ୍ରକଟିତ ହେଉ ଏବଂ ଉକ୍ତ ମସଜିଦ୍ ତୁମ୍ଭର ନାମକୁ ସୃଷ୍ଟି କରିବା (ଅର୍ଥାତ୍ ପରିଚୟ) ନିମନ୍ତେ ଏକ ବୃହତ୍ କେନ୍ଦ୍ରସ୍ଥଳୀ ପାଲଟିଯାଉ । ଆମିନ୍ ।

ତା- 3 ଅକ୍ଟୋବର 1926 ମସିହାରେ ମସଜିଦ୍ ଫଜଲ୍ ଲଣ୍ଡନର ଶୁଭୋଦଘାଟନ ଅତ୍ୟନ୍ତ ଭବ୍ୟତାର ସହିତ ନିଷ୍ପନ୍ନ ହେଲା । ଇତ୍ୟବସରରେ ସୟେଦିନା ହ. ମୁସଲେହ୍ ମଉଦ୍ ର.ଅ ଚକ୍ଷୁବର୍ଦ୍ଧକ ସନ୍ଦେଶ ପ୍ରେରଣ କଲେ । ଉକ୍ତ ସନ୍ଦେଶ ଉଦଘାଟନ ଅବସରରେ ଉପସ୍ଥିତ ମଣ୍ଡଳୀଙ୍କ ସମ୍ମୁଖରେ ପାଠ କରି ଶୁଣାଇ ଦିଆଗଲା, ସେହି ସନ୍ଦେଶର ଏକ ଅଂଶ ନିମ୍ନରେ ପ୍ରଦାନ କରାଗଲା ।

ସୟେଦିନା ହ. ମୁସଲେହ୍ ମଉଦ୍ ର.ଅ କୁହନ୍ତି:

"ହେ ଭାଇମାନେ ! ସଂସାର ସିର୍କ, ବିଧର୍ମୀତା, ଈଶ୍ୱରଙ୍କ ଆଡ଼କୁ ଧ୍ୟାନ ନଦେବା, ରାଷ୍ଟ୍ରରେ ବିଦ୍ୱେଷ, ଜାତୀୟ ଘୃଣା ଓ ଜମାଅତୀୟ ଦ୍ୱନ୍ଦ୍ୱର ଧାବିତ କ୍ଷେତ୍ର ହେଉଅଛି । ଅତଏବ୍ ପ୍ରତ୍ୟେକ ବ୍ୟକ୍ତି ଯିଏ ଈଶ୍ୱରଙ୍କୁ ପ୍ରେମ କରେ ତାହାର ଏହି କର୍ତ୍ତବ୍ୟ ରହିଛି ଯେ, ସେ ନିଜର ଅବଚେତନାବସ୍ଥାରୁ ଜାଗ୍ରତ ହୋଇଯାଉ। ବ୍ୟକ୍ତି ଈଶ୍ୱରଙ୍କ ନାମରେ ନିର୍ମିତ ଘରମାନଙ୍କୁ ବିଧର୍ମୀତା, ଶତ୍ରୁତା ତଥା ବୈମନସ୍ୟତାର କେନ୍ଦ୍ର କରିବା ପରିବର୍ତ୍ତେ ଏକେଶ୍ୱର ଏବଂ ଏକତାର କେନ୍ଦ୍ରସ୍ଥଳୀ କରୁ । ଆସ ଆମେମାନେ ସମସ୍ତେ ମିଶି ସେହି ଏକେଶ୍ୱରବାଦକୁ ସ୍ଥାପନ କରିବା ଯେଉଁ ଏକେଶ୍ୱରବାଦ ସଂକ୍ରାନ୍ତରେ ସମସ୍ତେ ଏକମତ ଅଟନ୍ତି । ଅର୍ଥାତ୍ ଲୋକମାନେ କୁହନ୍ତି ଈଶ୍ୱର ଏକ ଅଟନ୍ତି । ସେହି ଏକେଶ୍ୱରବାଦକୁ ଆମେମାନେ ସ୍ଥାପନ କରିବୁ । ଆମେମାନେ ଲୋକମାନଙ୍କ ମଧ୍ୟରେ ଏପରି ଆତ୍ମା ସଂଚାର କରିବୁ ଯେପରିକି ସେମାନେ ବିଦ୍ୱେଷରୁ ମୁକ୍ତ ହୋଇ ଯାଆନ୍ତୁ । ସୁତରାଂ ବେଦ୍ୱେଷ ଏକ ବଡ଼ ପିତୁଳା (ଠାକୁର) ଅଟେ । ଏକେଶ୍ୱରଙ୍କୁ ବିଶ୍ୱସ୍ତତାର ସହିତ ସନ୍ଧାନ କରନ୍ତୁ। ସେହି ଏକେଶ୍ୱର ପ୍ରଭୁ ଯେକୌଣସି ଧର୍ମରେ ଥାଆନ୍ତୁ ନା କାହିଁକି ତାହାଙ୍କୁ ଆପଣମାନେ ଅବଶ୍ୟ ସ୍ୱୀକାର କରନ୍ତୁ । ଆମେମାନେ ସେହି ଈଶ୍ୱରଙ୍କ ଆଡ଼କୁ ମୁଣ୍ଡ ନୁଆଁଇବୁ ନାହିଁ ଯେଉଁ ଈଶ୍ୱରମାନଙ୍କୁ ଆମମାନଙ୍କର ମସ୍ତିଷ୍କ ସୃଷ୍ଟି କରିଛି । କାରଣ ସେହି ଈଶ୍ୱରଙ୍କ ନାମ ଆମେ ଯାହା ରଖୁ ପଛେ କିନ୍ତୁ ବାସ୍ତବରେ ସେହି ଈଶ୍ୱର ଗୋଟିଏ ଗୋଟିଏ ପିତୁଳା ଅଟନ୍ତି । ସୁତରାଂ ଆମେମାନେ ସେହି ପିତୁଳା ରୂପକ ଈଶ୍ୱରଙ୍କ ସମ୍ମୁଖରେ ମଥାନତ ନହୋଇ ସେହି ଈଶ୍ୱରଙ୍କ ସମ୍ମୁଖରେ ମଥାନତ ହେବା ଉଚିତ୍ ଯିଏ ସକଳ ଜଗତ ଓ ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା ଅଟନ୍ତି । ସେହି ପ୍ରଭୁଙ୍କର ମହିମା ସଂସାରର ପ୍ରତ୍ୟେକଟି କଣିକାରେ ଦୃଶ୍ୟମାନ ହୋଇଥାଏ। ସେହି ଈଶ୍ୱର ନିଜର ଜୀବନ୍ତ ଶକ୍ତିର ପରିଚୟ ସର୍ବଦା ନିଜର ପ୍ରିୟାବତାରାଙ୍କ ମାଧ୍ୟମରେ ପ୍ରକାଶିତ କିରଥାଆନ୍ତି । ଅତଏବ୍ ସେହି ପୂର୍ବ ଏବଂ ପଶ୍ଚିମ ଈଶ୍ୱରଙ୍କ ଉପରେ ବିଶ୍ୱାସ ଆଣି ଆପଣମାନେ ଏହି ଉଦ୍ୟମ କରନ୍ତୁ ଯେ, ସଂସାରରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ସ୍ଥାପନ ହେଉ। ଗୋଟିଏ ଦେଶର ଆଭ୍ୟନ୍ତରୀଣ ବ୍ୟବସ୍ଥାରେ ମଧ୍ୟ ଓ ବିଭିନ୍ନ ଦେଶର ବ୍ୟବସ୍ଥାରେ ମଧ୍ୟ ଶାନ୍ତି ସ୍ଥାପନ ହେବା ଉଚିତ୍ । ଆମମାନଙ୍କର ଶ୍ରେଷ୍ଠତା ତହିଁରେ ହେବା ଅନୁଚିତ୍ ଯେ, ଆମେମାନେ ନିଜର ଧନ ଓ ଶକ୍ତି ମାଧ୍ୟମରେ ଲୋକମାନଙ୍କୁ ନିଜର ଅଧୀନ କରିଦେବୁ । ସେହିପରି ଆମମାନଙ୍କର ଶ୍ରେଷ୍ଠତା ତହିଁରେ ନାହିଁ ଯେ, ଆମେମାନେ ନିଜର ଗୋଷ୍ଠୀ କିମ୍ବା ଗୋଟିଏ ସଂପ୍ରଦାୟ ମାଧ୍ୟମରେ ଲୋକମାନଙ୍କୁ ସେମାନଙ୍କର ଅଧିକାରରୁ ବଞ୍ଚିତ କରିଦେବା ନିମନ୍ତେ ଉଦ୍ୟମ କରିବୁ ତାହା ନୁହେଁ । ବରଂ ଆମମାନଙ୍କର ଶ୍ରେଷ୍ଠତା ଏହା ଉପରେ ନିର୍ଭର କରେ ଯେ, ଆମେମାନେ ଦୁର୍ବଳ ବ୍ୟକ୍ତି ପ୍ରତି ଦୟାମୂଳକ ଆଚରଣ ପ୍ରଦର୍ଶନ କରିବୁ ଓ ପ୍ରକୃତ ଅଧିକାରୀ ବ୍ୟକ୍ତିର ଅଧିକାର ସମ୍ପାଦନ କରିବୁ ।"

ହେ ଈଶ୍ୱର ! ତୁମ୍ଭର ଯଶ, ତୁମ୍ଭର ମହିମା ସଂସାର ଲୋକରେ ପ୍ରକଟିତ ହେଉ ଏବଂ ଉକ୍ତ ମସଜିଦ୍ ତୁମ୍ଭର ନାମକୁ ସୃଷ୍ଟି କରିବା (ଅର୍ଥାତ୍ ପରିଚୟ ପ୍ରଦାନ) ନିମନ୍ତେ ଏକ ବୃହତ୍ କେନ୍ଦ୍ରସ୍ଥଳୀ ପାଲଟିଯାଉ । ଆମିନ୍ । ୱ ଆଖିରୁଦ୍ ଦାୱାନା ଅନିଲ୍ ହମ୍ଦୁ ଲିଲ୍ଲାଃ ରବ୍ବିଲ୍ ଆଲମିନ୍ ।

(ଅଲ୍ ଫଜଲ୍, କାଦିୟାନ୍ ଦାରୁଲ୍ ଅମାନ୍, ଅକ୍ଟୋବର ମାସ 26 ତାରିଖ 1926 ମସିହା, ପୃ-3)



ହ. ଖଲିଫତୁଲ୍ ମସିହ୍ ସାନି ର.ଅ ଏବଂ ଆପଣ ର.ଅଙ୍କ ସହିତ ଇଉରୋପ ଯାତ୍ରାରେ ଯାଇଥିବା ବନ୍ଧୁମାନେ

ଚୌକି ଉପରେ ଡାହାଣ ପାର୍ଶ୍ୱରୁ ବାମ ପାର୍ଶ୍ୱରେ ବସିଥିବା ବ୍ୟକ୍ତିମାନଙ୍କୁ କ୍ରମାନୁଯାୟୀ ଦେଖନ୍ତୁ । (1) ମୌଲବୀ ଅବ୍ଦୁର୍ ରହ୍ମାନ ସାହେବ ମିସ୍ତ୍ରୀ (2) ହ. ଚୌଧୁରୀ ଫତେହ୍ ମୁହମ୍ମଦ୍ ସାହେବ ସିୟାଲ୍ (3) ହ. ଖଲିଫତୁଲ୍ ମସିହ୍ ସାନି ର.ଅ (4) ହ. ଖାନ୍ ଜୁଲ୍ ଫିକାର ଅଲୀ ଖାନ୍ ସାହେବ ଗୌହର୍ (5) ହ. ହାଫିଜ୍ ରୌଶନ ଅଲୀ ସାହେବ। ଡାହାଣ ପାର୍ଶ୍ୱରୁ ବାମ ପାର୍ଶ୍ୱ ପର୍ଯ୍ୟନ୍ତ ଛିଡ଼ା ହୋଇଥିବା ବନ୍ଧୁମାନେ: (1) ମିଆଁ ରହମ୍ ଦିନ୍ ସାହେବ ବାୱର୍ଚି (2) ହ. ସେଖ୍ ୟାକୁବ୍ ଅଲୀ ସାହେବ ଇର୍ଫାନୀ (3) ହ. ଡାକ୍ତର ହଶ୍ମତୁଲ୍ଲାଃ ସାହେବ (4) ହ. ଭାଇ ଅବ୍ଦୁର୍ ରହମାନ୍ ସାହେବ କାଦିୟାନୀ (5) ହ. ଚୌଧୁରୀ ମୁହମ୍ମଦ ଶରୀଫ୍ ସାହେବ ୱକିଲ୍ ସାହିୱାଲ୍ (6) ହ. ମୌଲବୀ ଅବ୍ଦୁର୍ ରହିମ୍ ସାହେବ ଦର୍ଦ୍ଦ୍ (7) ହ. ସାହିବ୍‌ଜାଦା ମିର୍ଜା ଶରୀଫ୍ ଅହେମଦ୍ ସାହେବ ।



ଇଂଲଣ୍ଡ ଯାତ୍ରାରେ ଯିବା ପୂର୍ବରୁ ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ କାଦିୟାନର ସଦସ୍ୟବୃନ୍ଦଙ୍କ ସହିତ ଏକ ସାମୂହିକ ଚିତ୍ର (ଜୁଲାଇ ମାସ 11 ତାରିଖ 1924 ମସିହା )



ଯାତ୍ରା ସମୟରେ ରେଳ ଷ୍ଟେସନରେ ହୁଜୁର ର.ଅଙ୍କୁ ସାକ୍ଷାତ୍ କରୁଥିବା ଅହେମଦି ସଦସ୍ୟବୃନ୍ଦ




ବିଲାତ ଯାତ୍ରା ସମୟର ଏକ ସ୍ମରଣୀୟ ଚିତ୍ର

ଉକ୍ତ କଲ୍ୟାଣମୟ ଯାତ୍ରା ସମୟରେ ଆପଣ (ହ. ମୁସ୍‌ଲେହ୍ ମଉଦ୍ ର.ଅ) ବିଭିନ୍ନ ସ୍ଥାନରେ ଭାଷଣ ଦେଲେ, ନିଜର ଅବସ୍ଥାନ କରିଥିବା ପ୍ରତ୍ୟେକ ସ୍ଥାନରେ ସ୍ଥାନୀୟ ଲୋକମାନଙ୍କ ସହିତ ସଂପର୍କ ଏବଂ ଯୋଗାଯୋଗ ବୃଦ୍ଧି କଲେ । ଧାର୍ମିକ ଓ ରାଜନୈତିକ ନେତୃବୃନ୍ଦମାନେ, ବିଦ୍ୱାନ୍ ମନୀଷୀମାନେ ଏବଂ ସାମ୍ବାଦିକ ପ୍ରତିନିଧିମାନେ ଓ ଜନସାଧାରଣମାନେ ଆପଣ ର.ଅଙ୍କ ସହିତ ସାକ୍ଷାତ୍ କଲେ ।

---

ଉକ୍ତ ସମସ୍ତ ଯାତ୍ରା ସମୟରେ ଆପଣ ର.ଅ ଦିନ ତମାମ୍ ଏବଂ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ କାର୍ଯ୍ୟ ସମ୍ପାଦନ କରୁଥିଲେ । ନିଜର ସମସ୍ତ ଅକ୍ଳାନ୍ତ ପରିଶ୍ରମର ସମୟକୁ ଆପଣ ର.ଅ କାର୍ଯ୍ୟବ୍ୟସ୍ତତାରେ ଅତିବାହିତ କରିଥିଲେ ।

---

ଉକ୍ତ ଯାତ୍ରା ଅତ୍ୟନ୍ତ ସାଫଲ୍ୟମୂଳକ ଓ କଲ୍ୟାଣମୂଳକ ଯାତ୍ରା ଥିଲା । ଉକ୍ତ ଯାତ୍ରାରେ ଅଲ୍ଲାଃତାଲାଙ୍କ ସାହଯ୍ୟ ଏବଂ ତାହାଙ୍କ ସମର୍ଥନର ଦୃଶ୍ୟ ପ୍ରତ୍ୟେକ ସ୍ଥାନରେ ଆମେମାନଙ୍କୁ ଦୃଶ୍ୟମାନ ହେଉଛି । ଅର୍ଥାତ୍ ଆମେମାନେ ଅବଲୋକନ କଲୁ ।

---

ପାଠକବର୍ଗଙ୍କ ପକ୍ଷେ ଏହା ଉଚିତ୍ ହେବ କି ସେମାନେ ବଦରର ଏହି ବିଶେଷ ସଂଖ୍ୟାକୁ ଅଧ୍ୟୟନ କରନ୍ତୁ । କାରଣ ଆପଣମାନଙ୍କର ଜ୍ଞାନ ଏବଂ ବୌଦ୍ଧିକ ବ୍ରହ୍ମଜ୍ଞାନରେ ଅଭିବୃଦ୍ଧି ଘଟୁ ।

---

ବଦର୍‌ର ପାଠକମଣ୍ଡଳୀଙ୍କ ନିମନ୍ତେ ସୟେଦିନା ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ପ୍ରେମ ତଥା ଆନ୍ତରୀକତାପୂର୍ଣ୍ଣ ଏବଂ ଚାତୁର୍ଯ୍ୟ ଓ ବୌଦ୍ଧିକପୂର୍ଣ୍ଣ ସନ୍ଦେଶ ।

MA 17-11-2024

ସାପ୍ତାହିକ ବଦର, କାଦିଆନର ପ୍ରିୟ ପାଠକବୃନ୍ଦ

**ଅସ୍ ସଲାମୁ ଅଲୈକୁମ୍ ୱ ରହମତୁଲ୍ଲାଃହି ୱ ବର୍‌କାତୁହୁ ।**

ଅଲ୍‌ହମଦୁଲିଲ୍ଲାଃ ସମ୍ବାଦପତ୍ର ବଦର୍‌କୁ " **1924 ମସିହାରେ ସୟେଦିନା ହ. ମୁସ୍‌ଲେହ୍ ମଉଦ ର.ଅଙ୍କ ପ୍ରଥମ ଇଉରୋପ ଗସ୍ତ ଓ ତା'ର କଲ୍ୟାଣ ଏବଂ ଫଳଶୃତି"** ବିଷୟବସ୍ତୁକୁ କେନ୍ଦ୍ର କରି ଏକ ବିଶେଷ ସଂଖ୍ୟା ପ୍ରକାଶିତ କରିବାକୁ ସାମର୍ଥ୍ୟ ଲାଭ ହେଉଅଛି । ଏଥି ନିମନ୍ତେ ମୋତେ ସନ୍ଦେଶ ପ୍ରେରଣ କରିବା ନିମନ୍ତେ ଅନୁରୋଧ କରାଯାଇଛି । ତତ୍‌ସଂପର୍କରେ ମୁଁ କେତେକ ଆବଶ୍ୟକୀତୟ ପ୍ରସଙ୍ଗ ବର୍ଣ୍ଣନା କରିଦେବା ଆବଶ୍ୟକ ଓ ଉଚିତ୍ ବୋଲି ମନେକରୁଛି ।

1924 ମସିହା ସେପ୍ଟେମ୍ବର ମାସରେ ଲଣ୍ଡନ୍‌ର ୱେମ୍ବଲେ ଠାରେ ଏକ୍ ଧାର୍ମିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଯହିଁରେ ବ୍ରିଟେନ୍‌ର ବିଭିନ୍ନ ଧର୍ମମାନଙ୍କର ସଦସ୍ୟମାନଙ୍କୁ ନିମନ୍ତ୍ରଣ ଦିଆଯାଇଥିଲା ଯେ, ସେମାନେ ନିଜ ନିଜ ଧର୍ମର ନୈତିକତା ଉପରେ ଆଲୋକପାତ କରନ୍ତୁ । ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ସେବାରେ ମଧ୍ୟ ସମ୍ମିଳନୀର ଆୟୋଜକ (ଯହିଁରେ ଇଂଲଣ୍ଡର ବଡ଼ ବଡ଼ ପ୍ରାଚ୍ୟତତ୍ତ୍ୱବିତ୍‌ମାନେ ମଧ୍ୟ ଅନ୍ତର୍ଭୁକ୍ତ ଥିଲେ)ଙ୍କ ପକ୍ଷରୁ ଉକ୍ତ ସମ୍ମିଳନୀରେ ଅଂଶଗ୍ରହଣ କରିବା ନିମନ୍ତେ ନିମନ୍ତ୍ରଣ ପତ୍ର ମଧ୍ୟ ପହଞ୍ଚିଥିଲା (ଅର୍ଥାତ୍ ହସ୍ତଗତ ହୋଇଥିଲା) । ଆପଣ ର.ଅ ଉକ୍ତ ସମ୍ମିଳନୀରେ ସାକ୍ଷାତ୍ ସାମିଲ୍ (ଅଂଶଗ୍ରହଣ) ହୋଇଥିଲେ । ସେତେବେଳେ ଆପଣ ର.ଅ ନିଜ ସହିତ 11 ଜଣ ପ୍ରତିନିଧିମଣ୍ଡଳଙ୍କୁ ଆଣିଥିଲେ । ଏହା ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ପ୍ରଥମ ଇଉରୋପ ଗସ୍ତ ଥିଲା । ତତ୍‌ସହିତ ଆରବର ଦେଶମାନେ ମଧ୍ୟ ଅନ୍ତର୍ଭୁକ୍ତ ଥିଲେ । ଅର୍ଥାତ୍ ଆପଣ ର.ଅ ଆରବର ମଧ୍ୟ ଗସ୍ତ କରିଥିଲେ । ସିରୀୟା, ମିସର, ପାଲେଷ୍ଟାଇନ୍ ଇତ୍ୟାଦି ଆରବୀୟ ଦେଶମାନଙ୍କରେ ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ବ୍ୟତୀତ ଅନ୍ୟ କୌଣସି ଖଲିଫା ଗସ୍ତ କରି ନାହାନ୍ତି । ହୁଜୁର ର.ଅ ନିଜର ଉକ୍ତ ଯାତ୍ରା ସଂପର୍କରେ ବର୍ଣ୍ଣନା କରି କୁହନ୍ତି: "ମୋର ଉକ୍ତ ଗସ୍ତ ଏବଂ ଯାତ୍ରା ଭବିଷ୍ୟବାଣୀକୁ ସଂପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ଥିଲେ । **ପ୍ରଥମତଃ** ଆଁହଜରତ ସ.ଅଙ୍କ ଭବିଷ୍ୟବାଣୀକୁ ସଂପୂର୍ଣ୍ଣ କରିବା ନିମନ୍ତେ ମୋର ଏହି ଗସ୍ତ ଥିଲା । **ଦ୍ୱିତୀୟତଃ** ହ. ମସିହ୍ ମଉଦ୍ ଅ.ସଙ୍କ ଇଂଲଣ୍ଡ ସଂକ୍ରାନ୍ତରେ ଯେଉଁ ଭବିଷ୍ୟବାଣୀ ରହିଥିଲା ସେହି ଉଦ୍ଦେଶ୍ୟକୁ ଆୟୁଦ୍ଧ କରି ମୋର ଏହି ଇଉରୋପ ଗସ୍ତ ଥିଲା ।"

**(ଅନ୍‌ୱାରୁଲ୍ ଉଲୁମ୍, ଭାଗ-8, ପୃ-465)**

ଦମିଶ୍କ ସଂକ୍ରାନ୍ତରେ ଭବିଷ୍ୟବାଣୀ ସଂପୂର୍ଣ୍ଣ ହେବା ସଂକ୍ରାନ୍ତରେ ଆପଣ ର.ଅ ଚର୍ଚ୍ଚା କରି କୁହନ୍ତି: "**ପୁନଶ୍ଚ ମିନାରତୁଲ୍ ବୈଜା**"ର ମଧ୍ୟ ଏକ ଅଦ୍ଭୁତ ଘଟଣା ଘଟିଲା.........। ମୁଁ ଆଶ୍ଚର୍ଯ୍ୟ ଚକିତ ଥିଲି ଯେ, ସେହି ମିନାରାଟି କେଉଁଟି ? ଚାଲ ଆମେ ସେହି ମିନାରାକୁ ଆମେ ଦେଖିକି ଯିବା । ମୁଁ ସକାଳେ ହୋଟେଲରେ ଫଜର ନମାଜ ପାଠ କରାଇଲି, ସେତେବେଳେ ଜୁଲ୍‌ଫିକାର ଅଲୀ ଖାନ୍ ସାହେବ ଏବଂ ଡାକ୍ତର ହଶ୍‌ମତୁଲ୍ଲାଃ ସାହେବ ଥିଲେ । ଅର୍ଥାତ୍ ଏହି ବ୍ୟକ୍ତି ଦ୍ୱୟ ମୋ ପଛରେ ମୁକ୍‌ତଦି ଥିଲେ । ମୁଁ ଯେତେବେଳେ ବାମ ପାର୍ଶ୍ୱ ଓ ଡାହାଣ ପାର୍ଶ୍ୱରେ ସଲାମ୍ କଲି ସେତେବେଳେ ମୁଁ ଦେଖିଲି ଯେ, ମୋ ସମ୍ମୁଖରେ ମିନାରା ଅଛି । ମିନାରା ମଧ୍ୟରେ ଏବଂ ଆମମାନଙ୍କ ମଧ୍ୟରେ କେବଳ ଗୋଟିଏ ସଡ଼କର ବ୍ୟବଧାନ ରହିଛି । ମୁଁ କହିଲି, ଉକ୍ତ ମିନାରା ହେଉଛି ସେହି ମିନାରା ଏବଂ ଆମେମାନେ ସେହି ମିନାରର ଠିକ୍ ପୂର୍ବ ଦିଗରେ ଥିଲୁ । ଉକ୍ତ ମିନାରାଟି ସେଠାରେ କେବଳ ଏକମାତ୍ର ଧବଳ ବର୍ଣ୍ଣ(ଧଳା ରଙ୍ଗ)ର ମିନାରା ଥିଲା । ଅନ୍ୟ କୌଣସି ମିନାରା ଧବଳ ବର୍ଣ୍ଣର ନଥିଲା । ମସ୍‌ଜିଦ୍ ଅମ୍‌ୱିୟାର ମିନାରାର ରଙ୍ଗ ନୀଳ ରଙ୍ଗର ଥିଲା । ମୁଁ ଯେତେବେଳେ ଉକ୍ତ ଧଳା ରଙ୍ଗର ମିନାରାକୁ ଦେଖିଲି ଏବଂ ମୋ ପଛରେ ଦୁଇ ଜଣ ମୁକ୍‌ତଦିମାନେ ଥିଲେ ତେବେ ମୁଁ କହିଲି, ଜୁଲ୍‌ଫିକାର୍ ସାହେବ ଓ ହଶ୍‌ମତୁଲ୍ଲାଃ ସାହେବ ସେହି ହଦିସ୍ ମଧ୍ୟ ସଂପୂର୍ଣ୍ଣ ହୋଇଗଲା ଯାହା ହଦିସ୍‌ମାନଙ୍କରେ ବର୍ଣ୍ଣିତ ହୋଇଥିଲା ।"

**(ଅନ୍‌ୱାରୁଲ୍ ଉଲୁମ୍, ଭାଗ-8, ପୃ-614)**

**ଇଉରୋପ ଗସ୍ତ ସଂପର୍କରେ ଆପଣ ର.ଅ କହିଲେ:**

"ଇଉରୋପ ଅଭିମୁଖେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ କିମ୍ବା ତାହାଙ୍କ କୌଣସି ଏକ ଉତ୍ତରାଧିକାରୀଙ୍କ ଉକ୍ତ ଉଦ୍ଦେଶ୍ୟ ରଖି ଗସ୍ତ କରିବା କି ମୁଁ ଯେଉଁ ଅଭିପ୍ରାୟ ରଖି ଯାତ୍ରା କରିଛି ଏବଂ ସେହି ଯାତ୍ରା ସଂପର୍କରେ ପବିତ୍ର କୁରଆନ୍ କରୀମ୍‌ରେ ମଧ୍ୟ ଚର୍ଚ୍ଚା ରହିଛି.....ଉକ୍ତ ଚର୍ଚ୍ଚା ସୁରାଃ କହଫ୍‌ରେ ମଧ୍ୟ ରହିଛି......ଅତଃ ହ. ମସିହ୍ ମଉଦ୍ ଅ.ସଙ୍କ ଲେଖନୀ ଅନୁଯାୟୀ ଜୁଲ୍‌କର୍ନୈନ୍ (ଦୁଇ ଶତାବ୍ଦୀକୁ ପ୍ରାପ୍ତ କରିଥିବା ବ୍ୟକ୍ତି) ଆପଣ ଅ.ସ ହିଁ ଅଟନ୍ତି । ପାଶ୍ଚାତ୍ୟ ଦେଶରୁ ଯଥାର୍ଥ ଉଉରୋପ ଓ ଆମେରାକା ବାସୀ ଅଟନ୍ତି। ସେମାନେ ଖ୍ରୀଷ୍ଟତ୍ୱର ଝରଣା ପାଖରେ ଶିବିର ପକାଇଛନ୍ତି ତଥା ଆଡ୍ଡା ଜମେଇଛନ୍ତି। ଅତଏବ୍ ତହିଁରୁ ସ୍ୱଷ୍ଟ ଭାବରେ ପ୍ରତିଭାତ ହେଉଛି ଯେ, ପ୍ରତିଶୃତ ମସିହ୍ ଅ.ସ କିମ୍ବା ତାହାଙ୍କର କୌଣସି ଉତ୍ତରାଧିକାରୀଙ୍କୁ ପଶ୍ଚିମ ଦେଶର ଗସ୍ତ କରିବାକୁ ସୌଭାଗ୍ୟ ପ୍ରାପ୍ତ ହେବ.... ଅତଏବ୍ ଉକ୍ତ ଯାତ୍ରା ବାସ୍ତବରେ ଏକ ଭବିଷ୍ୟବାଣୀକୁ ପାଥେୟ କରି କରାଯାଇଛି । ଉକ୍ତ ଭବିଷ୍ୟବାଣୀଟି ଏତେ ଗୁରୁତ୍ୱପୂର୍ଣ୍ଣ ଯେ, ପବିତ୍ର କୁରଆନ୍ କରୀମ୍‌ରେ ଉକ୍ତ ଭବିଷ୍ୟବାଣୀ ସଂପର୍କରେ ବର୍ଣ୍ଣନା କରାଯାଇଛି । ତତ୍‌ସହିତ ଏହା ମଧ୍ୟ ଜ୍ଞାତ ହୁଏ ଯେ, ଉକ୍ତ ଯାତ୍ରା ତବ୍‌ଲିଗ୍ (ପ୍ରଚାର) କରିବା ଉଦ୍ଦେଶ୍ୟରେ ନୁହେଁ। ବରଂ ତବ୍‌ଲିଗ୍ ସଂକ୍ରାନ୍ତରେ ଯେଉଁ ନୀତି ନିୟମ ରହିଛି ତାହାକୁ ସମ୍ପାଦନ କରିବା ଏବଂ ଜ୍ଞାନ ଆହରଣ କରିବା ନିମନ୍ତେ ଉଦ୍ଦିଷ୍ଟ ଅଟେ ।"

**(ଅନ୍‌ୱାରୁଲ୍ ଉଲୁମ୍, ଭାଗ-8, ପୃ-434-435)**

ଉକ୍ତ ଯାତ୍ରା ମାଧ୍ୟମରେ କେତେକ ସ୍ୱପ୍ନ ମଧ୍ୟ ସାକାର ହୋଇଛି । ତନ୍ମଧ୍ୟରେ ହ. ମସିହ୍ ମଉଦ୍ ଅ.ସଙ୍କ ଏକ ସ୍ୱପ୍ନ ମଧ୍ୟ ରହିଛି: ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ମୁଁ ଲଣ୍ଡନ ସହରରେ ଏକ ମଞ୍ଚ ଉପରେ ଛିଡ଼ା ହୋଇଛି ଏବଂ ଇଂରାଜୀ ଭାଷାରେ ଏକ ପ୍ରାମାଣ୍ୟଭିତ୍ତିକ ବର୍ଣ୍ଣନା ମଧ୍ୟରୁ ଇସ୍‌ଲାମ୍ ଧର୍ମର ସତ୍ୟତା ସଂପର୍କରେ ପ୍ରକାଶ କରୁଛି।"

**(ଇଜାଲା ଔହାମ୍, ରୁହାନୀ ଖଜାଏନ୍, ଭାଗ-3, ପୃ-377)**

ଏତଦ୍‌ଭିନ୍ନ ହୁଜୁର ର.ଅ ଦୁଇଟି ସ୍ୱପ୍ନ ଦେଖିଥିଲେ । ସେହି ସ୍ୱପ୍ନ ମଧ୍ୟରୁ ଗୋଟିଏ ସ୍ୱପ୍ନର ଚର୍ଚ୍ଚା ଆପଣ ର.ଅ ଏହିପରି କରିଛନ୍ତି ଯେ, "ସେହି ସମ୍ରାଟ୍ ଯାହାଙ୍କ ହସ୍ତରେ ସମଗ୍ର ସଂସାରର ଡୋର ରହିଛି, ସେ ମୋତେ ସ୍ୱପ୍ନରେ କହିଥିଲେ ଯେ, ମୁଁ (ହ. ମସିହ୍ ମଉଦ୍ ଅ.ସ) ଇଂଲଣ୍ଡ ଯାଇଛି ଏବଂ ମୋର ଜଣେ ସେନାପତି ବିଜୟୀଙ୍କ ପରି ସେହି ଦେଶରେ ପ୍ରବେଶ କରିଛି । ସେହି ପ୍ରବେଶ ସମୟରେ ମୋର ନାମ ବିଜୟୀ ୱିଲିୟମ୍ ରଖାଗଲା ।" **(ଅନ୍‌ୱାରୁଲ୍ ଉଲୁମ୍, ଭାଗ-8, ପୃ-463)**

ସେ ଯାହା ହେଉ ଆପଣ ର.ଅ ଇଟାଲୀ, ସୁଇଜରଲ୍ୟାଣ୍ଡ, ଫ୍ରାନ୍‌ସ ଆଦି ଦେଶ ଦେଇ 1924 ମସିହା ଅଗଷ୍ଟ ମାସ 22 ତାରିଖ ଦିନ ଇଂଲଣ୍ଡ ଠାରେ ପହଞ୍ଚିଲେ । ଲଣ୍ଡନ୍‌ରେ ଅବସ୍ଥାନ କାଳରେ ଆପଣ ର.ଅଙ୍କ ଅନେକ କାର୍ଯ୍ୟକ୍ରମ ଏବଂ କାର୍ଯ୍ୟବ୍ୟସ୍ତତା ରହିଥିଲା। ତନ୍ମଧ୍ୟରୁ ଏକ କାର୍ଯ୍ୟବ୍ୟସ୍ତତା ହେଲା;- ଧାର୍ମିକ ସମ୍ମିଳନୀରେ ଆପଣ ର.ଙ୍କ ଭାଷଣ ଏବଂ ମସ୍‌ଜିଦେ ଫଜଲ୍ ଲଣ୍ଡନ୍‌ର ଭିତ୍ତି ପ୍ରସ୍ତର ସ୍ଥାପନ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ସମାରୋହ ସଂପର୍କରେ ଏଠାରେ ମୁଁ ସଂକ୍ଷେପରେ କହି ଦେବାକୁ ଚାହୁଁଛି ।

ଧର୍ମ ସମ୍ମିଳନୀରେ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଭାଷଣ ତା-23 ସେପ୍ଟେମ୍ବର 1924 ମସିହା ସନ୍ଧ୍ୟା 5.00 ବେଳେ ନିର୍ଦ୍ଧାରିତ ଥିଲା । ଇତ୍ୟବସରରେ ସଭାପିତ ସାର୍ ଥିଓଡ୍ ମରିସନ୍ ହୁଜୁର ର.ଅଙ୍କ ପରିଚୟ କରାଇଲେ ଏବଂ ପୁନଶ୍ଚ ଅତ୍ୟନ୍ତ ଶିଷ୍ଟତା ତଥା ଭଦ୍ରତାର ସହିତ ହୁଜୁର ର.ଅଙ୍କୁ ଉଦ୍‌ବୋଧନ ଦେବା ନିମନ୍ତେ ଅନୁରୋଧ କଲେ । ହୁଜୁର ର.ଅ ସର୍ବ ପ୍ରଥମେ ଇଂରାଜୀ ଭାଷାରେ ସଂକ୍ଷିପ୍ତ ଉଦ୍‌ବୋଧନ ଦେଲେ । ପୁନଶ୍ଚ ଏତଦ୍‌ପରେ ନିଜର ଅତିରିକ୍ତ ଭାଷଣ ତଥା ଉଦ୍‌ବୋଧନ ଚୌଧୁରୀ ଜଫ୍ରୁଲ୍ଲାଃ ଖାନ୍ ସାହେବ ବାର୍

ଆଟ୍ ଲ'ଙ୍କୁ କହିଲି କି ମହୋଦୟ ! ମୋର ଭାଷଣ ଶ୍ରୋତାମଣ୍ଡିଳୀଙ୍କୁ ଶୁଣାନ୍ତୁ । ସୁତରାଂ ଚୌଧୁରୀ ଜଫ୍ରୁଲ୍ଲାଃ ଖାନ୍ ସାହେବ ଉକ୍ତ ବିଷୟବସ୍ତୁର ଇଂରାଜୀ ଅନୁବାଦ୍ ଅତ୍ୟନ୍ତ ଭବ୍ୟ ଢଙ୍ଗରେ ଓ ଅତ୍ୟନ୍ତ ଉଚ୍ଚ କୋଟି ଶୈଳୀରେ ଉପସ୍ଥାପିତ କଲେ । ବିଷୟବସ୍ତୁରେ ଯେତେବେଳେ ଇସ୍‌ଲାମ୍ ଧର୍ମ ସଂପର୍କିତ ଏପରି କୌଣସି ପ୍ରସଙ୍ଗ ବର୍ଣ୍ଣନା କରାଯାଇଥାଏ ଯାହାକି ସେମାନଙ୍କ ନିମନ୍ତେ ନୂତନ କଥା ହୋଇଥାଏ । ତେବେ ସେ ପରିପ୍ରେକ୍ଷୀରେ ଅନେକ ଲୋକମାନେ ଅନନ୍ଦିତ ଓ ବିଭୋର ହୋଇ ଉଠୁଥିଲେ । ଉକ୍ତ ଅଭିଭାଷଣଟି ଏପରି ଅନନ୍ୟ ଓ ଅପୂର୍ବ ଥିଲା ଯେ, ଖ୍ରୀଷ୍ଟ ଧର୍ମର ବଡ଼ ବଡ଼ ନେତାମାନେ ମଧ୍ୟ ସହସା କହି ଉଠିଲେ ଯେ, ନିଃସନ୍ଦେହ ଉକ୍ତ ବିଷୟବସ୍ତୁରେ ଯେଉଁ ପ୍ରସଙ୍ଗୋଚିତ ଚିନ୍ତାଧାରାର ବର୍ଣ୍ଣନା କରାଯାଇଛି ତାହା ସଂସ୍କାର ସମ୍ପନ୍ନ ଏବଂ ପ୍ରାମାଣ୍ୟଭିତ୍ତିକ ଓ ବିଶେଷତା ତଥା ସୌନ୍ଦର୍ଯ୍ୟ ଦୃଷ୍ଟିରୁ ଅପୂର୍ବ ଓ ଅନନ୍ୟ ଅଟେ । ହ. ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି : "ଅଲ୍ଲାଃତାଲାଙ୍କ କୃପାରୁ ଉକ୍ତ ଉଦ୍‌ବୋଧନ ତଥା ଅଭିଭାଷଣଟି ସାଫଲ୍ୟମଣ୍ଡିତ ହେଲା । ହୁଜୁର ର.ଅ କହିଲେ, ଯେଭଳି ଭିଡ଼ ମୋ ଭାଷଣରେ ଥିଲା ସେଭଳି ଭିଡ଼ ଅନ୍ୟ ବକ୍ତାଙ୍କ ଭାଷଣରେ ନଥିଲା । ଲୋକମାନେ ଅତ୍ୟନ୍ତ ଧ୍ୟାନପୂର୍ବକ ମୋର ଉକ୍ତ ଭାଷଣକୁ ଶୁଣିଲେ ଏବଂ ପରବର୍ତ୍ତୀ ସମୟରେ ସାର୍ ଥିଓଡ଼ୋର ମରିସନ୍ ଏବଂ ଅନ୍ୟ ଲୋକମାନେ ମୋତେ ଅଭିନନ୍ଦ ଜଣାଇଲେ ଏବଂ ଅଧ ଘଣ୍ଟା ପର୍ଯ୍ୟନ୍ତ ବିଭିନ୍ନ ବନ୍ଧୁମାନେ ମୋତେ ଘେରି ଛିଡ଼ା ହୋଇ ରହିଲେ ଏବଂ କଥାବାର୍ତ୍ତା କରୁଥିଲେ । ଅଲ୍ଲାଃତାଲାଙ୍କ କୃପାରୁ ଉକ୍ତ ଅଞ୍ଚଳରେ ଇସ୍‌ଲାମ୍ ଧର୍ମର ଖ୍ୟାତି ଏପରି ହୋଇଗଲା ଏବଂ ଅହେମଦିୟତ୍‌ର ନାମ ମଧ୍ୟ ପ୍ରସିଦ୍ଧ ହୋଇଗଲା । ଅର୍ଥାତ୍ ଯଦି ଭବିଷ୍ୟତରେ ପରିଶ୍ରମ ସହକାରେ କୌଣସି କାର୍ଯ୍ୟ କରାଯାଏ ତେବେ ତହିଁରେ ସଫଳତା ପ୍ରାପ୍ତିର ଆଶା ଅବଶ୍ୟ ରହିଥାଏ ।"

**(ଅନ୍‌ୱାରୁଲ୍ ଉଲୁମ୍, ଭାଗ-8, ପୃ-463)**

ପୁନଶ୍ଚ ମସ୍‌ଜିଦ୍ ଫଜଲ୍‌ର ଉତ୍ସବର ପ୍ରସଙ୍ଗ ରହିଛି 1924 ମସିହା ଅକ୍ଟୋବର ମାସ 19 ତାରିଖ ଦିନ ଉକ୍ତ ମସ୍‌ଜିଦ୍‌ର ଭିତ୍ତି ପ୍ରସ୍ତର ସ୍ଥାପନ କରାଗଲା । ଉକ୍ତ ଭାଷଣରେ ଅଂଶଗ୍ରହଣ କରିବା ନିମନ୍ତେ ସାଂସଦମାନେ, ନେତାମାନେ, ରାଜନୈତିକ ନେତୃବୃନ୍ଦମାନେ, ଦୂତାବାସର ପ୍ରତିନିଧିମାନଙ୍କ ସମେତ ଅନେକ ଲୋକମାନଙ୍କୁ ନିମନ୍ତ୍ରଣ ପତ୍ର ପ୍ରେରଣ କରାଯାଇଥିଲା । କାରଣ ସମୟ ଅତି ସୀମିତ ଥିଲା । ଅତଏବ୍ ଏହି ଧାରଣା ଥିଲା ଯେ, ସ୍ୱଳ୍ପ ସଂଖ୍ୟକ ଲୋକମାନେ ଉକ୍ତ ଭିତ୍ତି ପ୍ରସ୍ତର ଉତ୍ସବ ଏବଂ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । କିନ୍ତୁ ବିପୁଳ ସଂଖ୍ୟାରେ ଅତିଥିମାନେ ଉକ୍ତ ଭିତ୍ତି ପ୍ରସ୍ତର ଉତ୍ସବରେ ଯୋଗ ହୋଇଥିଲେ । ବିଭିନ୍ନ ଦେଶର ପ୍ରତିନିଧିମାନେ ମଧ୍ୟ ଉକ୍ତ ଉତ୍ସବ ଏବଂ ଉକ୍ତ ସମାରୋହରେ ସାମିଲ୍ ହେଲେ ଏବଂ ଉତ୍ସବଟି ଅତ୍ୟନ୍ତ ସଫଳତାର ସହିତ ସମ୍ପାଦାନ ହେଲା । ହୁଜୁର ର.ଅ ଉକ୍ତ ଉତ୍ସବ ସମୟରେ ନିଜ ହୃଦୟର ଆବେଗ ସଂକ୍ରାନ୍ତରେ ଚର୍ଚ୍ଚା କରି କୁହନ୍ତି:

"ମୋର ମନେ ଅଛି ଯେ, ମୁଁ ଯେତେବେଳେ 1924 ମସିହାରେ ଲଣ୍ଡନ ଗଲି ଏବଂ ମୁଁ ସେଠାକାର ମସ୍‌ଜିଦ୍‌ର ଭିତ୍ତି ପ୍ରସ୍ତର ସ୍ଥାପନ କଲି ସେତେବେଳେ ମୋର ଏହି ଅବସ୍ଥା ଥିଲା କି ମୋ ଅଶ୍ରୁ (ଲୁହ) ଥମୁ ନଥିଲା । କାରଣ ସେତେବେଳେ ଉକ୍ତ ଦୃଶ୍ୟଟି ମୋ ଚକ୍ଷୁ ସମ୍ମୁଖରେ ପ୍ରଦର୍ଶିତ ହୋଇଗଲା । ହ. ମସିହ୍ ମଉଦ୍ ଅ.ସ ଅଲ୍ଲାଃତାଲାଙ୍କ ଠାରୁ ଐଶୀବାଣୀ ପ୍ରାପ୍ତ କରି ଏହି ଘୋଷଣା କରିଥିଲେ ଯେ, "ସଂସାରରେ ଜଣେ ଭୀତ ପ୍ରଦର୍ଶନକାରୀ ବ୍ୟକ୍ତି ଆସିଲା । କିନ୍ତୁ ସଂସାର ସେହି ଭୀତ ପ୍ରଦର୍ଶନକାରୀ ବ୍ୟକ୍ତିକୁ ସ୍ୱୀକାର କଲା ନାହିଁ । କିନ୍ତୁ ଈଶ୍ୱର ସେହି ଭୀତ ପ୍ରଦର୍ଶକାରୀ ବ୍ୟକ୍ତିକୁ ସ୍ୱୀକାର କରିବେ ଏବଂ ସେହି ବ୍ୟକ୍ତିର ସତ୍ୟତାକୁ ଅତ୍ୟନ୍ତ ଭୀଷଣ ତଥା ତୀବ୍ର ଆକ୍ରମଣ ମାଧ୍ୟମରେ ପରିପ୍ରକାଶ କିରଦେବେ ।.........ଈଶ୍ୱର କହିଲେ ଯେ, ଉଠିପଡ଼ ଏବଂ ସଂସାରରେ ମୋ ନାଁର ଘୋ।ଷଣା କର ଓ ସଂସାରବାସୀଙ୍କୁ କହି ଦେ ଯେ, حَانَ أَنْ تُعَانَ وَتُعْرَفَ بَيْنَ النَّاسِ । ସେହି ସମୟଟି ଆସିଯାଇଛି ଯେ, ଈଶ୍ୱର ତୁମ୍ଭକୁ ସାହାଯ୍ୟ କରିବେ ଏବଂ ତୁମ୍ଭକୁ ସଂସାରର ଅସୀମିତ ଖ୍ୟାତି ଓ ଯଶ ପ୍ରଦାନ କରିବେ ।"

**(ଅନ୍‌ୱାରୁଲ୍ ଉଲୁମ୍, ଭାଗ-26, ପୃ-529)**

ହୁଜୁର ଅନ୍‌ୱର୍ ଅ.ବ କିହଲେ, ସେ ଯାହା ହେଉ ହଜରତ୍ ମୁସ୍‌ଲେହ୍ ମୁଦ୍ ର.ଅ ବିନୀତତାପୂର୍ବକ ଦୁଆ କରି ଉକ୍ତ ମସ୍‌ଜିଦ୍‌ର ଭିତ୍ତି ପ୍ରସ୍ତର ସ୍ଥାପନ କଲେ । ପୁନଶ୍ଚ ଉକ୍ତ ମସ୍‌ଜିଦରେ ଆପଣ ର.ଅ ଓ ଆପଣ ର.ଅଙ୍କ ପରବର୍ତ୍ତୀ ସମସ୍ତ ଖଲିଫମାନେ ନମାଜ ପାଠ କରାଇଲେ ଏବଂ ଏଠାରେ ଅବସ୍ଥାନ ମଧ୍ୟ କଲେ । ହ. ଖଲିଫତୁଲ୍ ମସିହ୍ ରାବେ ର.ଅ (ଚତୁର୍ଥ ଖଲିଫା) ଙ୍କ ପ୍ରବାସ ପରେ ଉକ୍ତ ମସ୍‌ଜିଦ୍ ଉପସ୍ଥିତ ଖଲିଫାଙ୍କ ଉପସ୍ଥିତି ଯୋଗୁଁ କେନ୍ଦ୍ରୀୟ ମସ୍‌ଜିଦ୍‌ର ମାନ୍ୟତା ପ୍ରାପ୍ତ କରିନେଇଛି । ସମଗ୍ର ସଂସାରରେ M.T.Aର ପ୍ରସାରଣ ପ୍ରାରମ୍ଭ ହେଲା । ପଞ୍ଚମ ଖଲିଫାଙ୍କ ଚୟନ ମଧ୍ୟ ଉକ୍ତ ମସ୍‌ଜିଦ୍‌ରେ ହୋଇଥିଲା । ସେହିପରି ମୁଁ (ହୁଜୁର ଅ.ବ ଅର୍ଥାତ୍ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ) ଇସ୍‌ଲାମାବାଦ (U.K)ର ନୂତନ ନିର୍ମାଣ ପୂର୍ବରୁ ମଧ୍ୟ ସେହିଠାରେ ଅବସ୍ଥାନ କଲି । ଉକ୍ତ କଲ୍ୟାଣମୟ ଯାତ୍ରା ସମୟରେ ଆପଣ ର.ଅ ବିଭିନ୍ନ ସ୍ଥାନରେ ଭାଷଣ ଦେଲେ । ନିଜ ରହଣୀର ପ୍ରତ୍ୟେକ ସ୍ଥାନରେ ସ୍ଥାନୀୟ ଲୋକମାନଙ୍କ ସହିତ ଯୋଗାଯୋଗ ସଂପର୍କ ବୃଦ୍ଧି କଲେ । ଧାର୍ମିକ ତଥା ରାଜନୈତିକ ନେତୃବୃନ୍ଦମାନେ, ବିଦ୍ୱାନ୍ ମନୀଷୀମାନେ ଏବଂ ସାମ୍ବାଦିକ ପ୍ରତିନିଧିମାନେ ଓ ଜନସାଧାରଣମାନେ ଆପଣ ର.ଅଙ୍କ ସହିତ ସାକ୍ଷାତ୍ କଲେ । ଆପଣ ର.ଅ କେତେକ ଲୋକମାନଙ୍କ ନିକଟକୁ ନିଜର ସାଥିମାନଙ୍କୁ ମଧ୍ୟ ସାକ୍ଷାତ୍ କରିବା ନିମନ୍ତେ ପ୍ରେରଣ କଲେ । ଇଟାଲୀରେ ଅବସ୍ଥାନ କାଳରେ ଆପଣ ଇଉରୋପକୁ ଇସ୍‌ଲାମ୍ ଧର୍ମର ସାରଗର୍ଭକ ଶିକ୍ଷାର ଉପହାର ଭେଟିଦେବା ବା ଉପସ୍ଥାପିତ କରିଦେବା ନିମନ୍ତେ ସେମାନଙ୍କ ସହିତ ଦୁଇ ଦୁଇ ଥର ଲିଖିତ ଯୋଗାଯୋଗ କଲେ । କିନ୍ତୁ ସେମାନଙ୍କ ପକ୍ଷରୁ ବାସ ଭବନର ମରାମତି କାର୍ଯ୍ୟ ଚାଲିଛି ବୋଲି କହି ଆଳ ଉପସ୍ଥାପିତ କରାଗଲା ଓ ସାକ୍ଷାତ୍ ହୋଇ ପାରିଲା ନାହିଁ । ଆପଣ ର.ଅ ଧାର୍ମିକ ଦୃଷ୍ଟିକୋଣରୁ ପ୍ରମୁଖ ସ୍ଥାନଗୁଡ଼ିକର ଭ୍ରମଣ ମଧ୍ୟ କଲେ । ସେହି ସ୍ଥାନଗୁଡ଼ିକ ମଧ୍ୟରେ ପାଲେଷ୍ଟାଇନ୍, ଦମିଶ୍କର ମସ୍‌ଜିଦେ ଅମ୍‌ୱିୟାହ୍, ମିସର୍‌ର ମିଉଜିୟମ୍ (ସଂଗ୍ରହାଳୟ ବା ବିଚିତ୍ରାଳୟ)ରେ ଫିରଔନ୍‌ର ଶବ ଓ ଇଟାଲୀରେ ଅସ୍‌ହାବେ କହଫ୍ (କହଫ୍‌ବାସୀ)ଙ୍କ ଗୁମ୍ଫାରେ (Catacombs) ଇତ୍ୟାଦି ପ୍ରମୁଖ ସ୍ଥାନ ଅନ୍ତର୍ଭୁକ୍ତ ଅଟନ୍ତି । ଆପଣ ର.ଅ ଏହି ସମସ୍ତ ଯାତ୍ରା ସମୟରେ ବ୍ୟକ୍ତିଗତ ଓ ସାମୂହିକ ରୂପେ ମଧ୍ୟ ଦୁଆରେ ନିମଜ୍ଜିତ ରହିଲେ । ଦିନ ତମାମ ଏବଂ ଅହୋରାତ୍ର ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ କାର୍ଯ୍ୟ କରୁଥିଲେ । ଆପଣ ର.ଅ ନିଜର ସମସ୍ତ ସମୟ ଅକ୍ଳାନ୍ତ ପରିଶ୍ରମ ମାଧ୍ୟମରେ ଅତ୍ୟନ୍ତ କାର୍ଯ୍ୟବ୍ୟସ୍ତତାରେ ଅତିବାହିତ କଲେ । ଆପଣ ନିଜର ଉକ୍ତ ଯାତ୍ରାର ସଫଳତାର ଚର୍ଚ୍ଚା କରି କୁହନ୍ତି: "ଉକ୍ତ ଯାତ୍ରାରେ ଜମାଅତ୍‌ର ମାହାତ୍ମ୍ୟତାର ଯେଉଁ ପ୍ରଭାବ ପଡ଼ିଲା ତାହାକୁ ଶବ୍ଦରେ ପ୍ରକାଶ କରାଯାଇ ପାରିବ ନାହିଁ । ହୁଜୁର ର.ଅ କହିଲେ, ଆମେମାନେ ଯେଉଁ ଅଞ୍ଚଳ ଦେଇ ଅତିକ୍ରମ କଲୁ ସେହି ଅଞ୍ଚଳରେ ଏହି ସ୍ୱର ଶୁଭିଲା ଯେ, ଆମେ(ଲୋକ)ମାନେ ଆପଣଙ୍କୁ ଚିହ୍ନିଛୁ ଓ ଆପଣଙ୍କୁ ଜାଣିଛୁ । ଚୌଧୁରୀ ସର୍ ଜଫ୍ରୁଲ୍ଲାଃ ଖାଁ ସାହେବ୍ ହଲାଣ୍ଡ ଯେତେବେଳେ ଗଲେ ସେତେବେଳେ ଆପଣ ଜଣେ ବ୍ୟକ୍ତିକୁ ତବ୍‌ଲିଗ୍ କରୁଥିଲେ । ଜମାଅତ୍ ସଂକ୍ରାନ୍ତରେ ବାର୍ତ୍ତାଳାପ କରି ମୋ ଫଟୋ କାଢି ଉକ୍ତ ବ୍ୟକ୍ତିକୁ ଦେଖାଇଲେ । ସେହି ବ୍ୟକ୍ତି କହିବାକୁ ଲାଗିଲା ଯେ, ଉକ୍ତ ଛବିକୁ ମୁଁ ଦେଖିଅଛି । ବର୍ଲିନ୍‌ରୁ ମାଷ୍ଟର ମୁବାରକ୍ ଅଲୀ ସାହେବ ଏକ ଖବର କାଗଜ ପ୍ରେରଣ କଲେ । ଉକ୍ତ ଖବର କାଗଜର ସଂପୂର୍ଣ୍ଣ ପୃଷ୍ଠାରେ ମୋର ସଂପୂର୍ଣ୍ଣ ଉଚ୍ଚତାର ଛବି ପ୍ରକାଶିତ ହେଲା । ଆମେରିକାରେ ମଧ୍ୟ ଉକ୍ତ ଛବି ପ୍ରକାଶିତ ହୋଇଅଛି । ସେହିପରା ଇଟାଲୀରେ, ବାଗ୍‌ଦାଦ୍‌ରେ ଏବଂ ଅନ୍ୟାନ୍ୟ ଦେଶମାନଙ୍କରେ ମଧ୍ୟ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଛବି ଏବଂ ଆପଣ ର.ଅଙ୍କ ଛବି ଏବଂ ବିଷୟବସ୍ତୁ ପ୍ରକାଶିତ ହେଲେ । ସୁତରାଂ ଏହି ଖବର କାଗଜ ମାଧ୍ୟମରେ ଆପଣ ର.ଅ ଓ ଜମାଅତର ପ୍ରସିଦ୍ଧି ତଥା ଖ୍ୟାତି ହୋଇଥିଲା ।"


ଜାହାଜରୁ ଫେରିବା ସମୟରେ ସୁଇଜରଲ୍ୟାଣ୍ଡର କନ୍‌ସଲ୍‌ଙ୍କ ପତ୍ନି ମଧ୍ୟ ଥିଲେ । ଆମ ବନ୍ଧୁମାନଙ୍କ ସହିତ ତାଙ୍କର କଥୋପକଥନ ହେଲା । ତାଙ୍କୁ ଯେତେବେଳେ ଛବି ଦେଖାଇଲୁ ସେତେବେଳେ ମହୋଦୟା କହିବାକୁ ଲାଗିଲେ ଯେ, ଏହି ବ୍ୟକ୍ତିଙ୍କୁ ତ' ମୁଁ ଦେଖିଅଛି । ଆମେ ପଚାରିଲୁ ଯେ, ଆପଣ କିପରି ହୁଜୁରଙ୍କୁ ଦେଖିଛନ୍ତି ? ସେ କହିଲା ସିନେମାରେ ଦେଖିଛି । ସୁତରାଂ ଆପଣ ର.ଅଙ୍କ ଏଭଳି ଖ୍ୟାତି ଓ ପ୍ରସିଦ୍ଧି ହୋଇଗଲା ଯେ, ବର୍ତ୍ତମାନ ଆମର ଛୋଟପିଲା ବି ଯଦି ସେମାନଙ୍କ ନିକଟକୁ ଚାଲିଯାଆନ୍ତି ତେବେ ସେମାନେ ଭାବିବେ ଯେ, ଏହି ବାଳକ ପଛରେ ଅବଶ୍ୟ ଏକ ଭବ୍ୟ ତଥା ବଳିଷ୍ଠ ଜମାଅତ୍ (ସଂପ୍ରଦାୟ) ରହିଛି । ସୁତରାଂ ଏଥି ସଂକ୍ରାନ୍ତରେ ଏହିପରି ଜ୍ଞାତ ହୁଏ ଯେ, କାବୁଲ୍ ବିପକ୍ଷରେ ପ୍ରୋଟେଷ୍ଟ୍ ଜଲ୍‌ସାରେ ତିନି ଜଣ ପାଦରୀମାନେ ସାମିଲ୍ ହେଲେ । ସେହି ତିନି ଜଣ ପାଦ୍‌ରୀମାନେ ଅତ୍ୟନ୍ତ ପ୍ରଭାବଶାଳୀ ବ୍ୟକ୍ତି ଥିଲେ । ଜଣେ ବ୍ୟକ୍ତି ଭାଷଣ ଦେଇ କହିଲା, ସେହି ସମୟ ଆସିବ ଯେବେବେଳେ ଅହେମଦିମାନଙ୍କ ଅକ୍ତିଆରରେ ଅନେକ ରାଷ୍ଟ୍ର ହେବେ । ବର୍ତ୍ତମାନ ଏହି ଲୋକମାନେ ମାନବଜାତି ନିମନ୍ତେ ଦୁଃଖ କଷ୍ଟ ସହ୍ୟ କରୁଛନ୍ତି । ସେମାନଙ୍କର ଆଗାମୀ ବଂଶଧରମାନେ ଦେଖିବେ ଓ ଗର୍ବ କରିବେ ଯେ, ଆମମାନଙ୍କର ପିତା ଓ ଦଦା (ଜେଜେ ବାପା) ଅର୍ଥାତ୍ ପୂର୍ବ ପୁରୁଷମାନେ ଏପରି ଲୋକ ଥିଲେ ଯେ, ଲୋକମାନେ ସେମାନଙ୍କୁ କଥାବାର୍ତ୍ତା କରିବାକୁ ଦେଉ ନଥିଲେ ଏବଂ ସେମାନଙ୍କୁ ହତ୍ୟା କରୁଥିଲେ । ସେମାନେ ନୂତନ ପିଢୀଙ୍କର ପୂର୍ବ ପୁରୁଷଙ୍କୁ ପ୍ରତ୍ୟେକ ପ୍ରକାରର ଅତ୍ୟାଚାର ଏବଂ ନିର୍ଯାତନା ଦେଉଥିଲେ । ଆଜି ଆମେମାନେ ସେହି ବଳିଦାନ ଫଳରେ ସମ୍ରାଟ୍ ଅଟୁ ।

**(ଅନ୍‌ୱାରୁଲ୍ ଉଲୁମ୍, ଭାଗ-8, ପୃ-615-616)**


ହ. ଭାଇ ଅବ୍‌ଦୁର୍ ରହମାନ ସାହେବ କାଦିୟାନୀ ବର୍ଣ୍ଣନା କରନ୍ତି ଯେ, ହ. ମୁସ୍‌ଲେହ୍ ମଉଦ୍ ର.ଅ କହିଲେ: "ମୋର ଉକ୍ତ ଯାତ୍ରା ଝେଲମ୍ ଯାତ୍ରା ପରି ଈଶ୍ୱରଙ୍କ ଦୟା ଏବଂ ତାହାଙ୍କ କୃପା ମାଧ୍ୟମରେ ହୋଇଛି ଓ ସଫଳତା ମଧ୍ୟ ପ୍ରଭୁଙ୍କ କୃପା ଦ୍ୱାରା ହୋଇଛି । ଯେଭଳି ହ. ମସିହ୍ ମଉଦ୍ ଅ.ସଙ୍କ ଝେଲମ୍ ଯାତ୍ରା ସମୟରେ ଈଶ୍ୱର ନିଜର ବିଶେଷ ନିୟତିର ଯାତ୍ରାର ସାଧନ ସୃଷ୍ଟି କଲେ ଏବଂ ସଫଳତା ପ୍ରଜଦାନ କଲେ । ଠିକ୍ ସେହିପରି ଉକ୍ତ ଯାତ୍ରାର ସାଧନ ସୃଷ୍ଟି ହେଲା । ଫଳତଃ ଈଶ୍ୱର କୃପାର ଏକ ଧାରା ସୃଷ୍ଟି କରିଦେଲେ । **(ଇଉରୋପ୍ ଯାତ୍ରା, ପୃ-490-491)**

ଅତଏବ୍ ଉକ୍ତ ଯାତ୍ରା ଅତ୍ୟନ୍ତ ସଫଳତାର ସହିତ ଓ କଲ୍ୟାଣମୟ ଯାତ୍ରା ଥିଲା । ଉକ୍ତ ଯାତ୍ରାରେ ଅଲ୍ଲାଃତାଲାଙ୍କ ସାହାଯ୍ୟ ଓ ସମର୍ଥନର ଦୃଶ୍ୟ ପ୍ରତ୍ୟେକ ସ୍ଥାନରେ ଦୃଶ୍ୟମାନ ହେଲା । ପାଠକମଣ୍ଡଳିମାନଙ୍କ ପକ୍ଷେ ଏହା ଅପରିହାର୍ଯ୍ୟ କି ସେମାନେ ବଦର୍‌ର ଉକ୍ତ ବିଶେଷ ସଂଖ୍ୟାର ଅଧ୍ୟୟନ କରନ୍ତୁ । କାରଣ ଆପଣମାନଙ୍କର ଜ୍ଞାନ ଓ ପରିଚୟରେ ଅଭିବୃଦ୍ଧି ହେଉ । ଅଲ୍ଲାଃତାଲା ଉକ୍ତ ସଂଖ୍ୟାର ପ୍ରକାଶନକୁ ପ୍ରତ୍ୟେକ ଦୃଷ୍ଟିରୁ କଲ୍ୟାଣମୟ କରନ୍ତୁ । ଆମିନ୍ ।

**ୱସ୍‌ସଲାମ୍**
**ବିନୀତ**
**ଖଲିଫତୁଲ୍ ମସିହ୍ ଖାମିସ୍**



ଜମାଅତ୍ ଅହେମଦିୟାର ସଂସ୍ଥାପକ ପୁଣ୍ୟଶ୍ଳୋକ ପ୍ରତିଶ୍ରୁତ ମସିହ୍ ମଉଦ୍ ହ. ମିର୍ଜା ଗୁଲାମ୍ ଅହେମଦ କାଦିୟାନୀ ଅ.ସଙ୍କ ପବିତ୍ର ଫଟୋ ଚିତ୍ର
(1835-1908 ମସିହା)




ଜମାଅତ୍ ଅହେମଦିୟାର ପଞ୍ଚମ ଖଲିଫା ମହାମହିମ ସୟେଦିନା ହ. ମିର୍ଜା ମସ୍ରୁର୍ ଅହେମଦ ଅ.ବ



## ସମ୍ପାଦକୀୟ

### ସୟେଦିନା ହ. ମୁସ୍‌ଲେହ୍ ମଉଦ ର.ଅଙ୍କ ଇଉରୋପ ଗସ୍ତ

## କିଛି ଦିନର ଗସ୍ତ ଶତାବ୍ଦୀ ଧରି କଲ୍ୟାଣ ବୃଷ୍ଟି

ଜଲ୍‌ସା ସାଲାନା କାଦିୟାନ୍ 2024 ଅବସରରେ ସାପ୍ତାହିକ ବଦର୍‌ରେ ପ୍ରକାଶିତ ହୋଇଥିବା ବିଶେଷ ସଂଖ୍ୟାକୁ ହୁଜୁର ଅନ୍‌ୱର୍ ଅ.ବ "ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ପ୍ରଥମ ଇଉରୋପ ଗସ୍ତ 1924 ମସିହା ଏବଂ ଏହାର କଲ୍ୟାଣ ତଥା ଫଳଶ୍ରୁତି" ପ୍ରସଙ୍ଗ ନିମନ୍ତେ ଅନୁମୋଦନ ପ୍ରଦାନ କରିଛନ୍ତି । ହୁଜୁର ଅନ୍‌ୱର୍ କାର୍ଯ୍ୟ ବ୍ୟସ୍ତତା ସତ୍ତ୍ୱେ ଉକ୍ତ ବିଶେଷ ସଂଖ୍ୟା ନିମନ୍ତେ ଚକ୍ଷୁ ବର୍ଦ୍ଧକ ସନ୍ଦେଶ ପ୍ରେରଣ କରିଛନ୍ତି ଏବଂ ନିଜର କଲ୍ୟାଣମୟ ପବିତ୍ର ହସ୍ତରୁ ହସ୍ତାକ୍ଷର ସହିତ ନିଜର ଛବି ମଧ୍ୟ ପାଠମଣ୍ଡଳୀଙ୍କ ନିମନ୍ତେ ପ୍ରେରଣ କରିଛନ୍ତି । ଅତଏବ୍ ଏଥି ନିମନ୍ତେ ଆମେମାନେ ହୁଜୁର ର.ଅଙ୍କୁ ହୃଦୟର ଅତଳ ଗହ୍ୱରୁ କୃତଜ୍ଞତା ଜ୍ଞାପନ କରୁଛୁ ଓ ହୁଜୁର ଅ.ବଙ୍କ ନିମନ୍ତେ ପ୍ରାର୍ଥନା ମଧ୍ୟ କରୁଛୁ ଯେ, اَللّٰھُمَّ اَیِّدْ اِمَامَنَا بِرُوحِ الْقُدُسِ وَبَارِكْ لَنَا فِیْ عُمُرِہٖ وَاَمْرِہٖ । ଏଠାରେ ଅତ୍ୟନ୍ତ କାର୍ଯ୍ୟବ୍ୟସ୍ତତାର ଯେଉଁ ଶବ୍ଦ ପ୍ରୟୋଗ କରାଯାଇଛି ତାହା ବାସ୍ତବରେ ପାରମ୍ପରିକ ଔପଚାରିକତା ରୂପେ ଏଠାରେ ବ୍ୟବହୃତ ହୋଇ ନାହିଁ । ବରଂ ବାସ୍ତବତା ଏହିକି ଯେ, "ଖିଲାଫତ୍ ଏଭଳି ଏକ ପଦ ଅଟେ ଯେ, ଏହା ବ୍ୟକ୍ତିକୁ ବିପର୍ଯ୍ୟସ୍ତ ଓ ବ୍ୟକ୍ତିକୁ ମାରି ପକାଇବା ଭଳି ପଦ ଅଟେ । ଉକ୍ତ ପଦର କାର୍ଯ୍ୟ ଏତେ ବ୍ୟାପକ ଯେ, ଅଲ୍ଲାଃତାଲାଙ୍କ କୃପା ଯଦି ବ୍ୟକ୍ତି ଉପରେ ତଥା ଉକ୍ତ ପଦବୀରେ ଅସୀନ ହେବ ଯୋଗୁଁ ପ୍ରଭୁଙ୍କ କୃପା ନହୁଏ ତେବେ ନିଃସନ୍ଦେହ ରୂପେ ଏକ ସ୍ୱଳ୍ପ କାଳ ମଧ୍ୟରେ ହିଁ ଉକ୍ତ ପଦବୀରେ ଆସୀନ ତଥା ଅଧିଷ୍ଠିତ ହୋଇଥିବା ବ୍ୟକ୍ତି ଅତି ସହଜରେ ମୃତ୍ୟୁବରଣ କରିବ । କିନ୍ତୁ ଯଦିଚ ଈଶ୍ୱର ଉକ୍ତ ପଦବୀର ନୀରୀକ୍ଷକ ଅଟନ୍ତି ତେଣୁ ସେ ନିଜର ବିଶେଷ କୃପା ଦ୍ୱାରା ଉକ୍ତ କାର୍ଯ୍ୟକୁ ପରିଚାଳିତ ଏବଂ ସମ୍ପାଦିତ କରିଦେଇ ଥାଆନ୍ତି । ଅତଏବ୍ ଆମମାନଙ୍କର ଏହି କର୍ତ୍ତବ୍ୟ ରହିଛି ଯେ, ଆମେମାନେ ହୁଜୁର ଅନ୍‌ୱର୍ ଅ.ବଙ୍କୁ ନିୟମିତ ରୂପେ ନିଜର ପ୍ରାର୍ଥନରେ ମନେ ରଖିବୁ । କାରଣ ତହିଁରେ ଆମମାନଙ୍କର ହିଁ କଲ୍ୟାଣ ନିହିତ ରହିଛି ।"

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ 1924 ମସିହା ଜୁଲାଇ ମାସରେ କାଦିୟାନରୁ ଇଉରୋପ ନିମନ୍ତେ ପ୍ରସ୍ଥାନ କରିଥିଲେ । ଏହିପରି ଭାବରେ କହିବାକୁ ଗଲେ ଆପଣ ର.ଅଙ୍କ ଉକ୍ତ ଗସ୍ତକୁ 100 ବର୍ଷ ପୂର୍ଣ୍ଣ ହୋଇଯାଇଛି । ଇତ୍ୟବସରରେ ଆମମାନଙ୍କୁ ଉକ୍ତ ବିଶେଷ ସଂଖ୍ୟା ପ୍ରକାଶିତ କରିବା ନିମନ୍ତେ ସୌଭାଗ୍ୟ ଅର୍ଜନ ହେଉଅଛି । ଅଲ୍ଲାଃତାଲା ଏହାକୁ କଲ୍ୟାଣମୟ କରନ୍ତୁ ଓ ପାଠକମଣ୍ଡଳୀଙ୍କ ନିମନ୍ତେ ଉକ୍ତ ସଂଖ୍ୟା ଜ୍ଞାନବର୍ଦ୍ଧକ ସାବ୍ୟସ୍ତ ହେଉ । **ଆମିନ୍ ।**

କାଦିୟାନ୍ ପ୍ରସ୍ଥାନ ଠାରୁ ଆରମ୍ଭ କରି କାଦିୟାନ୍ ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ଉକ୍ତ ଯାତ୍ରା ତଥା ଗସ୍ତଟି ଅତ୍ୟନ୍ତ ବ୍ୟାପକ, ରୋଚକ ଓ ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଅଟେ । ପ୍ରସ୍ଥାନ ସମୟରେ ଦୁଆ ଏବଂ ହୁଜୁର ଅନ୍‌ୱର୍ ଅ.ବଙ୍କ ବିରହ ତଥା ହୃଦୟ ମଧ୍ୟରେ ପ୍ରବେଶ କରି ପ୍ରଭାବ ପକାଉଥିବା ଦୃଶ୍ୟ ଏବଂ କାଦିୟାନ୍ ପ୍ରତ୍ୟାବର୍ତ୍ତନ ଅବସରରେ ମର୍କଜ୍ (କେନ୍ଦ୍ର) କାଦିୟାନ୍‌ରେ ପହଞ୍ଚିବା ଯୋଗୁଁ ଉତ୍ସବମୂଳକ ପରିବେଶ ସୃଷ୍ଟି ହୋଇଥିଲା। ଉକ୍ତ ଉତ୍ସବ ଏବଂ ଦୃଶ୍ୟଟି ଅବର୍ଣ୍ଣନୀୟ ଅଟେ । ହୁଜୁର ର.ଅ ନିଜ ଯାତ୍ରା ତଥା ଗସ୍ତର ଯେଉଁ ଅଭିପ୍ରାୟ ଏବଂ ଉଦ୍ଦେଶ୍ୟ ବର୍ଣ୍ଣନା କରିଛନ୍ତି । ତହିଁରେ ଉକ୍ତ ଗସ୍ତର ମହତ୍ତ୍ୱ ସଂପର୍କରେ ଆଲୋକପାତ ମଧ୍ୟ କରିଛନ୍ତି । ଉକ୍ତ ଯାତ୍ରା ଯୋଗୁଁ ଅହେମଦିୟତ୍‌ର ଯେଉଁ ବିଜୟ, ଯେଉଁ ମୂଳଦୁଆ ସ୍ଥାପିତ ହୋଇଥିଲା, ଜମାଅତ୍‌କୁ ଯେଉଁ ସଫଳତା ପ୍ରାପ୍ତ ହୋଇଥିଲା ଏବଂ ଜମାଅତକୁ ଯେଉଁ ପ୍ରସିଦ୍ଧି ବା ଖ୍ୟାତି ଅର୍ଜନ ହୋଇଥିଲା ତାହା କିଛି ଦିନ ମଧ୍ୟରେ ହିଁ ବର୍ଷ ବର୍ଷର ତବଲିଗ୍ (ପ୍ରଚାର) ହୋଇଯାଇଥିଲା । ଏହି ସମସ୍ତ ବୃତ୍ତାନ୍ତକୁ ହୁଜୁର ର.ଅଙ୍କ ପବିତ୍ର ତୁଣ୍ଡରୁ ଶୁଣିବା ଦ୍ୱାରା ଏପରି ପ୍ରତିତ ହୁଏ ଯେପରିକି ହୃଦୟରେ ବିଶ୍ୱାସ ବୃଦ୍ଧି ପାଇଛି । ଉକ୍ତ ଯାତ୍ରା ଫଳରେ ଆଁହଜରତ ସ.ଅଙ୍କ ଭବିଷ୍ୟବାଣୀ ମଧ୍ୟ ପୂର୍ଣ୍ଣ ହେଲା । ସେହିପରି ହ. ମସିହ୍ ମଉଦ୍ ଅ.ସଙ୍କ ଭବିଷ୍ୟବାଣୀ ଏବଂ ସ୍ୱପ୍ନ ମଧ୍ୟ ପୂର୍ଣ୍ଣ ହୋଇଯାଇଛି । ସେଠାରେ ଅନେକ ଜଲ୍‌ସାମାନ ମଧ୍ୟ ହୋଇଥିଲା ଯହିଁରେ ଆପଣ ର.ଅ ଭାଷଣ ଦେଇଥିଲେ ଏବଂ ଅନେକ ସାମୂହିକ୍ ସାକ୍ଷାତକାର ମଧ୍ୟ ହୋଇଥିଲା । ଏହିସବୁ ସାକ୍ଷାତ୍‌କାର, ଉଦ୍‌ବୋଧନ, ଅଭିଭାଷଣ ମାନଙ୍କରେ ଆପଣ ର.ଅ ଇସ୍‌ଲାମୀୟ ଶିକ୍ଷା ସଂପର୍କରେ ବର୍ଣ୍ଣନା କରିଥିଲେ । ଲଣ୍ଡନବାସୀମାନଙ୍କୁ, ନବମୁସଲିମ୍‌ମାନଙ୍କୁ ଆଧ୍ୟାତ୍ମିକ ଓ ଐଶୀ ସନ୍ଦେଶ ମଧ୍ୟ ପ୍ରଦାନ କଲେ। ଆପଣ ର.ଅ ମସ୍‌ଜିଦ୍ ଫଜଲ୍ ଲଣ୍ଡନ୍‌ର ଭିତ୍ତିଭୂମି ସ୍ଥାପନ କିରଥିଲେ । ଅନେକ ଦେଶମାନଙ୍କର ପରିସ୍ଥିତି ଏବଂ ତବ୍‌ଲିଗ୍‌ର (ପ୍ରଚାରର) ଆପଣ ର.ଅ ସମୀକ୍ଷା କରିଥିଲେ ।

| କ୍ର.ନଂ | ସୂଚୀପତ୍ର | ପୃ-ସଂଖ୍ୟା |
|---|---|---|
| ୧. | ସମ୍ପାଦକୀୟ (ସୟେଦିନା ହ. ମୁସଲେହ୍ ମଉଦ ର.ଅଙ୍କ ଇଉରୋପ ଗସ୍ତ) | ୧-୨ ଓ ୧୪-୧୮ |
| ୨. | ଖତୁବା ଜୁମା ହୁଜୁର ଅନୱର୍ ଅ.ବ | ୩-୧୩ |
| ୩. | ସୟେଦିନା ହ. ମୁସଲେହ୍ ମଉଦ୍ ର.ଅଙ୍କ ଇଉରୋପ ଗସ୍ତ 1924 ମସିହାର ଏକ ରିପୋର୍ଟ | ୧୯-୨୫ |
| ୪. | ସୟେଦିନା ହ. ମୁସଲେହ୍ ମଉଦ୍ ର.ଅଙ୍କ ଇଉରୋପ ଗସ୍ତ ସମୟରେ ହୁଜୁର ର.ଅଙ୍କ ପକ୍ଷରୁ ଜମାଅତ୍ ନାମରେ ଏକ ପତ୍ର ପ୍ରେରଣ | ୨୬-୨୭ |
| ୫. | ହ. ମୁସଲେହ୍ ମଉଦ୍ ର.ଅଙ୍କ ଇଉରୋପ 1924 ମସିହା ଯାତ୍ରାରୁ ପ୍ରତ୍ୟାବର୍ତ୍ତନ | ୨୮ |

ଯାତ୍ରା ସଂପର୍କିତ ବୃତ୍ତାନ୍ତର ବ୍ୟାପକତାର ଏକ ଦିଗ ବା ଏକ ପକ୍ଷ ଏହା ମଧ୍ୟ ରହିଛି ଯେ, ହୁଜୁର ର.ଅଙ୍କ ଉକ୍ତ ଯାତ୍ରା ଯୋଗୁଁ ପୈଗାମୀମାନେ ଅନେକ ଆପତ୍ତି ବ୍ୟକ୍ତ କଲେ । ସେହି ଆପତ୍ତିମାନଙ୍କର ଉତ୍ତର ଅଲ୍ ଫଜଲ୍‌ରେ ମଧ୍ୟ ପ୍ରକାଶିତ ହୋଇଛି । ଅନ୍ୟ ଏକ ସୁନ୍ଦର ଏବଂ ଆନନ୍ଦଦାୟକ ପକ୍ଷ ଏହା ମଧ୍ୟ ରହିଛି ଯେ, ରୋଚକ, ବିଶ୍ୱାସବର୍ଦ୍ଧକ ନଜମ୍ (କବିତାବଳୀ)ର ଏକ ପରମ୍ପରା ମଧ୍ୟ ଜାରି ରହିଲା । ହୁଜୁର ର.ଅଙ୍କ ବିରହ ଏବଂ ପ୍ରସ୍ଥାନ ଅବସରରେ ବିଦାୟଭିତ୍ତିକ କବିତାବଳୀ, ଆପଣ ର.ଅଙ୍କ ଆଗମନର ଆନନ୍ଦରେ ସ୍ୱଗତସମ୍ବର୍ଦ୍ଧନା ଭିତ୍ତିକ ଆଦି ନଜମ (କବିତାବଳୀ) ମଧ୍ୟ ଲୋକମାନେ ରଚନା କରିଥିଲେ । ଆପଣ ର.ଅଙ୍କ ବିରହ ଏବଂ ବିଚ୍ଛେଦ ଯୋଗୁଁ ସମସ୍ତ କଲ୍ୟାଣରୁ ବଞ୍ଚିତ ଥିବା ଦୁଃଖାର୍ତ୍ତ କରୁଣ କାହାଣୀ ଲୋକମାନେ ଲେଖିଥିଲେ । ଅପରପକ୍ଷେ ବିଲାତରେ ଇସ୍‌ଲାମୀୟ ଯୁଦ୍ଧ ତଥା ଆକ୍ରମଣ (ରଣହୁଂକାର)ର ଉତ୍ସାହପୂର୍ଣ୍ଣ କବିତାମାନ, ଲଣ୍ଡନ୍‌ରେ ମସ୍‌ଜିଦ୍‌ର ଭିତ୍ତି ପ୍ରସ୍ତର ସ୍ଥାପନ ଅବସରରେ ଅନେକ କବିତାବଳୀ ରଚିତ ହୋଇଥିଲା । ହ. ମୁସ୍‌ଲେହ୍ ମଉଦ୍ ର.ଅ କାଦିୟାନ୍ ଏବଂ କାଦିୟାନ୍‌ବାସୀଙ୍କ ବିରହ ଯୋଗୁଁ କାଦିୟାନ୍‌ର ମର୍ଯ୍ୟାଦା ସଂପର୍କରେ ନିଜର ଗସ୍ତ ତଥା ଯାତ୍ରା ସମୟରେ ଏକ ସର୍ବୋତ୍କୃଷ୍ଟ କବିତା ମଧ୍ୟ ରଚନା କରିଥିଲେ । ସେହି କବିତାର କେତେକ ପଂକ୍ତି ଏଠାରେ ଉଦ୍ଧୃତ କରାଗଲା । ଆପଣ ର. କୁହନ୍ତି:

خیال رہتا ہے ہمیشہ اس مقام پاک کا
سوتے سوتے بھی یہ کہہ اٹھتا ہوں ہائے قادیاں
آہ کیسی خوش گھڑی ہوگی کہ بانیل مرام
باندھیں گے رخت سفر کو ہم برائے قادیاں

ଏହାର ଜବାବରେ ହ. ସୟେଦା ନୱାବ୍ ମୁବାରକା ବେଗମ୍ ସାହେବା ର.ଅ ମଧ୍ୟ ଅତ୍ୟନ୍ତ ସୁନ୍ଦର 2ଟି କବିତା ପଂକ୍ତି କହିଛନ୍ତି । ସେହି କବିତାକୁ ଯେତେଥର ପାଠ କର ପଛେ କିନ୍ତୁ ହୃଦୟର ତୃଷ୍ଣା ମେଣ୍ଟୁ ନାହିଁ । ଆପଣ ର.ଅ କୁହନ୍ତି:

سیّدا ہے آپ کو شوقِ لقائے قادیان
ہجر میں خوں بار ہیں یاں چشم ہائے قادیاں
سب تڑپتے ہیں کہاں ہے زینت دارالاماں
رونق بوستانِ احمد دلربائے قادیاں

କାଦିୟାନ୍ ପହଞ୍ଚି ଏକ ଅବସରରେ ହୁଜୁର ର.ଅ କହିଲେ: "ମୋ

ନିକଟରେ ଉକ୍ତ ଗସ୍ତ ଏବଂ ଉକ୍ତ ଯାତ୍ରା ଦ୍ୱାରା ଅନେକ ବଡ଼ ବଡ଼ ଲାଭ ମଧ୍ୟ ପ୍ରାପ୍ତ ହୋଇଛି । ଏହି ବଡ଼ ବଡ଼ ଲାଭ ବ୍ୟତୀତ କେତେକ କ୍ଷୁଦ୍ର ଲାଭ ମଧ୍ୟ ପ୍ରାପ୍ତ ହୋଇଛି । ଏହି କ୍ଷୁଦ୍ର ଲାଭର ଚର୍ଚ୍ଚା ମୌଲବୀ ଶେର୍ ଅଲୀ ର.ଅ ସାହବ ମଧ୍ୟ କରିଛନ୍ତି । ତନ୍ମଧ୍ୟରୁ ଗୋଟିଏ ଲାଭ ଏହିକି ଯେ, ମୋର (ଖାଲିଫା ସାନି ର.ଅଙ୍କ) ଗସ୍ତରୁ ଅନେକ ନୂତନ କବିଗଣ ସୃଷ୍ଟି ହୋଇ ଯାଇଛନ୍ତି । ବିଶେଷ କରି ମୋର ଭଗିନୀ (ଭଉଣୀ) ନୱାବ୍ ମୁବାରକା ବେଗମ୍ ସାହେବା କବୟତ୍ରୀ ହୋଇଯାଇଛନ୍ତି । "

ସୁତରାଂ ଉକ୍ତ ଗସ୍ତ ତଥା ଉକ୍ତ ଯାତ୍ରା କ'ଣ ଥିଲା ? ଅର୍ଥାତ୍ ପ୍ରସ୍ଥାନରୁ ଆରମ୍ଭ କରି କାଦିୟାନ୍ ପ୍ରତ୍ୟାଗମନ ପର୍ଯ୍ୟନ୍ତ ପ୍ରତ୍ୟେକ କଥା ମନ ମଧ୍ୟକୁ ଚାଲି ଆସୁଥିଲା, ଆତ୍ମାକୁ ବିଭୋର କରି ଆତ୍ମାରେ ମିଶି ଯାଉଥିଲା, ବିଶ୍ୱାସ ତଥା ଆସ୍ଥା ଓ ଜ୍ଞାନ ଏବଂ ପରିଚୟକୁ ଅଭିବୃଦ୍ଧିକାରୀ ସାବ୍ୟସ୍ତ ହୋଇଥିଲା । ଏପରି କାହିଁକି ନହେବ ବା ? ଉକ୍ତ କଲ୍ୟାଣମୟ ଐଶୀ ଯାତ୍ରା ତ' ପ୍ରାରମ୍ଭରୁ ହିଁ ନିୟତିକୃତ ଥିଲା । ନିମ୍ନମତେ ଆମେ ଉକ୍ତ ଯାତ୍ରାର କେତେକ ପ୍ରମୁଖ ପ୍ରସଙ୍ଗ ଓ ଯାତ୍ରାର ଅଭିପ୍ରାୟ ତଥା ଉଦ୍ଦେଶ୍ୟ ହୁଜୁର ର.ଅଙ୍କ ଶବ୍ଦରେ ପ୍ରକାଶ କରିବୁ ।

### ପବିତ୍ର କୁରଆନ୍ କରୀମ୍‌ରେ ଉକ୍ତ ଯାତ୍ରାର ଚର୍ଚ୍ଚା ରହିଛି

ହୁଜୁର ର.ଅ କୁହନ୍ତି: "ଇଉରୋପ ଅଭିମୁଖେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୌଣସି ଏକ ଉତ୍ତରାଧିକାରୀଙ୍କ ଗସ୍ତ କରିବା ଏବଂ ମୁଁ ଯେଉଁ ଅଭିପ୍ରାୟ ରଖି ଯାତ୍ରା ଓ ଗସ୍ତ କରିଛି ସେହି ଗସ୍ତ ସଂପର୍କରେ ପବିତ୍ର କୁରଆନ୍ କରୀମ୍‌ରେ ଚର୍ଚ୍ଚା ରହିଛି । ଅତଏବ୍ ତହିଁରୁ ଏହା ଜ୍ଞାତ ହୁଏ ଯେ, ଏହି ଧରଣର ଯାତ୍ରା ବ୍ୟତୀତ ଇସ୍‌ଲାମ୍ ଧର୍ମର ସୁରକ୍ଷା କଦାପି ପରିପୂର୍ଣ୍ଣ ହୋଇ ପାରିବ ନାହିଁ.........ଅତଃ ହ. ମସିହ୍ ମଉଦ୍ ଅ.ସଙ୍କ ଲେଖନୀ ଅନୁଯାୟୀ ଜୁଲ୍‌କର୍ନୈନ୍ ଆପଣ ଅ.ସ ହିଁ ଅଟନ୍ତି । ପାଶ୍ଚାତ୍ୟ ଦେଶରୁ ଯଥାର୍ଥ ଉରୋପ ଓ ଆମେରାକୀବାସୀମାନେ ଅଟନ୍ତି । ସେମାନେ ଖ୍ରୀଷ୍ଟତ୍ୱର ଝରଣା ପାଖରେ ଶିବିର ପକାଇଛନ୍ତି । ଏହା ତ" ସ୍ପଷ୍ଟ ଭାବରେ ପ୍ରତିତ ହେଉଛି ଯେ, ପ୍ରତିଶ୍ରୁତ ମସିହ୍ ଅ.ସ କିମ୍ବା ତାହାଙ୍କର କୌଣସି ଉତ୍ତରାଧିକାରୀଙ୍କୁ ଅବଶ୍ୟ ପଶ୍ଚିମ ଦେଶର ଗସ୍ତ କରିବାକୁ ହେବ ।" **(ଅଲ୍ ଫଜଲ୍ କାଦିୟାନ୍ ଦାରୁଲ୍ ଅମାନ୍, ଅଗଷ୍ଟ ମାସ 16 ତାରିଖ, 1924 ମସିହା, ପୃ-7, ସ୍ତମ୍ଭ-3)**

### ଉକ୍ତ ଯାତ୍ରା ସଂପର୍କରେ ହଦିସ୍‌ରେ ମଧ୍ୟ ବର୍ଣ୍ଣନା ରହିଛି

ହଦିସ୍‌ରେ ବର୍ଣ୍ଣିତ ହୋଇଛି ଯେ, ଅଲ୍ଲାଃତାଲା ହ. ଇସା ଅ.ସଙ୍କୁ ଆକାଶବାଣୀ ମାଧ୍ୟମରେ ସୂଚନା ଦେବେ କି ମୁଁ ବର୍ତ୍ତମାନ ଏପରି ଲୋକମାନଙ୍କୁ ପ୍ରେରଣ କରିଛି (ଅର୍ଥାତ୍ ୟାଜୁଜ୍ ମାଜୁଜ୍) ଯାହାଙ୍କ ସହିତ ଯୁଦ୍ଧ କରିବାକୁ କାହାରି ମଧ୍ୟରେ ଶକ୍ତି ନାହିଁ । ଅତଏବ୍ ତୁମେ ମୋର ଭକ୍ତମାନଙ୍କୁ ପର୍ବତ ଆଡ଼କୁ ସୁରକ୍ଷିତ ଢଙ୍ଗରେ ନେଇଯାଅ । ଅତଏବ୍ ଏହି ପରିସ୍ଥିତିରେ ଅଲ୍ଲାଃତାଲା ୟାଜୁଜ୍ ମାଜୁଜ୍‌ଙ୍କୁ ପ୍ରେରଣ କରିବେ । ପୁନଶ୍ଚ ଏତଦ୍‌ପରେ କହିଲେ: يَهْبِطُ نَبِيُّ اللّٰهِ عِيسٰى وَاَصْحَابُهٗ اِلَى الْاَرْضِ فَلَا يَجِدُوْنَ فِي الْاَرْضِ مَوْضِعَ شِبْرٍ اِلَّا مَلَاَهٗ زَهَمُهُمْ وَنَتْنُهُمْ ଅର୍ଥାତ୍ ଅଲ୍ଲାଃତାଲାଙ୍କ ଅବତାର ଏଭଂ ଆପଣଙ୍କ ସାଥି ୟାଜୁଜ୍ ଓ ମାଜୁଜ୍ ଭୂପୃଷ୍ଠରେ ଅବତରଣ କରିବେ । (ଏଠାରେ الارض ମାଆରିଫା معرفه (ମାଆରଫା କହିଲେ ନାମ ବାଚକ ବିଶେଷ୍ୟ ପଦ ଯାହାକି ଏକ ବିଶେଷ ବସ୍ତୁ ନିମନ୍ତେ ବ୍ୟବହୃତ ହୁଏ) ଅଟେ। ଅର୍ଥାତ୍ ତହିଁରୁ ଏହା ଯଥାର୍ଥ ଯେ, ଅମକ ଭୂମି ଅର୍ଥାତ୍ ୟାଜୁଜ୍ ଓ ମାଜୁଜ୍‌ର ଭୂମି ଯାହାର ଚର୍ଚ୍ଚା ଅତିକ୍ରାନ୍ତ ହୋଇ ସାରିଛି ତା'ର) କିନ୍ତୁ ସମସ୍ତ ଭୂମିରେ ଚାଖଣ୍ଡେ ଜାଗା ମଧ୍ୟ ୟାଜୁଜ୍ ଓ ମାଜୁଜ୍‌ର ଶବ ଏବଂ ତା'ର ଦୁର୍ଗନ୍ଧରୁ ଖାଲି ଦେଖିବାକୁ ମିଳିବ ନାହିଁ ।

ପୁନଶ୍ଚ ଏତଦ୍‌ପରେ ହଦିସ୍‌ରେ ବର୍ଣ୍ଣିତ ହୋଇଛି ଯେ: "ଏହା ଉତ୍ତାରୁ ଅଲ୍ଲାଃତାଲାଙ୍କର ନବୀ (ବାର୍ତ୍ତାବହ) ଇସା ଅ.ସ ଓ ତାହାଙ୍କ ସାଥିମାନେ ଦୁଆ କରିବେ । ତେବେ ଅଲ୍ଲାଃତାଲା ଏପରି ପକ୍ଷୀମାନଙ୍କୁ ପ୍ରେରଣ କରିବେ ଯେଉଁମାନଙ୍କର ବେକ ବଖ୍ତି ଓଟ (ଏକ ପ୍ରକାର ବିଶାଳ ଦ୍ରୁତଗାମୀ ଓଟ)ଙ୍କ ପରି ହେବ । ସେହି ପକ୍ଷୀମାନେ ଶବଗୁଡ଼ିକୁ ଧରି ସେଠାରୁ ନେଇ ଅନ୍ୟତ୍ର ଫିଙ୍ଗିଦେବେ । ଅର୍ଥାତ୍ ଅଲ୍ଲାଃତାଲା ସେହି ପକ୍ଷୀମାନଙ୍କୁ ଯେଉଁଠି ଶବଗୁଡ଼ିକୁ ଫିଙ୍ଗିବା ନିମନ୍ତେ ଆଦେଶ ଦେବେ ସେହି ସ୍ଥାନରେ ଏହି ପକ୍ଷୀମାନେ ଶବ ଫିଙ୍ଗି ଦେଇ ଆସିବେ । ପୁନଶ୍ଚ ଅଲ୍ଲାଃତାଲା ବୃଷ୍ଟିପାତ କରିବେ । ଏପର୍ଯ୍ୟନ୍ତକି ନା କୌଣସି ବାସ ଭବନ ବର୍ତ୍ତି ପାରିବ ଓ ନା ହିଁ କୌଣସି ଶବ ବର୍ତ୍ତିବ ପାରିବ । ସର୍ବତ୍ର (ସବୁଆଡ଼େ) ତ୍ରାହୀମାମ୍ ଶୁଭିବ ଓ ସର୍ବତ୍ର ଭୂମି ବୃଷ୍ଟିପାତ ଫଳରେ ଧୋଇ ହୋଇଯିବ । ଭୂମି କାଚ ପରି ପରିଷ୍କାର ହୋଇଯିବ । ପୁନଶ୍ଚ ଭୂମିକୁ କୁହାଯିବ ଯେ, ହେ ଭୂମି ! ନିଜର ଫଳ ଉତ୍ପାଦନ କର ଏବଂ ନିଜର କଲ୍ୟାଣକୁ ଫେରାଇ ଆଣ ।"

ଇସା ଅ.ସରୁ (ଯୀଶୁ ଖ୍ରୀଷ୍ଟରୁ) ଯଥାର୍ଥ ହ. ମସିହ୍ ମଉଦ୍ ଅ.ସ ଅଟନ୍ତି। ୟାଜୁଜ୍ ମାଜୁଜ୍‌ର ଭୂମିରେ ଆପଣ ଅ.ସଙ୍କ ଓହ୍ଲାଇବାରୁ ଯଥାର୍ଥ ଆପଣ ଅ.ସଙ୍କ ଉତ୍ତରାଧିକାରୀ ଅବତରଣ କରିବେ । ଅର୍ଥାତ୍ ଉତ୍ତରାଧିକାରୀଙ୍କ ଆଗମନ । ଇନ୍‌ଶାଅଲ୍ଲାଃ ହ. ମସିହ୍ ମଉଦ୍ ଅ.ସ ଓ ଆପଣ ଅ.ସଙ୍କ ଉତ୍ତରାଧିକାରୀଙ୍କ ଦୁଆରୁ ୟାଜୁଜ୍ ଓ ମାଜୁଜ୍‌ର ଭୂମି ଧୋଇ ହୋଇ ହୋଇ କାଚ ପରି ପରିଷ୍କାର ହୋଇଯିବ ।

### ରସୁଲ୍ କରୀମ୍ ସ.ଅଙ୍କ ଭବିଷ୍ୟବାଣୀକୁ ପୂର୍ଣ୍ଣ କରିବା

ହୁଜୁର ର.ଅ କୁହନ୍ତି: "ମୋର ଏହି ଅଭିଳାଷା ଏବଂ ଇଚ୍ଛା ରହିଛି କି ମୁଁ ରସୁଲ୍ କରୀମ୍ ସ. ଅଙ୍କ ଭବିଷ୍ୟବାଣୀ ଯାହା ମସିହ୍ ମଉଦ୍ ଅ.ସଙ୍କ ଯୁଗ ସଂପର୍କରେ ରହିଛି ଏବଂ ଯାହାର ଅର୍ଥ ହ. ମସିହ୍ ମଉଦ୍ ଅ.ସ ଏହା କରିଛନ୍ତି ଯେ, ମସିହ୍ ମଉଦ୍ କିମ୍ବା ତାହାଙ୍କର କୌଣସି ଖଲିଫା ଦମିଶ୍କ ଯିବ । ତେଣୁ ଖଲିଫା ସାନି ର.ଅ କହିଲେ, ଉକ୍ତ ସ୍ୱପ୍ନକୁ ସାକାର କରିବା ପାଇଁ ପ୍ରୟାସ କରାଯାଉ ଏବଂ ମାର୍ଗରେ କିଛି ଦିନ ପାଇଁ ଦମିଶ୍କରେ ମଧ୍ୟ ଅବସ୍ଥାନ କରାଯାଉ । ତେଣୁ ଏଥି ନିମନ୍ତେ ନିଜ ମାର୍ଗରୁ ବିଚ୍ୟୁତ ହୋଇ ଯିବାକୁ ପଡ଼ିବ । କିନ୍ତୁ ଏଭଳି ସୁଯୋଗ ସୁବୁଦିନେ ମିଳିବ ନାହିଁ । ଅତଃ ଯଥାସମ୍ଭବ ଉକ୍ତ ଯାତ୍ରାରୁ ଲାଭାନ୍ୱିତ ହେବା ନିମନ୍ତେ ପ୍ରୟାସ କରିବା ଉଚିତ୍ । ଜମାଅତ୍‌ର ସତ୍ୟତାର ଏକ ନିଦର୍ଶନ ସ୍ଥାପନ କରିବା ଏକ ବଡ଼ ସୌଭାଗ୍ୟ ଅଟେ ।"

**(ଇଉରୋପ ଗସ୍ତ, ଅନ୍‌ୱାରୁଲ୍ ଉଲୁମ୍, ଭାଗ-8, ପୃ-381)**

### ଦୁଇଟି ଭବିଷ୍ୟବାଣୀକୁ ପୂର୍ଣ୍ଣ କରିବା

ପୈଗାମୀ ଅର୍ଥାତ୍ ଲାହୋରୀମାନେ ହୁଜୁର ର.ଅଙ୍କ ଉକ୍ତ ଗସ୍ତ ଯୋଗୁଁ ଚିଲିମିଲେଇବା ଆରମ୍ଭ କରିଦେଲେ । ସେମାନେ ହୁଜୁର ର.ଅଙ୍କ ଉକ୍ତ ଯାତ୍ରାକୁ ଭ୍ରମଣ ଏବଂ ମନୋରଞ୍ଜନ ବୋଲି ଆଖ୍ୟା ପ୍ରଦାନ କଲେ ଏବଂ ସେମାନେ କହିଲେ, ଉକ୍ତ ଭ୍ରମଣକୁ ମନୋରଞ୍ଜନ ଏବଂ ଜମାଅତ୍‌ର ଅର୍ଥ ଅପଚୟ ବୋଲି ବିବେଚନା କଲେ । ସେମାନଙ୍କର ଉପରୋକ୍ତ ଆପତ୍ତିର ଉତ୍ତର ଅଲ୍‌ଫଜଲ୍‌ର ସମ୍ପାଦକ, ଅନ୍ୟାନ୍ୟ ସ୍ତମ୍ଭକାର, ବିଷୟବସ୍ତୁ ଲେଖକ ଏବଂ ସ୍ୱୟଂ ହ. ମୁସଲେହ୍ ମଉଦ୍ ର.ଅ ମଧ୍ୟ ପ୍ରଦାନ କରିଛନ୍ତି। ଏହି ଉତ୍ତର ସବୁକୁ ଅଲ୍ ଫଜଲ୍‌ରେ ଆପଣମାନେ ଦେଖି ପାରିବେ। ପୈଗାମୀ (ଲାହୋରୀ)ମାନଙ୍କ ପ୍ରଶ୍ନ ତଥା ଆପତ୍ତିର ଉତ୍ତର ଯେଉଁ ବିଷୟବସ୍ତୁ ଅନୁଯାୟୀ ପ୍ରଦାନ କରାଗଲା ସେହି ରୋଚକପୂର୍ଣ୍ଣ ବିଷୟବସ୍ତୁ ଆମେ ପାଠକବୃନ୍ଦଙ୍କ ମନୋରଞ୍ଜନ ତଥା ଗୋଚରାର୍ଥେ ନିମନ୍ତେ ନିମ୍ନରେ ଉଲ୍ଲେଖ କିର ଦେଉଛୁ । "ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ଇଉରୋପ ଗସ୍ତ ଏବଂ ଅଣଦୀକ୍ଷିତଙ୍କ ଈର୍ଷା ଏବଂ ବିଦ୍ୱେଷ" "ଇଉରୋପ ଗସ୍ତର କଣ୍ଟ ମୁହମ୍ମଦ ଅଲୀ ସାହେବଙ୍କ ତଣ୍ଟିରେ" ମେହ୍‌ମୁଦ୍ ଦମିଶ୍କରେ ଅଣଅହେମଦି ପାପରେ""ମେହ୍‌ମୁଦ୍ ଯାତ୍ରାରେ ଅର୍ଥାତ୍ ଗସ୍ତରେ ବିଦ୍ୱେଷକାରୀ ନର୍କରେ"। ଉକ୍ତି ବିଷୟବସ୍ତୁର ଲେଖକ ଓ ରଚୟିତା ହେଉଛନ୍ତି, ଡାକ୍ତର ମିର୍ ମୁହମ୍ମଦ୍ ଇସ୍‌ମାଇଲ୍ ସାହେବ ର.ଅ । ତହିଁରୁ ଏହା ଆକଳନ କରାଯାଇ ପାରିବ ଯେ, ଅଣଅହେମଦିମାନଙ୍କ ମଧ୍ୟରେ ଗସ୍ତର ଶୋକର ଛାୟା ଏପରି ଭାବରେ ଖେଳି ଯାଇଥିଲା କି ଆପଣ ର.ଅଙ୍କୁ ମଧ୍ୟ କଲମ ଧରିବାକୁ ପଡ଼ିଥିଲା ।

ଉପରୋକ୍ତ ବିଷୟବସ୍ତୁକୁ ସଂଲଗ୍ନ କିର ଆମେ ଏକ କବିତା ପ୍ରସ୍ତୁତ କରିଛୁ । ଆପଣମାନେ ତାହାକୁ ପାଠ କରନ୍ତୁ :

محمود سفر میں اور حاسد سقر میں
سفر یورپ کا کانٹا مولوی محمد علی کے حلق میں

କେବଳ ସେତିକି ନୁହେଁ ସେ ବିଷୟବସ୍ତୁ ଅନୁଯାୟୀ ଆହୁରି ଅନେକ ଉତ୍ତର ପ୍ରଦାନ କରିଛନ୍ତି । ସେ ଯାହା ହେଉ ହୁଜୁର ର.ଅ ସେହି ଆପତ୍ତିକାରୀମାନଙ୍କ ଆପତ୍ତିର ଉତ୍ତର ପ୍ରଦାନ କରିଛନ୍ତି ତନ୍ମଧ୍ୟରୁ (ଆପତ୍ତି ମଧ୍ୟରୁ)ଆମେ ସଂକ୍ଷିପ୍ତ ବାକ୍ୟ ନିମନ୍ତେ ବର୍ଣ୍ଣନା କରିଦେଉଛୁ । ସେହି ବାକ୍ୟ ପ୍ରକୃତ ଅର୍ଥରେ ହୁଜୁର୍ ର.ଅଙ୍କ ଗସ୍ତର ଅଭିପ୍ରାୟ ଏବଂ ଯାତ୍ରାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଛନ୍ତି । ହୁଜୁର ର.ଅ କହିଲେ:"ଯଦି ଉକ୍ତ ଗସ୍ତରେ ମୁଁ କୌଣସି କାମ ନକରେ ଏବଂ କେବଳ ଭ୍ରମଣ ଓ ବୁଲାବୁଲି କଲି ତେବେ ମଧ୍ୟ ଏହି ଯାତ୍ରା ଓ **(ଅବଶିଷ୍ଟାଂଶ..ପୃ-13 ରେ)**

# (ଖୁତ୍‌ବା ଜୁମା)

ବଡ଼ ବଡ଼ ରାଷ୍ଟ୍ରମାନେ ମଧ ଚାନ୍ଦା ଉପରେ ନିର୍ଭରଶୀଳ ଅଟନ୍ତି । ଚାନ୍ଦା ଦେଲେ ସେହି ବଡ଼ ବଡ଼ ରାଷ୍ଟ୍ରମାନେ ଚଳିବେ । ପାର୍ଥକ୍ୟ କେବଳ ଏତିକି ଯେ, ସାଂସାରିକ ଶାସନକଳ ବଳପୂର୍ବକ କର ଲାଗୁ କରି କର ଆଦାୟ କରନ୍ତି ଏବଂ ଏଠାରେ ଆମେମାନେ ପ୍ରଭୁଙ୍କ ପ୍ରସନ୍ନତା ଏବଂ ତାହାଙ୍କ ସଦିଚ୍ଛା ଉପରେ ଛାଡ଼ି ଦେଇଥାଉ । ଚାନ୍ଦା ଦେବା ଦ୍ୱାରା ବିଶ୍ୱାସରେ ଅଭିବୃଦ୍ଧି ହୋଇଥାଏ ଏବଂ ଏହା ପ୍ରେମ ଓ ଏକ ନିଷ୍ଠାର କାର୍ଯ୍ୟ କରିଥାଏ । (ହ. ମସିହ୍ ମଉଦ୍ ଅ.ସ)

ଏହା ଅଲ୍ଲାଃତାଲାଙ୍କର କୃପା ଯେ, ଏହି ବସ୍ତୁବାଦୀ ସଂସାରରେ ଚାରିଆଡ଼େ କେବଳ ଲୋକମାନେ ନିଜର ବ୍ୟକ୍ତିଗତ ସ୍ୱାର୍ଥ ଏବଂ ଅଭିଳାଷା ଓ କାମନାକୁ ଚରିତାର୍ଥ କରିବା ପଛରେ ଧାଇଁଛନ୍ତି । ଅଲ୍ଲାଃତାଲା ଜମାଅତ୍ ଅହେମଦିୟାକୁ ଏପରି ବଳିଦାନକାରୀ ବ୍ୟକ୍ତି ପ୍ରଦାନ କରିଛନ୍ତି ଯେଉଁମାନେ ଅନ୍ୟମାନଙ୍କ ଠାରୁ ବଳି ତଥା ଅନ୍ୟମାନଙ୍କ ଅପେକ୍ଷା ପ୍ରତିସ୍ୱର୍ଦ୍ଧିତ ମନୋଭାବ ପୋଷଣ କରି ବଳିଦାନ ଦେବାର ଇଚ୍ଛା ପ୍ରକାଶ କରିଥାଆନ୍ତି ।

ଅଭାବି ଏବଂ ଦରିଦ୍ର ବ୍ୟକ୍ତିମାନେ ଅନେକ ବଡ଼ ବଡ଼ ବଳିଦାନ ଦେଇ ଚାନ୍ଦା ପୈଠ କରିଥାଆନ୍ତି । ସୁତରାଂ ସେମାନଙ୍କର ବଳିଦାନ ପ୍ରକାଶ୍ୟ ରୂପେ ଆର୍ଥିକ ଦୃଷ୍ଟିରୁ, ମୂଲ୍ୟ ଦୃଷ୍ଟିରୁ ଖୁବ୍ ସ୍ୱଳ୍ପ ହୋଇଥାଏ । କିନ୍ତୁ ଓଜନ ଦୃଷ୍ଟିରୁ ତାହା ଅଲ୍ଲାଃତାଲାଙ୍କ ଦୃଷ୍ଟିରେ ବହୁତ ବଡ଼ ବଳିଦାନ ଅଟେ ।

ଅହେମଦିହେବାରଓଜଣେଅହେମଦିବ୍ୟକ୍ତିକୁଗୋଟିଏଲାଭରହିଛି।ତାହାଏହିକିଯେ,ଅଲ୍ଲାଃତାଲାଅହେମଦିମାନଙ୍କରବଳିଦାନକୁସ୍ୱୀକାରକରନ୍ତି। ସେହିପରି ଯେଉଁ ଦୁଆଗୁଡ଼ିକ ରହିଛି ଅଲ୍ଲାଃତାଲା ତାହାକୁ ମଧ ସ୍ୱୀକାର କରନ୍ତି ଏବଂ ଦୁଆର ଯେଉଁ କଲ୍ୟାଣ ରହିଛି ତାହା ମଧ ପ୍ରକଟିତ ହୋଇଥାଏ ।

ଜମାଅତ୍ ଅହେମଦିୟା ବିଶ୍ୱର ପ୍ରତ୍ୟେକ ଭୂଖଣ୍ଡରେ ପରିବ୍ୟାପ୍ତ ହୋଇଅଛି । ଆଜି 220ଟି ରାଷ୍ଟ୍ରରେ ଜମାଅତ୍ ଅହେମଦିୟା ସ୍ଥାପିତ ହୋଇଛି। ଆମେମାନେ ପ୍ରତ୍ୟେକ ସ୍ଥାନରେ ବଳିଦାନକାରୀମାନଙ୍କ ବଳିଦାନର ଉଦାହରଣ ଦେଖିବାକୁ ପାଇଥାଉ । ବର୍ତ୍ତମାନ ମୁଁ ଯେଉଁ ଖୁତ୍‌ବା ଦେଉଅଛି ଏହି ସମୟରେ କେଉଁଠି ରାତି ହୋଇଛି ତ' ଆଉ କେଉଁଠି ଦିନ । କିନ୍ତୁ ପ୍ରତ୍ୟେକ ଅହେମଦି ବ୍ୟକ୍ତି ମୋର ଉକ୍ତ ଖତୁବା ଜୁମା ଶୁଣୁଛନ୍ତି ଏବଂ ଜମାଅତ୍ ଅହେମଦିୟା ଏକଜାତିର ଦୃଶ୍ୟ ଉପସ୍ଥାପିତ କରୁଅଛି।ଅତଏବ୍ ଏହିସବୁ ପ୍ରସଙ୍ଗ ଜମାଅତ୍ ଅହେମଦିୟାକୁ ଅନ୍ୟମାନଙ୍କ ଠାରୁ ଅନନ୍ୟ ଓ ପୃଥକ୍ କରିଥାଏ।

ଆମେମାନେ ଯଦି ଅଲ୍ଲାଃତାଲାଙ୍କ ପ୍ରସନ୍ନତା ତଥା ତାହାଙ୍କ ଅନୁଗ୍ରହତା ପ୍ରାପ୍ତି କରିବା ସକାଶେ ଏପରି (ବଳିଦାନ) କରିଥାଉ । ତେବେ ଅଲ୍ଲାଃତାଲା ମଧ ଆମମାନଙ୍କର ଆବଶ୍ୟକତାକୁ ସ୍ୱୟଂ ପୂରଣ କରୁଥିବେ । ଆମେମାନେ ବିନା କୌଣସି ଦୁଃଖ ଏବଂ ବିନା କୌଣସି ଭୟ ଅର୍ଥାତ୍ ନିର୍ଭୀକ ଭାବରେ ନିଜର ଜୀବନ ଅତିବାହିତକାରୀ ବ୍ୟକ୍ତି ରୂପେ ପରିଗଣିତ ହେବୁ । ଅଲ୍ଲାଃତାଲା ଆମମାନଙ୍କୁ ପ୍ରତ୍ୟେକ ଭୟରୁ ଉଦ୍ଧାର କରିବେ, ଆମମାନଙ୍କୁ ଦୁଃଖ ଜଞ୍ଜାଳରୁ ଉଦ୍ଧାର କରିବେ, ଆମମାନଙ୍କର ସମସ୍ୟାକୁ ଦୂର କରିବେ, ଆମମାନଙ୍କର ଆବଶ୍ୟକତାକୁ ପୂରଣ କରିବେ। ଉକ୍ତ ପ୍ରସଙ୍ଗ ତଥା ଅଭିପ୍ରାୟକୁ ପ୍ରାପ୍ତ କରିବା ନିମନ୍ତେ ପ୍ରତ୍ୟେକ ଅହେମଦିକୁ ଉଦ୍ୟମ କରିବା ଉଚିତ୍ । କାହିଁକି ନା ଆମେମାନେ ଅଲ୍ଲାଃତାଲାଙ୍କୁ ପ୍ରସନ୍ନ କରିବାକୁ ସକ୍ଷମ ହୋଇପାରିବୁ ।

ଆମେମାନେ ଜମାଅତ୍‌ର ଉନ୍ନତିକୁ ମଧ ଦେଖିବୁ ଏବଂ ପୂର୍ବାପେକ୍ଷା ଆମେମାନେ ଅଧିକ ସଫଳତା ଦେଖି ଚାଲିବୁ । ଇନ୍‌ଶାଅଲ୍ଲାଃ । ପ୍ରଭୁଙ୍କର ଉକ୍ତ କୃପାକୁ ଆମେମାନେ ଅଲ୍ଲାଃତାଲାଙ୍କ କୃପାରୁ ଦେଖି ଚାଲିବୁ ଓ ଶତ୍ରୁମାନଙ୍କୁ ଅସଫଳ ତଥା ଅକୃତକାର୍ଯ୍ୟ ହେଉଥିବାର ଆମେମାନେ ଅବଲୋକନ କରି ଚାଲୁଥିବୁ । ଅଲ୍ଲାଃତାଲ ସେହି ଦିନ ଖୁବ୍ ଶୀଘ୍ର ଆଣନ୍ତୁ ।

ତେହ୍‌ରିକେ ଜଦିଦ୍‌ର 90ତମ ବର୍ଷରେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷରୁ ଉପସ୍ଥାପିତ କରାଯାଇଥିବା ଆର୍ଥିକ ବଳିଦାନର ଚର୍ଚ୍ଚା ଏବଂ 91ତମ ବର୍ଷର ଶୁଭାରମ୍ଭର ଘୋଷଣା । ବିଗତ ବର୍ଷରେ ବିଶ୍ୱବ୍ୟାପୀ ଜମାଅତ୍ ଅହେମଦିୟାକୁ ତେହ୍‌ରିକେ ଜଦିଦ୍‌ରେ 98.17 ମିଲିୟନ୍ ପାଉଣ୍ଡ୍ ଆର୍ଥିକ ବଳିଦାନ ଦେବାର ସାମର୍ଥ୍ୟ ପ୍ରାପ୍ତ ହୋଇଛି । ଅଲ୍‌ହମଦୁ ଲିଲ୍ଲାଃ । ବିଗତ ବର୍ଷ ତୁଳନାରେ ଉକ୍ତ ଆଦାୟ 7 ଲକ୍ଷ 89 ହଜାର ପାଉଣ୍ଡ୍ ଅତିରିକ୍ତ ଅଟେ ।

ବିଭିନ୍ନ ଦେଶରେ ବାସ କରୁଥିବା ନୈଷ୍ଠିକ ଅହେମଦିମାନେ ବିଶେଷ କରି ନବ ଦୀକ୍ଷିତ ଯୁବକମାନଙ୍କ ପକ୍ଷରୁ ଉପସ୍ଥାପିତ କରାଯାଇଥିବା ବଳିଦାନ ସଂକ୍ରାନ୍ତରେ ବିଶ୍ୱାସବର୍ଦ୍ଧକ ଘଟଣାବଳୀର ଚର୍ଚ୍ଚା । ହୁଜୁର ଅନ୍‌ୱର୍ ଅ.ବଙ୍କ ବାଂଲାଦେଶ ଓ ପାକିସ୍ତାନୀ ଅହେମଦିମାନଙ୍କ ନିମନ୍ତେ ଦୁଆ କରିବାକୁ ଆହ୍ୱାନ ।

ସମ୍ମାନନୀୟା ଅମିନା ଚିକମାକ୍ ସାହେବା (ୱାକିଫା (ଉତ୍ସର୍ଗୀକୃତ ଜୀବନ) ଜିନ୍ଦିଗୀ, ତୁର୍କୀ ଡେସ୍କ) ଏବଂ ସମ୍ମାନୀୟ ମେହ୍‌ମୁଦ୍ ଅୟାଜ୍ ସାହେବ ଅଫ୍ ନରୱେଙ୍କ ବିୟୋଗ ଓ ସେମାନଙ୍କର ଉତ୍ତମ ଚର୍ଚ୍ଚା ତଥା ନମାଜ ଯନାଜାଃ ।

**08 NOVEMBER 2024 ମସିହା ଅନୁଯାୟୀ ୦୮ ନବୁୱତ୍ ୧୪୦୩ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ୍ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ଯେଉଁମାନେ ଦିବାରାତ୍ର ନିଜର ଧନକୁ ଗୋପନରେ ଓ ପ୍ରକାଶ୍ୟରେ ମଧ ଅଲ୍ଲାଃତାଲାଙ୍କ ମାର୍ଗରେ ବ୍ୟୟ କରନ୍ତି । ସେମାନଙ୍କ ନିମନ୍ତେ ସେମାନଙ୍କ ପାଳନକର୍ତ୍ତାଙ୍କ ନିକଟରେ ପୁରସ୍କାର ଗଚ୍ଛିତ ଅଛି । ସେମାନେ ଭୟଭୀତ ହେବେ ନାହିଁ କି ଦୁଃଖିତ ହେବେ ନାହିଁ । **(ଅଲ୍ ବକ୍ରାହ୍: 275)** ଅଲ୍ଲାଃତାଲାଙ୍କ କୃପାରୁ ଜମାଅତ୍ ଅହେମଦିୟା ଅଲ୍ଲାଃତାଲାଙ୍କ ଆଦେଶମତେ ଆର୍ଥିକ ବଳିଦାନ କରିବାରେ ସର୍ବାଗ୍ରେ ପ୍ରତିସ୍ୱର୍ଦ୍ଧିତ ଭାବରେ ଉପସ୍ଥାପିତକାରୀ ଜମାଅତ୍ ରୂପେ ବିବେଚିତ । ଉକ୍ତ ଜମାଅତ୍‌ର ନାନା ଚାନ୍ଦା ରହିଛି ଯଥା- ଚାନ୍ଦା ଆମ୍, ଚାନ୍ଦା ୱସିୟତ୍ ଇତ୍ୟାଦି ଚାନ୍ଦାଗୁଡ଼ିକ ବାଧ୍ୟତାମୂଳକ ଚାନ୍ଦା ଅଟେ । ପୁନଶ୍ଚ ତେହ୍‌ରିକେ ଜଦିଦ୍‌ର ତେହ୍‌ରିକ୍ (ଆହ୍ୱାନ) ରହିଛି । ପ୍ରତ୍ୟେକ ସ୍ଥାନରେ ଯେଉଁଠି ବି ଆବଶ୍ୟକତା ପଡ଼େ ଜମାଅତ୍ ଅହେମଦିୟାର ସଦସ୍ୟଗଣ ନିଷ୍ଠା ଓ ବିଶ୍ୱସ୍ତତାର ସହିତ

ପ୍ରତିସ୍ୱର୍ଦ୍ଧିତ ଭାବରେ ଆର୍ଥିକ ବଳିଦାନରେ ଅଂଶ ଗ୍ରହଣ କରି ଥାଆନ୍ତି ଏବଂ ଗୋପନରେ ମଧ୍ୟ ଏବଂ ପ୍ରକାଶ୍ୟରେ ମଧ୍ୟ ଆର୍ଥିକ ବଳିଦାନ ଦେଉଥାଆନ୍ତି । ଏହାକୁ ବାଦ୍‌ଦେଲେ ସେମାନଙ୍କୁ କୌଣସି ଭୟ ନଥାଏ ଏବଂ ସେମାନଙ୍କୁ ଆର୍ଥିକ ଅଭାବର ମଧ୍ୟ ଭୟ ନଥାଏ । ଉକ୍ତ ସଂସାର ଯେତେବେଳେ ସଂସାରର ଆନନ୍ଦ ସନ୍ଧାନ କରିବାରେ ନିମଗ୍ନ ଏବଂ ଧନ ଏକତ୍ରିତ କରିବାରେ ନିମଗ୍ନ ସେତେବେଳେ କେବଳ ଅହେମଦିମାନେ ହିଁ ଅଛନ୍ତି ଯେଉଁମାନେ ଆର୍ଥିକ ବଳିଦାନରେ ପ୍ରତିସ୍ୱର୍ଦ୍ଧିତ ଭାବରେ ଅଂଶ ଗ୍ରହଣ କିରଥାଆନ୍ତି । ଅତଏବ୍ ଅହେମଦିମାନେ ଉକ୍ତ ବଳିଦାନ ଦେଇ ପ୍ରସନ୍ନତା ଭାବ ପରିପ୍ରକାଶ କରିଥାଆନ୍ତି । ସେହିପରି ଏପରି କେତେକ ଅହେମଦି ବ୍ୟକ୍ତିମାନେ ମଧ୍ୟ ଅଛନ୍ତି ଯେଉଁମାନେ ଗୋପନରେ ବଳିଦାନ ଦେଇ ଥାଆନ୍ତି ଏବଂ ସେମାନେ ଏହି ପ୍ରକାଶ କରନ୍ତି ଯେ, ସେମାନଙ୍କ ବଳିଦାନ ପ୍ରଘଟ ନହେଉ । ଜମାଅତ୍ ଅହେମଦିୟାରେ ଅନେକ ଲୋକମାନେ ଅଛନ୍ତି ଯେଉଁମାନଙ୍କର ଆୟ ଖୁବ୍ ସ୍ୱଳ୍ପ ଅଟେ ଏବଂ ମଧ୍ୟମ ସ୍ତରର ଅର୍ଥ ଉପାର୍ଜନକାରୀଙ୍କୁ ନେଇ ଏହି ସଂଖ୍ୟା ଗଠିତ । କିନ୍ତୁ ଯେପରିକି ମୁଁ କହିଲି ଅସାଧାରଣ ବଳିଦାନକାରୀମାନେ ମଧ୍ୟ ରହିଛନ୍ତି । ଏହି ଅସାଧାରଣ ବଳିଦାନକାରୀମାନେ କେବେ ବି ଉକ୍ତ କଥାର ପରିପ୍ରକାଶ କରନ୍ତି ନାହିଁ ଯେ, ଜମାଅତ୍ ଏତିକି ତେହିରକ୍ (ଆହ୍ୱାନ) ଆରମ୍ଭ କରିଛି ଏବଂ ଆମର ଆୟ ସ୍ୱଳ୍ପ ଓ ସୀମିତ ଅଟେ । ଆମେ କୋଉଠୁ ଆଣି ଦେବୁ । ବରଂ ଏକ ହୃଦୟଜନିତ ଉତ୍ସାହ ଏବଂ ଉଦ୍ଦୀପନା ଦ୍ୱାରା ସେମାନେ ଏହି ବଳି ଦାନ ଦେଇ ଥାଆନ୍ତି । ମୁଁ ଜାଣେ ଯେ, ଏପରି କେତେକ ଲୋକମାନେ ଅଛନ୍ତି ଯେଉଁମାନେ ବହୁତ ବଡ଼ ବଡ଼ ବଳିଦାନ ତ' ଦିଅନ୍ତ ନାହିଁ । ବରଂ ଏପରି କହିବା ଉଚିତ୍ ଯେ, ନିଜର ପେଟ କାଟି, ନିଜର ଆହାର କମ୍ କରି, ନିଜ ସନ୍ତାନମାନଙ୍କର ଖର୍ଚ୍ଚ କାଟ୍ କରି ଏହି ବଳିଦାନ ଦେଇଥାଆନ୍ତି। ସେହି ଅଭାବି ତଥା ଦୀନ ଦରିଦ୍ର ବ୍ୟକ୍ତିମାନଙ୍କ ମନରେ ଏହି ବିଚାର ଓ ଧାରଣା କେବେ ବି ଆସି ନାହିଁ, ସେମାନେ କେବେ ବି ଉକ୍ତ କଥାର ପରିପ୍ରକାଶ କରି ନାହାନ୍ତି ଯେ, ଆମମାନଙ୍କର ଏହି ବଳିଦାନ ରହିଛି ଏବଂ ଆମେମାନଙ୍କ ଉପରେ କାହିଁକି ଏପରି ବୋଝ ଲଦି ଦିଆଯାଉଛି । ଆମମାନଙ୍କୁ ମଧ୍ୟ ଅମକ ଉଦ୍ଦେଶ୍ୟ ନିମନ୍ତେ ଅର୍ଥ ଆବଶ୍ୟକତା ରହିଛି । ସୁତରାଂ ବର୍ତ୍ତମାନ ଆମମାନଙ୍କୁ ଆବଶ୍ୟକତା ରହିଛି । ତେଣୁ ଜମାଅତ୍ ଆମମାନଙ୍କୁ ସାହାଯ୍ୟ କରୁ । କେବେ ବି କୌଣସି ପ୍ରକାରର ଉପକାର ହୋଇ ନଥାଏ। ଜମାଅତ୍‌କୁ ଯଦି ବି ଆବଶ୍ୟକତା ପଡ଼େ ତେବେ ଅତ୍ୟନ୍ତ ଦ୍ୱନ୍ଦ୍ୱ ଏବଂ ବିନୀତତାର ସହିତ ନିଜର ଇଚ୍ଛାର ପରିପ୍ରକାଶ କରିଛନ୍ତି ଏବଂ ତାହା ମଧ୍ୟ ଋଣ ଆକାରରେ ।

ପୁନଶ୍ଚ କେତେକ ଲୋକମାନେ ବଳିଦାନ ଦେବା ନିମନ୍ତେ ଏହି ପନ୍ଥା ଅବଲମ୍ବନ କରିଛନ୍ତି ଯେ, ଆର୍ଥିକ ବଳିଦାନ ନିମନ୍ତେ ଏକ ଡବା ତିଆରି କରି ନିଅନ୍ତି । ଉକ୍ତ ଡବାରେ ସେମାନେ ପ୍ରତ୍ୟେକ ବର୍ଷ ଓ ପ୍ରତ୍ୟେକ ମୁହୂର୍ତ୍ତ ଯାହା ବି ସେମାନେ ଆୟ ଓ ଅର୍ଥ ଉପାର୍ଜନ କରନ୍ତି ସେତେବେଳେ ସେମାନେ ଉକ୍ତ ଡବାରେ ଟଙ୍କା ପଇସା ପକାଉ ଥାଆନ୍ତି । ଏହିପରି ଭାବରେ ବର୍ଷ ଶେଷରେ ଟଙ୍କା ଜମା କରିନେଇ ଥାଆନ୍ତି । ହ. ମୁସ୍‌ଲେହ୍ ମଉଦ୍ ର.ଅ ତେହ୍‌ରିକେ ଜଦିଦ୍ ଯେତେବେଳେ ଜାରି କଲେ ସେତେବେଳେ ଆପଣ ର.ଅ ଅତି ସରଳ ଜୀବନ ଯାପନ କରିବା ନିମନ୍ତେ ଲୋକମାନଙ୍କ ଠାରୁ ଆଶା କରିଥିଲେ । ଆପଣ ର.ଅ କହିଥିଲେ ଯେ, ସରଳ ଜୀବନ ଯାପନ କରି ପଇସା ସଞ୍ଚୟ କରନ୍ତୁ ଏବଂ ସେହି ଆୟ ଅନୁଯାୟୀ ଆପଣମାନେ ବ୍ୟୟ କରନ୍ତୁ । ଏହା ଫଳରେ କେତେକ ଲୋକମାନେ ଅଛନ୍ତି ଯେଉଁମାନେ ନିଜେ ସରଳରୁ ଅତି ସରଳ ଜୀବନ ଯାପନ କରି ଥାଆନ୍ତି ଏବଂ ବଡ଼ ବଡ଼ ଅର୍ଥଦେଇ ଦିଅନ୍ତି । ପ୍ରକାଶ୍ୟ ରୂପେ ସେମାନଙ୍କର ଅବସ୍ଥାକୁ ଦେଖିବା ପରେ ଏପରି ପ୍ରତିତ ହେଉଛି ଯେ, ସେମାନେ ଏତେ ଟଙ୍କା ଦେଇ ପାରିବେ ନାହିଁ । କିନ୍ତୁ ହଜାର ହଜାର ପାଉଣ୍ଡରେ କିମ୍ବା ହଜାର ହଜାର ୟୁରୋରେ ବଳିଦାନ ଦେଉଛନ୍ତି । ଏହି ବସ୍ତୁବାଦୀ ଜଗତରେ ସେହି ଦେଶମାନଙ୍କରେ ରହି ଏତେ ବଳିଦାନ ଦେବା ବହୁତ ବଡ଼ କଥା ଅଟେ । ଅର୍ଥାତ୍ ଯେଉଁ ରାଷ୍ଟ୍ରମାନେ ଦରିଦ୍ର ଅଟନ୍ତି ଯଥା- ପାକିସ୍ତାନ, ଭାରତ କିମ୍ବା ଆଫ୍ରିକା ଭଳି ରାଷ୍ଟ୍ରମାନେ ଅଛନ୍ତି । ସେଠାରେ ତ' ଅହେମଦିମାନଙ୍କର ଆୟ ଖୁବ୍ ସ୍ୱଳ୍ପ ଅଟେ ଏବଂ ଲୋକମାନେ ଅତି କଷ୍ଟରେ ଜୀବନ ଯାପନ କରିଥଆନ୍ତି । ତଥାପି ଏହି ଦରିଦ୍ର ଏବଂ ଅଭାବି ବ୍ୟକ୍ତିମାନେ ବଳିଦାନ ଦେଇ ଚାଲିଛନ୍ତି। ଏହି ଅଭାବି ଓ ଦରିଦ୍ର ଲୋକମାନେ ଅଲ୍ଲାଃତାଲାଙ୍କର ପ୍ରସନ୍ନତା ତଥା ତାହାଙ୍କ ଅନୁଗ୍ରହତା ପ୍ରାପ୍ତି ସକାଶେ ଗୋପନରେ ଏବଂ ପ୍ରକାଶ୍ୟ ରୂପେ ମଧ୍ୟ ନିଜର ଅତି ମୂଲ୍ୟବାନ ଅର୍ଥକୁ ବ୍ୟୟ କରିଦେଇ ଥାଆନ୍ତି । ସେହି ଲୋକମାନେ ପ୍ରତ୍ୟେକ ମୁହୂର୍ତ୍ତ ଏହି ଉଦ୍ୟମ କରନ୍ତି ଓ ପ୍ରତ୍ୟେକ ମୁହୂର୍ତ୍ତକୁ ଅପେକ୍ଷା କରି ବସନ୍ତି ଯେ ସେମାନେ କିପରି ପ୍ରଭୁଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ ପ୍ରଭୁଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରି ପାରିବେ । ଏଥି ନିମନ୍ତେ ସେମାନେ ସର୍ବଦା ଚିନ୍ତିତ ଥାଆନ୍ତି । ଯେପରିକି ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଏକ ସ୍ଥଳେ କହିଛନ୍ତି:

اسی فکر میں رہتے ہیں روز و شب     کہ راضی وہ دلدار ہوتا ہے کب

**(ନିଶାନେ ଆସ୍‌ମାନୀ, ରୁହାନୀ ଖଜାଏନ୍, ଭାଗ-4, ପୃ-410)**

ଅତଏବ୍ ଏ ହେଉଛନ୍ତି ସେହି ଲୋକମାନେ ଯେଉଁମାନେ ପ୍ରକୃତ ବିଶ୍ୱାସକାରୀ ଅଟନ୍ତି ଏବଂ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତିକାରୀ ବ୍ୟକ୍ତି ଅଟନ୍ତି । ସେହିପରି ଏପରି କେତେକ ଲୋକମାନେ ମଧ୍ୟ ଅଟନ୍ତି ଯେ, ଯେତେବେଳେ ବି କୌଣସି ତେହ୍‌ରିକ୍ (ଆହ୍ୱାନ) କରାଯାଏ କିମ୍ବା ତେହ୍‌ରିକେ ଜଦିଦ୍ ହେଉ ଅବା ୱକ୍‌ଫେ ଜଦିଦ୍‌ର ଘୋଷଣା ହୁଏ ସେତେବେଳେ ଏହି ଲୋକମାନେ ଧାର କରଜ କରି ଚାନ୍ଦା ପୈଠ କରି ଦିଅନ୍ତି । ହୁଜୁର ଅନ୍‌ୱର୍ ଅ.ବ କହିଲେ, କିନ୍ତୁ ଏପରି କରିବାର କୌଣସି ଆବଶ୍ୟକତା ନାହିଁ ଯେ, ଧାର କରଜ କରି ଆପଣମାନେ ଚାନ୍ଦା ପୈଠ କରିବେ । ସେମାନଙ୍କ ମନରେ କୌଣସି ଭୟ ହୋଇ ନଥାଏ । ସେମାନଙ୍କୁ ଏହା ଜ୍ଞାତ ଯେ, ସେମାନେ ଅଲ୍ଲାଃତାଲାଙ୍କ ମାର୍ଗରେ ବ୍ୟୟ କରି ଥାଆନ୍ତି । ସୁତରାଂ ଅଲ୍ଲାଃତାଲା ସେମାନଙ୍କର ଉକ୍ତ ପ୍ରତିଶୃତିକୁ ମଧ୍ୟ ପୂର୍ଣ୍ଣ କରିଦେବେ । ସୁତରାଂ ଜମାଅତ୍ ଅହେମଦିୟାକୁ ଅଲ୍ଲାଃତାଲା ବଡ଼ ବଡ଼ ବଳିଦାନକାରୀମାନେ ପ୍ରଦାନ କରିଛନ୍ତି ।

ଅହେମଦିମାନେ ଅଣଅହେମଦିମାନଙ୍କ ପରି ନୁହନ୍ତି ଯେ, ପାଞ୍ଚ ଦଶ ଟଙ୍କା ଦେଇ ପୁନଶ୍ଚ ଶହେ ଥର ମସ୍‌ଜିଦ୍‌ରେ ଘୋଷଣା କରାଇ ଥାଆନ୍ତି ଯେ, ଆମେମାନେ ଦଶ ଟଙ୍କା ଦେଲୁ, ଶହେ ଓ ହଜାର ତଥା ଲକ୍ଷେ ଟଙ୍କା ଦେଲୁ ଇତ୍ୟାଦି ଇତ୍ୟାଦି । ଏହିପରି ଅନେକ ଘଟଣାବଳୀ ମୋ ସମ୍ମୁଖକୁ ଆସିଥାଏ ଯେଉଁଠି ଲୋକମାନେ ପ୍ରତିସ୍ୱର୍ଦ୍ଧିତ ମନୋଭାବ ରଖି ବଳିଦାନ ଦେବା ନିମନ୍ତେ ନିଜକୁ ଉପସ୍ଥାପିତ କରିଥାଆନ୍ତି । ତହିଁରେ ଆଫ୍ରିକାର କେତେକ ଦେଶମାନେ ମଧ୍ୟ ଅନ୍ତର୍ଭୁକ୍ତ ଅଛନ୍ତି । ଇଉରୋପର ଦେଶମାନେ ମଧ୍ୟ ଅନ୍ତର୍ଭୁକ୍ତ ଅଟନ୍ତି । ଏସିଆର ଦେଶମାନେ ମଧ୍ୟ ଅନ୍ତର୍ଭୁକ୍ତ ଅଟନ୍ତି ।

ଅଭାବି, ଦିରିଦ୍ର ଲୋକମାନେ ତ' ବହୁତ ବଡ଼ ବଳିଦାନ କରି ଚାନ୍ଦା ଦେଇ ଥାଆନ୍ତି । ସେମାନଙ୍କର ବଳିଦାନ ପ୍ରକାଶ୍ୟ ରୂପେ ଆର୍ଥିକ ଦୃଷ୍ଟିରୁ, ମୂଲ୍ୟ ଦୃଷ୍ଟିରୁ ଅତି ଛୋଟ ହୋଇଥାଏ । କିନ୍ତୁ ଓଜନ ଦୃଷ୍ଟିରୁ ଅଲ୍ଲାଃତାଲାଙ୍କ

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan,
S/o- Manwar Ali Khan ,
Jamat Ahmadiya Karadapalli
(Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family,
Jamat Ahmadiya Kerang,
Darul Barkat (Odisha)

ଦୃଷ୍ଟିରେ ବହୁତ ବଡ଼ ବଳିଦାନ ଅଟେ । ସେହି ଲୋକମାନଙ୍କ ନିମନ୍ତେ ଆଁହଜରତ ସ.ଅ ଏକ ସ୍ଥାନରେ କହିଥିଲେ ଯେ, ଗୋଟିଏ ଦିରହମ୍ ହଜାର ଦିରହମ୍ ଅପେକ୍ଷା ଆଗେଇ ଗଲା । ଗୋଟିଏ ଦିରହମ୍ ଏକ ଲକ୍ଷ ଦିରହମ୍ ତୁଳନାରେ ଆଗେଇ ଗଲା । **(ସୁନନ୍ନୁନ୍ ନିସାଇ, କିତାବୁଜ୍ ଜକାତ୍, ବାବ୍-ଜୁହଦୁଲ୍ ମୁକଲ୍ଲି, ହଦିସ୍ ନଂ-2528)**

ଏହି ଲୋକମାନେ ଦୂରବର୍ତ୍ତୀ ଅଞ୍ଚଳର ନିବାସୀ ଅଟନ୍ତି ଏବଂ ଦରିଦ୍ର ଦେଶମାନଙ୍କରେ ବାସ କରୁଥିବା ଲୋକମାନଙ୍କ ମଧ୍ୟରୁ ଅନ୍ୟତମ ଅଟନ୍ତି । କାରଣ ସେମାନେ ଆର୍ଥିକ ବଳିଦାନ ଦେବା ସହିତ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତି କରିବା ସଙ୍ଗେସଙ୍ଗେ ଅଲ୍ଲାଃତାଲା ସେମାନଙ୍କୁ ପ୍ରତ୍ୟେକ ପ୍ରକାରର ଭୟରୁ ମଧ୍ୟ ମୁକ୍ତ କରି ଦିଅନ୍ତୁ ଏବଂ ସେମାନଙ୍କର ଆବଶ୍ୟକତାକୁ ମଧ୍ୟ ପୂରଣ କରନ୍ତୁ । ଅର୍ଥାତ୍ ଦୂର କରନ୍ତୁ । ଉଦାହରଣ ସ୍ୱରୂପ ତାନ୍‌ଜାନିୟାର ଅମୀର୍ ସାହେବ ଉଲ୍ଲେଖ କଲେ ଯେ, ଜଣେ ବ୍ୟକ୍ତି ଅଟନ୍ତି ଏବଂ ସେ ନବଦୀକ୍ଷିତ ଅଟନ୍ତି । ସେହି ବ୍ୟକ୍ତି ହେଉଛନ୍ତି ଅବ୍ଦୁଲ୍ଲାଃ ସାହେବ । ସେ କହିଲେ ଚାନ୍ଦା ଦେବା ଫଳରେ ମୋତେ ଦୁଇଟି ଲାଭ ଦୃଶ୍ୟମାନ ହେଉଛି। 1-ଏତଦ୍‌ପରେ ମୋର ଜୀବିକାରେ ଅଭିବୃଦ୍ଧି ହୋଇଗଲା । 2-ମୁଁ ଯେତେବେଳେ କୌଣସି ବାଣିଜ୍ୟ ବ୍ୟବସାୟ କରେ, ଏକ ଦୋକାନ ଚଳାଏ । ମୋ ଦୋକନର ସମସ୍ତ ଜିନିଷ ପତ୍ର ବିକ୍ରି ହୋଇଯାଇଥାଏ ଏବଂ ଦୋକାନ ଶୀଘ୍ର ଶୀଘ୍ର ଖାଲି ହୋଇଯାଇଥାଏ । ଏତଦ୍‌ପରେ ମୁଁ ନୂତନ ମାଲ୍ ଆଣେ ଏବଂ ତହିଁରୁ ମୋତେ ଲାଭ ମଧ୍ୟ ପ୍ରାପ୍ତ ହୋଇଥାଏ। ମୁଁ ଭାବୁଛି ଯେ, ଏହି ସମସ୍ତ ପ୍ରସଙ୍ଗ ଅଲ୍ଲାଃତାଲାଙ୍କ ମାର୍ଗରେ ଆର୍ଥିକ ବଳିଦାନ କରିବା ଯୋଗୁଁ ସମ୍ଭବପର ହୋଇ ପାରିଛି ।

କାଜାଖିସ୍ତାନରୁ ସାଦ୍ ନୁଓଫ୍ ସାହେବ ନାମକ ଜନୈକ ସଜ୍ଜନ ବ୍ୟକ୍ତି ଅଟନ୍ତି । ସେ ଅତ୍ୟନ୍ତ ଉତ୍ସାହ ଏବଂ ଆଗ୍ରହର ସହିତ ଚାନ୍ଦାରେ ଅଂଶ ଗ୍ରହଣ କରିଥାଆନ୍ତି । ସେ ପୂର୍ବତନ ସୈନିକ ଅଟନ୍ତି । ସେ ଚାକିରୀରୁ ଅବସର ନେଇ ସାରିଛନ୍ତି । ତାଙ୍କୁ ବର୍ତ୍ତମାନ ପେନ୍‌ସନ ମିଳୁଛି । କିନ୍ତୁ ତାଙ୍କୁ ଯେତେବେଳେ ବି ପେନ୍‌ସନ୍‌ର ମିଳେ ସେତେବେଳେ ସେ ତୁରନ୍ତ ମର୍କଜ୍ ଆସି ଚାନ୍ଦା ପୈଠ କରି ଦିଅନ୍ତି । ସେ କୁହନ୍ତି ଯେ, ଅଲ୍ଲାଃତାଲା ମୋତେ ଚାନ୍ଦା ମାଧ୍ୟମରେ ଏତେ କଲ୍ୟାଣ ପ୍ରଦାନ କଲେ ଯେ, ମୋର ଯେଉଁ କାମ ସବୁ ଅଟକି ରହିଥିଲା ସେହି କାର୍ଯ୍ୟ ସବୁ ଅଲ୍ଲାଃତାଲା ସମ୍ପାଦନ କରାଇ ଦେଇଛନ୍ତି । ହୁଜୁର ଅନ୍‌ଓର୍ ଅ.ବ କହିଲେ, ଏହା ତାଙ୍କର ବିଶ୍ୱାସର ଅବସ୍ଥା ଅଟେ । ମହୋଦୟ କୁହନ୍ତି: "ମୁଁ ଏକ ବ୍ୟବସାୟିକ ଭବନ ନିର୍ମାଣ ଆରମ୍ଭ କିରଛି । ଉକ୍ତ ଭବନଟି ବ୍ୟବସାୟିକ କେନ୍ଦ୍ର ନିମନ୍ତେ ଉଦ୍ଦିଷ୍ଟ ଥିଲା । ମୋ ନିକଟରେ ଯେଉଁ ସଞ୍ଚିତ ଧନ ଥିଲା ସେହି ସମସ୍ତ ସଞ୍ଚିତ ଧନ ମୁଁ ଉକ୍ତ ଭବନର ନିର୍ମାଣ କାର୍ଯ୍ୟରେ ବ୍ୟୟ କରିଦେଲି । ପଇସା ସରି ଯାଇଥିଲା କିନ୍ତୁ କାର୍ଯ୍ୟ ସମାପ୍ତ ହେଲା ନାହିଁ । ମୋର ଏକ ଆପାର୍ଟମେଣ୍ଟ୍ ଥିଲା । ମୁଁ ଭାବିଲି ଯେ, ଯେ, ସେହି ଆପାର୍ଟମେଣ୍ଟକୁ ବିକ୍ରି କରି ଏହି ପଇସା ମୁଁ ଏଠାରେ ଲଗାଇ ଦେବି ଏବଂ ଉକ୍ତ କାର୍ଯ୍ୟକୁ ମୁଁ ସଂପୂର୍ଣ୍ଣ କରିନେବି । ବର୍ତ୍ତମାନ୍ ଉକ୍ତ ଆପାର୍ଟମେଣ୍ଟକୁ କିଣିବା ନିମନ୍ତେ କୌଣଶି ଗ୍ରାହକ ମିଳୁ ନିଥିଲା । ଅତ୍ୟନ୍ତ ନିରାଶା ଭଳି ସ୍ଥିତି ଥିଲା । ଯାହା କିଛି ସଞ୍ଚିତ ଅର୍ଥ ରହିଥିଲା ତାହା ମଧ୍ୟ ଶେଷ ହୋଇ ଚାଲିଥିଲା । ମୁଁ ଦୁଆ କରୁଥିଲି ଯେ, ଅଲ୍ଲାଃତାଲା କୌଣସି ପ୍ରକାରେ କଲ୍ୟାଣ ପ୍ରଦାନ କରନ୍ତୁ ଓ ମୋତେ ଏହି ଅର୍ଥ ପ୍ରାପ୍ତ ହୋଇଯାଉ ଓ ଅର୍ଥ ପୂର୍ଣ୍ଣ ହୋଇଯାଉ । ସୁତରାଂ ଅଲ୍ଲାଃତାଲା ଏପରି ଏକ ଗ୍ରାହକ ପ୍ରେରଣ କଲେ ଯିଏ ମୋ ଆପାର୍ଟମେଣ୍ଟ୍ କିଣିନେଲା ଓ ଉକ୍ତ ବିକ୍ରୟରୁ ମୋତେ ଯେଉଁ ଆୟ ପ୍ରାପ୍ତ ହେଲା ସେହି ଅର୍ଥକୁ ମୁଁ ପୁନଃ ନିର୍ମାଣ କାର୍ଯ୍ୟରେ ବିନିଯୋଗ କରିଦେଲି । କିନ୍ତୁ ସେହି ଦେବଦୂତ ଯାହାଙ୍କୁ ଅଲ୍ଲାଃତାଲା ପ୍ରେରଣ କରିଥିଲେ ସେ କହିଲା ଆପଣ ଚିନ୍ତିତ ହୁଅନ୍ତୁ ନାହିଁ। ମୋତେ ଏତେ ଶୀଘ୍ର ଘରର ଆବଶ୍ୟକତା ନାହିଁ । ଆପଣ ନିଃସନ୍ଦେହ ଏକ ବର୍ଷ ପର୍ଯ୍ୟନ୍ତ ଉକ୍ତ ଘରେ ରୁହନ୍ତୁ । ଏହିପରି ଭାବରେ ଅଲ୍ଲାଃତାଲା ମୋର ରହଣୀର ସଂପୂର୍ଣ୍ଣ ବ୍ୟବସ୍ଥା ମଧ୍ୟ କରିଦେଲେ ଓ ନିଃସନ୍ଦେହ ଆପଣ ବର୍ଷେ ପର୍ଯ୍ୟନ୍ତ ଉକ୍ତ ଘରେ ରୁହନ୍ତୁ । ଏହିପରି ଭାବରେ ଅଲ୍ଲାଃତାଲା ମୋ ଘରର ଆବଶ୍ୟକତା ମଧ୍ୟ ପୂର୍ଣ୍ଣ କରିଦେଲେ ଏବଂ ମୋର ନିର୍ମାଣର କାର୍ଯ୍ୟ ମଧ୍ୟ ସଂପୂର୍ଣ୍ଣ ହୋଇଗଲା ଏବଂ ଏହି ସମସ୍ତ ପ୍ରସଙ୍ଗ ସଂକ୍ରାନ୍ତରେ ମୁଁ ଏହା ମନେକରୁଛି ଯେ, ଚାନ୍ଦା ଦେବାର କଲ୍ୟାଣ ଓ ଅଲ୍ଲାଃତାଲାଙ୍କ ମାର୍ଗରେ ବଳିଦାନ ଦେବାର ପରିଣାମ ଅଟେ ।"

ପୁନଶ୍ଚ କାଜାଖିସ୍ତାନ୍ ଜମାଅତ୍‌ରୁ ହିଁ ଜଣେ ପଦାଧିକାରୀ ମହୋଦୟ ଉଲ୍ଲେଖ କରନ୍ତି ଯେ, ଜମାଅତ୍ ତଥା ଲଜ୍‌ନା ଇମାଇଲ୍ଲାଃର ଜନୈକା ମହିଳା ମହୋଦୟା ସାହେବା ଉଲ୍ଲେଖ କରନ୍ତି ଯେ, ଆମ ଲଜ୍‌ନାର ବାଇଓ୍ୱା ରୋଜା ସାହେବା ନାମକ ଜନୈକା ମହିଳା ଅଟନ୍ତି । ସେ ନିୟମିତ ଭାବରେ ତେହ୍‌ରିକେ ଜଦିଦ୍‌ର ଓ ୱକ୍‌ଫେ ଜଦିଦ୍‌ର ଚାନ୍ଦାରେ ଅଂଶ ଗ୍ରହଣ କରୁଥିଲେ । ଦିନେ ସେ ତେହ୍‌ରିକେ ଜଦିଦ୍ ଏବଂ ୱକ୍‌ଫେ ଜଦିଦ୍‌ର ଚାନ୍ଦା ପୈଠ କଲେ ଏବଂ ନିଜର କନ୍ୟା ନିମନ୍ତେ ଦୁଆ କରିବା ନିମନ୍ତେ ଅନୁରୋଧ କଲେ ଯେ, ଆପଣ ଦୁଆ କରନ୍ତୁ ଯେ, ଅଲ୍ଲାଃତାଲା ମୋ ଝିଅକୁ ଭଲ ଚାକିରୀଟିଏ ପ୍ରଦାନ କରନ୍ତୁ । ସେ ମୋତେ ମଧ୍ୟ ପତ୍ର ଲେଖିଲେ। ଖିଲାଫତ୍ ସହିତ ତାଙ୍କର ଦୃଢ ସଂପର୍କ ରହିଥିଲା । ହୁଜୁର ଅନ୍‌ଓର୍ ଅ.ବ କହିଲେ, ଋଷିୟା କିମ୍ବା ସେହି ରାଜ୍ୟମାନଙ୍କରୁ ଅନେକ ପତ୍ର ପ୍ରାପ୍ତ ହୋଇଥାଏ । ସୁତରାଂ ଉକ୍ତ ମହିଳା ଜଣକ କହିଲେ, ସେ ଯେତେବେଳେ ଚାନ୍ଦା ପୈଠ କଲେ ସେତେବେଳେ ତା' ଆର ଦିନ ତାଙ୍କ ଝିଅକୁ ଭଲ ଚାରିରୀଟିଏ ମିଳିଗଲା । ଅପରପକ୍ଷେ ଏହା ପୂର୍ବରୁ ସେ (ଝିଅ) ସହସ୍ର ଚେଷ୍ଟା କରୁଥିଲେ । କିନ୍ତୁ କୌଣସି ସଫଳତା ପ୍ରାପ୍ତ ହେଉ ନଥିଲା। ବର୍ତ୍ତମାନ ଏହି ଅବସ୍ଥା ହୋଇଛି ଯେ, ଅଲ୍ଲାଃତାଲା ଏପରି କଲ୍ୟାଣ ପ୍ରଦାନ କଲେ, ତାଙ୍କର ବିଶ୍ୱାସକୁ ଦୃଢୀଭୁତ କରିବା ନିମନ୍ତେ ଏପରି ସାଧନ ସୃଷ୍ଟି କଲେ ଯେ, ସେଠାରେ ଚାକିରୀ ପ୍ରଦାନକାରୀ ସଂସ୍ଥାମାନେ ସ୍ୱୟଂ ଫୋନ୍ କଲେ ଯେ, ଆମେମାନେ ଚାକିରୀ ଦେବା ନିମନ୍ତେ ପ୍ରସ୍ତୁତ ଅଛୁ ତୁମେ ଚାଲି ଆସ । ସେହି ସଂସ୍ଥାମାନେ ଭଲ ଚାକିରୀଟିଏ ମଧ୍ୟ ପ୍ରଦାନ କଲା । ମହୋଦୟା କୁହନ୍ତି ଯେ, ମୋର ନିମନ୍ତେ ଏହା ଏକ ଚମତ୍କାର ଥିଲା । ମୁଁ ଆଶ୍ଚର୍ଯ୍ୟ ଚକିତ ଯେ, ଅଲ୍ଲାଃତାଲା କିପରି ଏତେ ଶୀଘ୍ର ନିଜର କୃପା ଦ୍ୱାରା ମୋତେ ସମ୍ମାନିତ କଲେ ।

ଇଉରୋପ ମହାଦେଶ ଅନ୍ତର୍ଗତ ଜର୍ଜିୟା ନାମକ ଏକ ଦେଶ ରହିଛି। ମେଡ଼ିକାଲ୍‌ର ଜଣେ ଛାତ୍ର ଅଟନ୍ତି । ସେ (ସଦର୍ ସାହେବ) କୁହନ୍ତି, ଆମ ଜମାଅତ୍‌ରେ ମିଟିଂ ଏକ ହେଲା ମିଟିଂରେ ଜମାଅତ୍‌ର ସଦର୍ (ସଭାପତି) ମହୋଦୟ ଏକ ଛାତ୍ରର ଚର୍ଚ୍ଚା କଲେ । ସେହି ଛାତ୍ର ଜଣକ ତେହ୍‌ରିକେ ଜଦିଦ୍‌ର ଚାନ୍ଦାରେ ପ୍ରତିଦ୍ୱନ୍ଦ୍ୱିତ ଭବାରେ ଭାଗ ନେଲା । ସଭାପତି ମହୋଦୟ କୁହନ୍ତି ଯେ, ମୁଁ ଏହା ଅନୁଭବ କଲି କି ମୁଁ ତ' ଆଜନ୍ମ ଅହେମଦି ଅଟେ ଏବଂ ଉକ୍ତ ଛାତ୍ର ଜଣକ ଚାରି ବର୍ଷ ପୂର୍ବେ ବୈଅତ୍ କରିଛି । ଉକ୍ତ ଛାତ୍ର ଜଣକ ଆର୍ଥିକ ବଳିଦାନରେ ଏତେ ଆଗକୁ ବଢି ଯାଇଛି ଯେ, ମୁଁ ଅଗ୍ରସର ହୋଇପାରି ନାହିଁ ? ସୁତରାଂ ମୁଁ ମନରେ ଏହି ବିଚାର କଲି ଓ

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ।"

**(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)**

**ତାଲିବେ ଦୁଆ:** Mohammad Moin,
S/o- Mohammad Majid,
Jamat Ahmadiya Karadapalli (Odisha)

**ନବୀ ସ.ଅଙ୍କ ବାଣୀ:-**

**"ଇଜ୍‌ତନିବୁଲ୍ ଗଜିବା"**

ଅର୍ଥାତ କ୍ରୋଧରୁ ସର୍ବଦା ବର୍ଜିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

**ତାଲିବେ ଦୁଆ:** Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ସ୍ଥିର କଲି ଯେ, ମୋତେ ମଧ୍ୟ ନିଜ ଚାନ୍ଦାର ୱାଦାରେ ଅଭିବୃଦ୍ଧି କରିବା ଉଚିତ୍ । ମୁଁ ଲଜ୍ଜିତ ହେଲି ।

ସୁତରାଂ ମୁଁ ନିଜ ଚାନ୍ଦାର ୱାଦାକୁ ବୃଦ୍ଧି କରିଦେବା ନିମନ୍ତେ ମନସ୍ଥ କଲି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେଠାରେ ଅର୍ଥାତ୍ ମଜ୍‌ଲିସେ ଆମିଲାରେ ମଧ୍ୟ ଉକ୍ତ କଥାର ଚର୍ଚ୍ଚା ହେଉଥିଲା । ଅର୍ଥାତ୍ ସଦର ସାହେବ ଲୋକମାନଙ୍କୁ ଆର୍ଥିକ ବଳିଦାନ ଦେବା ନିମନ୍ତେ ଅନୁପ୍ରାଣିତ କରୁଥିଲେ ଯେ, ହ. ଅବୁ ବକ୍କର ର.ଅ କିପରି ନିଜର ଆର୍ଥିକ ବଳିଦାନ ଉପସ୍ଥାପିତ କରିଥିଲେ । ସର୍ବସ୍ୱ ତ୍ୟାଗ କରି ଦେଇଥିଲେ ଓ ଆଁହଜରତ ସ.ଅଙ୍କ ପାଦ ତଳେ ଆଣି ନିଜର ସର୍ବସ୍ୱ ଉପସ୍ଥାପିତ କରି ଦେଇଥିଲେ । ମହୋଦୟ କୁହନ୍ତି: "ଉକ୍ତ ଉଦାହରଣକୁ ଦେଖି ମୋ ମନରେ ଆହୁରି ଉତ୍ସାହ ସୃଷ୍ଟି ହେଲା ଏବଂ ମୋ ମନରେ ଏହି ଧାରଣ ଉତ୍ପନ୍ନ ହେଲା ଯେ, ସେ ଯାହା ହେଉ ମୋତେ ମୋର ୱାଦା (ଅଙ୍ଗୀକୃତ ଚାନ୍ଦା ଦେବା ନିମନ୍ତେ ପ୍ରତିଜ୍ଞା କରିବା) ବୃଦ୍ଧି କରିଦେବା ଉଚିତ୍ । ମୋର ସାମର୍ଥ୍ୟତା ଥାଉ କି ନଥାଉ ମୁଁ କିନ୍ତୁ ବଳିଦାନ ଦେବି । ମୁଁ ଚାନ୍ଦା ଦେବା ନିମନ୍ତେ ଏତେ ୱାଦା ଲେଖାଇ ଦେଲି ଯେ, ଅପରମୁହୂର୍ତ୍ତରେ ମୁଁ ଚିନ୍ତିତ ଥିଲି ଯେ, କିପରି ଏହି ଚାନ୍ଦା ପୈଠ କରିବି ? ଉକ୍ତ ୱାଦା ତଥା ଚାନ୍ଦାର ଅର୍ଥକୁ ପୈଠ କରିବା ନିମନ୍ତେ ମୁଁ ଏକ ସାମୟିକ ଅର୍ଥ ଉପାର୍ଜନର ଏକ ଉପାୟ ବାହାର କଲି । ସେହି ଉପାୟଟି ଏହିପରି ଥିଲା ମୁଁ ଏକ ପାର୍ଟ୍ ଟାଇମ୍ ଟ୍ୟାକ୍ସି ସେବା ଆରମ୍ଭ କଲି । ମୁଁ ଛାତ୍ରମାନଙ୍କ ସହିତ ଟ୍ୟାକ୍ସି ମଧ୍ୟ ଚଳେଇବି ଓ ନିଜର ୱାଦା ମଧ୍ୟ ପୂର୍ଣ୍ଣ କରିବି । ଏତଦ୍‌ପରେ ମୋତେ ଉକ୍ତ କାର୍ଯ୍ୟରେ ବହୁତ ଆନନ୍ଦ ପ୍ରାପ୍ତ ହେବାକୁ ଲାଗିଲା । ଅର୍ଥାତ୍ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତ କରିବା ସକାଶେ ତାହାଙ୍କ ମାର୍ଗରେ ବଳିଦାନ ଦେବା ନିମନ୍ତେ ମୁଁ ଉକ୍ତ କାର୍ଯ୍ୟଟି କରୁଛି । ନିଜର ପେଟ ପାଟଣା ନିମନ୍ତେ ମୁଁ ଉକ୍ତ କାର୍ଯ୍ୟ ଅର୍ଥାତ୍ ଟ୍ୟାକ୍ସି ଚଳେଇବା କାମ ମୁଁ ଚାନ୍ଦା ଓ ୱାଦା ପୂରଣ କରିବା ନିମନ୍ତେ କରୁଛି । ମହୋଦୟ କୁହନ୍ତି ଯେ, ମୋ ଉପରେ ଏପରି ପରିସ୍ଥିତି ମଧ୍ୟ ଆସିଥିଲା ଯେ, ମୋ ପାଖରେ ପେଟ୍ରୋଲ୍ ପକାଇବା ନିମନ୍ତେ ଟଙ୍କା ମଧ୍ୟ ହେଉ ନଥିଲା । ସେପରିପ୍ରେକ୍ଷୀରେ ମୁଁ ନିଜ ପିତାଶ୍ରୀଙ୍କ ଠାରୁ ଋଣ ନେଉଥିଲି ଏବଂ ପୁନଶ୍ଚ କାର୍ କାମ କରୁଥିଲି । କାମ କରି ପିତାଶ୍ରୀଙ୍କ ଋଣ ମଧ୍ୟ ପରିଶୋଧ କରିଦେଉଥିଲି । ଚାନ୍ଦା ମଧ୍ୟ ଦେଉଥିଲି । ଏହିପରି ଭାବରେ ମୁଁ ନିଜର ୱାଦା ମଧ୍ୟ ପୂରଣ କରି ଚାଲୁଥିଲି । ପରିଶେଷରେ ମୁଁ ମୋର ପ୍ରତିଶୃତ ଚାନ୍ଦା ମଧ୍ୟ ପୈଠ କରିଦେଲି । ଏହି ଚାନ୍ଦା ପୈଠ କରିବାର ମୋର କୌଣସି ଆଶା ନଥିଲା । ଅଲ୍ଲାଃତାଲା ଚାନ୍ଦା ପୈଠ କରାଇବାର ସାଧନ ସୃଷ୍ଟି କରିଦେଲେ । ଏହାର କୌଣସି ଆଶା ନଥିଲା । ଅଲ୍ଲାଃତାଲା ପୈଠ କରିବାର ସାଧନ ମଧ୍ୟ ସୃଷ୍ଟି କରିଦେଲେ ।"

ଜର୍ମାନୀର ରୋଡ୍‌ଗାଓ (Rodgav) ଜମାଅତ୍‌ର ସଦର୍ ସାହେବ କୁହନ୍ତି ଯେ, ଆମ ଜମାଅତ୍‌ର ଯେଉଁ ଟାର୍ଗେଟ୍ (ଲକ୍ଷ୍ୟ) ରହିଥିଲା ତାହା ଆମେ ପ୍ରାପ୍ତ କଲୁ । ଅର୍ଥାତ୍ ପୂର୍ଣ୍ଣ କଲୁ । ସେଠାରେ ଆଜି କାଲି ମସ୍‌ଜିଦ୍ ନିର୍ମାଣ କରୁଛୁ ଆମେ । ସେଠାରେ ଖୁଦ୍ଦାମୁଲ୍ ଅହେମଦିୟାର କାଏଦ୍ ମସ୍‌ଜିଦ୍ ନିର୍ମାଣ ସଂପର୍କରେ କହିଲେ, ତେଣୁ ଆମମାନଙ୍କୁ ଅତିରିକ୍ତ ଅର୍ଥ ଏକତ୍ରିତ କରିବା ଉଚିତ୍ ଓ ଆମମାନଙ୍କ ଏଠାରେ ପୋଟେନ୍‌ସିଆଲ୍ (potential) (ସମ୍ଭାବ୍ୟ) ଅଟେ । ଲୋକମାନଙ୍କ ମଧ୍ୟରେ ଚାନ୍ଦା ଦେବା ନିମନ୍ତେ ଯୋଗ୍ୟତା ତଥା ସାମର୍ଥ୍ୟତା ରହିଛି । ସେହିପରି ଆମମାନଙ୍କୁ ତେହ୍‌ରିକେ ଜଦିଦ୍ ବଳିଦାନରେ ମଧ୍ୟ ଅଗ୍ରସର ହେବା ଉଚିତ୍ । ତହିଁରେ ମଧ୍ୟ ଆମମାନଙ୍କର ସ୍ତର ଉନ୍ନୀତ ହୋଇପାରିବ । ମହୋଦୟ କୁହନ୍ତି ଯେ, 2019 ମସିହା ଠାରୁ ଆମେମାନେ ଆର୍ଥିକ ବଳିଦାନ ଦେବା ପ୍ରତି ଧ୍ୟାନ ଦେବା ଆରମ୍ଭ କରିଥିଲୁ । ସେତେବେଳେ ଆମର ଚାନ୍ଦା କେବଳ କିଛି ହଜାର ୟୁରୋ ଥିଲା । କିନ୍ତୁ ବର୍ତ୍ତମାନ ଏତେ ବୃଦ୍ଧି ପାଇଛି ଯେ ତାହା ଲକ୍ଷାଧିକ ୟୁରୋ ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ଲୋକାମନେ ଆନନ୍ଦ ସହକାରେ ବଳିଦାନ ଦେଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, କେତେକ ଲୋକମାନଙ୍କ ମନରେ ଏହିପରି ଭାବରେ ତେହ୍‌ରିକ (ଆହ୍ୱାନ ବା ଅନ୍ଦୋଳନ) ସୃଷ୍ଟି ହୋଇଥାଏ। ଅର୍ଥାତ୍ କେତେକ ଉତ୍ସର୍ଗୀକୃତ ଜୀବନ ନିଜର ଭତ୍ତା ଦେଉଛନ୍ତି ଏବଂ ମୁଁ ବି ଅସଂଖ୍ୟ ଅର୍ଥ ଉପାର୍ଜନ କରୁଛି । ମୁଁ କାହିଁକି ଏପରି ବଡ଼ ବଳିଦାନ ଦେଇ ପାରିବି ନାହିଁ । ସୁତରାଂ ଯେଉଁ ଅର୍ଥ ମିଳିଲା ତାହା ବହୁତ ବଡ଼ ଥିଲା । ମୁଁ ତାହାକୁ ଚାନ୍ଦାରେ ଦେଇଦେଲି । ପରବର୍ତ୍ତୀ ଦିନ ନିଜର ୱାଦାକୁ କେବଳ ବୃଦ୍ଧି କରି ଉପସ୍ଥାପିତ କଲେ ନାହିଁ ବରଂ ଏହାଠୁ ବି ଅଧିକ ବୃଦ୍ଧି କରିଦେଲେ । ସେ କୁହନ୍ତି : "ଅଲ୍ଲାଃତାଲାଙ୍କ କୃପା ହେଲା ମୋତେ ବହୁତ ବଡ଼ ବଡ଼ କଣ୍ଟ୍ରାକ୍ଟ ମିଳିବାକୁ ଲାଗିଲା ଥିଲା । ଅର୍ଥାତ୍ 40, 50 ହଜାର ୟୁରୋ ପର୍ଯ୍ୟନ୍ତ ମୋତେ ଚାନ୍ଦା ଦେବା ନିମନ୍ତେ ସାମର୍ଥ୍ୟ ପ୍ରାପ୍ତ ହେଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଚାନ୍ଦା ଦେବା ଦ୍ୱାରା ଏହି ପ୍ରଭାବ ପଡ଼ିଲା ଯେ, ପୁଣ୍ୟାବସ୍ଥା ଜାଗ୍ରତ ହୋଇଯାଇଥିଲା । ଅଲ୍ଲାଃତାଲାଙ୍କ ସକାଶେ ବଳିଦାନ ଦେବା ନିମନ୍ତେ ହୃଦୟରେ ଯେଉଁ ଉତ୍ସାହ ତଥା ଆଗ୍ରହ ରହିଥିଲା ତାହା ସୃଷ୍ଟି ଏବଂ ଜାଗ୍ରତ ହୋଇଯାଇଥିଲା । ଅତଃ ସେ ନିଜର ବ୍ୟକ୍ତିଗତ ଖର୍ଚ୍ଚ ମଧ୍ୟ ହ୍ରାସ କରିଦେଲେ ଏବଂ ସ୍ୱୟଂ ସରଳ ବସ୍ତ୍ର ପରିଧାନ କରି ଜୀବନ ଅତିବାହିତ କରିବାକୁ ଲାଗିଲେ । କେବଳ ସେତିକି ନୁହଁ ବରଂ ସଂପୂର୍ଣ୍ଣ ସରଳ ଜୀବନ ଯାପନ କରିବାକୁ ଲାଗିଲେ ଓ ଆର୍ଥିକ ବଳିଦାନ କରିବାରେ ସେ ପ୍ରତିସ୍ୱର୍ଦ୍ଧିତ ଭାବରେ ଅଂଶ ଗ୍ରହଣ କରୁଥିଲେ ।"

ସେକ୍ରେଟାରୀ ମାଲ୍ ସାହେବ କୁହନ୍ତି ଯେ, ଆମେମାନେ ଆଶ୍ଚର୍ଯ୍ୟ ଚକିତ ଥିଲୁ ଯେ, ତାଙ୍କର ପ୍ରକାଶ୍ୟ ଅବସ୍ଥା ଏପରି ନାହିଁ । କିନ୍ତୁ ସେ ଅସୀମ ବଳିଦାନ ଦେଉଛନ୍ତି । ଉକ୍ତ ପ୍ରସଙ୍ଗକୁ କେନ୍ଦ୍ର କରି ମୋତେ ଏକ ପୁରୁଣା ଘଟଣା ମନେପଡ଼ିଗଲା । କରାଚୀରେ ଆମର ମଜିଦ୍ ସାହେବ ନାମକ ଜନୈକ ବୃଦ୍ଧ ବନ୍ଧୁ ଥିଲେ । ସେ ବହୁତ ଆର୍ଥିକ ବଳିଦାନ ଦେଉଥିଲେ ଏବଂ ନିଜ ଘରର ଖର୍ଚ୍ଚ ନିମନ୍ତେ ଅର୍ଥ ରଖି ଅନ୍ୟ ଅର୍ଥ ସମସ୍ତ ତେହ୍‌ରିକାତ୍‌ରେ ପ୍ରତିସ୍ୱର୍ଦ୍ଧିତ ଭାବରେ ଅଂଶ ଗ୍ରହଣ କରୁଥିଲେ । ହ. ଖିଲଫତୁଲ୍ ମସିହ୍ ରାବେ ର.ଅଙ୍କ କାଳରେ ସେ ପବିତ୍ର କୁରଆନ୍ କରୀମ୍‌ର ପ୍ରକାଶନ ନିମନ୍ତେ ଓ ଅନ୍ୟାନ୍ୟ ଆହ୍ୱାନ ନିମନ୍ତେ ପ୍ରତିସ୍ୱର୍ଦ୍ଧିତ ଭାବରେ ବଳିଦାନ ଦେଉଥିଲେ । ସେ ଏକଥା କହୁଥିଲେ ଯେ, ମୁଁ ଯେଉଁ ବାଣିଜ୍ୟ ବ୍ୟାପାର କରୁଛି ତାହା ଜମାଅତ ସକାଶେ ହିଁ କରିଥାଏ ।

ସୁତରାଂ ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ଏପରି ଲୋକମାନେ ମଧ୍ୟ ଜମାଅତ୍‌ରେ ସୃଷ୍ଟି କରିଛନ୍ତି ଏବଂ ସୃଷ୍ଟି କରି ଚାଲିଛନ୍ତି। ଅର୍ଥାତ୍ ଯେଉଁମାନେ ଅର୍ଥୋପାର୍ଜନ ଏଇଥି ପାଇଁ କରନ୍ତି ଯେ, ଜମାଅତ୍‌ର ଆବଶ୍ୟକତା ପୂରଣ ହେଉ । ସେହି ଲୋକମାନେ ଧନକୁ ଏକତ୍ରିତ କରିବା ଉଦ୍ଦଶ୍ୟରେ ଅର୍ଥୋପାର୍ଜନ କରନ୍ତି ନାହିଁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, କାଦିୟାନ୍‌ର ୱକିଲୁଲ୍ ମାଲ୍ ସାହେବ ଉଲ୍ଲେଖ କରନ୍ତି ଯେ, କେରଳର ଜଣେ ମହୋଦୟ ବ୍ୟକ୍ତି ଅଟନ୍ତି । ସେ କୁହନ୍ତି ଯେ, ମୋ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିଲା । ମୋତେ କିଛି କାମ ଦାମ ମିଳୁ ନଥିଲା । ପରିଶେଷରେ ମୁଁ ଭାବିଲି ଯେ, ମୁଁ ଆଉ ତ' କିଛି କରି ପାରିବି ନାହିଁ ଅନ୍ତତଃ ବସ୍ତ୍ର ବିକ୍ରି କରିବାର କାମ ଆରମ୍ଭ କରିଦେବି । ସୁତରାଂ ମୁଁ ଫୁଟ୍‌ପାଥ୍ ଉପରେ ଏକ ଟେବୁଲ୍ ଲଗାଇ କାମ ଅରମ୍ଭ କରିଦେଲି ଓ ନିୟମିତ ଚାନ୍ଦା ଦେବା ଆରମ୍ଭ କରିଦେଲି । ନିୟମିତ

## ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ) ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

ହିସାବ କିତାବ କରି ଚାନ୍ଦା ଦେଉଥିଲି । ଯାହା ବି ଆୟ ହେଉଥିଲା ତହିଁରେ ଅଲ୍ଲାଃତାଲାଙ୍କ କୃପାରୁ  କଲ୍ୟାଣ ପଡ଼ିଲା । ବର୍ତ୍ତମାନ ମୁଁ ଅଲ୍ଲାଃତାଲାଙ୍କ କୃପାରୁ ବଡ଼ ବଡ଼ ରାଶି ଚାନ୍ଦାରେ ଦେଉଛି । ବ୍ୟବସାୟ ମଧ୍ୟ ଦୁଇ ତିନି ବର୍ଷରେ ବୃଦ୍ଧି ପାଇଛି। ଯେଉଁଠି ଅନ୍ୟ ଲୋକମାନେ ପରିସ୍ଥିତି ଯୋଗୁଁ ବ୍ୟବସାୟରୁ ପ୍ରଭାବିତ ହୋଇଛନ୍ତି । କିନ୍ତୁ ତାଙ୍କ କାର୍ଯ୍ୟରେ ଅଲ୍ଲାଃତାଲା ଅଜସ୍ର କଲ୍ୟାଣ ପ୍ରଦାନ କଲେ ଓ ସେ ପ୍ରଭାବିତ ହେଲେ ନାହିଁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏ ହେଉଛି ଚାନ୍ଦା ଦେବାର କଲ୍ୟାଣ । କେତେକ ଲୋକମାନେ କୁହନ୍ତି ଯେ, ଅମକ ବ୍ୟକ୍ତି ମଧ୍ୟ କାର୍ଯ୍ୟ କରୁଛି । ଅଲ୍ଲାଃତାଲା ସେହି ବ୍ୟକ୍ତିର କାର୍ଯ୍ୟରେ ଅଜସ୍ର କଲ୍ୟାଣ ପ୍ରଦାନ କରିଦେଇ ଥାଆନ୍ତି ଏବଂ ଆମେ ମଧ୍ୟ କାର୍ଯ୍ୟ କରିଥାଉ । କାହିଁ ଆମକୁ ତ' ଏତେ କଲ୍ୟାଣ ପ୍ରାପ୍ତ ହେଉ ନାହିଁ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉଦ୍ଦେଶ୍ୟ ଯଦି ସତ୍ ହୋଇଥିବ ତେବେ ଅଲ୍ଲାଃତାଲା ଲାଭ ମଧ୍ୟ ପ୍ରଦାନ କରି ଚାଲନ୍ତି। ସୁତରାଂ ଅହେମଦି ହେବାର ଏହା ଲାଭ ରହିଛି ଯେ, ଅଲ୍ଲାଃତାଲା ବଳିଦାନକୁ ସ୍ୱୀକାର କରି ଥାଆନ୍ତି ଏବଂ ତତ୍‌ସହିତ ଯେଉଁ ଦୁଆ ରହିଛି ତାହାକୁ ମଧ୍ୟ ଅଲ୍ଲାଃତାଲା ସ୍ୱୀକାର କରିଥାଆନ୍ତି । ପୁନଶ୍ଚ ଅଜସ୍ର କଲ୍ୟାଣ ମଧ୍ୟ ପ୍ରକଟିତ ଓ ପ୍ରାପ୍ତ ହୋଇଥାଏ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ତେବେ ଏହି ବ୍ୟକ୍ତିଙ୍କର ମଧ୍ୟ ବଳିଦାନ ରହିଛି । ଉକ୍ତ ବ୍ୟକ୍ତି ମହୋଦୟ କୁହନ୍ତି ଯେ, ଅଲ୍ଲାଃତାଲାଙ୍କ ସକାଶେ ଯେଉଁ ବଳିଦାନ ମୁଁ ଦେଲି, ନିୟମିତ ଚାନ୍ଦା ଦେଉଥିଲି । ତେଣୁ ନିୟମିତ ଚାନ୍ଦା ଦେବାର ଏହି ପରିଣାମ ହେଲା ଯେ, ବ୍ୟବସାୟରେ ମୋତେ ଅଜସ୍ର କଲ୍ୟାଣ ପ୍ରାପ୍ତ ହେଲା, ଅନ୍ୟ ଲୋକମାନଙ୍କର ସାମାଜିକ ଅବସ୍ଥା ପରିସ୍ଥିତି ଯୋଗୁଁ ଖରାପ ହେଉଥିଲା । କିନ୍ତୁ ଏହାପରେ ବିପରୀତ ମୋତେ ଲାଭ ହିଁ ପ୍ରାପ୍ତ ହୋଇ ଚାଲିଲା । ବର୍ତ୍ତମାନ ମୋର ନିଜର ଦୋକାନ ରହିଛି । ହୁଜୁର ଅନ୍‌ୱର୍ ଅ.ବ କହିଲେ, କେଉଁଠି ଫୁଟ୍‌ପାଥ୍ ଉପରେ ଏକ ଠେଲା ଗାଡ଼ି ଛିଡ଼ା କରି ଟେବୁଲ ପକାଇ ଲୁଗା କପଡ଼ା ବିକ୍ରୟ କରୁଥିଲେ । କିନ୍ତୁ ଆଜି ତାଙ୍କର ଦୋକାନ ଓ ବଡ଼ ବଡ଼ ଶୋ ରୁମ୍ ମଧ୍ୟ ରହିଛି । ଅଲ୍ଲାଃତାଲାଙ୍କ କୃପାରୁ ଆପଣ ଲକ୍ଷାଧିକ ଟଙ୍କାର ଚାନ୍ଦା ପୈଠ କରୁଛନ୍ତି । ଚଳିତ ବର୍ଷ ସେ ତେହ୍‌ରିକେ ଜିଦିଦ୍ ଦଶ ଲକ୍ଷ ଟଙ୍କା ପୈଠ କରିଛନ୍ତି ।

ବାଂଲାଦେଶର ଜନୈକା ମହିଳା ଅଟନ୍ତି । ସେ ଉଲ୍ଲେଖ କରନ୍ତି ଯେ, ମୁଁ ଉତ୍ସର୍ଗୀକୃତ ଜୀବନ ଅଟେ । ଚାନ୍ଦା ପୈଠ କରୁଛି । ଖୁତ୍‌ବା ଶୁଣେ ଅଲ୍ଲାଃତାଲା ମୋ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିଛନ୍ତି ଏବଂ ମୋତେ ଯେଉଁ ୱଜିଫା ମିଳେ ସେହି ୱଜିଫା ମଧ୍ୟରୁ ଚାନ୍ଦା ଦିଏ ଓ ଅଲ୍ଲାଃତାଲା ସେହି ଚାନ୍ଦାରେ ଏପରି ଅଜସ୍ର କଲ୍ୟାଣ ପ୍ରଦାନ କରିଥାଆନ୍ତି ଯେ, ତାହା ମୋର କଳ୍ପନା ବହିର୍ଭୂତ ଅଟେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ସିରୀୟାର ଅଲୀ ସାହେବ ନାମକ ଜନୈକା ମହିଳା ଅଟନ୍ତି । ସେ କୁହନ୍ତି ଯେ, ମୁଁ ନବଦୀକ୍ଷିତା ଅଟେ। ତେହ୍‌ରିକେ ଜଦିଦ୍‌ର ପ୍ରଥମ ୱାଦା କଲେ । ନିଜର ପରିସ୍ଥିତି ଅନୁଯାୟୀ ବଡ଼ ୱାଦା ଲେଖାଇ ଦେଲି । ପୁନଶ୍ଚ ମନରେ କହିଲି ଯେ, ମୁଁ ରମ୍‌ଜାନ୍ ମାସ ପୂର୍ବରୁ ଉକ୍ତ ଅର୍ଥରାଶି ପୈଠ କରିଦେବି । ମୁଁ ଚାକିରୀ କରିଥିଲି, କୌଣସି କଣ୍ଟ୍ରାକ୍ଟ ଇତ୍ୟାଦି ନଥିଲା । ସରଳ କାର୍ଯ୍ୟ ଥିଲା । କର୍ଟୁନର ଡବିଂ ଇତ୍ୟାଦି କାର୍ଯ୍ୟ ମହୋଦୟ କରୁଥିଲେ । ମୁଁ ଚିନ୍ତିତ ହେଲି ଯେ, ମୁଁ କିପରି ଉକ୍ତ ୱାଦା ପୂର୍ଣ୍ଣ କରିବି । ଅତଃ ସେ ଯାହା ହେଉ ଉକ୍ତ ଚିନ୍ତାରେ ମୁଁ ଦିନେ ମ୍ୟାନେଜର ପାଖକୁ ଗଲି । ମ୍ୟାନେଜର୍‌କୁ ସଲାମ୍ କଲି । ମ୍ୟାନେଜର ସାହେବ ଫୋନ୍‌ରେ କାହା ସହିତ କଥାବର୍ତ୍ତା କରୁଥିଲେ । ସେ ମୋ ସହିତ ହାତ ମିଳାଇ ଉତ୍ତର ଦେଲେ ଯେ, ଅଲୀ ସାହେବ ! ହଉ ପରେ କଥା ହେବା । ଅଲୀ ସାହେବ କୁହନ୍ତି: "ମୁଁ ଯାଇ କ୍ୟାଣ୍ଟିନ୍‌ରେ ବସିଗଲି। ତେବେ ସେଠାରେ ସେହି କମ୍ପାନୀର ଯେଉଁ ଫାଇନାନ୍‌ସ ଅଫିସର ରହିଥିଲା ସେ ମୋ ପାଖକୁ ଆସିଲା ଏବଂ ମୋତେ ନିଜ ସହିତ ଯିବା ପାଇଁ କହିଲା । ସେ କହିଲା, ମ୍ୟାନେଜର୍ ସାହେବ କହିଛନ୍ତି ଯେ, ମୁଁ ଆପଣଙ୍କୁ ଏତିକି ଟଙ୍କା ଦେବି । ଟଙ୍କାର ଅର୍ଥାତ୍ ଦରମା ତାଲିକା ବର୍ତ୍ତମାନ ପ୍ରସ୍ତୁତ ହୋଇ ନଥିଲା । କିନ୍ତୁ ମ୍ୟାନେଜର୍ ସ୍ୱୟଂ ମୋ କାର୍ଯ୍ୟ ଦକ୍ଷତାକୁ ଆକଳନ କରି ମୋତେ ଏତେ ଟଙ୍କା ଦେଇଦେଲେ ଏବଂ ତାହା ଏତେ ଅର୍ଥ ଥିଲା ଯେ, ତହିଁରୁ ମୁଁ ତେହ୍‌ରିକେ ଜଦିଦ୍‌ର ଚାନ୍ଦା ପୈଠ କରିଦେବି । ମ୍ୟାନେଜର ସାହେବ ମୋତେ (ଅଲୀ ସାହେବଙ୍କୁ) କହିଲେ, ଅଲୀ ସାହେବ ଆପଣ ଦରମା କଥା କାହାକୁ କିଛି କହିବେ ନାହିଁ ଯେ, ଆପଣ କେତେ ଦରମା ପାଉଛନ୍ତି? ଉକ୍ତ ଦରମା ରାଶି କେବଳ ଆପଣଙ୍କୁ ହିଁ ମିଳିବ ।" ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହିପରି ଭବାରେ ଅଲ୍ଲାଃତାଲା ନିଜର କୃପା ମାଧ୍ୟମରେ ସାହାଯ୍ୟ କରିଥାଆନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, କ୍ୟାଲ୍‌ଗେରୀର ଜନୈକା ଛାତ୍ରୀ ନିଜ ବିଶ୍ୱାସ ସୁଦୃଢ ହେବା ଘଟଣା ସଂକ୍ରାନ୍ତରେ ଚର୍ଚ୍ଚା କରି କୁହନ୍ତି: "ଛାତ୍ରୀ ଜଣକ କୁହନ୍ତି, "ମୋତେ ପ୍ରତ୍ୟେକ ବ୍ୟକ୍ତି ଏହା କହୁଥିଲା ଯେ, ପାଠ ପଢିବା ଅବଧିରେ ଚାକିରୀ ମିଳିବା ଅତ୍ୟନ୍ତ କଷ୍ଟକର ଅଟେ । ମୁଁ ବହୁତ ଦୁଆ କଲି ଏବଂ ତେହ୍‌ରିକେ ଜିଦଦ୍‌ର ସଫେ ଅୱଲ୍‌ର ଯେଉଁ ଚାନ୍ଦା ପୈଠକାରୀ ବ୍ୟକ୍ତିମାନେ ରହିଥିଲା ସେମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେବା ନିମନ୍ତେ ଲେଖିଦେଲି । ଉକ୍ତ ୱାଦା ପ୍ରାୟ 1000/- ଡଲାର୍‌ର ଅଟେ । ଚାନ୍ଦା ଦେବା ଦ୍ୱାରା ଅଲ୍ଲାଃତାଲା ମୋ ଉପରେ ଏପରି କୃପା ଅବତୀର୍ଣ୍ଣ କଲେ ଯେ, ମୋତେ ତିନି ଦିନ ଭିତରେ ହିଁ ଜବ୍ (ଚାକିରୀ) ଖଣ୍ଡେ ମିଳିଗଲା। ମୋର ଏକ ସେମିଷ୍ଟାର୍ ମଧ୍ୟ ନଷ୍ଟ ହେଲା ନାହିଁ । ମୋତେ ପଇସା ମଧ୍ୟ ମିଳିଗଲା। ଲୋକମାନେ ଉକ୍ତ କଥା ଯୋଗୁଁ ଆଶ୍ଚର୍ଯ୍ୟଚକିତ ଥିଲେ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଫ୍ରିକାର କେତେକ ଦରିଦ୍ର ରାଷ୍ଟ୍ରମାନେ ରହିଛନ୍ତି । ତନ୍ମଧ୍ୟରୁ ଗିନି କନାକେରୀ ନାମକ ଅନ୍ୟତମ ରାଷ୍ଟ୍ର ରହିଛି । ସେଠାକାର ମୁବଲ୍ଲିଗ୍ ଇନ୍‌ଚାର୍ଜ ସାହେବ ଉଲ୍ଲେଖ କରନ୍ତି ଯେ, ସେଠାକାର ଅବ୍‌ଦୁଲ୍ଲାଃ କୁମାରା ସାହେବ ନାମକ ଜନୈକ ସ୍ଥାନୀୟ ସଦର୍ ଜମାଅତ୍ କୁହନ୍ତି: "ମୁଁ ଅହେମଦିୟତ୍ ସ୍ୱୀକାର କରିବା ପରେ ନିୟମିତ ଭାବରେ ଚାନ୍ଦା ଦେବା ଆରମ୍ଭ କରିଦେଲି ଏବଂ ଚଳିତ ବର୍ଷ ମୋର ଯେଉଁ ୱାଦା ରହିଥିଲା ତାହା 40,000/- ଫ୍ରାଙ୍କ୍ କମି ( ସ୍ଥାନୀୟ ମୁଦ୍ରା) ଥିଲା । ଯେତେବେଳେ ସ୍ଥାନୀୟ ମୁଅଲ୍ଲିମ୍ ସାହେବ ଚାନ୍ଦା ଆଦାୟ କରି ଫେରିବାକୁ ଲାଗିଥିଲେ ସେତେବେଳେ ମୁଅଲ୍ଲିମ୍ ସାହେବ କହିଲେ, ଏତିକି କମି ( ସ୍ଥାନୀୟ ମୁଦ୍ରା) ? ତେଣୁ ଅବ୍‌ଦୁଲ୍ଲାଃ କୁମାରା ସାହେବ ଲଜ୍ଜିତ ହେଲେ । ଅବ୍‌ଦୁଲ୍ଲାଃ ସାହେବ କହିଲେ, ମୁଁ ନିଜ ଘରକୁ ଆସିଲି ଏବଂ ମୋ ଘରେ ଘର ଖର୍ଚ୍ଚ ପାଇଁ ଯେଉଁ ଅର୍ଥ ରାଶି ରହିଥିଲା ତାହା ମୁଁ ପୈଠ କରିଦେଲି। ପରବର୍ତ୍ତୀ ଦିନ ଅଲ୍ଲାଃତାଲା ମୋତେ ଏହିପରି ଫେରସ୍ତ କଲେ ଯେ, ଏକ ବ୍ୟକ୍ତିର ମୋତେ ଫୋନ ଆସିଲା । ସେ କହିଲା, ମହୋଦୟ ! ଅମକ ସମୟରେ ମୁଁ ତୁମ ଠାରୁ କାମ କରାଇଥିଲି ଏବଂ ମୁଁ ତୁମର ପାରିଶ୍ରମିକ ନଦେଇ ଚାଲି ଯାଇଥିଲି । ତେଣୁ ମୁଁ ଏଥି ନିମନ୍ତେ କ୍ଷମାପ୍ରାର୍ଥୀ ଅଟେ। ବର୍ତ୍ତମାନ ତୁମେ ମୋତେ କୁହ ଯେ, ତୁମେ କ'ଣ ଚାହୁଁଛ ? କ'ଣ ନେବାକୁ ଚାହୁଁଛ ? ଅବ୍‌ଦୁଲ୍ଲାଃ ସାହେବ କୁହନ୍ତି: "ମୁଁ ସେହି ବ୍ୟକ୍ତିକୁ କହିଲି,

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad,
Jamat Ahmadiya Paradeep (Kerang)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।" (ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

ମହୋଦୟ ! ସେତେବେଳେ ଆପଣ ମୋତେ ଯେଉଁ ପାରିଶ୍ରମିକ ଦେଇ ନଥିଲେ, ଏତେ ବର୍ଷ ପରେ ସେହି ପାରିଶ୍ରମିକର ମୂଲ୍ୟ ଏହିପରି ହେବ ଯେ, ମୁଁ ଏକ ମୋଟର ଯାନ କ୍ରୟ (କିଣିବାକୁ) କରିବାକୁ ଚାହୁଁଛି ଏବଂ ମୋ ଘରର ନିର୍ମାଣ କାର୍ଯ୍ୟ କରୁଛି । ତେଣୁ ଉକ୍ତ ନିର୍ମାଣ କାର୍ଯ୍ୟକୁ ମୁଁ ସଂପୂର୍ଣ୍ଣ କରିବାକୁ ଚାହୁଁଛି । ତେଣୁ ଏଥି ନିମନ୍ତେ ମୋତେ ଅର୍ଥ ରାଶିର ଆବଶ୍ୟକତା ରହିଛି । ସୁତରାଂ ସେହି ବ୍ୟକ୍ତି ଜଣକ ମୋତେ ତୁରନ୍ତ ଟଙ୍କା ପୈଠ କରିଦେଲେ ଏବଂ ସେ ମୋତେ କହିଲେ, ହେ ଶ୍ରମିକ ମହୋଦୟ ! ଏହା ତୁମର ପାରିଶ୍ରମିକ ଅଟେ । କିନ୍ତୁ ଅବଦୁଲ୍ଲାଃ ସାହେବ କୁହନ୍ତି: ଉକ୍ତ ଅର୍ଥରାଶି ମୋର ପାରିଶ୍ରମିକ ଠାରୁ ଅଧିକ ଥିଲା । ଅବଦୁଲ୍ଲାଃ ସାହେବ କୁହନ୍ତି: "ଅଲ୍ଲାଃତାଲା ଏହିପରି ଭାବରେ ଅନେକ ଗୁଣା ଅଭିବୃଦ୍ଧି କରି ମୋତେ ପ୍ରଦାନ କଲେ ଏବଂ ମୁଁ ଭାବୁଛି ଯେ, ଏସବୁ ଚାନ୍ଦା ଦେବାର କଲ୍ୟାଣ ଅଟେ ।"

ସେଣ୍ଟ୍ରାଲ୍ ଆଫ୍ରିକୀୟ ଗଣରାଜ୍ୟର ମୁବଲ୍ଲିଗ୍ ଇନ୍‌ଚାର୍ଜ ସାହେବ କହନ୍ତି: "ଇସା ସାହେବ ନାମକ ଜନୈକ ବ୍ୟକ୍ତି ଅଟନ୍ତି ସେ ମୋତେ କହିଲେ, ମହୋଦୟ ! ମୋ ଜୀବନରେ ଅନେକ ସମସ୍ୟା ରହିଥିଲା । ଘରରର ପରିସ୍ଥିତି ଅତି ଶୋଚନୀୟ ଥିଲା । ଭାବୁଥିଲି ଯେ, ଜମାଅତ୍ ଠାରୁ ଋଣ ନେବା ନିମନ୍ତେ ଆବେଦନ କରିବି । ଦିନେ ତେହ୍‌ରିକେ ଜଦିଦ୍ ଓ ଅଲ୍ଲାଃତାଲାଙ୍କ ମାର୍ଗରେ ବଳିଦାନ ଦେବା ସଂପର୍କରେ ଭାଷଣ ଶୁଣିଲି । ଭାଷଣରେ ଶୁଣିଲି ଯେ, ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ ଆଠଣା (ପଚାଶ ପଇସା) ଦିଏ ଅଲ୍ଲାଃତାଲା ସେହି ଆଠଣାକୁ ଦଶଗୁଣା କରି ଫେରସ୍ତ କରି ଦିଅନ୍ତି । ମହୋଦୟ କୁହନ୍ତି ମୁଁ କହିଲି, ମୁଁ ମଧ୍ୟ ଏହି ଅଭିଜ୍ଞତା ପ୍ରାପ୍ତ କରିବାକୁ ଚାହୁଁଛି ଓ ପରୀକ୍ଷା କରି ଦେଖିବାକୁ ଚାହୁଁଛି ଯେ, ବାସ୍ତବରେ ଅଲ୍ଲାଃତାଲାଙ୍କ ମାର୍ଗରେ ବ୍ୟୟ କଲେ କିଛି ମିଳୁଛି ନା ନାହିଁ ? ମୁଁ ସେହି ଦିନରୁ ଚାନ୍ଦା ଦେବା ଆରମ୍ଭ କରିଦେଲି । ଅଲ୍ଲାଃତାଲା ଏପରି କଲେ ଯେ, ତୁର୍କୀର ଜଣେ ହୀରା ବ୍ୟବସାୟୀ ମୋତେ ନିଜ କମ୍ପାନୀକୁ ନେଇଗଲା ଏବଂ ମୋର ଅବସ୍ଥା ଦିନକୁ ଦିନ ଭଲ ହେବାକୁ ଲାଗିଲା । ଅଲ୍ଲାଃତାଲାଙ୍କ କୃପାରୁ ବର୍ତ୍ତମାନ ମୁଁ ନିଜର ଘର ମଧ୍ୟ ନିର୍ମାଣ କରି ନେଇଛି, ଦୁଇ ଚକିଆ, ଚାରି ଚକିଆ ଯାନ ବାହାନ ମଧ୍ୟ କ୍ରୟ କରି ନେଇଛି । ପୂର୍ବେ ମୋ ନିକଟରେ ମୋଟର ଗାଡ଼ି ଠିକ୍ କରିବା ନିମନ୍ତେ ପଇସା ମଧ୍ୟ ହେଉ ନଥିଲା ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ଉକ୍ତ ସ୍ଥିତି କେବଳ ଗରିବ ଓ ଅଭାବି ଦେଶମାନଙ୍କର କଥା ନୁହେଁ ବରଂ ଯେଉଁମାନଙ୍କର ବିଶ୍ୱାସ ଦୃଢ ରହିଛି ସେମାନଙ୍କର ମଧ୍ୟ ଏହା ଏକ ପ୍ରସଙ୍ଗ ଅଟେ । ଅର୍ଥାତ୍ ଦୃଢ ବିଶ୍ୱାସୀ ବ୍ୟକ୍ତିମାନେ ପ୍ରତ୍ୟେକ ସ୍ଥାନରେ ଏପରି ଦୃଶ୍ୟ ଅବଲୋକନ କରିଥାନ୍ତି । ଯେଉଁମାନେ ସତ୍‌ଉଦ୍ଦେଶ୍ୟ ରଖି ଅଲ୍ଲାଃତାଲାଙ୍କ ସକାଶେ ବଳିଦାନ ଦେବାକୁ ଚାହାନ୍ତି ଏବଂ ବଳିଦାନ ଦିଅନ୍ତି ସେମାନେ ଏହିପରି ଦୃଶ୍ୟ ଅବଲୋକନ କରିଥାଆନ୍ତି । ଅଲ୍ଲାଃତାଲା ଏହି ଲୋକମାନଙ୍କୁ ହିଁ ଏହିପରି ଦୃଶ୍ୟାବଲୋକନ କରାଇ ଥାଆନ୍ତି । ସୁତରାଂ ଧନୀକ ରାଷ୍ଟ୍ରରେ ବାସ କରୁଥିବା ଲୋକମାନେ ଏବଂ ଦରିଦ୍ର ରାଷ୍ଟ୍ରରେ ବାସ କରୁଥିବା ଲୋକମାନଙ୍କର ବିଶ୍ୱାସ ଏବଂ ଧର୍ମକୁ ଅଲ୍ଲାଃତାଲା ଦୃଢୀଭୂତ କରିବାର ସାଧନ ସୃଷ୍ଟି କରିଥାଆନ୍ତି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆମେରିକାର ସେକ୍ରେଟାରୀ ତେହ୍‌ରିକେ ଜଦିଦ୍ ସାହେବ ଅଟନ୍ତି । ସେ ଉଲ୍ଲେଖ କରନ୍ତି ଯେ, ଡେଲାସ୍ ଜମାଅତ୍‌ର ଜଣେ ସେବକ କଲେଜ୍‌ରେ କାର୍ଯ୍ୟରତ ଅଟନ୍ତି । ଅଭିଭାବକଙ୍କ ଠାରୁ ତାଙ୍କୁ ଲଞ୍ଚ୍ (ମଧ୍ୟାହ୍ନ ଭୋଜନ) ନିମନ୍ତେ ପଇସା ମିଳୁଥିଲା । ସେକ୍ରେଟାରୀ ସାହେବ କୁହନ୍ତି ଯେ, ସଂପୃକ୍ତ ଯୁବକ ଜଣକ ଭାବିଲା ଯେ, ଅଲ୍ଲାଃତାଲା ମୋ ଉପରେ ଅସୀମ କୃପାବର୍ତୀର୍ଣ୍ଣ କରିଛନ୍ତି । ପ୍ରତ୍ୟେକ ଦିନ ବାହାରେ ମୁଁ ଆହାର ଖାଇ ପାରିଥାଆନ୍ତି । ତେଣୁ ଉକ୍ତ ଅର୍ଥରାଶି ଅନ୍ୟ କାର୍ଯ୍ୟ ବ୍ୟବହାର ହେବା ଉଚିତ୍ । ଅନେକ ସମୟ ପର୍ଯ୍ୟନ୍ତ ଭାବିବା ଦ୍ୱାରା ମୋ ମନରେ ଉକ୍ତ ଧାରଣା ଆସିଲା ଯେ, ମୁଁ ତେହ୍‌ରିକେ ଜଦିଦରେ ହିଁ ସାମିଲ୍ ହୋଇଯିବି ।

ସୁତରାଂ ସେ ସେହି ଅର୍ଥ ତେହ୍‌ରିକେ ଜିଦଦ୍‌ରେ ଦେଇ ଦେଲେ ଏବଂ ନିଜ ପେଟକୁ ସାଧାରଣ ଆହାର ଯୋଗାଇଲି । ଏତଦ୍‌ପରେ ଅଲ୍ଲାଃତାଲା ଏପରି କୃପା କଲେ ଯେ, ମୋ ପରୀକ୍ଷାର ଫଳାଫଳ ବହୁତ ଭଲ ରହିଲା। ମୋ ଜୀବନରେ ଶାନ୍ତି ଆସିଗଲା ଏବଂ ମୁଁ ଯେଉଁ ଦିନ ଠାରୁ ସ୍ୱଳ୍ପ ଖାଦ୍ୟ ବା ଆହାର ଖାଇବା ଆରମ୍ଭ କଲି ସେହି ଦିନ ଠାରୁ ମୁଁ ସ୍ୱଭାବରେ ଏକ ଶାନ୍ତି ଏବଂ ତୃପ୍ତି ଅନୁଭବ କଲି । ମୁଁ ଭାବୁଛି ଯେ, ଅଲ୍ଲାଃତାଲା ବିଶ୍ୱାସକୁ ବୃଦ୍ଧି କରିବାକୁ ଚାହୁଁଛନ୍ତି । ପ୍ରଭୁ ଯେଉଁ ବ୍ୟକ୍ତିର ବିଶ୍ୱାସକୁ ବୃଦ୍ଧି କରି ଥାଆନ୍ତି ମୁଁ ଭାବୁଛି ଯେ, ମୋ ଜୀବନର ଏହା ସର୍ବୋତ୍କୃଷ୍ଟ ନିର୍ଣ୍ଣୟ ଥିଲା । ମୁଁ ଅଲ୍ଲାଃତାଲାଙ୍କ ସକାଶେ ବଳିଦାନ ଦେବା ପ୍ରତି ଧ୍ୟାନ ଦେଲି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ବେଲ୍‌ଜିୟମ ନାମକ ଏକ ଦେଶ ରହିଛି । ଜନୈକ ମହିଳା ନିଜର ବଳିଦାନ ଦେବା ସଂକ୍ରାନ୍ତରେ ଉଲ୍ଲେଖ କରନ୍ତି: "ମୁଁ ଚାକିରୀଟିଏ ସନ୍ଧାନ କରୁଥିଲି । ଅନେକ ସ୍ଥାନରେ ଚାକିରୀ ନିମନ୍ତେ ଆବେଦନ କଲି । କିନ୍ତୁ ସବୁ ସ୍ଥାନରୁ ମୋର ଆବେଦନ ପ୍ରତ୍ୟାଖ୍ୟାନ ହୋଇଯାଉଥିଲା । ମୋତେ ଏହା କୁହାଯାଉଥିଲା ଯେ, ତୁମର ଅଭିଜ୍ଞତା ନାହିଁ । ମହୋଦୟା କୁହନ୍ତି: "ତେହ୍‌ରିକେ ଜଦିଦ୍‌ର ଆର୍ଥିକ ବର୍ଷ ଶେଷ ହେଉଥିଲା । ମସ୍ତିଷ୍କରେ ଏହା ଢୁକିଲା କି ଯଦିଓ ମୁଁ ମୋର ୱାଦା (ପ୍ରତିଶୃତ ଚାନ୍ଦା) ପୈଠ କରି ସାରିଛି । କିନ୍ତୁ ଅଲ୍ଲାଃତାଲାଙ୍କ ସକାଶେ ଆହୁରି ବଳିଦାନ ଦେବି । ସମ୍ଭବତଃ ଅଲ୍ଲାଃତାଲା ମୋ ଉପରେ ନିଜର କୃପାବର୍ତୀର୍ଣ୍ଣ କରିଦେବେ ଏବଂ ମୋର ଯେଉଁ ସମସ୍ୟା ରହିଛି ତହିଁରୁ ମୋତେ ଉଦ୍ଧାର କରିବେ । ଏତଦ୍‌ପରେ ମୁଁ ଚାନ୍ଦାରେ ଅତିରିକ୍ତ ଅଭିବୃଦ୍ଧ କରିଦେଲି । ଓ କିଛି ଅର୍ଥ ଦେଇ ଦେଲି । ବର୍ତ୍ତମାନ କିଛି ଦିନ ବିତି ନଥିଲା କି ଦୁଇଟି ସ୍ଥାନରୁ ମୋତେ ଚାକିରୀ ନିମନ୍ତେ ସୁଯୋଗ ପ୍ରାପ୍ତ ହେଲା । ମୋତେ ସେହି ଠାରୁ ହିଁ ଚାକିରୀ ମିଳିଲା ଯେଉଁଠି ମୁଁ ଚାହୁଁଥିଲି। ଉକ୍ତ କାର୍ଯ୍ୟାଳୟଟି ମୋ ଘର ଠାରୁ କିଛି ଦୂରରେ ଅବସ୍ଥିତ ଥିଲା । ମୋ ନିମନ୍ତେ ଏହା ଏକ ଐଶୀ ନିଦର୍ଶନ ଥିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହିପରି ଭାବରେ ଅସଂଖ୍ୟ ଘଟଣାବଳୀ ରହିଛି ଯାହା ଦ୍ୱାରା ଅଲ୍ଲାଃତାଲା ଲୋକମାନଙ୍କ ବିଶ୍ୱାସକୁ ଅଭିବୃଦ୍ଧି କରିବା ନିମନ୍ତେ ଦେଖାଇ ଥାଆନ୍ତି । ଏତଦ୍‌ପରେ ଯେତେବେଳେ ଅନ୍ୟ ଲୋକମାନଙ୍କୁ ସୂଚନା ମିଳେ ସେତେବେଳେ ସେମାନେ ଏହି ନିଦର୍ଶନକୁ ଦେଖି ସେମାନଙ୍କ ମଧ୍ୟରେ ବଳିଦାନ ଦେବା ନିମନ୍ତେ ପ୍ରୋତ୍ସାହିତ ହୋଇଥାଆନ୍ତି ।

ଜମାଅତ୍‌ରେ ଏପରି କେତେକ ଲୋକମାନେ ମଧ୍ୟ ଅଛନ୍ତି ଯେଉଁମାନେ ଗୋପନରେ ଅର୍ଥ ବ୍ୟୟ କରିଥାଆନ୍ତି । ସେହିପରି ଏପରି ଅନେକ ଲୋକମାନେ ଅଛନ୍ତି ଯେଉଁମାନେ ପ୍ରକାଶ୍ୟରେ ମଧ୍ୟ ଅଲ୍ଲାଃତାଲାଙ୍କ ମାର୍ଗରେ ବଳିଦାନ ଦେଇ ଥାଆନ୍ତି । ଯେଉଁ ଲୋକମାନେ ଗୋପନରେ ବଳିଦାନ ଦିଅନ୍ତି ସେମାନେ କୁହନ୍ତି ଯେ, ଆମେମାନେ ଯେଉଁ ବଳିଦାନ ଦେଇଛୁ ସେହି ବଳିଦାନ ସଂକ୍ରାନ୍ତରେ କେହି ଯେପରି ନଜାଣୁ । ସେହିପରି ଏଭଳି ଲୋକମାନଙ୍କ ସଂପର୍କରେ ସେକ୍ରେଟାରୀ ମାଲ୍ ସାହେବ ଉଲ୍ଲେଖ କରନ୍ତି ଯେ, ତାଙ୍କ ଜମାଅତ୍‌ର ମୁବଲ୍ଲିଗ୍ ସାହେବ ଉଲ୍ଲେଖ କରନ୍ତି ଯେ,

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ମୁଁ ମିଶନ ହାଉସ୍ ସମ୍ମୁଖରେ ଲେଟର୍ ବକ୍ସକୁ ଯେତେବେଳେ ଖୋଲିଲି ସେତେବେଳେ ତହିଁରେ ଏକ ଲଫପା ମୋତେ ମିଳିଲା । ଉକ୍ତ ଲଫାପାରେ ଏକ ହଜାର ୟୁରୋ ଥିଲା ଏବଂ ଏହା ଉଲ୍ଲେଖ ଥିଲା କି ଉକ୍ତ ଅର୍ଥ ହେଉଛି ତେହ୍‌ରିକେ ଜଦିଦର ଚାନ୍ଦା ଏବଂ ନାମ, ଠିକଣା କିଛି ବି ଲଫାପାରେ ଲେଖା ହୋଇ ନଥିଲା ।"

ସେକ୍ରେଟାରୀ ମାଲ୍ ସାହେବ ପୁନଶ୍ଚ ଉଲ୍ଲେଖ କରନ୍ତି ଯେ, "ଜନୈକ ବ୍ୟକ୍ତି ହଜାର ହଜାର ସଂଖ୍ୟାରେ ବଳିଦାନ ଦେଲେ ଏବଂ ସେହି ଶ୍ରୀମାନ ଲେଖିଲେ ଯେ, ସେକ୍ରେଟାରୀ ସାହେବ ! ମୋ ନାମ ଯେପରି ପ୍ରଘଟ ନହେଉ । କେବଳ ଆପଣ ଜାଣିଲେ ଯେ, ମୁଁ ବାସ୍ ବଳିଦାନ ଦେଇ ଦେଲି। ସେତିକି ହିଁ ଯଥେଷ୍ଟ ଅଟେ । କିନ୍ତୁ ଆପଣ କେଉଁଠି ବି ଘୋଷଣା କରିବେ ନାହିଁ ଯେ, ମୁଁ ଉକ୍ତ ବଳିଦାନ ମୁଁ ଦେଇଛି ।" ହୁଜୁର ଅନ୍‌ୱର୍ ଅ.ବ କହିଲେ, ତେବେ ଏହି ପ୍ରକାରର ଲୋକମାନେ ମଧ୍ୟ ଅଲ୍ଲାଃତାଲା ଜମାଅତ୍‌କୁ ପ୍ରଦାନ କରିଛନ୍ତି ଯେଉଁମାନେ ବଳିଦାନ ମଧ୍ୟ ଦେଇ ଥାଆନ୍ତି ଏବଂ ବଳିଦାନରେ ଅଗ୍ରସର ହୋଇ ଚାଲନ୍ତି । ସେହି ବଳିଦାନକାରୀମାନେ ପଚାର ପଚାଶ ହଜାର ୟୁରୋ ଓ ଜର୍ମାନୀରେ ତ' କେତେକ ଲୋକମାନେ ବଳିଦାନ କରିଛନ୍ତି । କିନ୍ତୁ ସେମାନେ କେବେ ବି ବଳିଦାନର ପରିପ୍ରକାଶ କରି ନାହାନ୍ତି ଯେ, ଆମେମାନେ ଏହି ବଳିଦାନ ଦେଇଛୁ । ସେମାନେ ସର୍ବଦା ଏହି ଉଦ୍ୟମ କରି ଥାଆନ୍ତି ଯେ, ସେମାନଙ୍କର ନାମ ପ୍ରଘଟ ନହେଉ । ଆଫ୍ରିକାରେ ମଧ୍ୟ ଏପରି ଲୋକମାନେ ଅଛନ୍ତି, ଇଉରୋପରେ ମଧ୍ୟ ଏପରି ଲୋକମାନେ ଅଛନ୍ତି ଓ ଆମେରିକାରେ ମଧ୍ୟ ଏପରି ଲୋକମାନେ ଅଛନ୍ତି। ଏହିପରି ବଳିଦାନକାରୀ ଲୋକମାନେ ଅଛନ୍ତି ଯେଉଁମାନେ ଗୋପନରେ ଅଲ୍ଲାଃତାଲାଙ୍କ ମାର୍ଗରେ ନିଜସ୍ୱ ପ୍ରିୟ ଧନକୁ ବ୍ୟୟ କରିଦେଇ ଥାଆନ୍ତି ।

ଏହା ଅଲ୍ଲାଃତାଲାଙ୍କ କୃପା ଅଟେ ଯେ, ଏହି ବସ୍ତୁବାଦୀ ସଂସାରରେ ପ୍ରତ୍ୟେକ ପାର୍ଶ୍ୱରେ ଲୋକାମନେ ନିଜର ବ୍ୟକ୍ତିଗତ ଇଚ୍ଛା, ଅଭିଳାଷା ଓ ସ୍ୱାର୍ଥକୁ ପୂର୍ଣ୍ଣ କରିବା ସକାଶେ ଧାଇଁଛନ୍ତି । ଅଲ୍ଲାଃତାଲା ଜମାଅତ୍ ଅହେମଦିୟାକୁ ଏପରି ବଳିଦାନକାରୀ ବ୍ୟକ୍ତି ପ୍ରଦାନ କରିଛନ୍ତି ଯେଉଁମାନେ ପରସ୍ପର ଠାରୁ ଅଧିକ ପ୍ରତିସ୍ୱର୍ଦ୍ଧିତ ଭାବରେ ବଳିଦାନ ଦେବା ନିମନ୍ତେ ଇଚ୍ଛା ପ୍ରକାଶ କରିଥାଆନ୍ତି ।

ହୁଜୁର ଅନ୍‌ୱର ଅ.ବ କହିଲେ, ଯେପରିକି ହ. ମୁସ୍‌ଲେହ୍ ମଉଦ୍ ର.ଅ ତେହ୍‌ରିକେ ଜଦିଦ୍ ଆରମ୍ଭ କରିଥିଲେ ସେତେବେଳେ ଆପଣ ର.ଅ କହିଥିଲେ, ଯେ, ଜମାଅତ୍‌ର ଲୋକମାନେ ସରଳ ଜୀବନ ଯାପନ ଅବଲମ୍ବନ କରନ୍ତୁ । ଏପରି ଅନେକ ଉଦାହରଣ ରହିଛି ଯାହାକି ସାଂପ୍ରତିକ ଯୁଗରେ ଦେଖିବାକୁ ମିଳେ । ଅର୍ଥାତ୍ ସଂସାରର ଚାକ ଚକ୍ୟତା ଏବଂ ଲୋକ ଦେଖାଣିଆ କାର୍ଯ୍ୟ କରିବାକୁ ବ୍ୟସ୍ତ ଏବଂ ସଂସାରର ଏପରି ନ୍ୟସ୍ତ ସ୍ୱାର୍ଥୀ ଲୋକମାନେ ଅଛନ୍ତି ଯେଉଁମାନେ ଏହି ଇଚ୍ଛା ବ୍ୟକ୍ତ କରନ୍ତି ଯେ, ସେମାନଙ୍କର ନାମ ପରିପ୍ରକାଶ କରାଯାଉ ଏବଂ ଲୋକମାନଙ୍କୁ କୁହାଯାଉ ଯେ, ଆମେମାନେ ଏତେ ଟଙ୍କା ଦେଇଛୁ ଓ ସେଇଟା ଦେଇଛୁ। ଅପପରକ୍ଷେ ଜମାଅତ୍ ଅହେମଦିୟାର ଲୋକମାନେ ସରଳ ଜୀବନ ଯାପନ କରି ନିରବତାର ସହିତ ବଳିଦାନ ଦେଉଛନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଜିର ଶୁକ୍ରବାର ଦିନ ଯେପରିକି ଆମ ସମସ୍ତଙ୍କୁ ଜଣା ଯେ, ତେହ୍‌ରିକେ ଜଦିଦ୍‌ର ନୂତନ ବର୍ଷର ଘୋଷଣା ହୋଇଥାଏ । ତେଣୁ ଏଥି ସଂକ୍ରାନ୍ତରେ ମୁଁ ଘୋଷଣା କରିବି । ଅର୍ଥାତ୍ ତେହ୍‌ରିକେ ଜଦିଦ୍‌ର ଘୋଷଣା ନଭେମ୍ବର ମାସ ପ୍ରଥମ ସପ୍ତାହରେ ହୋଇଥାଏ । କାରଣ ପ୍ରଥମ ଶକ୍ରବାର ଥିଲା । ତେଣୁ ଆଜି ହେଉଛି ଦ୍ୱିତୀୟ ଶୁକ୍ରବାର ତେଣୁ ମୁଁ ଆଜି ଘୋଷଣା କରି ଦେଉଛି ।

ସୁତରାଂ ମୁଁ ବଳିଦାନକାରୀଙ୍କ ଚର୍ଚ୍ଚା ମଧ୍ୟ କରିଛି । ଅଲ୍ଲାଃତାଲାଙ୍କର ବହୁତ ବଡ଼ କୃପା ଯେ, ଆଜି ଜମାଅତ୍ ହିସାବରେ ବିଶ୍ୱରେ କେବଳ ଜମାଅତ୍ ଅହେମଦିୟା ହିଁ ଏକମାତ୍ର ଜମାଅତ୍ ଯାହାର ଲୋକମାନେ يُنۡفِقُوۡنَ اَمۡوَالَهُمۡ بِالَّيۡلِ وَالنَّهَارِ ର ପ୍ରକୃତ ଚରିତାର୍ଥ ହେଉଛନ୍ତି । ବ୍ୟବହାରିକ ରୂପେ ଉକ୍ତ ସଂପ୍ରଦାୟର ଲୋକମାନେ ଦିବାରାତ୍ର ବଳିଦାନ ଦେଉଛନ୍ତି । ଯେପରିକି ମୁଁ କହିଲି, ଅହରହ 24 ଘଣ୍ଟା ପର୍ଯ୍ୟନ୍ତ ଉକ୍ତ ବଳିଦାନର ପରମ୍ପରା ଅବ୍ୟାହତ ରହିଛି । ଜମାଅତ୍ ଅହେମଦିୟା ସଂସାରର ପ୍ରତ୍ୟେକ ଭୂଖଣ୍ଡରେ ପରିବ୍ୟାପ୍ତ। ଆଜି 220ଟି ଦେଶରେ ଜମାଅତ୍ ଅହେମଦିୟା ସ୍ଥାପିତ ହୋଇ ସାରିଛି ଏବଂ ପ୍ରତ୍ୟେକ ସ୍ଥାନରେ ଆମମାନଙ୍କୁ ବଳିଦାନକାରୀମାନଙ୍କ ବଳିଦାନର ଉଦାହରଣ ଦୃଶ୍ୟମାନ ହୋଇଥାଏ । ବର୍ତ୍ତମାନ ମୁଁ ଖୁତ୍‌ବା ଦେଉଅଛି ଏହି ସମୟରେ ପୃଥିବୀର ବିଭିନ୍ନ ପ୍ରାନ୍ତରେ କେଉଁଠି ଦିନ ହୋଇଛି ତ' ଆଉ କେଉଁଠି ରାତି ହୋଇଛି । କିନ୍ତୁ ପ୍ରତ୍ୟେକ ପ୍ରାନ୍ତରେ ବାସ କରୁଥିବା ଅହେମଦିମାନେ ମୋର ଖୁତ୍‌ବାକୁ ଶୁଣୁଛନ୍ତି ଏବଂ ଜମାଅତ୍ ଅହେମଦିୟା ଏକ ଜାତିର ଦୃଶ୍ୟ ଉପସ୍ଥାପିତ କରୁଅଛି । ସୁତରାଂ ଉକ୍ତ ବସ୍ତୁ ହିଁ ଜମାଅତ୍ ଅହେମଦିୟାକୁ ଅନ୍ୟମାନଙ୍କ ଠାରୁ ଅନନ୍ୟ (ପୃଥକ୍) କରିଥାଏ । ଏହା ହିଁ ପ୍ରକୃତ ବସ୍ତୁ, ପ୍ରକୃତ ବଳିଦାନ ଅଟେ, ଏହା ହିଁ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଓ ତାହାଙ୍କ ଅନୁଗ୍ରହତା ପ୍ରାପ୍ତ କରିବା ନିମନ୍ତେ ସ୍ପୃହା ତଥା ଆଗ୍ରହ ଯାହାକି ଜମାଅତ୍‌ର ଉନ୍ନତିର କାରଣ ଅଟେ । ଯେପର୍ଯ୍ୟନ୍ତ ଉକ୍ତ ସ୍ଥିତିଟି ଜମାଅତ୍ ଅହେମଦିୟାର ସଦସ୍ୟଙ୍କ ମଧ୍ୟରେ ଥିବ ସେପର୍ଯ୍ୟନ୍ତ **ଇନ୍‌ଶାଅଲ୍ଲାଃହୁ** ତାଆଲା ଅଲ୍ଲାଃତାଲା ଜମାଅତ୍‌କୁ ନିଜର କୃପା ଦ୍ୱାରା ପୁରସ୍କୃତ କରିବେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମୁଁ ଯେଉଁ ଉଦାହରଣଗୁଡ଼ିକ ଉପସ୍ଥାପିତ କରିଛି କିମ୍ବା କେତେକ ନବଦୀକ୍ଷିତମାନେ ରହିଛନ୍ତି କିମ୍ବା ଯୁବକମାନେ ରହିଛନ୍ତି ଏହି ମନୋଭାବ ଏବଂ ଏହି ଆତ୍ମା ତଥା ମନୋଭାବ ଆଜି ମଧ୍ୟ ଲୋକମାନଙ୍କ ମଧ୍ୟରେ ସୃଷ୍ଟି କରି ଚାଲିଛନ୍ତି । ଆମମାନଙ୍କୁ ସର୍ବଦା ଏକଥା ସ୍ମରଣ ରଖିବା ଉଚିତ୍ ଯେ, ଉକ୍ତ ଯୁଗଟି ହେଉଛି ଯୁଗାବତାର ପୁଣ୍ୟ ଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଯୁଗ, ଉକ୍ତ ଯୁଗଟି ମାର୍ଗଦର୍ଶନ ପ୍ରକାଶନର ଯୁଗ, ଉକ୍ତ ଯୁଗ ହେଉଛି ସତ୍‌ମାର୍ଗ ପୂର୍ଣ୍ଣତ୍ୱର ଯୁଗ, ଉକ୍ତ ଯୁଗ ହେଉଛି ସଂସାର ଲୋକରେ ଇସଲାମ୍ ଧର୍ମର ଶିକ୍ଷାକୁ ସଂପ୍ରସାରିତ ଏବଂ ପରିବ୍ୟାପ୍ତ କରିବାର ଯୁଗ । ଅତଃ ଉକ୍ତ ଯୁଗ ସଂକ୍ରାନ୍ତରେ ଆଁହଜରତ ସ.ଅ ଆମମାନଙ୍କୁ ମୁହମ୍ମଦ ସ.ଅଙ୍କ ମସିହ୍ (ମସିହେ ମୁହମ୍ମଦି ସ.ଅଙ୍କ) ଆଗମନ ସଂକ୍ରାନ୍ତରେ ସୂଚନା ପ୍ରଦାନ କିରଥିଲେ । ସୁତରାଂ ଆମେମାନେ ଆଁହଜରତ ସ.ଅଙ୍କ ଶିକ୍ଷାକୁ ଅର୍ଥାତ୍ ଯେଉଁ ଶିକ୍ଷା ଆଁହଜରତ ସ.ଅ ଆଣିଥିଲେ ଏବଂ ଯେଉଁ ମାର୍ଗଦର୍ଶନ ସଂକ୍ରାନ୍ତରେ ଆପଣ ସ.ଅ ସଂସାରବାସୀଙ୍କ ସମ୍ମୁଖରେ ଉପସ୍ଥାପିତ କରିଥିଲେ । ସେହି ମାର୍ଗଦର୍ଶନ ଏବଂ ଶିକ୍ଷାକୁ ଚରିତାର୍ଥ ତଥା ପରିପୂର୍ଣ୍ଣ କରିବା ନିମନ୍ତେ ଏବଂ ଶିକ୍ଷାର ପ୍ରଚାର ପ୍ରସାର କରିବା ନିମନ୍ତେ ଅଲ୍ଲାଃତାଲା ସାଂପ୍ରତିକ କାଳରେ ହ. ମସିହ୍ ମଉଦ୍ ଅ.ସଙ୍କ ଜମାଅତ୍‌କୁ ସୃଷ୍ଟି କରିଛନ୍ତି ।

ସୁତରାଂ ଆମେମାନେ ଯଦି ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଓ ତାହାଙ୍କ ଅନୁଗ୍ରହତା ପ୍ରାପ୍ତି ସକାଶେ ଉକ୍ତ କାର୍ଯ୍ୟ ସମ୍ପାଦନ କରୁ ତେବେ ଅଲ୍ଲାଃତାଲା ଆମମାନଙ୍କର ଆବଶ୍ୟକତାକୁ ସ୍ୱୟଂ ହିଁ ପୂର୍ଣ୍ଣ କରି ଚାଲିବେ। ଆମେମାନେ ନିର୍ଭୀକ ଭାବରେ ଓ ବିନା କୌଣସି ଦୁଃଖରେ ନିଜର ଜୀବନ ଅତିବାହିତକାରୀ ବ୍ୟକ୍ତି ରୂପେ ପରିଗଣିତ ହେବୁ । ଅଲ୍ଲାଃତାଲା ଆମମାନଙ୍କୁ ପ୍ରତ୍ୟେକ ଭୟରୁ ଉଦ୍ଧାର କରିବେ ଓ ଦୁଃଖରୁ ଉଦ୍ଧାର କରିବେ, ଆମମାନଙ୍କର ଯେଉଁ ସମସ୍ୟା ସବୁ ରହିଛି ତାହାକୁ ମଧ୍ୟ ଦୂର କରିଦେବେ, ଆମମାନଙ୍କର ଆବଶ୍ୟକତାକୁ ପୂରଣ କରିବେ । ଅତଏବ୍ ଉକ୍ତ ଅଭିପ୍ରାୟ ପ୍ରାପ୍ତି ନିମନ୍ତେ ପ୍ରତ୍ୟେକ ଅହେମଦି ବ୍ୟକ୍ତିକୁ ଉଦ୍ୟମ କରିବା ଉଚିତ୍ ।

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** اَلَیۡسَ اللّٰہُ بِکَافٍ عَبۡدَہٗ

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan, Jamat Ahmadiya Pankal, Halqa Qudrat Nagar (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।" **(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )**

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family, Jamat Ahmadiya Kerang, Darul Fazal (Odisha)

କାରଣ ଅମେମାନେ ପ୍ରଭୁଙ୍କୁ ପ୍ରସନ୍ନ କରାଇବୁ । ଯେପରିକି ମୁଁ ଉଦାହରଣ ଉପସ୍ଥାପିତ କରିଛି ଯେ, ଯେଉଁ ଅହେମଦିମାନେ ଉକ୍ତ କଥାକୁ ହୃଦୟଙ୍ଗମ କରନ୍ତି ସେମାନଙ୍କ ଉପରେ ଅଲ୍ଲାଃତାଲାଙ୍କ କୃପାବର୍ତୀର୍ଣ୍ଣ ହୋଇଥାଏ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଇସ୍‌ଲାମ୍ ଧର୍ମରେ ଯେଉଁ ଧର୍ମ ପ୍ରଚାର କାର୍ଯ୍ୟ ସମ୍ପାଦନ ହେଉଛି ସେହି ଧର୍ମ ପ୍ରଚାରର କଲ୍ୟାଣ ମାଧ୍ୟମରେ ଏହି ସମସ୍ତ ବଳିଦାନକାରୀମାନେ ଉପକୃତ ହେଉଛନ୍ତି । ଯେଉଁଠି ବି ବୈଅତ୍ ହେଉଛି ଅର୍ଥାତ୍ ଲୋକମାନେ ବୈଅତ୍ କରୁଛନ୍ତି, ଯେଉଁଠି ବି ଜମାଅତୀୟ ଲିଟ୍ରେଚର୍ ଉପରେ ଅର୍ଥ ବ୍ୟୟ ହୋଇଥାଏ, ଯେଉଁଠି ବି ଜମାଅତୀୟ ତବ୍‌ଲିଗ୍ ଉପରେ ଅର୍ଥ ବ୍ୟୟ ହୋଇଥାଏ, ଜମାଅତ୍ ଉପରେ ଅର୍ଥ ବ୍ୟୟ ହୋଇଥାଏ ଏହି ସମସ୍ତ ଅର୍ଥ ଏବଂ ଖର୍ଚ୍ଚ ସେହି ଚାନ୍ଦା ପୈଠକାରୀଙ୍କୁ ମଧ୍ଯ ସେହି ପୁଣ୍ୟରେ ଅନ୍ତର୍ଭୁକ୍ତ କରୁଛି ଓ ସେମାନଙ୍କ ଉପରେ ଅଲ୍ଲାଃତାଲା ନିଜର କୃପାବର୍ତୀର୍ଣ୍ଣ କରିଥାଆନ୍ତି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଯେପରି ମୁଁ ପ୍ରତ୍ୟେକ ବର୍ଷ ତେହ୍‌ରିକେ ଜିଦଦ୍ ସଂପର୍କରେ ଘୋଷଣା କରିଥାଏ । ଠିକ୍ ସେହିପରି ବର୍ତ୍ତମାନ ମୁଁ ତେହ୍‌ରିକେ ଜଦିଦ୍‌ର ଚଳିତ ବର୍ଷର କେତେକ ଘଟଣାବଳୀ ସଂପର୍କରେ ଉପସ୍ଥାପିତ କରିବି ଓ ପରେ ହ. ମସିହ୍ ମଉଦ୍ ଅ.ସଙ୍କର କେତେକ ଆଲେଖ୍ୟାବଳୀ ଉପସ୍ଥାପିତ କରିବି ।

ଅଲ୍ଲାଃତାଲାଙ୍କ କୃପାରୁ ତେହ୍‌ରିକେ ଜଦିଦ୍‌ର ୫୨ତମ ବର୍ଷ ଗତ ଅକ୍ଟୋବର ମାସର ୩୧ ତାରିଖ ଦିନ ସମାପ୍ତ ହେଲା ଏବଂ ୧ ନଭେମ୍ବରରୁ ୨୦ତମ ବର୍ଷର ଶୁଭାରମ୍ଭ ହୋଇଗଲା । ଆମେମାନେ ୨୦ତମ ବର୍ଷରେ ପଦାର୍ପଣ କରୁଛେ । ହୁଜୁର ଅନ୍ୱର୍ ଅ.ବ କହିଲେ, ତେହ୍‌ରିକେ ଜଦିଦ୍‌ର ଯେଉଁ ବର୍ଷଗୁଡ଼ିକ ରହିଛି ସେହି ବର୍ଷ ସଂପର୍କରେ ମଧ୍ଯ ବ୍ୟାଖ୍ୟା କରିଦେବା ମଧ୍ଯ ହେବା ଉଚିତ୍ । ତେହ୍‌ରିକେ ଜଦିଦ୍‌ର ଦଫ୍‌ତର୍ ଅୱଲ୍(ପ୍ରଥମ)ର ବର୍ଷ ହେଉଛି ୨1ତମ ବର୍ଷ ଏବଂ ଦଫ୍‌ତର୍ ଦୋଅମ(ଦ୍ୱିତୀୟ)ର ବର୍ଷ ହେଉଛି ୫1ତମ ବର୍ଷ, ଦଫ୍‌ତର୍ ସୋଅମ୍(ତୃତୀୟ)ର ବର୍ଷ ହେଉଛି ୫୫ତମ୍ ବର୍ଷ, ଦଫ୍‌ତର୍ ଚାହାରମ୍ (ଚତୁର୍ଥ)ର ବର୍ଷ ହେଉଛି 40ତମ ବର୍ଷ, ଦଫ୍‌ତର୍ ପଞ୍ଜମ(ପଞ୍ଚମ)ର ବର୍ଷ ହେଉଛି 21 ତମ ବର୍ଷ । ପ୍ରତ୍ୟେକ 1୨ ବର୍ଷ ପରେ ନୂତନ ଦଫ୍‌ତର୍ ଜାରି ହୋଇଥାଏ ଏବଂ ଦଫ୍‌ତର୍ ଶଶମ୍ (ଷଷ୍ଠ) ଦୁଇ ବର୍ଷ ପୂର୍ବେ ଆରମ୍ଭ ବା ଜାରି ହୋଇଛି । ବର୍ତ୍ତମାନ ଯେଉଁ ନୂତନ ନୈଷ୍ଠିକ ବଳିଦାନକାରୀମାନେ ତେହ୍‌ରିକେ ଜଦିଦ୍‌ର ଚାନ୍ଦାରେ ସାମିଲ୍ ହେବେ ସେମାନେ ଦଫ୍‌ତର୍ ଶଶ(ଷଷ୍ଠ)ରେ ସାମିଲ୍ ହେବେ । ଉକ୍ତ ଦଫ୍‌ତର୍‌ରେ ସାମିଲ୍ ହୋଇଥିବା ଚାନ୍ଦା ପୈଠକାରୀ ବ୍ୟକ୍ତିମାନେ ପୂର୍ବ ବର୍ଷରୁ ସାମିଲ୍ ହୋଇଛନ୍ତି ।

ଅଲ୍ଲାଃତାଲାଙ୍କ କୃପାରୁ ଚଳିତ ବର୍ଷ ବିଶ୍ୱରେ ପରିବ୍ୟାପ୍ତ ଅହେମଦି ଜମାଅତ୍‌କୁ ତେହ୍‌ରିକେ ଜଦିଦ୍‌ର ଆର୍ଥିକ ବ୍ୟବସ୍ଥାରେ ୨୪.17 ମିଲୟନ୍ ପାଉଣ୍ଡର ଆର୍ଥିକ ବଳିଦାନ ଦେବାର ସାମର୍ଥ୍ୟ ପ୍ରାପ୍ତ ହୋଇଛି । ଉକ୍ତ ଆର୍ଥିକ ବଳିଦାନ ବିଗତ ବର୍ଷ ଅପେକ୍ଷା 7 ଲକ୍ଷ ୫୨ ହଜାର ପାଉଣ୍ଡ ଅଧିକ ଅଟେ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଜମାଅତ୍ ଅହେମଦିୟା ଜର୍ମାନୀ ଚଳିତ ବର୍ଷ ପ୍ରଥମ ସ୍ଥାନ ଅଧିକାର କରିଛି । ଜର୍ମାନୀର ଅମୀର୍ ସାହେବ ସର୍ବଦା ଚିନ୍ତିତ ରହୁଥିଲେ ଯେ, ତେହ୍‌ରିକେ ଜଦିଦ୍‌ର ଚାନ୍ଦାରେ ଅଭିବୃଦ୍ଧି ହେବା ଯୋଗୁଁ ଅନ୍ୟ ଚାନ୍ଦାଗୁଡ଼ିକରେ ହ୍ରାସ ଓ ଅଭାବ ଦେଖାଯିବ । ତାଙ୍କୁ ଅଲ୍ଲାଃତାଲାଙ୍କ ଉପରେ ଭରସା କରିବା ଉଚିତ୍ । ତେହ୍‌ରିକେ ଜିଦଦ୍‌ରେ ବଳିଦାନ ଦେବା ଯୋଗୁଁ ଅଲ୍ଲାଃତାଲା ଅନ୍ୟ ଚାନ୍ଦାଗୁଡ଼ିରେ **ଇନ୍‌ଶାଅଲ୍ଲାଃ** କଲ୍ୟାଣ ପ୍ରଦାନ କରିବେ ।

ହୁଜୁର ଅନ୍ୱର ଅ.ବ କହିଲେ, ଅଲ୍ଲାଃ ତାଲା ଜମାଅତ୍ ଅହେମଦିୟା ଜର୍ମାନୀର ନିଷ୍ଠା ଏବଂ ବିଶ୍ୱସ୍ତତାରେ ଉନ୍ନତି କରି ଚାଲନ୍ତୁ । ସ୍ଥାନୀୟ ମୁଦ୍ରାସ୍ଥିତୀରେ ହ୍ରାସ ଏବଂ ଅଭିବୃଦ୍ଧି ସତ୍ତ୍ୱେ ସାମଗ୍ରିକ ଦୃଷ୍ଟିରୁ ଉକ୍ତ ଜମାଅତ୍ ଆଗକୁ ଅଗ୍ରସର ହେବାର ଭଲ ପ୍ରଦର୍ଶନ ମଧ୍ଯ କରିଛି । କାନାଡ଼ା ଏବଂ ଆମେରିକା ଜମାଅତ୍ ମଧ୍ଯ ଫସ୍ତବିକୁଲ୍ ଖୈରାତ (ପୁଣ୍ୟ କାର୍ଯ୍ୟରେ ପ୍ରତିଦ୍ୱନ୍ଦ୍ୱିତ ମନୋଭାବ ରଖି ଈଶ୍ୱରଙ୍କ ମାର୍ଗରେ ଚାନ୍ଦା ଦେବା) ଅନୁଯାୟୀ ପ୍ରତିଯୋଗୀତା କରି ଥାଆନ୍ତି । ବିଗତ ବର୍ଷ କାନାଡ଼ା ଆଦାୟ ଦୃଷ୍ଟିରୁ ତୃତୀୟ ସ୍ଥାନ ଅଧିକାର କରିଥିଲା । ଚଳିତ ଥର ଆମେରିକା ତୃତୀୟ ସ୍ଥାନ ଅଧିକାର କରିଛି ଓ ଉନ୍ନୀତ ହୋଇଛି । ଦ୍ୱିତୀୟରେ ବ୍ରିଟେନ୍ ରହିଛି । ସୁତରାଂ ଦେଖିବାକୁ ଗଲେ ଏହି ତାରତମ୍ୟ ଅତି ସାମାନ୍ୟ ଅଟେ । ହୁଜୁର ଅନ୍ୱର୍ ଅ.ବ କହିଲେ କାନାଡ଼ାବାସୀମାନେ ଟିକେ ଚେଷ୍ଟା କରନ୍ତୁ । ସେମାନେ ପୁଣିଥରେ ଦ୍ୱିତୀୟ ସ୍ଥାନକୁ ଚାଲି ଆସିବେ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ସେ ଯାହା ହେଉ ନା କାହିଁକି ସାମୂହିକ ଭାବରେ କହିବାକୁ ଗଲେ ବର୍ତ୍ତମାନ ଯେଉଁ ସ୍ଥିତାବସ୍ଥା ରହିଛି ତାହା ଏହିପରି ଯେ, ଜର୍ମାନୀ ପ୍ରଥମ ସ୍ଥାନ ଅଧିକାର କରିଛି, ବ୍ରିଟେନ୍ ଦ୍ୱିତୀୟ, ଆମେରିକା ତୃତୀୟ, କାନାଡ଼ା ଚତୁର୍ଥରେ ରହିଛି, ପଞ୍ଚମ ସ୍ଥାନରେ ମିଡ଼ିଲ୍ ଇଷ୍ଟର ଏକ ଜମାଅତ୍, ଷଷ୍ଠ ସ୍ଥାନରେ ଭାରତ ରହିଛି । ଅଷ୍ଟ୍ରେଲିୟା ସପ୍ତମ ସ୍ଥାନରେ ରହିଛି, ଅଷ୍ଟମ୍‌ରେ ଇଣ୍ଡୋନେସିଆ, ନବମ ସ୍ଥାନରେ ମିଡ଼ିଲ୍ ଇଷ୍ଟର ଆଉ ଏକ ଜମାଅତ୍ ରହିଛି । ଦଶମ ସ୍ଥାନରେ ଘାନା ରହିଛି ।

ଦେଶୀୟ ମୁଦ୍ରାରେ ମଧ୍ଯ ଏକକ ଚାନ୍ଦା ଆୟ ଦୃଷ୍ଟିରୁ ଯେଉଁ ଅଭିବୃଦ୍ଧି ହୋଇଛି ତଦନୁଯାୟୀ ଲୋକମାନେ ବଳିଦାନ ଦେଇଛନ୍ତି । ଅଲ୍ଲାଃତାଲାଙ୍କ କୃପାରୁ ଚାନ୍ଦା ପୈଠକାରୀଙ୍କ ସଂଖ୍ୟାରେ ମଧ୍ଯ ଅଭିବୃଦ୍ଧି ହୋଇଛି । ଏକକ ଚାନ୍ଦା ପୈଠ ଦୃଷ୍ଟିରୁ ଆମେରିକା ପ୍ରଥମ ସ୍ଥାନରେ ରହିଛି । ପୁନଶ୍ଚ ସୁଇଜରଲ୍ୟାଣ୍ଡ ଦ୍ୱିତୀୟରେ ରହିଛି, ତୃତୀୟରେ ବ୍ରିଟେନ ରହିଛି, ଚତୁର୍ଥ ସ୍ଥାନରେ କାନାଡ଼ା, ପଞ୍ଚମରେ ଅଷ୍ଟ୍ରେଲିୟା । ସେହିପରି ଅନ୍ୟ କେତେକ ଜମାଅତ୍‌ମାନେ ମଧ୍ଯ ନିଜର କାର୍ଯ୍ୟ ଏବଂ ଚାନ୍ଦା ଆଦାୟ ଦୃଷ୍ଟିରୁ ସେମାନଙ୍କର ନାମ ଉଲ୍ଲେଖଯୋଗ୍ୟ ଅଟେ । ସେହି ଜମାଅତ୍‌ମାନେ ହେଲେ, ବାଂଲାଦେଶ, ନାଇଜିରୀୟା, ହଲାଣ୍ଡ, ଅଷ୍ଟ୍ରେଲିୟା, ଫ୍ରାନ୍ସ୍, ସୁଇଜରଲ୍ୟାଣ୍ଡ, ଆୟରଲ୍ୟାଣ୍ଡ ଓ ମିଡ଼ିଲ୍ ଇଷ୍ଟର ଜମାଅତ୍‌ମାନେ ।

ହୁଜୁର ଅନ୍ୱର୍ ଅ.ହ କହିଲେ, ବାଂଲାଦେଶରେ ଆଜିକାଲି ପରିସ୍ଥିତି ଜମା ଭଲ ନାହିଁ । ଆଜିକାଲି ଦେଶରେ ଯେଉଁ ପରିସ୍ଥିତି ରହିଛି ଅର୍ଥାତ୍ ଜମାଅତ୍ ଦୃଷ୍ଟିରୁ ହେଉ ଅବା ରାଜନୈତିକ ଦୃଷ୍ଟିରୁ ହେଉ ଅତ୍ୟନ୍ତ ଶୋଚନୀୟ ପରିସ୍ଥିତି ରହିଛି । କେବଳ ସେତିକି ନୁହେଁ ବରଂ ଅହେମଦିମାନଙ୍କୁ ଅକାରଣରେ ମକଦ୍ଦମାରେ ଫଶାଇ ଗିରଫ କରାଯାଉଛି ଏବଂ ଏହା କୁହାଯାଉଛି ଯେ, ଅହେମଦିମାନଙ୍କୁ ପୂର୍ବ ସରକାର ସମର୍ଥନ କରୁଥିଲା। କିନ୍ତୁ ଏପରି କୌଣସି କଥା ନାହିଁ । ବିରୋଧୀମାନେ ଅହେମଦିମାନଙ୍କ ଘରକୁ ମଧ୍ଯ ପୋଡ଼ିଦେଲେ । କେତେକ ଲୋକମାନଙ୍କର ଘର ଚଳିତ ବର୍ଷ ଦୁଇ ଦୁଇ ଥର ପୋଡ଼ି ଦେଇଛନ୍ତି । ସେମାନଙ୍କର ସହିତ ମାଡ଼ପିଟ୍ ମଧ୍ଯ କରାଗଲା । କିନ୍ତୁ ସେହି ଲୋକମାନଙ୍କର ବିଶ୍ୱାସରେ ଅଭିବୃଦ୍ଧି ହୋଇଛି । ଅଲ୍ଲାଃତାଲା ସେମାନଙ୍କର ଅବସ୍ଥାକୁ ମଧ୍ଯ ସୁଧାରନ୍ତୁ ଏବଂ ସେମାନଙ୍କର ବିଶ୍ୱାସ ଓ ନିଷ୍ଠାକୁ ମଧ୍ଯ ବୃଦ୍ଧି କରନ୍ତୁ । ଆପଣମାନେ ବାଂଲାଦେଶ ଜମାଅତ୍ ନିମନ୍ତେ ମଧ୍ଯ ଦୁଆ କରନ୍ତୁ ।

ଆଫ୍ରିକାର ଦେଶମାନଙ୍କରେ ଆଦାୟ ଦୃଷ୍ଟିରୁ ପ୍ରଥମ ଦଶଟି ଜମାଅତ୍‌ମାନେ ହେଲେ, ପ୍ରଥମ ସ୍ଥାନରେ ଘାନା ରହିଛି । ପୁନଶ୍ଚ ମରେଶିୟସ୍, ଏହା ପରକୁ ବୁର୍କିନାଫାସୋ, ପୁନଶ୍ଚ ଏହା ପରକୁ ନାଇଜେରୀୟା, ତାନ୍‌ଜାନିୟା, ବେନିନ୍, ଗ୍ୟାମ୍ବିୟା, ଲାଇବେରିୟା, ସେରାଲିଓନ୍, ୟୁଗାଣ୍ଡା ଇତ୍ୟାଦି । ଚାନ୍ଦାରେ ଅଂଶଗ୍ରହଣକାରୀଙ୍କ ସଂଖ୍ୟା ହେଉଛି 16 ଲକ୍ଷ ୫1 ହଜାର । ଆହୁରି ଅନେକ ରିପୋର୍ଟ ଏପର୍ଯ୍ୟନ୍ତ ହସ୍ତଗତ ହୋଇ ନାହିଁ । ବୁର୍କିନାଫାସୋର କେତେକ ଅଞ୍ଚଳର ରିପୋର୍ଟ ଆସି ନାହିଁ । ସେଠାକାର ପରିସ୍ଥିତି ଅତ୍ୟନ୍ତ ଶୋଚନୀୟ ଓ ସଙ୍ଗୀନ ରହିଛି। ଯୋଗାଯୋଗ ହୋଇ ପାରିଲା ନାହିଁ । ଏହା ସତ୍ତ୍ୱେ ମଧ୍ଯ ସାମୂହିକ ରୂପେ ବଳିଦାନକାରୀମାନଙ୍କ ସଂଖ୍ୟାରେ ବିଗତ ବର୍ଷ 50,000 ଅଭିବୃଦ୍ଧ ହୋଇଛି । ଅଭିବୃଦ୍ଧ କରିବାରେ ଉଲ୍ଲେଖଯୋଗ୍ୟ ଜମାଅତମାନେ ହେଲେ ନାଇଜିରୀୟା, କଙ୍ଗୋ ବ୍ରାଜ୍‌ୱେଲସ୍, ନାଇଜର୍, ଗ୍ୟାମ୍ବିୟା, କଙ୍ଗୋ କିନ୍‌ଶାସା, କ୍ୟାମ୍ବରୁନ୍, ଗିନି କରାକେରୀ, ଗିନି ବସାଓ, ୟୁଗାଣ୍ଡା ଓ ସେରାଲିଓନ୍ ।

ଜର୍ମାନୀର ପ୍ରଥମ ଦଶଟି ଜମାଅତ୍ ଯଥାକ୍ରମେ ହେଲେ- ରୋଡ୍‌ଗାଓ (Rodgau), ରୋଡ୍‌ମାର୍କ (Rodermark), କୈଲ୍, ଓସ୍ନାବ୍ରୁକ୍ (Osnabrück), ପିନେବର୍ଗ (Pinneberg), ନିଡ୍ଡା (Nidda), କୋଲୋନ୍(Köln), ମେହଦୀୟାବାଦ୍, ଫ୍ଲୋରିସ୍‌ହାଏମ୍ (Florsheim), ନ୍ୟୁସ୍ (Neuss), ୱାଏନ୍ ଗାର୍ଟେନ୍ (Weingarten)।

10ଟି ଏମିରାତ୍‌ମାନେ ହେଲେ ହ୍ୟାମ୍ବର୍ଗ (Hamburg), ଫ୍ରାଙ୍କ୍‌ଫର୍ଟ (Frankfurt), ଡିଏଟ୍‌ସନବାଖ୍ (Dietzenbach), ଗ୍ରସ୍‌ଗେରାଉ (Gross-Gerau), ୱିଜ୍‌ବାଦେନ୍ (Wiesbaden),

ମୋର୍‌ଫେଲ୍‌ଡ଼ନ୍ ୱାଲଡ଼ୋର୍ଫ (Mörfelden Waldorf), ରିଏଡ୍‌ଷ୍ଟାଟିଡ୍ (Riedstadt), ରଜେଲସ୍‌ହାଏମ୍ (Russelheim), ଡାର୍ମଷ୍ଟେଟେଡ୍ (Darmstadt), ମ୍ୟାନ୍‌ହାଏମ୍ (Mannheim) ।

ବ୍ରିଟେନ୍‌ର ପ୍ରଥମ ପାଞ୍ଚଟି ଅଞ୍ଚଳ (ଜିଲ୍ଲା) ମଧ୍ୟରେ ପ୍ରଥମ ହେଉଛି ବୈତୁଲ୍ ଫୁତୁହ୍, ମିଡ୍‌ଲ୍ୟାଣ୍ଡ (Midlands), ମସ୍‌ଜିଦ୍ ବୈତୁଲ୍ ଫୁତୁହ୍ ।

ବ୍ରିଟେନ୍‌ର ବଡ଼ ବଡ଼ ଜମାଅତ୍ ହେଲେ- ୱୋର୍‌ସେଷ୍ଟର୍ ପାର୍କ (Worcester Park), ଫାର୍ଣ୍ଣହ୍ୟାମ୍ (Farnham), ଇସ୍‌ଲାମାବାଦ୍, ସାଉଥ୍ ଚେମ୍ (South Cheam), ୱାଲ୍‌ସାଲ୍ (Walsall), ଏଶ୍ (Ash), ଜିଲିନ୍‌ଘମ୍ (Gillingham), ବ୍ରାଡ୍‌ଫର୍ଟ ନର୍ଥ, ଇୱେଲ (Ewell), ଆଲଡରଷଟ୍ ସାଉଥ୍ (Aldershot South)।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସାମୂହିକ ଆଦାୟ ଦୃଷ୍ଟିରୁ ଆମେରିକାର ପ୍ରମୁଖ ଜମାଅତ୍‌ଗୁଡ଼ିକ ହେଲେ- ମେରୀଲ୍ୟାଣ୍ଡ(Maryland),ଲସ୍ ଏଞ୍ଜେଲସ (Los Angeles), ସିୟାଟେଲ୍ (Seattle), ଶିକାଗୋ (ଚିକାଗୋ) (Chicago), ଡେଟ୍ରଇଟ୍ (Detroit),ସାଉଥ ଭର୍ଜିନିୟା (South Virginia), ନର୍ଥ ଭର୍ଜିନିୟା (North Virginia), ଡେଲାସ୍ (Dallas), ସିଲିକନ୍ ଭ୍ୟାଲୀ (Silicon Valley), ଓଶ୍‌କୋଷ୍ (Oshkosh), ନର୍ଥ ଜର୍ସି (North Jersey), ହ୍ୟୁଷ୍ଟନ୍ (Houston), ସେଣ୍ଟ୍ରାଲ୍ ଜର୍ସି (Central Jersey), ।

ଆଦାୟ ଦୃଷଟିରୁ କାନାଡ଼ାର ସ୍ଥାନୀୟ ଏମିରାଟ୍ ମଧ୍ୟରେ ପ୍ରଥମ ସ୍ଥାନରେ ରହିଛି ୱାନ୍ (Vaughan), କ୍ୟାଲ୍‌ଗେରୀ (Calgary), ପିସ୍ ଭିଲେଜ୍ (Peace Village), ବ୍ରାମ୍ପ୍‌ଟନ୍ ୱେଷ୍ଟ (Brampton west), ଭ୍ୟାଙ୍କ ଓଭର (Vancouver), ଟରୋଣ୍ଟୋ ୱେଷ୍ଟ (Toronto West), ବ୍ରାମ୍ପ୍‌ଟନ୍ ଇଷ୍ଟ (Brampton east), ଟରୋଣ୍ଟୋ (Toronto) ଉତ୍ୟାଦି ।

କାନାଡ଼ାର ଛୋଟ ଚର୍ଚ୍ଚାଯୋଗ୍ୟ ଜମାଅତ୍‌ମାନେ ହେଲେ, ହ୍ୟାମିଲ୍‌ଟନ୍ ମାଉଣ୍ଟେନ୍ (Hamilton Mountain), ଏଡ଼ମିଣ୍ଟନ୍ ୱେଷ୍ଟ, ହଦିକା ଅହେମଦ୍, ହ୍ୟାମିଲ୍‌ଟନ୍ ୱେଷ୍ଟ (Hamilton West), ବ୍ରାଡ୍‌ଫୋର୍ଡ୍ ଇଷ୍ଟ (Bradford East), ଓଟାୱା ୱେଷ୍ଟ (Ottawa East), ମଣ୍ଟ୍ରିୟାଲ୍ ୱେଷ୍ଟ (Montreal West), ରିଜାଇନା (Regina), ମଣ୍ଟ୍ରିୟାଲ୍ ଇଷ୍ଟ (Montreal East), ମାର୍ଖମ୍ (Markham) ଲଏଡ୍ ମିନିଷ୍ଟର (Lloydminster), ଷ୍ଟବରୀ ଇତ୍ୟାଦି ।

ସାମଗ୍ରିକ ଆଦାୟ ଦୃଷ୍ଟିରୁ ପାକିସ୍ତାନ୍‌ର ଜମାଅତମାନେ ଯେଉଁ ସ୍ଥାନ ଅଧିକାର କରିଛନ୍ତି ତନ୍ମଧମରେ ପ୍ରଥମ ସ୍ଥାନରେ ଲାହୋର ରହିଛି, ପୁନଶ୍ଚ ଏତଦ୍‌ପରେ ଦ୍ୱିତୀୟରେ ରବ୍‌ୱା, ଏଠାରେ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଆମେ ଦେଖୁ ଯେ, ଏଠାରେ ଉନ୍ନତି ହୋଇଛି । ବିରୋଧ ଚରମ ସୀମାରେ ଥିବା ସତ୍ତ୍ୱେ ଜମାଅତ୍ ଯେଭଳି ବଳିଦାନ ଦେଉଛି ତାହା ଅବର୍ଣ୍ଣନୀୟ ଅଟେ । ଲୋକମାନଙ୍କର ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଛି। ନିଯୁକ୍ତି ମଧ୍ୟ ପ୍ରଭାବିତ ହୋଇଛି । କିନ୍ତୁ ବିଶ୍ୱାସରେ ଏପରି ଦାର୍ଢ୍ୟତା (ଦୃଢତା) ରହିଛି ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ବିଶ୍ୱାସରେ ବୃଦ୍ଧି ଏବଂ ଅଗ୍ରସର ହୋଇ ଚାଲିଛନ୍ତି । ଅନେକ ଲୋକମାନେ ଯେଉଁମାନେ ଭଲ ରୋଜଗାର ତଥା ଆୟ କରୁଥିଲେ ସେମାନେ ଅନ୍ୟତ୍ର ଚାଲି ଯାଇଛନ୍ତି । କିନ୍ତୁ ତଥାପି ସେମାନେ ବହୁତ ବଳିଦାନ ଦେଇଛନ୍ତି । ଅଲ୍ଲାଃତାଲା ସେଠାରେ ମଧ୍ୟ ଲୋକମାନଙ୍କୁ ବିରୋଧୀଙ୍କ ଉପଦ୍ରବରୁ ରକ୍ଷା କରନ୍ତୁ ଓ ନିଜର ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ । **ଆମିନ୍** ।

ହୁଜୁର ଅନ୍‌ୱର୍ ଅ.ବ କହିଲେ ପାକିସ୍ତାନ୍‌ର ସହରୀ ଜମାଅତ୍‌ମାନଙ୍କ ମଧ୍ୟରେ ଜିଲ୍ଲା ସ୍ତରୀୟ ହିସାବରେ ଯେଉଁ ଜମାଅତ୍‌ଗୁଡ଼ିକ ବଳିଦାନ ଦେଇଛନ୍ତି ସେମାନେ ହେଲେ, ଫୈସ୍‌ଲାବାଦ୍, ଗୁଜୁରାଟ୍, ଗୁଜ୍‌ରାନାୱାଲା, ସର୍ଗୋଧା, ଉମରକୋଟ୍, ହାଇଦ୍ରାବାଦ୍, ସିୟାଲକୋଟ୍, ହାଫିଜାବାଦ୍, କୋଟ୍‌ଲୀ ଆଜାଦ୍ କାଶ୍ମୀର୍, ଖୁଶାବ୍ ଇତ୍ୟାଦି ।

ଆଦାୟ ଦୃଷ୍ଟିରୁ ପାକିସ୍ତାନ୍‌ର ବଳିଦାନକାରୀ ସହରୀ ଜମାଅତ୍‌ମାନେ ହେଲେ, ଦାରୁଜ୍ ଜିକର୍ ଲାହୋର, ଅଲ୍ଲାମା ଇକ୍‌ବାଲ୍ ଟାଉନ୍ ଲାହୋର୍, ବୈତୁଲ୍ ଫଜଲ୍, ଅଜିଜାବାଦ୍ କରାଚୀ, ମୋଗଲ ପୁରା, ଗୁଜ୍‌ରାନାୱାଲା, କ୍ୱେଟା, ଲୋଧରାଁ, ରହିମ୍ ୟାର୍ ଖାନ୍, କରୀମ୍ ନଗର୍ ଫୈସ୍‌ଲାବାଦ୍, ଇତ୍ୟାଦି ।

ପାକିସ୍ତାନ୍‌ର ଯେଉଁ ଛୋଟ ଛୋଟ ଜମାଅତ୍‌ମାନେ ରହିଛନ୍ତି ତନ୍ମଧ୍ୟରେ ପ୍ରମୁଖ ଛୋଟ ଜମାଅତ୍‌ମାନେ ଯଥାକ୍ରେମେ ଏହିପରି ଅଟନ୍ତି- ଖୋଖର୍ ଗର୍ବି, ଚୋଣ୍ଡା, ଗୋଠ୍ ଶରୀଫାବାଦ୍, ଚୋଣ୍ଡା, ସାଘଡ଼, ଖାରିୟାଁ, ବଦିନ୍, ପିଣ୍ଡି ଭାଗେ, ଦାରୁଲ୍ ଫଜଲ୍ କନ୍ରୀ,ଖୈର୍‌ପୁର୍। ଓ ଚକ୍‌ୱାଲ୍ ।

ଭାରତର ପ୍ରଦେଶମାନଙ୍କ ମଧ୍ୟରେ ପ୍ରଥମ ଦଶଟି ପ୍ରଦେଶ ହେଲେ, କେରଳ, ତାମିଲନାଡୁ, ତେଲେଙ୍ଗାନା, ଓଡ଼ିଶା, କର୍ଣ୍ଣାଟକ, ଜାମ୍ମୁ କାଶ୍ମୀର, ପଞ୍ଜାବ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର ଓ ଦିଲ୍ଲୀ ।

ବଳିଦାନ ଦୃଷ୍ଟିରୁ ଭାରତର ଦଶଟି ଜମାଅତ୍‌ମାନେ ଯଥାକ୍ରମେ ହେଲେ, ହାଇଦ୍ରାବାଦ୍, କାଦିୟାନ୍, କାଲିକଟ୍, କୋୟମ୍ବଟୁର୍, ମଞ୍ଜେରୀ, ମେଲାପାଲମ୍, ବାଙ୍ଗାଲୋର, କଲିକତା, କେରଙ୍ଗ୍, କ୍ୟାରୁଲାଇ ଇତ୍ୟାଦି ।

ଅଷ୍ଟ୍ରେଲିୟାର ପ୍ରଥମ 10ଟି ଜମାଅତ୍‌ମାନେ ହେଲେ, ମାର୍ସଡ଼େନ୍ ପାର୍କ (Marsden Park), ମେଲ୍‌ବର୍ଣ୍ଣ ବେର୍‌ୱିକ୍ (Melbourne Berwick), ପର୍ଥ (Perth), ପେନ୍‌ରିଥ୍ (Penrith), ଏଡ଼ିଲେଡ୍ ୱେଷ୍ଟ (Adelaide West), ମେଲ୍‌ବର୍ଣ୍ଣ କ୍ଲାଇଡ୍ (Melbourne Clyde), ମେଲ୍‌ବର୍ଣ୍ଣ ଇଷ୍ଟ (Melbourne East), କ୍ୟାମ୍ପ୍‌ବେଲ୍ (Campbell) ଟାଉନ୍, କ୍ୟାନ୍‌ବେରା ଇତ୍ୟାଦି ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଚାନ୍ଦା ଦେବାର ପ୍ରାରମ୍ଭ ଉକ୍ତ ସଂପ୍ରଦାୟରୁ ହିଁ ଆରମ୍ଭ ହୋଇ ନାହିଁ । ଅର୍ଥାତ୍ ମୁଁ ଚାନ୍ଦା ଦେବାର ପ୍ରାରମ୍ଭ କରି ନହିଁ । ବରଂ ଆର୍ଥିକ ଆବଶ୍ୟକତା ସମୟରେ ଅବତାରମାନେ ମଧ୍ୟ ଚାନ୍ଦା ଏକତ୍ରିତ କରିଥିଲେ । ଅତୀତ ଯୁଗ ଏପରି ଥିଲା ଯେ, ସାମାନ୍ୟ ଟିକିଏ ଇଙ୍ଗିତ ଯେତେବେଳେ ହେଉଥିଲା ସେତେବେଳେ ବଳିଦାନକାରୀମାନେ ନିଜ ଘରର ସମସ୍ତ ଧନ ଆଣି ଅବତାରମାନଙ୍କ ସମ୍ମୁଖରେ ଉପସ୍ଥାପିତ କରି ଦେଉଥିଲେ । ଈଶ୍ୱରଙ୍କ ବାର୍ତ୍ତାବହ ହ. ମୁହମ୍ମଦ୍ ସ.ଅ ଯେତେବେଳେ ସାହାବାମାନଙ୍କୁ ବଳିଦାନ ଦେବା ପାଇଁ କହିଲେ ଏବଂ ଆପଣ ସ.ଅଙ୍କ ଉଦ୍ଦେଶ୍ୟ ଏହା ଥିଲା କି ଦେଖାଯାଉ ଯେ, କିଏ କେତେ ଧନ ଆଣୁଛି ? ଅତଏବ୍ ହ. ଅବୁ ବକ୍କର ର.ଅ ନିଜ ଘରର ସମସ୍ତ ଧନ ଆଣି ଆପଣ ସ.ଅଙ୍କ ସମ୍ମୁଖରେ ରଖିଦେଲେ । ହ. ଉମର୍ ର.ଅ ନିଜର ଅର୍ଦ୍ଧ ଧନ ଆଣି ଆଁହଜରତ ସ.ଅଙ୍କ ସମ୍ମୁଖରେ ଉପସ୍ଥାପିତ କରିଦେଲେ । ଆପଣ ସ.ଅ କହିଲେ, ଏହା ହିଁ ହେଉଛି ତୁମ ଦୁହିଁଙ୍କ ସ୍ତର ମଧ୍ୟରେ ଥିବା ପାର୍ଥକ୍ୟ । "

ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, ସାହାବାମାନଙ୍କୁ ପୂର୍ବରୁ ହିଁ ଏହି ଶିକ୍ଷା ପ୍ରଦାନ କରାଯଇଥିଲା ଯେ, لَنْ تَنَالُوا الْبِرَّ حَتّٰى تُنْفِقُوْا مِمَّا تُحِبُّوْنَ **(ଆଲେ ଇମ୍ରାନ୍:93)** ଅର୍ଥାତ୍ ତୁମେମାନେ ସେହି ପୁଣ୍ୟକୁ କଦାପି ପ୍ରାପ୍ତ କରି ପାରିବ ନାହିଁ ଯେପର୍ଯ୍ୟନ୍ତ ତୁମେମାନେ ନିଜର ଅତି ପ୍ରିୟ ବସ୍ତୁ ଅର୍ଥାତ୍ ଧନରୁ ପ୍ରଭୁଙ୍କ ମାର୍ଗରେ ବ୍ୟୟ କରିଦେଇ ନାହଁ । ଉପରୋକ୍ତ ଆୟତ୍‌ରେ ଚାନ୍ଦା ପୈଠକାରୀ ଏବଂ ଧନକୁ ଅଲ୍ଲାଃତାଲାଙ୍କ ମାର୍ଗରେ ବ୍ୟୟ କରୁଥିବା ବ୍ୟକ୍ତିଙ୍କୁ ତାଗିଦ୍ କରାଯାଇଛି । ଉକ୍ତ ଚୁକ୍ତି ହେଉଛି ଅଲ୍ଲାଃତାଲାଙ୍କ ସହିତ କରାଯାଇଥିବା ଚୁକ୍ତି । ତେଣୁ ଉକ୍ତ ଚୁକ୍ତିକୁ ନିର୍ବାହ କରିବା ଉଚିତ୍ । ଯଦି ଉକ୍ତ ଚୁକ୍ତିର କେହି ଖିଲାପକାରୀ ଅର୍ଥାତ୍ ବିରୁଦ୍ଧାଚରଣ କରେ ତେବେ ତାହା ଅନିୟମିତତା ବିବେଚିତ ହୁଏ ।

**(ମଲଫୁଜାତ୍, ଭାଗ-6, ପୃ-42, ସଂସ୍କରଣ ବର୍ଷ 1984 ମସିହା)**

ପୁନଶ୍ଚ ଏକ ସ୍ଥଳେ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଗୋଟିଏ ବ୍ୟକ୍ତି ଦ୍ୱାରା କୌଣସି କାର୍ଯ୍ୟ ହୋଇ ନଥାଏ । ଗଣତାନ୍ତ୍ରିକ ବ୍ୟବସ୍ଥାରେ ହିଁ କଲ୍ୟାଣ ନିହିତ ଥାଏ । ବଡ଼ ବଡ଼ ରାଷ୍ଟ୍ରମାନେ ଚାନ୍ଦା ଉପରେ ନିର୍ଭରଶୀଳ ଅଟନ୍ତି । ପାର୍ଥକ୍ୟ କେବଳ ଏତିକି ଯେ, ସାଂସାରିକ ରାଷ୍ଟ୍ରମାନେ ଜୋର ଜବରଦସ୍ତ କର ବା ଟିକସ ଲଗାଇ ଜନତାଙ୍କ ଠାରୁ ଟିକସ ଆଦାୟ କରୁଛନ୍ତି ଏବଂ ଏଠାରେ ଆମେମାନେ ପ୍ରଭୁଙ୍କ ପ୍ରସନ୍ନତା ଏବଂ ତାହାଙ୍କ ଅନୁଗ୍ରହତାକୁ ପରିତ୍ୟାଗ କରି ଦେଉଛେ । ଚାନ୍ଦା ଦେବା ଦ୍ୱାରା ବିଶ୍ୱାସରେ ଅଭିବୃଦ୍ଧି ହୋଇଥାଏ ଏବଂ ଉକ୍ତ ପ୍ରେମ ଏକ ନିଷ୍ପାର କାର୍ଯ୍ୟ କରିଥାଏ ।"

**(ମଲ୍‌ଫୁଜାତ୍, ଭାଗ-6, ପୃ-42, ସଂସ୍କରଣ ବର୍ଷ 1984 ମସିହା)**

ପୁନଶ୍ଚ ସେହିପରି ଆପଣ ଅ.ସ ଏକ ସ୍ଥାନରେ ଶୁଭ ସୂଚନା ପ୍ରଦାନ କରି ଜମାଅତ୍‌କୁ କହିଲେ, "ହେ ମୋ ଜମାଅତ୍‌ର ସଦସ୍ୟବୃନ୍ଦ ! ମୁଁ ତୁମମାନଙ୍କୁ ଶୁଭ ସୂଚନା ପ୍ରଦାନ କରୁଛି ଯେ, ପ୍ରଭୁଙ୍କ ସାନ୍ନିଧ ପ୍ରାପ୍ତ କରିବାର କ୍ଷେତ୍ର ଖାଲି ରହିଛି । ପ୍ରତ୍ୟେକ ଜାତି ସଂସାରକୁ ଭଲ ପାଉଛି ଏବଂ ପ୍ରଭୁ ଯେଉଁ କଥାରୁ ପ୍ରସନ୍ନ ହୋଇଯିବେ ସଂସାର ସେଥି ପ୍ରତି ଆଦୌ ଧ୍ୟାନ ଦେଉ ନାହିଁ । ସେହି ଲୋକମାନେ ଯେଉଁମାନେ ବଳପୂର୍ବକ ଉକ୍ତ ଦୁଆ ମଧ୍ୟରେ

ପ୍ରବେଶ କରିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି । ସେହି ଲୋକମାନଙ୍କ ନିମନ୍ତେ ବା ସେହି ଲୋକମାନେ ନିଜ ନିଜ ଦକ୍ଷତା ଏବଂ ଯୋଗ୍ୟତା ପ୍ରଦର୍ଶନ କରନ୍ତୁ ଓ ଈଶ୍ୱରଙ୍କ ଠାରୁ ବିଶେଷ ପୁରସ୍କାର ପ୍ରାପ୍ତ କରନ୍ତୁ । ତୁମେମାନେ ଏହା ଭାବ ନାହିଁ ଯେ, ପ୍ରଭୁ ତୁମକୁ କ୍ଷୟଶୀଳ ହେବାକୁ ଦେବେ । ତୁମେମାନେ ଈଶ୍ୱରଙ୍କ ହସ୍ତର ଏକ ବୀଜ ଅଟ । ଯେଉଁ ବୀଜକୁ ଭୂମିରେ ବପନ କରାଯାଇଛି । ଉକ୍ତ ବୀଜଟି ଅଙ୍କୁରିତ ହୋଇ ବୃଦ୍ଧି ପାଇବ ଏବଂ ବୃଦ୍ଧି ପାଇବ । ଉକ୍ତ ବୀଜର ଶାଖା ପ୍ରଶାଖା ପ୍ରତ୍ୟେକ ପାର୍ଶ୍ୱରୁ ବାହାରିବ ଏବଂ ଏକ ବିଶାଳକାୟ ବୃକ୍ଷରେ ରୂପାନ୍ତରିତ ହୋଇଯିବ । ସୁତରାଂ ପବିତ୍ର କଲ୍ୟାଣ ପ୍ରାପ୍ତକାରୀ ବ୍ୟକ୍ତି ହେଉଛି ସେହି ବ୍ୟକ୍ତି ଯିଏ ଈଶ୍ୱରଙ୍କ ଉପରେ ବିଶ୍ୱାସ ଆଣେ ଏବଂ ମଧ୍ୟବର୍ତ୍ତୀକାଳରେ ଆସିବାକୁ ଥିବା ବିପତ୍ତି ଏବଂ ପରୀକ୍ଷା ଠାରୁ ଭୟଭୀତ ନହୁଏ ।" **(ରିସାଲା ଅଲ୍ ୱସିୟତ୍, ରୁହାନୀ ଖଜାଏନ୍, ଭାଗ-20, ପୃ-308-309)**

ଅଲ୍ଲାଃତାଲାଙ୍କ କୃପାରୁ ସଦସ୍ୟବୃନ୍ଦମାନେ ଉକ୍ତ କଥାକୁ ହୃଦୟଙ୍ଗମ କଲେ ଏବଂ ବଳିଦାନ ଦେଇ ଚାଲିଛନ୍ତି ଓ ପ୍ରଭୁଙ୍କ କୃପା ପ୍ରାପ୍ତକାରୀ ବ୍ୟକ୍ତି ରୂପେ ବିବେଚିତ ହେଉଛନ୍ତି । ଅଲ୍ଲାଃତାଲା କରନ୍ତୁ କି ଆମେମାନେ ହ. ମସିହ୍ ମଉଦ୍ ଅ.ସଙ୍କ ଅଭିଳାଷା ଅନୁଯାୟୀ ବଳିଦାନରେ ଅଗ୍ରସର ହେବାକୁ ସକ୍ଷମ ହେବୁ । ଆମେମାନେ ନିଜର ଆର୍ଥିକ ବଳିଦାନରେ ଏବଂ ନିଜର ଆଧ୍ୟାତ୍ମିକ ଅବସ୍ଥାକୁ ଶୃଙ୍ଖଳିତ ଏବଂ ପରିମାର୍ଜିତ କରିଚାଲିଥିବୁ। ଆପଣମାନେ ଅଲ୍ଲାଃତାଲାଙ୍କ ସହିତ ନିଜର ସଂପର୍କକୁ ବୃଦ୍ଧିକାରୀ ବ୍ୟକ୍ତି ରୂପେ ବିବେଚିତ ହୁଅନ୍ତୁ । କେବଳ ଆର୍ଥିକ ବଳିଦାନରେ ନୁହେଁ ବରଂ ପ୍ରତ୍ୟେକ ପରିସ୍ଥିତିରେ ଆମେମାନେ ନିଜର ସେହି ବ୍ୟବହାରିକ ଉଦାହରଣ ଉପସ୍ଥିପାତି କରିବୁ ଯାହାକି ଏକ ପ୍ରକୃତ ମୁସଲମାନ ବ୍ୟକ୍ତିର ଉଦାହରଣ ଅଟେ । ଯେତେବେଳେ ଏପରି ହେବ ତେବେ ଇନ୍‌ଶାଅଲ୍ଲାଃ ଆମେମାନେ ଜମାଅତ୍‌ର ଉନ୍ନତିକୁ ମଧ୍ୟ ଅବଲୋକନ କରିବୁ । ଆମେମାନେ ପୂର୍ବାପେକ୍ଷା ଅଧିକ ଜମାଅତ୍‌ର ଉନ୍ନତି ଅବଲୋକନ କରିବୁ । **ଇନ୍‌ଶାଅଲ୍ଲାଃ** । ତାହାଙ୍କ କୃପାକୁ ଆମେମାନେ ଅବଲୋକନ କରି ଚାଲୁଥିବୁ ଏବଂ ଶତ୍ରୁକୁ ଅକୃତକାର୍ଯ୍ୟ ତଥା ଅସଫଳ ହେଉଥିବାର ଆମେମାନେ ଅବଲୋକନ କରି ଚାଲୁଥିବୁ । **ଇନ୍‌ଶାଅଲ୍ଲାଃ** । ଅଲ୍ଲାଃତାଲା ସେହି ଯଥାଶୀଘ୍ର ଆଣନ୍ତୁ ଯେ, ଆମେମାନେ ସେହି ଦିନକୁ ସ୍ୱଚକ୍ଷୁରେ ଅବଲୋକନ କରି ଚାଲୁଥିବୁ ।

ଯେଉଁମାନେ ଆର୍ଥିକ ବଳିଦାନ ଦେଇଛନ୍ତି ସେହି ବଳିଦାନକାରୀମାନଙ୍କୁ ଅଲ୍ଲାଃତାଲା ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ ଏବଂ ସମସ୍ତ ବଳିଦାନକାରୀଙ୍କ ଧନ ଜୀବନରେ ଅଜସ୍ର କଲ୍ୟାଣ ପ୍ରଦାନ କରନ୍ତୁ । **ଆମିନ୍** । ଭବିଷ୍ୟତରେ ସର୍ବଦା ସେମାନେ ଉତ୍କୃଷ୍ଟ ଜୀବନ ଯାପନ କରନ୍ତୁ । ନିଜର ସନ୍ତାନ ସନ୍ତତିଙ୍କ ଠାରୁ, ନିଜର ଆଗାମୀ ପିଢ଼ୀ ଚକ୍ଷୁର ଶୀତଳତା ପ୍ରାପ୍ତକାରୀ ହେବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ବଳିଦାନକାରୀମାନେ ମଧ୍ୟ ସ୍ୱୟଂ ଅଲ୍ଲାଃତାଲାଙ୍କ ସାନ୍ନିଧତାରେ ବୃଦ୍ଧି କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଅଲ୍ଲାଃତାଲା କରନ୍ତୁ କି ଏପରି ହିଁ ହେଉ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ନମାଜ ଜୁମା ପରେ ମୁଁ ଦୁଇଟି ନମାଜ୍ ଯନାଜାଃ ପଢେଇବି । ପ୍ରଥମ ଉପସ୍ଥିତ ଯନାଜାଃ ହେଉଛି ଶ୍ରୀମତୀ ସ୍ୱର୍ଗତା ଅମିନା ଚକ୍‌ମାକ୍ ସାହେବାଙ୍କର । ସ୍ୱର୍ଗତା ଆମିନା ସାହେବା ସ୍ୱର୍ଗତ ମୁବାରକ୍ ସାହେବଙ୍କର ପତ୍ନି ଥିଲେ । ସ୍ୱର୍ଗତା ତୁର୍କୀ ବଂଶୋଦ୍ଭବ ମହିଳା ଥିଲେ । ବିଗତ ଦିନର 75 ବର୍ଷ ବୟସରେ ତାଙ୍କର ପରଲୋକ ହୋଇଯାଇଛି । اِنَّا لِلّٰهِ وَاِنَّا اِلَیۡهِ رَاجِعُوۡن । ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତା ଆମିନା ସାହେବ ଓସିୟତ୍ କରିଥିଲେ । ମୁସି ଥିଲେ । ତୁର୍କିର ରାଜଧାନୀ ଇସ୍ତାନ୍‌ବୁଲ ସହିତ ତାଙ୍କର ସଂପର୍କ ଥିଲା ।

ଜଲାଲ୍ ଶମ୍‌ସ୍ ସାହେବଙ୍କ ମାଧ୍ୟମରେ ସେ ଯେତେବେଳେ ସେଠାରେ ଶିକ୍ଷା ପ୍ରାପ୍ତ କରୁଥିଲେ ସେତେବେଳେ ସେ ଅହେମଦିୟତ୍ ସ୍ୱୀକାର କରୁଥିଲେ ଏବଂ ହ. ମସିହ୍ ମଉଦ୍ ଅ.ସଙ୍କ ସତ୍ୟତା ଉପରେ ପୂର୍ଣ୍ଣ ରୂପେ ବିଶ୍ୱାସ ଆଣିଥିଲେ । ଏହି କାରଣରୁ ସେ ଅହେମଦିୟତ୍ ସ୍ୱୀକାର କରିଥିଲେ । ସ୍ୱର୍ଗତା ଆମିନା ସାହେବ ଅତ୍ୟନ୍ତ ପୁଣ୍ୟବାନ୍ ମହିଳା ଥିଲା। ସେ ସ୍ୱୟଂ ନିଜର ପରିସ୍ଥିତି ତଥା ଆତ୍ମଜୀବନୀ ସଂକ୍ରାନ୍ତରେ ଉଲ୍ଲେଖ କରିଛନ୍ତି ଯେ, ମୁଁ ଇସ୍ତାନ୍‌ବୁଲ୍‌ର ପ୍ରଥମ ମହଳିା ଅହେମଦି ଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତା ଆମିନା ସାହେବ ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କ ସହିତ ପତ୍ରାଳାପର ପରମ୍ପରା ଆରମ୍ଭ କରିଥିଲେ ଏବଂ ବିଶ୍ୱାସରେ ସେ ଉନ୍ନତି କରିଥିଲେ । ଏମ.ଟି.ଏର ପ୍ରସାରଣ ଯେତେବେଳେ ଆରମ୍ଭ ହେଲା ସେତେବେଳେ ସେ ସୁଯୋଗ ଦେଖି ନିଜର ମାତାଶ୍ରୀଙ୍କୁ ନିଜର ଅହେମଦିୟତ୍ ସ୍ୱୀକାର କରିବାର ଘଟଣା ସଂପର୍କରେ କହିଲେ । ଆପଣ ନିଜର ମାତାଶ୍ରୀଙ୍କୁ ଯେତେବେଳେ ଅହେମଦିୟତ୍ ସ୍ୱୀକାରର ଘଟଣା ସଂପର୍କରେ କହିଲେ, ସେତେବେଳେ ତାଙ୍କର ମାତାଶ୍ରୀ ମଧ୍ୟ ଅହେମଦିୟତ୍ ସ୍ୱୀକାର କରିନେଲେ । ଏତଦ୍‌ପରେ ସ୍ୱର୍ଗତା ନିଜର ନିଜର ଭଉଣୀ ମୁହିମ୍ମଦ୍ ଅୱନ୍ଦର୍ ସାହେବଙ୍କ ପତ୍ନି ଅସ୍‌ମା ସାହେବାଙ୍କୁ ଅହେମଦିୟତ୍ ଆଡ଼କୁ ଆମନ୍ତ୍ରିତ କଲେ । ସେ ମଧ୍ୟ ବୈଅତ୍ କରିନେଲେ ଏବଂ ଅଲ୍ଲାଃତାଲାଙ୍କ କୃପାରୁ ଉକ୍ତ ବଂଶରେ ଅହେମଦିୟତ୍ ବ୍ୟାପୀଗଲା ।

ସ୍ୱର୍ଗତା ଆମିନା ସାହେବ 1990 ମସିହାରେ ଓସିୟତ୍ କରିଥିଲେ ଏବଂ ନିଜାମେ ଓସିୟତ୍‌ରେ ସାମିଲ୍ ହୋଇ ପ୍ରଥମ ତୁର୍କୀୟ ମହିଳା ରୂପେ ବିବେଚିତ ହେଲେ । ଏତଦ୍‌ପରେ ହ. ଖଲିଫତୁଲ୍ ମସିହା ରାବେ ର.ଅ ଯେତେବେଳେ ସ୍ୱର୍ଗତା ଆମିନା ସାହେବାଙ୍କୁ ତୁର୍କୀର ପ୍ରଥମ ସଦର ଲଜ୍‌ନା ଭାବରେ ନିଯୁକ୍ତ କଲେ ସେତେବେଳେ ଆପଣଙ୍କୁ ଉକ୍ତ ମର୍ଯ୍ୟାଦା ପ୍ରାପ୍ତ କରିବାର ମର୍ଯ୍ୟାଦା ପ୍ରାପ୍ତ ହୋଇଥିଲା । ଏମ୍.ଟି.ଏ ଦେଖିବା ସମୟରେ ଆପଣଙ୍କର ଏହି ଇଚ୍ଛା ହେଉଥିଲା ଯେ, ଏମ୍.ଟି.ଏରେ ପ୍ରସାରିତ ଖୁତ୍‌ବାର ସ୍ୱୟଂ ଅନୁବାଦ କରିବେ । ଏତଦ୍‌ପରେ ସେ ଉକ୍ତ କଥାର ପରିପ୍ରକାଶ କଲେ ଏବଂ 1995 ମସିହାରେ ତାଙ୍କୁ ହ. ଖଲିଫତୁଲ୍ ମସିହା ରାବେ ର.ଅ ୟୁ.କେ ଡକାଇଲେ ଏବଂ ଉକ୍ତ ଦାୟିତ୍ୱ ସ୍ୱର୍ଗତାଙ୍କୁ ଅର୍ପଣ କରିଥିଲେ । ଅର୍ଥାତ୍ ସ୍ୱର୍ଗତାଙ୍କ ଉପରେ ଉକ୍ତ ଦାୟିତ୍ୱ ନ୍ୟସ୍ତ କରିଥିଲେ । ଏହାପରେ ସେ ତୁର୍କୀ ଭାଷାରେ ଅନୁବାଦ କାର୍ଯ୍ୟ ଅରମ୍ଭ କରିଦେଲେ । 1996 ମସିହାରେ ସେ ନିଜର ଜୀବନକୁ ୱକ୍‌ଫ୍ (ଉତ୍ସର୍ଗ) କରିଦେଲେ । ଏହିପରି ଭାବରେ ସ୍ୱର୍ଗତା ଆମିନା ସାହେବା ଇସ୍‌ଲାମ୍ ଏବଂ ଅହେମଦିୟତ୍ ନିମନ୍ତେ ନିଜର ଜୀବନକୁ ଉତ୍ସର୍ଗ କରିଥିବା ପ୍ରଥମ ମହିଳା ରୂପେ ବିବେଚିତ ହୋଇଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତା ଅମିନା ସାହେବାଙ୍କର ଏକ ଲେଖନୀ ପ୍ରାପ୍ତ ହୋଇଛି । ତହିଁରେ ସ୍ୱର୍ଗତା ଉଲ୍ଲେଖ କରନ୍ତି ଯେ, "ମୁଁ ଏହି ପ୍ରତିଜ୍ଞା ତଥା ଶପଥ ନେଇଛି ଯେ, ମୁଁ ନିଜ ଜୀବନର ଶେଷ ପ୍ରାଣ ବାୟୁ ପର୍ଯ୍ୟନ୍ତ ଇସ୍‌ଲାମ୍ ଏବଂ ଅହେମଦିୟତ ସକାଶେ ସେବା କରିବି । ଉକ୍ତ କାର୍ଯ୍ୟକୁ ସେ ଅଲ୍ଲାଃତାଲାଙ୍କ କୃପାରୁ ଅତ୍ୟନ୍ତ ଉତ୍ତମ ଢଙ୍ଗରେ ନିର୍ବାହ ଓ ସମ୍ପାଦନ କରିଥିଲେ । ମୃତ୍ୟୁ ଦିନ ସେ ଜମାଅତ୍‌ର ସେବା କରୁଥିଲେ ।

ହ. ଖଲିଫତୁଲ୍ ମସିହ୍ ରାବେ ରହେମହୁଲ୍ଲାଃ ତାଆଲା ଅଲୈହିଙ୍କ ବିଶେଷ ଅଙ୍ଗରକ୍ଷୀ ବା ସୁରକ୍ଷାକର୍ମୀ ଜନୈକ ସଦସ୍ୟ ମୁବାରକ୍ ସାହିବଙ୍କ ପ୍ରଥମ ପତ୍ନିଙ୍କ ବିୟୋଗ ଅନ୍ତେ ହୁଜୁର ର.ଅ ମୁବାରକ୍ ସାହି ସାହେବଙ୍କର ବିବାହ ଆମିନା ସାହେବାଙ୍କ ସହିତ କରି ଦେଇଥିଲେ । ଉକ୍ତ ବୈବାହିକ ବନ୍ଧନକୁ ସ୍ୱର୍ଗତା ଆମିନା ସାହେବା ଅତ୍ୟନ୍ତ ଉତ୍ତମ ଢଙ୍ଗରେ ନିର୍ବାହ କରିଥିଲେ ଏବଂ ତାଙ୍କର ପୂର୍ବ ପତ୍ନିଙ୍କ ସନ୍ତାନ ସନ୍ତତିଙ୍କର ଲାଳନ ପାଳନର ଦାୟିତ୍ୱ ଏବଂ ସେମାନଙ୍କର ଯତ୍ନ ମଧ୍ୟ ନେଇଥିଲେ । ସ୍ୱର୍ଗତା ଆମିନା ସାହେବା ପବିତ୍ର କୁରଆନ୍ କରୀମ୍‌ର ତୁର୍କୀ ଭାଷାରେ ଅନୁବାଦ କରିଥିଲେ । ଏତଦ୍‌ଭିନ୍ନ ଅନ୍ୟାନ୍ୟ ପୁସ୍ତକ ଏବଂ ଖଲିଫାମାନଙ୍କର ଖୁତ୍‌ବାତର ଅନୁବାଦ ମଧ୍ୟ କରିଥିଲେ ।

ତାଙ୍କର ଅର୍ଥାତ୍ ସ୍ୱର୍ଗତା ଆମିନା ସାହେବାଙ୍କର ଭିଣୋଇ ମୁହିମ୍ମତ୍ ଅୱିନ୍ଦର୍ ସାହେବ ସ୍ୱର୍ଗତା ଆମିନା ସାହେବାଙ୍କର ସୁଗାଣୀବଳୀର ଚର୍ଚ୍ଚା କରି କୁହନ୍ତି, ମହୋଦୟା ଅତ୍ୟନ୍ତ କୃପାଳୁ, ଦୟାଳୁ ମାତୃବତ୍ସଳା ଏବଂ ଉଦାର ମହିଳା ଥିଲେ । ସ୍ୱର୍ଗତାଙ୍କର ଜ୍ଞାନ, ଉତ୍ତମ ସ୍ୱଭାବ ଏବଂ ଆଧ୍ୟାତ୍ମିକତା ବିଶେଷ ରୂପେ ଉଲ୍ଲେଖଯୋଗ୍ୟ ଅଟେ ।

ସ୍ୱର୍ଗତା ଅମିନା ସାହେବା ଇସ୍‌ଲାମ୍ ଓ ଅହେମଦିୟତ୍‌ର ସେବାରେ ନିଜକୁ ସମର୍ପି ଦେଇଥିଲେ ଏବଂ ସର୍ବାଗ୍ରେ ରହିଥିଲେ । ତାଙ୍କ ପକେଟରେ ଯେତେ ପଇସା ବି ରହୁଥିଲା ତାହାକୁ ସେ ଜମାଅତ୍ ମାର୍ଗରେ ବ୍ୟୟ କରି ଦେଇଥିଲେ । ଇସ୍ତାନ୍‌ବୁଲ୍‌ରେ ନିଜର ମାତାଶ୍ରୀଙ୍କ ସହିତ ରହି ନିଜର ଘରକୁ ଜମାଅତ୍‌ର କାର୍ଯ୍ୟକ୍ରମ ନିମନ୍ତେ ବ୍ୟବହାର କରୁଥିଲେ । ମାତାଶ୍ରୀଙ୍କ ବିୟୋଗ ପରେ ଘର ମସ୍‌ଜଦି ରୂପେ ବ୍ୟବହୃତ ହେବାକୁ ଲାଗିଲା । ଉକ୍ତ ଗୃହକୁ ସେ ଜମାଅତ୍‌କୁ ଭେଟି ସ୍ୱରୂପ ଦେଇଥିଲେ । ସ୍ୱର୍ଗତା ଆମିନା ସାହେବା ନିୟମିତ ରୂପେ ନମାଜ୍ ତେହଜ୍ଜୁଦ୍ ପାଠ କରୁଥିଲେ ।

ନମାଜ ଫଜର ପରେ ପବିତ୍ର କୁରଆନ୍ କରୀମ୍‌ର ତିଲାୱତ୍ କରୁଥିଲେ । ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବା ସତ୍ତ୍ୱେ ମଧ୍ୟ ଆପଣ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ନିଜର ୱକ୍‌ଫ୍ (ଉତ୍ସର୍ଗ)କୁ ପୂର୍ଣ୍ଣ ରୂପେ ନିର୍ବାହ ତଥା ସମ୍ପାଦନ କରିଥିଲେ। ଆପଣ ସର୍ବଦା ଏହା କହୁଥିଲେ ଯେ, ଆମେମାନେ ଇମାମ୍ ମେହ୍‌ଦୀଙ୍କୁ ବହୁତ ବିଳମ୍ବରେ ଚିହ୍ନିଛେ ଓ ବିଳମ୍ବରେ ତାଙ୍କୁ ସ୍ୱୀକାର କରିଛେ ।

ସୁତରାଂ ଆମମାନଙ୍କ ନିମନ୍ତେ ସମୟ ବର୍ବାଦ କରିବା ନିମନ୍ତେ କୌଣସି ସମୟ ନାହିଁ । ଆମମାନଙ୍କୁ ସର୍ବାଧିକ ପରିଶ୍ରମ କରିବାକୁ ହେବ । ମହୋଦୟା ଖିଲାଫତ୍ ସହିତ ସଂଶ୍ଳିଷ୍ଟ ଏବଂ ବିଶ୍ୱସ୍ତତାର ସଂପର୍କ ରଖିଥିଲେ । ସ୍ୱର୍ଗତ ଆମିନା ସାହେବା କହୁଥିଲେ ଯେ, ନିଜର ବ୍ୟକ୍ତିଗତ ସମସ୍ୟା ଉପସ୍ଥିତ ଖଲିଫାଙ୍କ ସମ୍ମୁଖରେ ଉପସ୍ଥାପିତ କରିବାର ଆବଶ୍ୟକତା ନାହିଁ । ବରଂ ସ୍ୱୟଂ ସେହି ସମସ୍ୟାର ନିଜେ ସମାଧାନ ଓ ଉପାୟ ବାହାର କରିବା ଉଚିତ୍ । ଅଲ୍ଲାଃତାଲା ସ୍ୱର୍ଗତା ଆମିନା ସାହେବାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତାଙ୍କ ସ୍ତରକୁ ଉନ୍ନୀତ କରନ୍ତୁ । **ଆମିନ୍** । "

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଦ୍ୱିତୀୟ ଯନାଜାଃ ହେଉଛି ଯନାଜାଃ ଗାଏବ୍ (ଅନୁପସ୍ଥିତ ଯନାଜାଃ) । ଉକ୍ତ ଯନାଜାଃ ହେଉଛି ନର୍‌ୱେର ମେହ୍‌ମୁଦ୍ ଅୟାଜ୍ ସାହେବଙ୍କର । ଆପଣ ରବ୍‌ୱାର ଖାଲିଦ୍ ମସ୍‌ଉଦ୍ ସାହେବଙ୍କର ଯେକି ନାଜିର୍ ନଶ୍ରୋ ଇଶାତ୍‌ଙ୍କର ବଡ଼ ଭାଇ ଥିଲେ । ବିଗତ ଦିନରେ ତାଙ୍କର ବିୟୋଗ ହୋଇଥିଲା । اِنَّا لِلّٰہِ وَاِنَّا اِلَیْہِ رَاجِعُوْن। ସ୍ୱର୍ଗତ ମେହ୍‌ମୁଦ୍ ଅୟାଜ୍ ସାହେବ ମୁସି (ଓସିୟତ୍ କରିଥିଲେ) ଥିଲେ। ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ମଧ୍ୟରେ ପତ୍ନି ଏବଂ ଗୋଟିଏ ପୁତ୍ର ରହିଛନ୍ତି ।

ସ୍ୱର୍ଗତ ମେହ୍‌ମୁଦ୍ ଅୟାଜ୍ ସାହେବଙ୍କୁ ବିଭିନ୍ନ ସମୟରେ ଜମାଅତ୍‌ର ସେବା କରିବା ନିମନ୍ତେ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା । ଦୀର୍ଘ କାଳ ପର୍ଯ୍ୟନ୍ତ ନର୍‌ୱେର ସେକ୍ରେଟାରୀ ଉମୁରେ ଖାର୍ଜା ରୂପେ ଆପଣ ଦାୟିତ୍ୱ ନିର୍ବାହ କରିଥିଲେ । କିଛି କାଳ ଆପଣ ରବ୍‌ୱରେ ନିଜକୁ ୱକଫ୍ କରିବାର ସାମର୍ଥ୍ୟ ମଧ୍ୟ ପ୍ରାପ୍ତ ହୋଇଥିଲା । ପୁନଶ୍ଚ ହ. ଖଲିଫତୁଲ୍ ମସିହ୍ ରାବେ ରହେମହୁଲ୍ଲାଃ ଅଲୈହି ତାଙ୍କୁ ନର୍‌ୱେର ପରିସ୍ଥିତି ଅନୁଯାୟୀ ତାଙ୍କୁ ନର୍‌ୱେ ଫେରିଯିବାକୁ ଆଦେଶ ଦେଇଥିଲେ ଏବଂ ସେଠାରେ ଯାଇ ଆପଣ ଜମାଅତର ସେବା କରିଥିଲେ । ଜମାଅତ୍‌ର ସାହିତ୍ୟ ସୃଜନୀ ଉପରେ ଆପଣଙ୍କର ଦଖଲ ରହିଥିଲା । ଅର୍ଥାତ୍ ସିଦ୍ଧହସ୍ତ ଓ ପାରଙ୍ଗମ ବ୍ୟକ୍ତି ଥିଲେ ।

କଲେଜର ପ୍ରାରମ୍ଭିକ ବର୍ଷରେ ପାଠ ପୁସ୍ତକ ବ୍ୟତୀତ ଅନ୍ୟାନ୍ୟ ପୁସ୍ତକ ଯଥା ତଫସିର୍ କବିର ସଂପୂର୍ଣ୍ଣ ଅଧ୍ୟୟନ କରି ନେଇଥିଲେ। ଅର୍ଥାତ୍ ଯୁବାବସ୍ଥାରେ ହିଁ ସଂପୂର୍ଣ୍ଣ ତଫ୍‌ସିର୍ କବିର ପାଠ କରି ନେଇଥିଲେ। ଧାର୍ମିକ ପୁସ୍ତକ ବ୍ୟତୀତ ଜମାଅତୀୟ ଖବର କାଗଜ ଏବଂ ପତ୍ର ପତ୍ରିକା ନିୟମିତ ରୂପେ ପାଠ କରୁଥିଲେ । ଖିଲାଫତ୍ ସହିତ ଅତି ନିବିଡ଼ ପ୍ରେମ ଓ ଆନ୍ତରୀକତା ପ୍ରଦର୍ଶନ କରିବା ତାଙ୍କ ଆତ୍ମାରେ ପ୍ରବିଷ୍ଟ ହୋଇଯାଇଥିଲା। ଆପଣ ଅତ୍ୟନ୍ତ ସରଳ ସ୍ୱଭାବ, କୋମଳ ହୃଦୟ ଏବଂ ବିଶ୍ୱସ୍ତ ବ୍ୟକ୍ତି ଥିଲେ । ଚାନ୍ଦା ସର୍ବଦା ଯଥା ମସୟରେ ପୈଠ କରୁଥିଲେ । ଏହା ସୁନିଶ୍ଚିତ କରୁଥିଲେ ଯେ, ଯଥା ସମୟରେ ଚାନ୍ଦା ପୈଠ ହେଉ । ଛାତ୍ର ଜୀବନରେ ହିଁ ନିଜାମେ ୱସିୟତ୍‌ରେ ସାମିଲ୍ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ ।

ନମାଜ୍ ପାଠ କରିବା ଏବଂ ରୋଜା ରଖିବାର ନିୟମାନୁବର୍ତ୍ତୀ ଥିଲେ। ନୱାଫିଲ୍ ନମାଜ ପାଠ କରିବାର ବିଶେଷ ବ୍ୟବସ୍ଥା କରୁଥିଲେ। ଅଲ୍ଲାଃତାଲା ଏବଂ ଭକ୍ତମାନଙ୍କର କର୍ତ୍ତବ୍ୟ ସମ୍ପାଦନକାରୀ ବ୍ୟକ୍ତି ଥିଲେ । ବିନୀତ ଏବଂ ବିନମ୍ରତାମୂଳକ ସ୍ୱଭାବ ସ୍ୱର୍ଗତ ମେହମୁଦ୍ ଅୟାଜ୍ ସାହେବଙ୍କର ଥିଲା । ଶୃଙ୍ଖଳିତ, ଗମ୍ଭୀରତା ଭଳି ସୁଗଣାବଳୀ ସ୍ୱର୍ଗତଙ୍କର ଅନନ୍ୟ ବିଶେଷତା ଥିଲା ।

ସ୍ୱର୍ଗତା ମେହମୁଦ୍ ଅୟାଜ୍ ସାହେବଙ୍କର ସ୍ୱଭାବ ପ୍ରକାଶ୍ୟରେ ଏବଂ ଆଭ୍ୟନ୍ତରୀଣରେ ସ୍ୱଷ୍ଟ ଓ ନିର୍ମଳ ଥିଲା । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । **ଆମିନ୍** । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଯନାଜାଃଟି ଯନାଜାଃ ହାଜିର ସହିତ ମୁଁ ପାଠ କରିବି । **(ଅଲ୍ ଫଜଲ୍ ଇଣ୍ଟର୍ ନେସ୍‌ନାଲ୍, ନଭେମ୍ବର ମାସ 29 ତାରିଖ, 2024 ମସିହା, ପୃ-2-8)**

☆--☆--☆

## ପୃ-2ରେ ବର୍ଣ୍ଣିତ ହ. ମୁସଲେହ୍ ମଉଦ୍ ର.ଅଙ୍କ ଗସ୍ତ ସଂପର୍କିତ ପ୍ରସଙ୍ଗର ଅବଶିଷ୍ଟାଂଶ....

ଉକ୍ତ ଗସ୍ତ ଆପତ୍ତି ଯୋଗ୍ୟ ନଥିଲା । କାରଣ ଏହି ଯାତ୍ରା ବା ଏହି ଗସ୍ତ ଭବିଷ୍ୟବାଣୀକୁ ସଂପୂର୍ଣ୍ଣକାରୀ ନିମନ୍ତେ ଉପଯୋଗୀ ନଥିଲା । ଆଁହଜରତ୍ ସ.ଅଙ୍କ ଗୋଟିଏ ଭବିଷ୍ୟବାଣୀ ଦମିଶ୍କ ସଂକ୍ରାନ୍ତରେ ଥିଲା ଏବଂ ଅନ୍ୟ ଏକ ଭବିଷ୍ୟବାଣୀ ଯାହା ହ. ମସିହ୍ ମଉଦ୍ ଅ.ସ କରିଥିଲେ ତାହା ଇଂଲଣ୍ଡ ସଂପର୍କରେ ଥିଲେ । ଅତଏବ୍ ଆମେମାନେ ଯଦି ନିଜର ଟଙ୍କା ପଇସାରୁ...... ଉକ୍ତ ଯାତ୍ରାକୁ କେତେକ ଭବିଷ୍ୟବାଣୀ ସଂପୂର୍ଣ୍ଣ କରିବା ନିମନ୍ତେ ଅବଲମ୍ବନ ଏବଂ ପାଥେୟ କରୁ ତେବେ ଉକ୍ତ ଯାତ୍ରା ଏବଂ ଉକ୍ତ ଗସ୍ତ ଉପରେ ଆପତ୍ତିକାରୀମାନେ ଆପତ୍ତି କରିପାରି ଥାଆନ୍ତେ ।"**(ଅଲ୍ ଫଜଲ୍ କାଦିୟାନ୍ ଦାରୁଲ୍ ଅମାନ୍, ଅକ୍ଟୋବର ମାସ 04 ତାରିଖ, 1924 ମସିହା, ପୃ-4, ସ୍ତମ୍ଭ-2)**

### ଏକ ପୂର୍ଣ୍ଣାଙ୍ଗ ବ୍ୟବସ୍ଥା ନିମନ୍ତେ ପ୍ରସ୍ତାବ ଦେବା

ହ. ମୁସ୍‌ଲେହ୍ ମଉଦ୍ ର.ଅ ନିଜ ଗସ୍ତ ତଥା ଯାତ୍ରାର ଅଭିପ୍ରାୟ ଏବଂ ଉଦ୍ଦେଶ୍ୟ ଉପରେ ଆଲୋକପାତ କରି କୁହନ୍ତି: "ମୋ ନିକଟରେ ଯେଉଁ ଉଦ୍ଦେଶ୍ୟ ଓ ଯେଉଁ ଅଭିପ୍ରାୟ ସକାଶେ ଉକ୍ତ ଯାତ୍ରା ବା ଉକ୍ତ ଗସ୍ତର ଆବଶ୍ୟକତା ପଡ଼ିଛି ତନ୍ମଧ୍ୟରୁ ଗୋଟିଏ ଅଭିପ୍ରାୟ ଏହିକି ଯେ, (1) ହ. ମସିହ୍ ମଉଦ୍ ଅ.ସଙ୍କ ସ୍ୱପ୍ନକୁ ପୂର୍ଣ୍ଣ ଓ ସାକାର କରିବା । (2) ଦ୍ୱିତୀୟ ଅଭିପ୍ରାୟ ଏହିକି ଯେ, ଉକ୍ତ ଗସ୍ତ ଧାର୍ମିକ ଆବଶ୍ୟକତା ନିମନ୍ତେ ଉଦ୍ଦିଷ୍ଟ ଅଟେ । ଧାର୍ମିକ ଆବଶ୍ୟକତା ଏହାର ଆବାହକ ଅଟେ । କାରଣ ଆମ ଜମାଅତ୍‌ର କାର୍ଯ୍ୟ ସମଗ୍ର ସଂସାରରେ ଇସ୍‌ଲାମ୍ ଧର୍ମର ତବ୍‌ଲିଗ୍ (ପ୍ରଚାର) କରିବା ନିମନ୍ତେ ଉଦ୍ଦିଷ୍ଟ ଅଟେ ।

କାରଣ ସମସ୍ତ ସଂସାରକୁ ଇସ୍‌ଲାମ୍ ଧର୍ମର ପରିଧି ବଳୟକୁ ଆଣିବା ଅର୍ଥାତ ପରିସରଭୁକ୍ତ କରିବା ଆମମାନଙ୍କର ସର୍ବାଦୌ କର୍ତ୍ତବ୍ୟ ଅଟେ । ଏଥି ନିମନ୍ତେ ଏହା ମଧ୍ୟ ଆବଶ୍ୟକ ଯେ, ଆମେ ଏକ ପୂର୍ଣ୍ଣାଙ୍ଗ ବ୍ୟବସ୍ଥାର ପ୍ରସ୍ତାବ ଦେବୁ......ଏହି ବ୍ୟବସ୍ଥା ନିର୍ଦ୍ଧାରିତ କରିବା ନିମନ୍ତେ ଏହା ଆବଶ୍ୟକ ଯେ, ଉପସ୍ଥିତ ଖଲିଫା ପାଶ୍ଚତ୍ୟ ଦେଶର ଅବସ୍ଥା ସଂପର୍କରେ ସେଠାକୁ ଯାଇ ଅବଲୋକନ କରନ୍ତୁ.......ଇଉରୋପ ଇସ୍‌ଲାମୀୟ ଧର୍ମର ଆସ୍ଥା ବା ଧର୍ମ ବିଶ୍ୱାସକୁ ସ୍ୱୀକାର କରିବା ନିମନ୍ତେ ଆଜି ପ୍ରସ୍ତୁତ ଅଟେ । କିନ୍ତୁ ପାଶ୍ଚାତ୍ୟ ଦେଶ ଅର୍ଥାତ୍ ଇଉରୋପବାସୀ ନିଜର ଅଭ୍ୟାସକୁ ପରିତ୍ୟାଗ କରିବା ନିମନ୍ତେ ଆଦୌ ପ୍ରସ୍ତୁତ ନୁହନ୍ତି ।

ଇଉରୋପୀୟ ଦେଶ ଇସ୍‌ଲାମ୍ ଧର୍ମର ଧର୍ମବିଶ୍ୱାସକୁ ସ୍ୱୀକାର କରିବା ନିମନ୍ତେ ପ୍ରସ୍ତୁତ ନୁହନ୍ତି ଓ ନିଜର ଅଭ୍ୟାସକୁ ପରିତ୍ୟାଗ କରିବା ପାଇଁ ପ୍ରସ୍ତୁତ ନୁହନ୍ତି ବରଂ ଇଉରୋପୀୟ ଦେଶ ଏସିଆ ଓ ଆଫ୍ରିକା ଭଳି ଦେଶକୁ ମଧ୍ୟ ନିଜ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ଓ ନିଜ ସଭ୍ୟତା ଅନୁକରଣ କରିବା ନିମନ୍ତେ ବାଧ୍ୟ କରି ଇସ୍‌ଲାମ୍ ଧର୍ମକୁ ସଂସାରରୁ ସଂପୂର୍ଣ୍ଣ ରୂପେ ମୂଳୋତ୍ପାଟନ କରି ଦେବାକୁ ଚାହୁଁଛି । ସେହି ଲୋକମାନଙ୍କର ଚାଲି ଚଳନ ଏବଂ ଜୀବନ ଶୈଳୀ, ରହଣୀ ଆମମାନଙ୍କ ଠାରୁ ସଂପୂର୍ଣ୍ଣ ରୂପେ ଭିନ୍ନ ଅଟେ। କାରଣ ଘରେ ବସି ସେମାନଙ୍କ ସଂକ୍ରାନ୍ତରେ ରାୟ ଦେବା ସେହିପରି ଅଟେ ଯେପରି ଭୂପୃଷ୍ଠରେ ବାସ କରି ଚନ୍ଦ୍ରର ଅବସ୍ଥା ସଂକ୍ରାନ୍ତରେ ମତାମତ ଦେବା ସହିତ ସମାନ ଅଟେ । ବରଂ ଏହାଠୁ ବି ଅଧିକ କଷ୍ଟକର ବ୍ୟାପାର ଅଟେ । କାରଣ ଚନ୍ଦ୍ରର ଅବସ୍ଥା ସଂପର୍କରେ ଆମେ ଦୂରବୀକ୍ଷଣ ଯନ୍ତ୍ର ଦ୍ୱାରା ଦେଖି ପାରିବା । କିନ୍ତୁ ଏଠାରେ ଅର୍ଥାତ୍ ଇଉରୋପରେ ଏକ ଜୀବନ୍ତ ଜାତିର ସଂଶୋଧନ ଓ ସଂସ୍କାରର ପ୍ରଶ୍ନ ରହିଛି । ଏହି ଜାତିର ପ୍ରକାଶ୍ୟଗତ ମୁଖମଣ୍ଡଳକୁ ଦେଖି ଆମେମାନେ ରାୟ ଦେଇପାରିବୁ ନାହିଁ। ବରଂ ଏହି ଜାତିର ହୃଦୟାଗତ ଚିନ୍ତାଧାରା ଏବଂ ଦ୍ୱୈଷାଭାବ ସଂକ୍ରାନ୍ତରେ ଆମେ ନିଷ୍ପତ୍ତି ଏବଂ ମୀମାଂସା କରିବୁ ।"

**(ଇଉରୋପ ଗସ୍ତ, ଅନ୍‌ୱାରୁଲ୍ ଉଲୁମ୍, ଭାଗ-8, ପୃ-381)**

### ଶତାବ୍ଦୀ ନିମନ୍ତେ ଏକ ଯୋଜନା ପ୍ରସ୍ତୁତ କରିବା

ହୁଜୁର ର.ଅଙ୍କ ଇଉରୋପ ଗସ୍ତର ଏକ ଅଭିପ୍ରାୟ ଉକ୍ତ ଶବ୍ଦରେ ପାଠକମଣ୍ଡଳୀଙ୍କ ଦୃଷ୍ଟିଗୋଚର ହେଉ । ହୁଜୁର ର.ଅ କୁହନ୍ତି: ଉକ୍ତ ଯାତ୍ରା "ଶତାବ୍ଦୀର ତବ୍‌ଲିଗ୍ ନିମନ୍ତେ ଏବଂ ଏକ ଯୋଜନା ରୂପେ ପ୍ରସ୍ତାବ ଦିଆଯିବା" ନିମନ୍ତେ ଅବଲମ୍ବନ କରାଯାଇଥିଲା ।

**(ଅଲ୍ ଫଜଲ୍ କାଦିୟାନ୍ ଦାରୁଲ୍ ଅମାନ୍, ଅଗଷ୍ଟ ମାସ 16 ତାରିଖ,**

**1924 ମସିହା, ପୃ-3, ସ୍ତମ୍ଭ-1)**

**ହୁଜୁର ର.ଅଙ୍କ ଏକ ସ୍ୱପ୍ନ ସାକାର ହେବା ପ୍ରସଙ୍ଗ**

ହୁଜୁର ର.ଅ କୁହନ୍ତି: "ମୁଁ ଦେଖିଲି ଯେ, ମୁଁ ଲଣ୍ଡନ୍‌ରେ ଅଛି ଏବଂ ଏପରି ଏକ ଜଲ୍‌ସାରେ ଅଛି ଯହିଁରେ ପାର୍ଲିଆମେଣ୍ଟର ବଡ଼ ବଡ଼ ସଦସ୍ୟମାନେ ଏବଂ ନୱାବ୍, ମନ୍ତ୍ରୀ ପାରିଷଦ ଏବଂ ଅନ୍ୟାନ୍ୟ ବଡ଼ ବଡ଼ ଗଣମାନ୍ୟ ବ୍ୟକ୍ତି ଉପସ୍ଥିତ ଅଛନ୍ତି । ଉକ୍ତ ଜଲସା ହେଉଛି ଏକ ନିମନ୍ତ୍ରଣମୂଳକ ଜଲ୍‌ସା । ଉକ୍ତ ଜଲ୍‌ସାରେ ମୁଁ ମଧ୍ୟ ସାମିଲ୍ ହୋଇଛି । ପୂର୍ବତନ ପ୍ରଧାନ ମନ୍ତ୍ରୀ ମିଷ୍ଟର୍ ଲାଏଡ୍ ଜର୍ଜ୍ ଉକ୍ତ ଜଲ୍‌ସାରେ ଭାଷଣ ଦେଉଛନ୍ତି । ଭାଷଣ ଦେଉ ଦେଉ ତାଙ୍କର ଅବସ୍ଥା ହଠାତ୍ ପରିବର୍ତ୍ତନ ହୋଇଗଲା । ସେ ହଲ୍‌ରେ ବୁଲିବାକୁ ଆରମ୍ଭ କରିଦେଲେ ଏବଂ ଏପରି ବିବ୍ରତାବସ୍ଥା ତାଙ୍କ ଗତିବିଧିରୁ ପ୍ରକଟିତ ହେଲା ଯେ, ସମସ୍ତ ଲୋକମାନେ ଏହା ଭାବିଲେ ଯେ, ସେ ପାଗଳ ହୋଇଯାଇଛନ୍ତି । ସମସ୍ତ ଲୋକମାନେ ଧାଡ଼ି ବାନ୍ଧି ଛିଡ଼ା ହୋଇଯାଇଛନ୍ତି। ସେ ଶୀଘ୍ର ଶୀଘ୍ର ଏଣେତେଣେ ବୁଲୁଛନ୍ତି । ଠିକ୍ ସେତିକିବେଳେ ଲର୍ଡ଼ କର୍ଜନ୍ ସାହେବ ଆଗକୁ ବଢି ତାଙ୍କ କାନରେ ଧୀରେ କିଛି କଥା କହିଲେ । ତାଙ୍କ ଆଖାପଖରେ ଥିବା ବ୍ୟକ୍ତିମାନଙ୍କୁ ଲର୍ଡ କର୍ଜନ୍ ସାହେବ ସେହି କଥା କହିଲେ ଯାହା ସେ ମିଷ୍ଟର ଲର୍ଡ଼ ଜର୍ଜନ୍ ସାହେବଙ୍କୁ କହିଥିଲେ । ସମସ୍ତ ଲୋକମାନେ ହଲ୍‌ର ଦୁଆର ଆଡ଼କୁ ଦଉଡ଼ି ଚାଲିଗଲେ । ବାହାରେ ସଡ଼କ ଆଡ଼କୁ ପୂର୍ବ ଦିଗ ଆଡ଼କୁ ଉଣ୍ଡିବାକୁ ଲାଗିଲେ । ସେମାନଙ୍କର ଏହି ପନ୍ଥା ଯୋଗୁଁ ଆଶ୍ଚର୍ଯ୍ୟ ଚକିତ ହେଲି । କାଜି ଅବ୍ଦୁଲ୍ଲାଃ ସାହେବ ମୋ ନିକଟରେ ଛିଡ଼ା ହୋଇଛନ୍ତି । ମୁଁ ତାଙ୍କୁ ପଚାରିଲି କାଜି ସାହେବ ! ମିଷ୍ଟର ଲାଏଡ୍ ଜର୍ଜନ୍ ସାହେବ ଲର୍ଡ଼ କର୍ଜନ ସାହେବଙ୍କୁ ଏହା କହିଲେ, କି ମୁଁ ପାଗଳ ନୁହେଁ ବରଂ ମୁଁ ଏଇଥି ପାଇଁ ହଲ୍‌ରେ ବୁଲୁଛି ଯେ, ମୋତେ ଏହି ମୁହୂର୍ତ୍ତରେ ଏକ ସୂଚନା ମିଳିଲା ଯେ, ମିର୍ଜା ମେହମୁଦ୍ ସାହେବ ଇମାମ୍ ଜମାଅତ୍ ଅହେମଦିୟାଙ୍କ ସୈନ୍ୟବାହିନୀ ଖ୍ରୀଷ୍ଟିଆନ୍‌ମାନଙ୍କ ଗଡ଼କୁ ଧସେଇ ଆଗକୁ ମାଡ଼ି ଆସୁଛି ଏବଂ ଖ୍ରୀଷ୍ଟିୟ ସୈନ୍ୟବାହିନୀ ପରାସ୍ତ ହେଉଛି । ଖ୍ରୀଷ୍ଟୀୟ ସୈନ୍ୟବାହିନୀ ପଛକୁ ଘୁଞ୍ଚି ଘୁଞ୍ଚି ଏହି ସ୍ଥାନ ନିକଟବର୍ତ୍ତୀ ଆସିଯାଇଛି ।"

**(ଇଉରୋପ ଗସ୍ତ, ଅନ୍‌ୱାରୁଲ୍ ଉଲୁମ୍, ଭାଗ-8, ପୃ-383)**

**ୱଲିୟମ୍ ଦି କଙ୍କରର୍ (William the Conqueror)"ର ସ୍ୱପ୍ନ ପୂର୍ଣ୍ଣ ତଥା ସାକାର ହେବା**

ହୁଜୁର ର.ଅ କୁହନ୍ତି: "ଆପଣ ସମସ୍ତଙ୍କୁ ଜଣା ଯେ, ଏହି ସମ୍ରାଟ୍ ଯାହାଙ୍କ ହସ୍ତରେ ସମସ୍ତ ବିଶ୍ୱର ଡୋର ରହିଛି । ମୋତେ ସ୍ୱପ୍ନରେ କୁହାଯାଇଥିଲା ଯେ, ମୁଁ ଇଲଂଣ୍ଡ ଯାଇଛି ଏବଂ ଏକ ବିଜୟୀ ସେନାପତି ପରି ଇଂଲଣ୍ଡରେ ପ୍ରବେଶ କରୁଛି । ସେତେବେଳେ ମୋର ନାମ ୱଲିୟମ୍ ଦି କଙ୍କରର ରଖାଯାଇଛି............ଉକ୍ତ ସ୍ୱପ୍ନ ହେତୁ ମୁଁ ଏହି ବିଶ୍ୱାସ ରଖୁଥିଲି ଯେ, ଇଂଲଣ୍ଡର ଆଧ୍ୟାତ୍ମିକ ବିଜୟ କେବଳ ମୋର ଇଂଲଣ୍ଡ ଯିବା ସହିତ ସଂଶ୍ଲିଷ୍ଟ ଓ ଜଡ଼ିତ ରହିଛି । କିନ୍ତୁ ଅଲ୍ଲାଃତାଲାଙ୍କ କୃପାରୁ ମୁଁ ଇଂଲଣ୍ଡ ପହଞ୍ଚି ଯାଇଛି ଏବଂ ବର୍ତ୍ତମାନ ମୋ ମତରେ ଇଂଲଣ୍ଡ ବିଜୟର ମୂଳଦୁଆ ସ୍ଥାପନ ହୋଇଯାଇଛି । ଆକାଶ ଲୋକରେ ଇଂଲଣ୍ଡ ବିଜୟର ମୂଳଦୁଆ ସ୍ଥାପନ କରି ଦିଆଯାଇଛି । ଯଥା ସମୟରେ ଉକ୍ତ ବିଜୟର ଘୋଷଣା ଭୂପୃଷ୍ଠରେ ମଧ୍ୟ ହୋଇଯିବ........ଇଲଂଣ୍ଡ ବିଜୟ ହୋଇଗଲା। ଈଶ୍ୱରଙ୍କ ପ୍ରତିଶୃତି ପୂର୍ଣ୍ଣ ହୋଇଗଲା । ଉକ୍ତ ବିଜୟର ସର୍ତ୍ତ ଆକାଶରେ ଏପରି ନିୟତିକୃତ ହୋଇଥିଲା ଯେପରିକି ମୁଁ ଇଂଲଣ୍ଡ ଆସିବି । ଅତଃ ମୁଁ ଈଶ୍ୱରଙ୍କ କୃପାରୁ ଇଂଲଣ୍ଡ ପହଞ୍ଚି ଯାଇଛି । ବର୍ତ୍ତମାନ ଏହାକୁ କାର୍ଯ୍ୟକାରୀ କରିବାର ଶୁଭାରମ୍ଭ ଓ ଶୁଭ ମୁହୂର୍ତ୍ତ ମଧ୍ୟ ଇନ୍‌ଶାଅଲ୍ଲାଃ ଆରମ୍ଭ ହଇଯିବ। ଯଥା ସମୟରେ ଲୋକମାନେ ମଧ୍ୟ **ଇନ୍‌ଶାଅଲ୍ଲାଃ** ଦେଖିନେବେ ଯେ, ମୁଁ ଯାହା କିଛି ଉଲ୍ଲେଖ କରିଥିଲି ତାହା ସତ୍ୟ । ତାହା ସତ୍ୟ ବୋଲି ସିଦ୍ଧ ହୋଇଛି। ଅବୋଧ ବ୍ୟକ୍ତିମାନେ ଲୋକମାନେ ଜାଣନ୍ତି ନାହିଁ ଯେ, କେତେକ ପ୍ରସଙ୍ଗ କେତେକ ବିଶେଷ ବ୍ୟକ୍ତିମାନଙ୍କର ଅସ୍ତିତ୍ୱ ସହିତ ସଂଶ୍ଲିଷ୍ଟ (ଜଡ଼ିତ) ହୋଇଥାଏ । ଇଂଲଣ୍ଡରେ ଇସ୍‌ଲାମ୍ ଧର୍ମର ଉନ୍ନତିର ପ୍ରଶ୍ନ (ପ୍ରସଙ୍ଗ) ଈଶ୍ୱରଙ୍କ ବିଧାନ ଅନୁଯାୟୀ ମୋର ଇଂଲଣ୍ଡ ଆଗମନ ସହିତ ଜଡ଼ିତ ଥିଲା। ହ. ମସିହ୍ ମଉଦ୍ ଅ.ସଙ୍କୁ ଯେଉଁ ସ୍ୱପ୍ନ ଦେଖାଇ ଦିଆଯାଇଥିଲା ତହିଁରେ ଏହି ସୂଚନା ଏବଂ ଇଙ୍ଗିତ ମଧ୍ୟ କରାଯାଇଥିଲା ଯେ, ଆପଣଙ୍କ ବିଲାତ ଗସ୍ତ ଯିବା ଉପରାନ୍ତ (ପରେ) ବିଜୟ ଆରମ୍ଭ ହୋଇଯିବ । ମୋତେ ମଧ୍ୟ ଏହା ଦେଖାଇ ଦିଆଯାଇଥିଲା ଯେ, ଅବତାରମାନଙ୍କର ଖଲିଫା (ଉତ୍ତରାଧିକାରୀ) ସେମାନଙ୍କର ହିଁ ଅସ୍ତିତ୍ୱ ବୋଲି ବିବେଚିତ ହୋଇଥାଆନ୍ତି । ତେଣୁ ଉଭୟ ସ୍ୱପ୍ନର ଅର୍ଥ ଗୋଟିଏ ହିଁ ଥିଲା । ହ. ମସିହ୍ ମଉଦ୍ ଅ.ସଙ୍କ ସ୍ୱପ୍ନରୁ ଯଥାର୍ଥ ମଧ୍ୟ ଆପଣ ଅ.ସଙ୍କ ଉତ୍ତରାଧିକାରୀଙ୍କ ଇଂଲଣ୍ଡ ଗସ୍ତ ଥିଲା ଏବଂ ମୋ (ଖଲିଫା ସାନି ର.ଅ) ସ୍ୱପ୍ନର ଯଥାର୍ଥ ମଧ୍ୟ ହ. ମସିହ୍ ମଉଦ୍ ଅ.ସଙ୍କ ବିଲାତ୍ ଗସ୍ତ ଥିଲା । ଅତଏବ୍ ହ. ମସିହ୍ ମଉଦ୍ ଅ.ସ ନିଜର ଉତ୍ତରାଧିକାରୀଙ୍କ ମାଧ୍ୟମରେ ଇଂଲଣ୍ଡ ପହଞ୍ଚିଗଲେ । ତେଣୁ ବର୍ତ୍ତମାନ ବିଜୟର ଦ୍ୱାର ଉନ୍ମୁକ୍ତ (ଖୋଲି) ଦିଆଯିବ । ଉକ୍ତ ବିଜୟ ସଦା ସର୍ବଦା ପାଇଁ ନିର୍ଦ୍ଧାରିତ ଓ ନିୟତିକୃତ ଥିଲା ।"**(ଅଲ୍ ଫଜଲ୍ କାଦିୟାନ୍ ଦାରୁଲ୍ ଅମାନ୍, ଅକ୍ଟୋବର ମାସ 04 ତାରିଖ, 1924 ମସିହା, ପୃ-3, ସ୍ତମ୍ଭ-3)**

**ଆପଣ ର.ଅ ୱଲିୟମ୍ ଦି କଙ୍କରର୍ (William the Conqueror)"ର ସ୍ୱପ୍ନ ପ୍ରକାଶ୍ୟରେ ମଧ୍ୟ ପୂର୍ଣ୍ଣ (ସାକାର) କଲେ**

ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କୁ ଏକ ସ୍ୱପ୍ନରେ ଏହା ଦେଖାଇ ଦିଆଯାଇଥିଲା । ତତ୍‌ସଂକ୍ରାନ୍ତରେ ଏକ ରୋଚକ କଥା ବା ତଥ୍ୟ ରହିଛି। ତାହା ଏହିକି ଯେ, ଲଣ୍ଡନ୍‌ରେ ହୁଜୁରଦେ ମସ୍‌ଉଦଙ୍କ (ଖଲିପା ସାନି ର.ଅଙ୍କ ପବିତ୍ର ଆଗମନ) ସଂକ୍ରାନ୍ତରେ ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କୁ ଏକ ସ୍ୱପ୍ନ ପୂର୍ବରୁ ହିଁ ଦେଖାଇ ଦିଆଯାଇଥିଲା । ଅର୍ଥାତ୍ ଆପଣ ର.ଅ ସମୁଦ୍ର କୂଳରେ ଇଂଲଣ୍ଡର ଏକ ସ୍ଥାନରେ ଅବତରଣ କରିଛନ୍ତି ଓ ଏକ କାଠ ଗଣ୍ଡି ଉପରେ ପାଦ ରଖି ଏକ ସଫଳ ସେନାପତି ପରି ଚତୁର୍ଦ୍ଦିଗରେ ଦୃଷ୍ଟି ବୁଲାଇ ଦେଖୁଛନ୍ତି ଏବଂ ଆପଣ ର.ଅ ଏକ ସ୍ୱର ଶୁଣିଲେ; **"ୱଲିୟମ୍ ଦି କଙ୍କରର୍ (William the Conqueror)"** । ଅର୍ଥାତ୍ ଇଂଲଣ୍ଡର ଆଧ୍ୟାତ୍ମିକ ବିଜୟ ହୁଜୁର୍ ର.ଅଙ୍କ ଇଂଲଣ୍ଡ ଗସ୍ତର ଆଗମନ ସହିତ ନିୟତିକୃତ ଥିଲା ଯାହା ବର୍ତ୍ତମାନ ପ୍ରାଦୁର୍ଭୂତ ହୋଇଛି ।" ସୁତରାଂ ଉକ୍ତ ସ୍ୱପ୍ନକୁ ପ୍ରକାଶ୍ୟ ଦୃଷ୍ଟିରୁ ସାକାର କରିବା ନିମନ୍ତେ ଆପଣ ର.ଅ 1924 ମସିହା ଅକ୍ଟବର ମାସ 2 ତାରିଖରେ ଏକ ଯାତ୍ରା କଲେ ଏବଂ ଆପଣ ପେଭେନ୍ସି (Pevensi) ଠାରେ ପହଞ୍ଚିଲେ । ପୁନଶ୍ଚ ଏଠାରୁ ପେଭେନ୍ସି (Pevensi) ଉପସାଗର ଠାରେ ପହଞ୍ଚିଲେ ଓ ଡଙ୍ଗା ନେଇ ଅର୍ଥାତ୍ ଡଙ୍ଗା ସାହାଯ୍ୟରେ ସେହି ସ୍ଥାନରେ ପହଞ୍ଚିଲେ ଯେଉଁଠି ୱିଲିୟମ୍ ଦି କଙ୍କରର ଅବତରଣ କରିଥିଲା । **(ଅଲ୍ ଫଜଲ୍ କାଦିୟାନ୍ ଦାରୁଲ୍ ଅମାନ୍, ନଭେମ୍ବର ମାସ 20 ତାରିଖ, 1924 ମସିହା, ପୃ-5, ସ୍ତମ୍ଭ-2)**

ହୁଜୁର ର.ଅ କୁହନ୍ତି: "ଯେତେବେଳେ ମୁଁ ଇଉରୋପ ଯିବାର ନିଷ୍ପତ୍ତି ନେଲି ସେତେବେଳେ ମୋତେ ସେହି ସ୍ୱପ୍ନ ମନେ ପଡ଼ିଲା । ଅର୍ଥାତ୍ ସେହି ସ୍ୱପ୍ନରେ ମୁଁ ସ୍ୱୟଂକୁ ୱିଲିୟମ୍ ଦି କଙ୍କରର ରୂପେ ଅବଲୋକନ କରିଥିଲି ..... ଇଲଂଣ୍ଡର ଉପକୂଳ ଠାରେ ପାଦ ଯେତେବେଳେ ରଖିଲି ସେତେବେଳେ ମୁଁ ବୁଝିନେଲି ଯେ, ବର୍ତ୍ତମାନ ଈଶ୍ୱରଙ୍କ କୃପାରୁ ଏହା ଅର୍ଥାତ୍ ଇଂଲଣ୍ଡକୁ ଜୟ କରିନିଆଗଲା । ଅର୍ଥାତ୍ ମୁଁ ଇଂଲଣ୍ଡକୁ ଜୟ କରିନେଲି । ସୁତରାଂ ମୁଁ ସେହି ମୁହୂର୍ତ୍ତରେ ହିଁ ଏକ ବିଷୟବସ୍ତୁ ରଚନା କଲି ଯାହା ଅଲ୍ ଫଜଲରେ ପ୍ରକାଶିତ ହୋଇଗଲା । ଉକ୍ତ ବିଷୟବସ୍ତୁରେ ମୁଁ ଲେଖି ଦେଇଥିଲି ଯେ, ଇଂଲଣ୍ଡର ଆଧ୍ୟାତ୍ମିକ ବିଜୟ ଆରମ୍ଭ ହୋଇଯାଇଛି ।"**(ଅଖବାର୍ ଅଲ୍ ଫଜଲ୍ କାଦିୟାନ୍ ଦାରୁଲ୍ ଅମାନ୍, ଡିସେମ୍ବର ମାସ 04 ତାରିଖ, 1924 ମସିହା, ପୃ-5, ସ୍ତମ୍ଭ-3)**

**ଦମିଶ୍କର ଭବିଷ୍ୟବାଣୀ କିପରି ପୂର୍ଣ୍ଣ ହେଲା ?**

ଦମିଶ୍କ ସଂପର୍କିତ ହଦିସ୍‌ର ଶବ୍ଦ ଏହିପରି ଅଟେ ଯେ, : بَعَثَ اللّٰهُ تَعَالٰی الْمَسِیْحَ ابْنَ مَرْیَمَ فَیَنْزِلُ عِنْدَ الْمَنَارَةِ الْبَیْضَآءِ شَرْقِیَّ دِمَشْقَ بَیْنَ مَھْزُوْدَتَیْنِ وَاضِعًا كَفَّیْهِ عَلٰی اَجْنِحَةِ مَلَكَیْنِ ଅର୍ଥାତ୍ ଅଲ୍ଲାଃତାଲା ମସିହ୍ ଇବ୍‌ନେ ମରିୟମ୍‌ଙ୍କୁ ଅବତୀର୍ଣ୍ଣ କରିବେ ଯିଏ ଦମିଶ୍କର ପୂର୍ବ ଦିଗରେ ଏକ ଧବଳ ବର୍ଣ୍ଣର ମିନାରା ନିକଟରେ ଦୁଇଟି ହଳଦିଆ ଚଦର ପରିଧାନ କରି ଦୁଇ ଦେବଦୂତଙ୍କ କାନ୍ଧରେ ହାତ ରଖି ଅବତୀର୍ଣ୍ଣ କରିବେ । **(ମୁସ୍‌ଲିମ୍ କିତାବୁଲ୍ ଫିତନ, ବାବ୍-ଜିକ୍ରୁଦ୍ ଦଜ୍ଜାଲ ଓ ସିଫତୁହୁ ୱମା ମାଆଅହୁ)**

ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ ଉକ୍ତ ହଦିସର ବ୍ୟାଖ୍ୟା କିର କୁହନ୍ତି: ثُمَّ یُسَافِرُ الْمَسِیْحُ الْمَوْعُوْدُ اَوْخَلِیْفَةٌ مِّنْ خُلَفَائِهٖ اِلَی الْاَرْضِ دِمَشْقَ فَھٰذَا مَعْنَی الْقَوْلِ الَّذِیْ جَآءَ فِیْ حَدِیْثِ مُسْلِمٍ اَنَّ عِیْسٰی یَنْزِلُ عِنْدَ مَنَارَةِ دِمَشْقَ۔

**(ହମାମତୁଲ୍ ବୁଶ୍ରା, ପୃ-37, ଉର୍ଦ୍ଦୁ ଅନୁବାଦ, ପୃ-121)**

ଅର୍ଥାତ୍ ପୁନଶ୍ଚ ପ୍ରତିଶୃତ ମସିହ୍ କିମ୍ବା ତାହାଙ୍କ ଖଲିଫାମାନଙ୍କ ମଧ୍ୟରୁ କୌଣସି ଜଣେ ଖଲିଫା ଦମିଶ୍କ ଭୂମି ଅଭିମୁଖେ ଯାତ୍ରା (ଗସ୍ତ) କରିବେ । ତେଣୁ ଉକ୍ତ ଭାବାର୍ଥ ସେହି କଥନର ଅଟେ ଯାହାକି ମୁସ୍‌ଲିମ୍ ହଦିସ୍‌ରେ

ଆଗତ ହୋଇଛି । ଅର୍ଥାତ୍ ଇସା ଦମିଶ୍କର ମିନାରା ନିକଟରେ ଅବତୀର୍ଣ୍ଣ ହେବ ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଉପରୋକ୍ତ ହଦିସ୍‌ର ବ୍ୟାଖ୍ୟା କରି କୁହନ୍ତି: "ଉପରୋକ୍ତ ହଦିସ୍‌ଗୁଡ଼ିକ ଯାହାକି ଏବେ ବି ଆମମାନଙ୍କ ବର୍ତ୍ତମାନିକ ଅବସ୍ଥା ସହିତ ଅନୁକୂଳ ବା ସାଦୃଶ୍ୟତା ରଖନ୍ତି ନାହିଁ । ସେହି ହଦିସ୍‌ଗୁଡ଼ିକୁ ଯଦି ପ୍ରକାଶ୍ୟରେ ଆମେ ଆମେ ବାସ୍ତବ ବୋଲି ପରିକଳ୍ପନା ଏବଂ ମନେକରୁ (ସ୍ୱୀକାର କରୁ) ତେବେ ମଧ୍ୟ କୌଣସି ଆପତ୍ତିମୂଳକ ପ୍ରସଙ୍ଗ ନୁହେଁ । କାରଣ ସମ୍ଭବତଃ ଈଶ୍ୱର ଉକ୍ତ ଭବିଷ୍ୟବାଣୀକୁ ବିନୀତର ଏପରି ପୂର୍ଣ୍ଣ ଅନୁଗାମୀ ମାଧ୍ୟମରେ କୌଣସି ଯୁଗରେ ପୂର୍ଣ୍ଣ କରିଦେବେ ଯିଏ ଅଲ୍ଲାଃତାଲାଙ୍କ ତରଫରୁ ଇସା ଅ.ସଙ୍କ ପରି ମସିହ୍‌ର ମର୍ଯ୍ୟାଦାର ଅଧିକାରୀ ହୋଇଥିବ ।

ପ୍ରତ୍ୟେକ ବ୍ୟକ୍ତି ଏକଥା ବୁଝି ପାରିବ ଯେ, ଅନୁଗାମୀମାନଙ୍କ ମାଧ୍ୟମରେ କେତେକ ସେବାର ପୂର୍ଣ୍ଣ ହେବା ବାସ୍ତବ କ୍ଷେତ୍ରରେ ସେହିପରି ଅଟେ ଯେପରି ଆମେମାନେ ସ୍ୱହସ୍ତରୁ ସେହି ସେବା ସମ୍ପାଦନ କରିଅଛୁ । ବିଶେଷ କରି ସେତେବେଳେ ଯେତେବେଳେ କେତେକ ଅନୁଗାମୀମାନେ ଗୁରୁଙ୍କ ପାଇଁ ନିଜକୁ ଉତ୍ସର୍ଗ କରିଦେବା ଭଳି ଅବସ୍ଥା ଅବଲମ୍ବନ କରି ନିଅନ୍ତି ଏବଂ ମୋର (ଖଲିଫା ସାନି ର.ଅ) ରୂପ ଧାରଣ କରି ନିଅନ୍ତି । ଈଶ୍ୱରଙ୍କ କୃପା ସେମାନଙ୍କୁ ସେହି ମର୍ଯ୍ୟାଦା ଛାୟା ସ୍ୱରୂପ ପ୍ରଦାନ କରିଦେଇଥାଏ ଯାହା ଆମମାନଙ୍କୁ ପ୍ରଦାନ କରିଛନ୍ତି ।

ସୁତରାଂ ଏଭଳି ପରିସ୍ଥିତିରେ ନିଃସନ୍ଦେହ ସେମାନଙ୍କର ଲାଳନ ପାଳନ ବା ସେମାନଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟ ଆମର କାର୍ଯ୍ୟ ବୋଲି ବିବେଚିତ ହେବ । କାରଣ ଯେଉଁ ବ୍ୟକ୍ତି ଆମମାନଙ୍କ (ହ. ମସ୍ଲେହ୍ ମଉଦ୍ ଏବଂ ଜମାଅତ୍ ଅହେମଦିୟା)ମାର୍ଗରେ ପରିଚାଳିତ ହୋଇଥାଏ ସେ ଆମ ଠାରୁ ଭିନ୍ନ ନୁହେଁ ଏବଂ ଯିଏ ଆମମାନଙ୍କର ଅଭିପ୍ରାୟ ଏବଂ ଆମମାନଙ୍କର ଉଦ୍ଦେଶ୍ୟକୁ ଆମ ମଧ୍ୟରେ ସାମିଲ୍ ହୋଇ ସମ୍ପାଦନ ଓ ପୂର୍ଣ୍ଣ କରିବାକୁ ଚେଷ୍ଟା କରେ ତେବେ ବାସ୍ତବରେ ସେ ଆମମାନଙ୍କ ଅସ୍ତିତ୍ୱରେ ହିଁ ଅନ୍ତର୍ଭୁକ୍ତ ହେବ ।" **(ଇଜାଲା ଔହାମ୍, ଭାଗ-1, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-3, ପୃ-316)**

ସୟେଦିନା ହ. ମୁସ୍ଲେହ୍ ମଉଦ୍ ର.ଅ ଏକ ପକ୍ଷରେ ଦମିଶ୍କର ମିନାରାରେ ଅବତୀର୍ଣ୍ଣ କରିବାର ଭବିଷ୍ୟବାଣୀ ପୂର୍ଣ୍ଣ ହେବା ସଂକ୍ରାନ୍ତରେ କୁହନ୍ତି । ଅପରପକ୍ଷେ ଆପଣ ଉକ୍ତ ଯାତ୍ରାରେ ଦମିଶ୍କ୍ ଠାରେ ଅବସ୍ଥାନ କରିଥିଲେ । "ମୌଲବୀ ଅବ୍ଦୁଲ୍ କାଦିର୍ ସାହେବ ନାମକ ଜନୈକ ମୌଲବୀ ସୟେଦ୍ ୱଲିଉଲ୍ଲାଃ ଶାହ୍ ସାହେବଙ୍କର ମିତ୍ର ଥିଲେ । ତାଙ୍କୁ ମୁଁ ପଚାରିଲି ଯେ, ମହୋଦୟ ! ସେହି ମିନାରାଟି କେଉଁଠି ଅବସ୍ଥିତ ଯାହା ତୁମ ନିକଟରେ ଅର୍ଥାତ୍ ତୁମ ମତରେ ହ. ଇସା ଅ.ସ ଅବତୀର୍ଣ୍ଣ କରିବେ? ସେ କହିବାକୁ ଲାଗିଲେ ଯେ, ମସ୍‌ଜିଦେ ଅମୱିୟାହ୍‌ର ମିନାରା । କିନ୍ତୁ ଆଉ ଜଣେ ମୌଲବୀ ସାହେବ କହିଲେ, ସେହି ମିନାରା ଖ୍ରୀଷ୍ଟିଆନ୍‌ମାନଙ୍କ ସାହିରେ ଅବସ୍ଥିତ ଅଟେ । ସେହିପରି ଆଉ ଜଣେ ବ୍ୟକ୍ତି କହିଲା, ହ. ଇସା ଅ.ସ ଆସି ସ୍ୱୟଂ ମିନାରା ନିର୍ମାଣ କରିବେ ।

ବର୍ତ୍ତମାନ ମୁଁ ଆଶ୍ଚର୍ଯ୍ୟ ଚକିତ ଥିଲି ଯେ, ସେହି ମିନାରାଟି କେଉଁଟି, ଚାଲ ଦେଖିନେବା ? ମୁଁ ସକାଳେ ହୋଟେଲ୍‌ରେ ଫଜର୍ ନମାଜ ପାଠ କରାଇଲି, ସେତେବେଳେ ଜୁଲ୍‌ଫିକାର୍ ଅଲୀ ଖାନ୍ ସାହେବ ଏବଂ ଡାକ୍ତର ହଶ୍‌ମତୁଲ୍ଲାଃ ସାହେବ ଥିଲେ । ଅର୍ଥାତ୍ ଏହି ବ୍ୟକ୍ତି ଦ୍ୱୟ ମୋ ପଛରେ ମୁକ୍‌ତଦି ଥିଲେ । ମୁଁ ଯେତେବେଳେ ବାମ ପାର୍ଶ୍ୱ ଓ ଡାହାଣ ପାର୍ଶ୍ୱରେ ସଲାମ୍ କଲି ସେତେବେଳେ ମୁଁ ଦେଖିଲି ଯେ, ମୋ ସମ୍ମୁଖରେ ମିନାରା ଅଛି । ମିନାରା ମଧ୍ୟରେ ଏବଂ ଆମମାନଙ୍କ ମଧ୍ୟରେ କେବଳ ଗୋଟିଏ ସଡ଼କର ବ୍ୟବଧାନ ରହିଛି । ମୁଁ କହିଲି, ଉକ୍ତ ମିନାରା ହେଉଛି ସେହି ମିନାରା ଏବଂ ଆମେମାନେ ସେହି ମିନାରର ଠିକ୍ ପୂର୍ବ ଦିଗରେ ଥିଲୁ । ଉକ୍ତ ମିନାରାଟି ସେଠାରେ କେବଳ ଏକମାତ୍ର ଧବଳ ବର୍ଣ୍ଣର ମିନାରା ଥିଲା। ଅନ୍ୟ କୌଣସି ମିନାରା ଧବଳ ବର୍ଣ୍ଣର ନଥିଲା । ମସ୍‌ଜିଦ୍ ଅମୱିୟାହ୍‌ର ମିନାରାର ରଙ୍ଗ ନୀଳ ରଙ୍ଗର ଥିଲା । ମୁଁ ଯେତେବେଳେ ଉକ୍ତ ଧଳା ରଙ୍ଗର ମିନାରାକୁ ଦେଖିଲି ଏବଂ ମୋ ପଛରେ ଦୁଇ ଜଣ ମୁକ୍‌ତଦିମାନେ ଥିଲେ ତେବେ ମୁଁ କହିଲି, ଜୁଲ୍‌ଫିକାର ସାହେବ ଓ ହଶ୍‌ମତୁଲ୍ଲାଃ ସାହେବ ! ସେହି ହଦିସ୍ ମଧ୍ୟ ସଂପୂର୍ଣ୍ଣ ହୋଇଗଲା ଯାହା ହଦିସ୍‌ମାନଙ୍କରେ ବର୍ଣ୍ଣିତ ହୋଇଥିଲା ।"**(ଅଲ୍ ଫଜଲ୍ କାଦିୟାନ୍ ଦାରୁଲ୍ ଅମାନ୍, ଅକ୍ଟୋବର ମାସ 04 ତାରିଖ, 1924 ମସିହା, ପୃ-6,7)**

ମିନାରା ପାଖରେ ଆପଣ ର.ଅଙ୍କ ଅବତୀର୍ଣ୍ଣ ହେବା ବାସ୍ତବରେ ମସିହ୍ ମଉଦ୍ ଅ.ସଙ୍କର ହିଁ ଅବତୀର୍ଣ୍ଣ ହେବା ବୋଲି ବିବେଚିତ ହେବ । **ପ୍ରଥମତଃ** ହ. ମସିହ୍ ମଉଦ୍ ଅ.ସ ଭବିଷ୍ୟବାଣୀ କରିଥିଲେ ଯେ, ମସିହ୍‌ରୁ ମସିହଙ୍କ ଖଲିଫା ଯଥାର୍ଥ ଅଟେ । ପୁନଶ୍ଚ ଦ୍ୱିତୀୟ ଅର୍ଥ ଏହା ମଧ୍ୟ ରହିଛି ଯେ, ହ. ମୁସ୍ଲେହ୍ ମଉଦ୍ ର.ଅ ହ. ମସିହ୍ ମଉଦ୍ ଅ.ସଙ୍କ ଉତ୍ତରାଧିକାରୀ ମଧ୍ୟ ଥିଲେ ଇସା ଅ.ସଙ୍କ ପରି ସାମଞ୍ଜସ୍ୟତା ରଖୁଥିଲେ (ଅଧିକାରୀ ଥିଲେ) ଆପଣ ର.ଅ । ସାହିତ୍ୟ ଜ୍ଞାନର ଅଧିକାରୀ ଥିବା ବ୍ୟକ୍ତିମାନେ ଉକ୍ତ କଥାକୁ ଭଲ ଭାବରେ ଜାଣନ୍ତି । କିନ୍ତୁ ଏକ ଅଜ୍ଞାତ ବ୍ୟକ୍ତିମାନେ ମଧ୍ୟ ଆପଣ ର.ଅଙ୍କୁ ମସିହ୍ ନକହି ଆଦୌ ରହି ପାରିବ ନାହିଁ ।

ହୁଜୁର ର.ଅ କୁହନ୍ତି: "ଈଶ୍ୱର ପ୍ରାରମ୍ଭରୁ ହିଁ ଏପରି ସାଧନ ସୃଷ୍ଟି କଲେ ଯେ, ବିଶେଷ ଇଙ୍ଗିତ ପ୍ରକାଶିତ ହେବାକୁ ଲାଗିଲା । ଜାହାଜର ବନ୍ଧୁମାନେ ମୋର ଆଗେ ପଛେ ବସିଥିଲେ । ଜାହାଜରେ ଥିବା ଡାକ୍ତର ଆସିଲା ଏବଂ ଆମକୁ ଦେଖି ଚାଲିଲା । ପୁନଶ୍ଚ ସେ ସମସ୍ତଙ୍କୁ ଗଣିଲା। ଗଣି ସାରିବା ପରେ କିଛି ସମୟ ପର୍ଯ୍ୟନ୍ତ ସେ କିଛି ଭାବିଲା । ପୁନଶ୍ଚ ସେ ମୋ ଆଡ଼କୁ ଦେଖି କହିବାକୁ ଲାଗିଲା ଯେ, ମସିହ୍ ଓ ତାଙ୍କର 12 ଜଣ ହୱାରୀ (ସହଚର ବା ସହାୟକ) । ବେଳେବେଳେ ଏପରି ବାକ୍ୟ ଈଶ୍ୱରଙ୍କ ତରଫରୁ ବ୍ୟକ୍ତି ତୁଣ୍ଡରେ ଜାରି ହୋଇଯାଇଥାଏ ।" **(ଅଖବାର୍ ଅଲ୍ ଫଜଲ୍ କାଦିୟାନ୍ ଦାରୁଲ୍ ଅମାନ୍, ଡିସେମ୍ବର ମାସ 04 ତାରିଖ, 1924 ମସିହା, ପୃ-7, ସ୍ତମ୍ଭ-1)**

**ରୋଗ ନିବାରଣ ବା ରୋଗର ଚିକିତ୍ସା ଖୋଜିବା**

ବିଲାତ୍ ପହଞ୍ଚିବା ପୂର୍ବରୁ ହିଁ ହୁଜୁର ର.ଅ ଜମାଅତ୍ ଅହେମଦିୟା ନାମରେ ଏକ ପତ୍ର ଲେଖିଲେ । ଉକ୍ତ ପତ୍ର ଆପଣ ର.ଅ ଯାତ୍ରା ବା ବିଦେଶ ଗସ୍ତର ଉଦ୍ଦେଶ୍ୟ ଏବଂ ଅଭିପ୍ରାୟ ଉପରେ ମଧ୍ୟ ସଂକ୍ଷିପ୍ତ ଆଲୋକପାତ କଲେ । ଆପଣ ର.ଅ କହିଲେ, "ମୁଁ ଯେଉଁ କାର୍ଯ୍ୟ ସକାଶେ ଯାଉଛି ତାହା ନିଜ ଦୃଷ୍ଟିରୁ ସଂପୂର୍ଣ୍ଣ ଭିନ୍ନ ଅଟେ । ଏପରି ଭିନ୍ନ ଓ ଅନନ୍ୟ ଯେ, ଏପର୍ଯ୍ୟନ୍ତ ଆମମାନଙ୍କର କେତେକ ମିତ୍ରମାନେ ମଧ୍ୟ ଏହି ଉଦ୍ଦେଶ୍ୟକୁ ବୁଝିପାରି ନାହାନ୍ତି । ମୁଁ ଶୁଣିଛି ଯେ, ଜନୈକ ଅହେମଦି ବନ୍ଧୁ ରେଳଗାଡ଼ିରେ ଜଣେ ଅଣଅହେମଦି ବ୍ୟକ୍ତିକୁ ଏହା ବୁଝାଉଥିଲେ ଯେ, ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ବିଦେଶ ଯାତ୍ରାର ଅଭିପ୍ରାୟ ଇସ୍‌ଲାମ୍ ଧର୍ମର ପ୍ରଚାର କରିବା ଅଟେ । କିନ୍ତୁ ତବ୍‌ଲିଗେ ଇସ୍‌ଲାମ୍ ପ୍ରତ୍ୟେକ ବ୍ୟକ୍ତିଙ୍କର ସର୍ବାଦୌ କର୍ତ୍ତବ୍ୟ ଅଟେ ଏବଂ ଏହା ମୋର ମଧ୍ୟ କର୍ତ୍ତବ୍ୟ ଅଟେ । କିନ୍ତୁ ଯେପରିକି ମୁଁ ସ୍ପଷ୍ଟ ଓ ବ୍ୟାଖ୍ୟାତ୍ମକ ଭାବରେ ଉଲ୍ଲେଖ କରିଛି ଯେ, ଖଲିଫାଙ୍କ ନିମନ୍ତେ ବାହାରକୁ ଯାଇ ତବ୍‌ଲିଗ୍ (ପ୍ରଚାର) କରିବା ଉଚିତ୍ ନୁହଁ । ଖଲିଫାଙ୍କର ପ୍ରକୃତ କାର୍ଯ୍ୟ ହେଲା ଲୋକମାନଙ୍କ ଦେଖାଶୁଣା ଏବଂ ନିରୀକ୍ଷଣ କରିବା। ଉକ୍ତ କାର୍ଯ୍ୟ ନିମନ୍ତେ ଖଲିଫାଙ୍କର ମୁବଲ୍ଲିଗ୍ (ପ୍ରଚାରକ) ରୂପେ ବାହାରକୁ ଯିବା ଜମାଅତ୍ ନିମନ୍ତେ ଏପରି ଏକ ସମସ୍ୟା ସୃଷ୍ଟି କରିପାରିବ ଯଦ୍ଦ୍ୱାରାକି ବାହାରକୁ ବାହାରିବା କଷ୍ଟକର ହୋଇଯିବ ।

ଅତଏବ ଉକ୍ତ ଯାତ୍ରା ବା ଉକ୍ତ ଗସ୍ତ ତବ୍‌ଲିଗ୍ ନିମନ୍ତେ ଉଦ୍ଦିଷ୍ଟ ନୁହେଁ। ବରଂ ତବ୍‌ଲିଗ୍‌ର ସମସ୍ୟା ଏବଂ କଷ୍ଟକୁ ଜାଣିବା ନିମନ୍ତେ ଉଦ୍ଦିଷ୍ଟ ଅଟେ। ବିଦେଶକୁ ତବଲିଗି ଯାତ୍ରା କରିବା ସ୍ଥାନୀୟ ପରିସ୍ଥିତି ସଂପର୍କରେ ଜ୍ଞାନ ଆହରଣ କରିବା ନିମନ୍ତେ ଉଦ୍ଦିଷ୍ଟ ଅଟେ । ଏହା ଭବିଷ୍ୟ ପାଇଁ ପାଶ୍ଚାତ୍ୟ ଦେଶମାନଙ୍କରେ ତବ୍‌ଲିଗ୍ କରିବା ନିମନ୍ତେ ସହାୟକ ହେବ। ସେହିପରି ଉକ୍ତ ତବ୍‌ଲିଗି ଗସ୍ତ ସେହି ବିପଦକୁ ଜାଣିବା ନିମନ୍ତେ ଏବଂ ତା'ର ନିରାକରଣ କରିବା ନିମନ୍ତେ ମଧ୍ୟ ଉଦ୍ଦିଷ୍ଟ ଅଟେ । ଉକ୍ତ ତବ୍‌ଲିଗି ଗସ୍ତ ପାଶ୍ଚାତ୍ୟ ଦେଶମାନଙ୍କରେ ଇସ୍‌ଲାମ୍ ଧର୍ମର ପ୍ରଚାର ପ୍ରସାର ନିମନ୍ତେ ଏକ ସମସ୍ୟା ମଧ୍ୟ ସୃଷ୍ଟି କରିବ । ଏହି ସମସ୍ୟାଗୁଡ଼ିକ ଉପରେ ଯଦି ଦୃଷ୍ଟି ନଦିଆଯାଏ ତେବେ ଇସ୍‌ଲାମ୍ ଧର୍ମର ପଶ୍ଚାତ୍ୟ ଦେଶରେ ବ୍ୟାପୀବା ହିଁ ଇସ୍‌ଲାମ୍ ଧର୍ମର ବିନାଶର କାରଣ ହୋଇଯିବ ।" **(ଅଲ୍ ଫଜଲ୍ କାଦିୟାନ୍ ଦାରୁଲ୍ ଅମାନ୍, ଅଗଷ୍ଟ ମାସ 16 ତାରିଖ, 1924 ମସିହା, ପୃ-5, ସ୍ତମ୍ଭ-1)**

ଇଉରୋପ୍‌ରେ ଇସ୍‌ଲାମ୍ ଧର୍ମର ତବ୍‌ଲିଗ୍ ନିମନ୍ତେ କେଉଁ କେଉଁ ସମସ୍ୟା ଓ କଷ୍ଟର ସମ୍ମୁଖୀନ ହେବାକୁ ପଡ଼େ ଏଥି ସଂକ୍ରାନ୍ତରେ ହ. ମୁସ୍ଲେହ୍ ମଉଦ୍ ର.ଅ ଆଲୋଚନା କରିବା ପରେ କହିଲେ, "ଅତଏବ୍ ଆମେମାନେ ଦୁଇଟି ନିଆଁରେ ରହିଛୁ ଏବଂ ଆମର ଉଦାହରଣ ସେହିପରି

ଯେ, نہ جائے ماندن نہ پائے رفتن (ଏହା ଏକ ରୂଢ଼ି ଅଟେ ଏହାର ଅର୍ଥାତ ଅତିମାତ୍ରାରା ବାଧ ହୋଇଯିବା ବା ଦୁବିଧାଗ୍ରସ୍ତ ହେବା) (ଧର୍ମ ସଂକଟରେ ପଡ଼ିଯିବା) । ଉକ୍ତ ସମସ୍ୟାର ନିରାକରଣ ସଂପର୍କରେ ବିଚାର କରିବା ନିମନ୍ତେ କିମ୍ବା ସେଠାକାର ସ୍ଥାନୀୟ ପରିସ୍ଥିତି ସଂପର୍କରେ ଅବଗତ ହେବା ନିମନ୍ତେ ମୁଁ ଯାଇଥିଲି । ମୁଁ ଏଇଥି ପାଇଁ ପଶ୍ଚିମ ଦେଶର ଯାତ୍ରା କରିଥିଲି ଯେ, ଆମର ମୁବଲ୍ଲିଗିନ୍‌ମାନଙ୍କର କଡ଼ାକଡ଼ି ନିରୀକ୍ଷଣ ହେଉ। ସେମାନଙ୍କ ଉପରେ କଡ଼ା ନଜର ରଖା ଯାଇପାରିବ । ଜାହାଜକୁ ଚଟ୍ଟାଣ ମଧ୍ୟରେ ସୁରକ୍ଷିତ ଭାବରେ ଅତିକ୍ରମ କାରଯାଇ ପାରିବ ।

ତେଣୁ ଏହି ପ୍ରସଙ୍ଗ ନିମନ୍ତେ ଆବଶ୍ୟକତା ପଡ଼ିଲା । ସମ୍ଭବତଃ ବର୍ତ୍ତମାନ ଆପଣମାନେ ବୁଝି ଯାଇଥିବେ ଯେ, କିପରି ସମସ୍ୟାଜନିତ ଅଭିପ୍ରାୟ ଥିଲା । ଅତଏବ୍ ଈଶ୍ୱରଙ୍କ ବ୍ୟତୀତ ଉକ୍ତ ସମସ୍ୟାକୁ ଆଉ କେହି ବି ସମାଧାନ କରି ପାରିବ ନାହିଁ । ମୁସଲମାନ କରିବା ସହଜ କାମ ଅଟେ। କିନ୍ତୁ ଇସଲାମ୍ ଧର୍ମକୁ ସେମାନଙ୍କ ଠାରୁ ରକ୍ଷା କରିବା ଅତ୍ୟନ୍ତ କଷ୍ଟକର କାର୍ଯ୍ୟ ଅଟେ । ତେଣୁ ମୋ ଯାତ୍ରାର ଏହା ହିଁ ଏକମାତ୍ର ଅଭିପ୍ରାୟ ରହିଛି। **"(ଅଲ୍ ଫଜଲ୍ କାଦିୟାନ୍ ଦାରୁଲ୍ ଅମାନ୍, ଅଗଷ୍ଟ ମାସ 16 ତାରିଖ, 1924 ମସିହା, ପୃ-7, ସ୍ତମ୍ଭ-1)**

**ଇଂଲଣ୍ଡର ଆଧ୍ୟାତ୍ମିକ ବିଜୟ ଆରମ୍ଭ ହୋଇ ସାରିଛି**

ହୁଜୁର ର.ଅ କୁହନ୍ତି: "ଯଦିଓ ଶତ୍ରୁ ପରିହାସ କରିବ ଏବଂ ଥଟ୍ଟା କରିବ । କିନ୍ତୁ ମୁଁ ଉପହାସ ଏବଂ ଥଟ୍ଟାକୁ ଭୃକ୍ଷେପ ନକରି ଉକ୍ତ କଥାର ପରିପ୍ରକାଶ କରିବାରୁ ଅଟକି ପାରିବି ନାହିଁ ଯେ, ଈଶ୍ୱରଙ୍କ କୃପାରୁ ଇଂଲଣ୍ଡର ଆଧ୍ୟାତ୍ମିକ ବିଜୟ ଆରମ୍ଭ ହୋଇ ସାରିଛି......ମୁଁ ଯାହା କିଛି କହୁଛି ତାହା ଏକ ଆଧ୍ୟାତ୍ମିକ ପ୍ରସଙ୍ଗ ଅଟେ । ଉକ୍ତ ପ୍ରସଙ୍ଗକୁ କେବଳ ସେହିମାନେ ହିଁ ଅବଲୋକନ କରି ପାରିବେ ଯେଉଁମାନଙ୍କର ଆଧ୍ୟାତ୍ମିକ ଚକ୍ଷୁ (ଦୃଷ୍ଟିଶକ୍ତି) ଥିବ ।"**(ଅଲ୍ ଫଜଲ୍ କାଦିୟାନ୍ ଦାରୁଲ୍ ଅମାନ୍, ଅକ୍ଟୋବର ମାସ 4 ତାରିଖ, 1924 ମସିହା, ପୃ-3, ସ୍ତମ୍ଭ-3)**

**ସଫଳତା ଭ୍ରମାତ୍ମକ ଧାରଣରୁ ଉର୍ଦ୍ଧ୍ୱରେ ଅବସ୍ଥିତ ଅଟେ**

ହୁଜୁର ର.ଅ କୁହନ୍ତି: "ଉକ୍ତ ଯାତ୍ରାରେ ଏପରି ସଫଳତା ପ୍ରାପ୍ତ ହୋଇଛି ଯେ, ଏହା ମାନବିକ ଧାରଣା ଓ ଚିନ୍ତା ଚେତନା ଠାରୁ ଉର୍ଦ୍ଧ୍ୱରେ ଅବସ୍ଥିତ.........ଜମାଅତ୍‌କୁ ଏଥି ନମିନ୍ତେ ପ୍ରସ୍ତୁତ ହୋଇଯିବା ଉଚିତ୍ । କାରଣ ଈଶ୍ୱର ଯେଉଁ ବୀଜ ବପନ କରିଛନ୍ତି ସେ ତାହାର ଜଳ ସେଚନ ବ୍ୟବସ୍ଥା ମଧ୍ୟ କରିବେ । ଯଦି ମୁଁ ଉକ୍ତ ଯାତ୍ରା ବ୍ୟତୀତ ଉଦ୍ୟମ କରି ଥକି ଯାଇଥାଆନ୍ତି ତେବେ ଉକ୍ତ ବୀଜ ଉପଲବ୍ଧ ହୋଇପାରି ନଥାଆନ୍ତା । କିନ୍ତୁ ଅଲ୍ଲାଃତାଲା ଏପରି ସାଧନ ଉପଲବ୍ଧ କରିଦେଇଛନ୍ତି ଯେ, ତାହା ମଝିରେ ହିଁ ଉପଲବ୍ଧ ହୋଇଯାଇଛି । ବର୍ତ୍ତମାନ ବୀଜ ସେ ପ୍ରଦାନ କରିଛନ୍ତି ।

ଆମେମାନେ ଯଦି ନିଜର କର୍ମ ଓ ବଳିଦାନର ଜଳ ଉକ୍ତ ବୀଜକୁ ପ୍ରଦାନ ନକରିବା ତେବେ ତାହା ଫଳ ପ୍ରଦାନ କରିବା ନାହିଁ । ଫଳନ୍ତି ବୃକ୍ଷରେ ପରିଣତ ହେବ ନାହିଁ.......ଯେଉଁ ବୀଜ ସମସ୍ତ ସଂସାରର ପ୍ରସାରିତ କରାଗଲା ସେଥି ନିମନ୍ତେ କେତେ ଯେ, ଜଳ ଓ କେତେ ଯେ,ଦେଖାଶୁଣାର ଆବଶ୍ୟକତା ରହିଛି ତାହା ସହଜେ ଅନୁମେୟ......... ବର୍ତ୍ତମାନ କାମ (ଆମମାନଙ୍କର ଦାୟିତ୍ୱ) ବୃଦ୍ଧି ପାଇଛି ।"**(ଅଖ୍‌ବାର୍ ଅଲ୍ ଫଜଲ୍ କାଦିୟାନ୍ ଦାରୁଲ୍ ଅମାନ୍, ଡିସେମ୍ବର ମାସ 04 ତାରିଖ, 1924 ମସିହା, ପୃ-8,9)**

**ମସ୍‌ଜିଦ୍ ନିର୍ମାଣର ଖ୍ୟାତି ସଂପୂର୍ଣ୍ଣ ସଂସାରେ ବ୍ୟାପିଯିବା**

ସଂସାରରେ ପ୍ରତ୍ୟେକ ତିନିଜଣ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ପାଖରେ ଉକ୍ତ କଥା ଅର୍ଥାତ୍ ସନ୍ଦେଶ ପହଞ୍ଚି ଯାଇଛି । ହୁଜୁର ର.ଅ କୁହନ୍ତି: "ସେତେବେଳ ପର୍ଯ୍ୟନ୍ତ ପ୍ରାୟ 25 କୋଟି ଲୋକମାନେ ଉକ୍ତ କଥା (ସନ୍ଦେଶ) ଶୁଣି ସାରିଥିଲେ ଯେ, ଲଣ୍ଡନ୍‌ରେ ଏକ ମସ୍‌ଜିଦ୍ ନିର୍ମିତ ହୋଇଛି । ଉକ୍ତ ମସ୍‌ଜିଦ୍‌ର ଶୁଭୋଦ୍‌ଘାଟନ ହୋଇଛି । ଉକ୍ତ ମସ୍‌ଜିଦ୍‌କୁ ଜମାଅତ୍ ଅହେମଦିୟା ନିର୍ମାଣ କିରଛି । ଉକ୍ତ ମଜାଅତ୍ ଅର୍ଥାତ୍ ଜମାଅତ୍ ଅହେମଦିୟାର ଧର୍ମାଧ୍ୟକ୍ଷ (ଖଲିଫା) ହେଉଛନ୍ତି ମିର୍ଜା ଗୁଲାମ୍ ଅହେମଦ ସାହେବ । ତାହାଙ୍କୁ ଈଶ୍ୱର ମସିହ୍ ମଉଦ୍ ଅ.ସ ଏବଂ ଯୁଗାବତାର କରି ପ୍ରେରଣ କରିଛନ୍ତି । ସେହି ନବୀଙ୍କର କାର୍ଯ୍ୟ ହେଉଛି ଇସ୍‌ଲାମ୍ ଧର୍ମର ପ୍ରଚାର ପ୍ରସାର କରିବା ।

ସଂସାରର ପ୍ରତ୍ୟେକ ତିନିଜଣ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ପର୍ଯ୍ୟନ୍ତ ଉକ୍ତ କଥା ପହଞ୍ଚି ଯାଇଛି । ସ୍ୱୟଂ ଇଂଲଣ୍ଡର ଖବର କାଗଜର ଆଲେଖ୍ୟ ଲେଖୁଥିବା ଲେଖାଳୀମାନେ ଏବଂ ଅନ୍ୟାନ୍ୟ ଗଣମାନ୍ୟ ଲୋକମାନଙ୍କର ଏହି ମତାମତ ରହିଛି ଯେ, ଇଂଲଣ୍ଡରେ ଯେତିକି ବର୍ତ୍ତମାନ ପ୍ରଚାର ପ୍ରସାର କାର୍ଯ୍ୟ ହୋଇଛି ଆମେ ଯଦି ସେତିକି ପ୍ରଚାର ପ୍ରସାର କାର୍ଯ୍ୟରେ ଦୁଇ କୋଟି ଅର୍ଥ ବ୍ୟୟ କରିଥାଆନ୍ତୁ ତେବେ ପ୍ରଚାର ପ୍ରସାର କାର୍ଯ୍ୟ କଦାପି ସମ୍ଭବପର ହୋଇ ନଥାଆନ୍ତା । ବରଂ କେତେକ ଲେଖକମାନେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ଦୁଇ କୋଟି ଟଙ୍କା ଅର୍ଥ ନୁହେଁ ବରଂ ଦୁଇ କୋଟି ପାଉଣ୍ଡ୍‌ରେ ମଧ୍ୟ ଉକ୍ତ ନିର୍ମାଣ କାର୍ଯ୍ୟ ସମ୍ଭବ ହୋଇ ନଥାଆନ୍ତା ଯେତିକି ଟଙ୍କା ଉକ୍ତ ମସଜିଦ୍‌ର ନିର୍ମାଣ କାର୍ଯ୍ୟରେ ବ୍ୟୟ ହୋଇଛି ।"

**ପ୍ରେସ୍ ମଧ୍ୟ କୌଣସି ସମ୍ରାଟ ନିମନ୍ତେ ଏତେ ଧ୍ୟାନ ଦେଇ ନାହିଁ ଯେତିକି ଧ୍ୟାନ ହ. ମୁସଲେହ୍ ମଉଦ୍ ର.ଅଙ୍କ ଗସ୍ତ ଉପରେ ଦେଇଥିଲା**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଅଲ୍ଲାଃତାଲା ମୋତେ ଯେଉଁ ସଫଳତା ପ୍ରଦାନ କଲେ, ଇଂଲଣ୍ଡର ଜଣେ ଯୁବକ ଯେକି ଖରବ କାଗଜ ସଂସ୍ଥା ସହିତ ସଂଶ୍ଳିଷ୍ଟ ଥିଲା ସେହି ବ୍ୟକ୍ତି କହିଲା ଏବଂ ଅନ୍ୟ ବ୍ୟକ୍ତିମାନେ ମଧ୍ୟ କହିଲେ, ଆପଣମାନଙ୍କୁ ଏଠାରେ ଯେଉଁ ସଫଳତା ପ୍ରାପ୍ତ ହୋଇଉଛି ସେହି ସଫଳତାର କଳ୍ପନା ଆପଣମାନେ କରି ପାରିବେ ନାହିଁ ।

ଯେଭଳି ଭାବରେ ଖବର କାଗଜ ଆପଣଙ୍କୁ ସାହାଯ୍ୟ କରିଛି ସେଭଳି ସାହାଯ୍ୟ ଆଉ କାହାରିକୁ ପ୍ରାପ୍ତ ହୋଇ ନାହିଁ । ଆମ ସଂପର୍କରେ ଯେଭଳି ଭାବରେ ଖବର କାଗଜମାନେ ଧ୍ୟାନ ଦେଇଛନ୍ତି ସେହିଭଳି ଧ୍ୟାନ କେବେ ବି ସମ୍ରାଟ୍ ସଂକ୍ରାନ୍ତରେ ଦେଇ ନାହଁ । ଆମମାନଙ୍କୁ କୁହାଯାଇଥିଲା କି ଏଠାକାର ସମ୍ବାଦପତ୍ର କୌଣସି ବଡ଼ ବଡ଼ ସମ୍ରାଟମାନଙ୍କ ନିମନ୍ତେ ତିନି ଚାରି ଥରରୁ ଅଧିକ ଥର ଚର୍ଚ୍ଚା କରନ୍ତି ନାହିଁ । ଏହାପରେ ସେହି ସମ୍ରାଟ୍ କଥା ଆଉ ପଚାରନ୍ତି ନାହିଁ ଯେ, କିଏ ସମ୍ରାଟ୍ ଓ କେଉଁ ଲୋକ ? କିନ୍ତୁ ଆପଣ ଦୁଇ ମାସ ଏଠାରେ ରହିଲେଣି ଓ ପ୍ରତ୍ୟେକ ଥର ଆପଣ ର.ଅଙ୍କ ସଂକ୍ରାନ୍ତରେ ଖବର କାଗଜମାନଙ୍କରେ ବିଷୟବସ୍ତୁ (ଆଲେଖ୍ୟ) ପ୍ରକାଶ କିରଛନ୍ତି........ଏହା ସଂପୂର୍ଣ୍ଣ ରୂପେ ଅସାଧାରଣ କଥା ଅଟେ........ ପ୍ରତ୍ୟେକ ଥର ବଡ଼ ବଡ଼ ଖବରକାଗଜମାନଙ୍କର ସାମ୍ବାଦିକ ପ୍ରତିନିଧି ଏବଂ ବିଷୟବସ୍ତୁ ଲେଖକମାନେ ଆସନ୍ତି ଏବଂ ଏପରି ଢଙ୍ଗରେ ବିଷୟବସ୍ତୁ ପ୍ରକାଶିତ କରନ୍ତି ଯେ, ସେମାନଙ୍କୁ ଆମ ପ୍ରତି କୌଣସି ପୂର୍ଣ୍ଣ ସହାନୁଭୂତି ନାହିଁ ବୋଲି ଜ୍ଞାତ ହେଉଛି ।"**(ଅଖବାର୍ ଅଲ୍ ଫଜଲ୍ କାଦିୟାନ୍ ଦାରୁଲ୍ ଅମାନ୍, ଡିସେମ୍ବର ମାସ 04 ତାରିଖ, 1924 ମସିହା, ପୃ-4, ସ୍ତମ୍ଭ-3, ବିଷୟବସ୍ତୁ-ଯାତ୍ରା ବା ଗସ୍ତ ସଂପର୍କିତ ଅବସ୍ଥା)**

ହୁଜୁର ର.ଅ କହିଲେ: "ଏହା ଜ୍ଞାତ ହେଉଥିଲା ଯେ, ଏଠାରେ (ଅର୍ଥାତ୍ ଭାରତ ବର୍ଷରେ-ପ୍ରତିଲିପିକମାନେ) ଏହା ଭାବନ୍ତି ଯେ, ଇଂରେଜମାନେ ଭାରତବାସୀଙ୍କୁ ହୀନ ଚକ୍ଷୁରେ ଦେଖନ୍ତି । ସେଠାରେ ଏହା ଜ୍ଞାତ ହେଉଥିଲା ଯେ, ମୋ (ଖଲିଫା ସାନି ର.ଅଙ୍କ) ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିକୁ ଇଂରେଜମାନେ ସମ୍ମାନ ପ୍ରଦର୍ଶନ କରନ୍ତି ନାହିଁ ।"

ହୁଜୁରେ ର.ଅ କହିଲେ, ବଡ଼ ବଡ଼ ରାଷ୍ଟ୍ରମାନଙ୍କରେ ଦୀର୍ଘ ସମୟରେ ମଧ୍ୟ ନାମ ପହଞ୍ଚାଇବା ଅତ୍ୟନ୍ତ କଷ୍ଟକର ହୋଇଥାଏ । କିନ୍ତୁ ଆମମାନଙ୍କର ଖ୍ୟାତି ଏବଂ ପ୍ରସିଦ୍ଧି ବିଜୁଳୀ ପରି ଦ୍ରୁତ ଗତିରେ ହୋଇଛି ।

**(ପୃ-5, ସ୍ତମ୍ଭ-2)**

**ଇଉରୋପ ବିରୁଦ୍ଧରେ ଏବଂ ହୁଜୁର ର.ଅଙ୍କ ସପକ୍ଷରେ ସମ୍ବାଦ ପତ୍ରର ଆଲୋଚନା**

ଇଟାଲୀରେ ହୁଜୁର ର.ଅଙ୍କ ପୋପଙ୍କ ସହିତ ସାକ୍ଷାତ୍ କରିବାକୁ ଚାହିଁଲେ: "ଯଦିଓ ମୋର ବାସ ଭବନ ନିର୍ମାଣ ହେଉଛି । ତେଣୁ ଏହି ଦିନମାନଙ୍କରେ ସାକ୍ଷାତକାର ବନ୍ଦ ରହିଛି ।"

ଇଟାଲୀର ସର୍ବବୃହତ୍ ସମ୍ବାଦପତ୍ର ରହିଛି । ଏହି ସମ୍ବାଦପତ୍ର ଦୈନିକ 8000 ସଂଖ୍ୟକ ସମ୍ବାଦ ପତ୍ର ପ୍ରକାଶନ କରିଥାଏ । ଉକ୍ତ ସମ୍ବାଦପତ୍ରର ସମ୍ପାଦକଙ୍କୁ ହୁଜୁର ର.ଅ ଯେତେବେଳେ ପୋପ୍‌ଙ୍କ ଉତ୍ତର କଥା କହିଲେ, ହୁଜୁର ର.ଅ କହନ୍ତି ସମ୍ପାଦକ ନିଜର ବିଷୟବସ୍ତୁ ଏବଂ ଆଲେଖ୍ୟରେ ଏହା ଉଲ୍ଲେଖ କଲେ ଯେ, "ବଡ଼ ଆଶ୍ଚର୍ଯ୍ୟକର ଘଟଣା ଯେ, ଜଣେ ସର୍ଦ୍ଦାର ଆସିଲେ ଏବଂ ସେ ପୋପ୍‌ଙ୍କ ସହିତ ସାକ୍ଷାତ୍ କରିବାକୁ ଚାହୁଁଛନ୍ତି। କିନ୍ତୁ ପୋପ କହୁଛନ୍ତି ଯେ, ମୋର ବାସ ଭବନ ନିର୍ମାଣ କାର୍ଯ୍ୟ ଜାରି ରହିଛି ତେଣୁ ମୁଁ କୌଣସି ସର୍ଦ୍ଦାରଙ୍କ ସହିତ ସାକ୍ଷାତ୍ କରି ପାରିବି ନାହିଁ । ବର୍ତ୍ତମାନ ସବୁଦିନିଆ ତାଙ୍କର ବାସ ଭବନ ନିର୍ମାଣ କାର୍ଯ୍ୟ ଜାରି ରହିବ । ଉପରୋକ୍ତ

ବାକ୍ୟଟି ଅତ୍ୟନ୍ତ ଶକ୍ତିଶାଳୀ ବାକ୍ୟ ଅଟେ । ଅର୍ଥାତ୍ ଏକ ଖ୍ରୀଷ୍ଟ ଖବର କାଗଜ ଜଣେ ପ୍ରଭାବଶାଳୀ ଏବଂ ଅଭିଜ୍ଞ ସମ୍ବାଦପତ୍ର ଇଉରୋପର ପୋପ୍‌ଙ୍କ ସଂକ୍ରାନ୍ତରେ ଏଭଳି ମନ୍ତବ୍ୟ ପ୍ରଦାନ କରି ଉପରୋକ୍ତରେ ବର୍ଣ୍ଣିତ ବାକ୍ୟ ଉଲ୍ଲେଖ କରିଛି ।"**(ପୃ-5, ସ୍ତମ୍ଭ-2,3)**

**ମିସର୍‌ରେ ସଫଳତା**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କୁ କୁହନ୍ତି: "ସେଠାରେ ପହଞ୍ଚିବା ମାତ୍ରେ ଲୋକମାନଙ୍କର ଆମ ଆଡ଼କୁ ଏପରି ଧ୍ୟାନ ଆକର୍ଷଣ ହେଲା ଯେ, ଖିଲାଫତ୍‌ର ଦୁଇଟି ପାର୍ଟି (ଦଳ ଆସିଲେ) । ଗୋଟିଏ ଦଳର ଲୋକମାନେ କହିଲେ, ଆମ ସହିତ ମିଶି ଯାଆନ୍ତୁ ଏବଂ ଅନ୍ୟ ଦଳର ଲୋକମାନେ କହିଲେ ଆମ ସହିତ ମିଶି ଯାଆନ୍ତୁ । ସେମାନଙ୍କୁ ଆମମାନଙ୍କର ବିରୋଧ ଆଉ ମନେ ରହିଲା ନାହିଁ । "

"ଦୁଇ ଜଣ ସମ୍ମାନିତ ଏବଂ ପ୍ରଭାବଶାଳୀ ବ୍ୟକ୍ତିମାନେ କହିଲେ, ଯଦି ଆପଣ ଏଠାରେ ଅବସ୍ଥାନ କରିବେ ତେବେ ଆପଣ ବୈଅତ୍ ନିଅନ୍ତୁ । ଲୋକମାନେ ବୈଅତ କରିନେବେ । ତୁର୍କୀର ଜଣେ ବ୍ୟକ୍ତି ଥିଲା ସେ କହିଲା, ହୁଜୁର ! ମୁଁ ଏଠାରେ ଧର୍ମ ନିମନ୍ତେ ଆସିଥିଲି । କିନ୍ତୁ ଜଣା ପଡ଼ିଲା ଯେ, ଏହି ଲୋକମାନେ ଧର୍ମକୁ ପରିତ୍ୟାଗ କରି ଦେଇଛନ୍ତି । ମୁଁ ଆପଣଙ୍କ ସହିତ ମିଶି କାମ କରିବାକୁ ଚାହୁଁଛି ।" **(ପୃ-5, ସ୍ତମ୍ଭ-2)**

**ଦମିଶ୍କରେ ସଫଳତା**

ହୁଜୁର ର.ଅ କୁହନ୍ତି: "ଦୁଇ ଦିନ ପର୍ଯ୍ୟନ୍ତ କେହି କିଛି ଧ୍ୟାନ ଦେଲା ନାହିଁ । ମୁଁ ଅତ୍ୟନ୍ତ ବ୍ୟସ୍ତ ବିବ୍ରତ ହେଲି ଓ ଦୁଆ କଲି ଯେ, ହେ ଅଲ୍ଲାଃ ! ଦମିଶ୍କ ସଂକ୍ରାନ୍ତରେ ଯେଉଁ ଭବିଷ୍ୟବାଣୀ ରହିଥିଲା ତାହା କିପରି ପୂର୍ଣ୍ଣ ହେବ ? ..... ତେଣୁ ହେ ପ୍ରଭୁ ନିଜ କୃପା ମାଧ୍ୟମରେ ତୁମ୍ଭେ ହିଁ ସଫଳତା ପ୍ରଦାନ କର ପ୍ରଭୁ । ମୁଁ ଯେତେବେଳେ ଦୁଆ କରି ଶୋଇଲି ସେତେବେଳେ ରାତ୍ରରେ ଏହି ଶବ୍ଦ ମୋ ତୁଣ୍ଡରେ ଜାରି ହୋଇଗଲା عَبْدٌ مُّكَرَّمٌ ଅର୍ଥାତ୍ ଆମ୍ଭର ଭକ୍ତ ଯାହାକୁ ସଫଳତା ପ୍ରଦାନ କରାଯାଇଛି । ତହିଁରୁ ମୁଁ ଏହା ଭାବିଲି ଯେ, ତବ୍‌ଲିଗ୍‌ର ପରମ୍ପରା ବା ତବ୍‌ଲିଗ୍‌ର ବାଟ ଏଠାରେ ଫିଟିବାକୁ ଯାଉଛି । ସୁତରାଂ ଦ୍ୱିତୀୟ ଦିନ ଯେତେବେଳେ ଲୋକମାନେ ଏଠାରୁ ଉଠିଲେ ସେତେବେଳେ ଲୋକମାନେ ଆସିବାକୁ ଲାଗିଲେ । ଏପର୍ଯ୍ୟନ୍ତକି ସକାଳୁ ରାତ୍ର 12ଟା ପର୍ଯ୍ୟନ୍ତ 200ରୁ 1200 ପର୍ଯ୍ୟନ୍ତ ଲୋକମାନେ ହୋଟେଲ୍ ସମ୍ମୁଖରେ ଛିଡ଼ା ହୋଇଛନ୍ତି ।" **(ପୃ-6, ସ୍ତମ୍ଭ-2)**

କଲେଜ ଛାତ୍ରମାନେ ଏବଂ ଅଧ୍ୟାପକମାନେ ଯେତେବେଳେ ଆସୁଥିଲେ ସେତେବେଳେ ସେମାନେ ନିଜ ସାଙ୍ଗରେ ଖାତା କଲମ ଆଣିଥିଲେ ଏବଂ ମୁଁ ଯାହା କହୁଥିଲି ତାହା ସେମାନେ ଲେଖି ଯାଉଥିଲେ । ଯଦି କୌଣସି ଶବ୍ଦ କିମ୍ବା ଅକ୍ଷର ରହି ଯାଉଥିଲା ତେବେ କହୁଥିଲେ ସାର୍ ଟିକେ ରୁହନ୍ତୁ ଏହି ଶବ୍ଦଟି ରହିଗଲା । ଅର୍ଥାତ୍ ଇଞ୍ଜିଲ୍‌ର ସେହି ଦୃଶ୍ୟ ଥିଲା ଯେଉଁଠି ହେ ଗୁରୁ (ଶିକ୍ଷକ) କହି ହ. ମସିହ୍ ଅ.ସଙ୍କୁ ସମ୍ବୋଧିତ କରାଯାଇଥିବାର ଚର୍ଚ୍ଚା ରହିଛି । ଯଦି କୌଣସି ମୌଲବି ଆପଣ ର.ଅଙ୍କ ବିରୁଦ୍ଧରେ କିଛି କହିବାକୁ ଚାହୁଁଥିଲା ସେତେବେଳେ ସେହି ଲୋକମାନେ ବିରୋଧୀକୁ ଭର୍ତ୍ସନା କରୁଥିଲେ । **(ପୃ-6, ସ୍ତମ୍ଭ-3)**

**ତବ୍‌ଲିଗ୍ କରିବାର କୌଶଳ ନିର୍ଦ୍ଧାରିତ ହେଲା**

ହୁଜୁର ର.ଅ କୁହନ୍ତି: "ମୁଁ ଉକ୍ତ ଯାତ୍ରାରେ ତବ୍‌ଲିଗ୍ (ପ୍ରଚାର) କରିବାର ଯେଉଁ ନୈତିକତା ଏବଂ ନିୟମାବଳୀ ରହିଛି ତାହା ପ୍ରସ୍ତାବ ଦେଇଅଛି । ସେହି ନିୟମାବଳୀ ମଧ୍ୟରୁ କେତେକ ନୀତିଗତ ନିୟମାବଳୀ ମୌଲବୀ ଅବଦୁର୍ ରହିମ୍ ସାହେବ ଦର୍ଦ୍ଦଙ୍କୁ ଲେଖିକି ଦେଇ ଆସିଛି ଏବଂ ଆଉ କିଛି ନୈତିକ ନିୟମୀବଳୀ ଲେଖୁଅଛି ।"**(ପୃ-8, ସ୍ତମ୍ଭ-1)**

**ପ୍ରେସିଡେଣ୍ଟ୍ ମହୋଦୟଙ୍କ ଜଲ୍‌ସା ସଂପର୍କରେ ପ୍ରତିକ୍ରିୟା**

ହୁଜୁର ର.ଅ କୁହନ୍ତି: "ସମ୍ମିଳନୀର ସଭାପତି ମହୋଦୟ ତିନି ଚାରିଥର କହିଲେ ଏବଂ ଘରେ ମଧ୍ୟ ଆସି କହିଲେ ଯେ, ଇସ୍‌ଲାମ୍ ଧର୍ମ ଏକ ଜୀବନ୍ତ ଧର୍ମ ଅଟେ । ସେହି ଜୀବନ୍ତ ଧର୍ମର ଜ୍ୱଳନ୍ତ ସାକ୍ଷ୍ୟ ହେଉଛି ଜମାଅତ୍ ଅହେମଦିୟା ।" **(ପୃ-7, ସ୍ତମ୍ଭ-3)**

**ପାଶ୍ଚାତ୍ୟ ଦେଶର ରୋଗର ଚିକିତ୍ସା । ମସିହ୍ ମଉଦ୍ ଅ.ସଙ୍କ ନାମ ଏବଂ ଆପଣ ଅ.ସଙ୍କ ଚର୍ଚ୍ଚା**

ହୁଜୁର ର.ଅ କୁହନ୍ତି: "ଉକ୍ତ ଯାତ୍ରା କରିବା ଫଳରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ସମାଧାନ ମଧ୍ୟ ହୋଇଗଲା । ଉକ୍ତ ସମାଧାନ ତଥା ପ୍ରଶ୍ନ ଯୋଗୁଁ ସବୁଠୁ ବେଶୀ ପ୍ରସନ୍ନତା ପ୍ରାପ୍ତ ହେଲା । **1-** ପାଶ୍ଚାତ୍ୟ ଦେଶରେ ମସିହ୍ ମଉଦ୍‌ର ଚର୍ଚ୍ଚା ଶୀଘ୍ର ପ୍ରାଣନାଶକାରୀ ବୋଲି ଅଭିହିତ କରାଯାଇଛି । କିନ୍ତୁ ମୋ ଉପରେ ଉକ୍ତ ଯାତ୍ରା କରିବା ଫଳରେ ଏହା ଉନ୍ମୋଚିତ ହୋଇଛି ଯେ, ମସିହ୍ ମଉଦଙ୍କ ଚର୍ଚ୍ଚା ବ୍ୟତୀତ ପାଶ୍ଚାତ୍ୟ ରୋଗର କୌଣସି ଚିକିତ୍ସା ତଥା ଉପଚାର ନାହିଁ । " **(ପୃ-8, ସ୍ତମ୍ଭ-2)**

**2-** ଦ୍ୱିତୀୟ ପ୍ରଶ୍ନର ସମାଧାନ ଏହିପରି ହେଲା ଯେ, ମୁଁ ଉକ୍ତ ଭୟକୁ ନିଜ ମନରେ ନେଇ ଯାଇଥିଲି ଯେ, ଇଉରୋପ ଇସ୍‌ଲାମ୍ ଧର୍ମର ଫୁଙ୍ଗୁଳା ଶିକ୍ଷାକୁ ସ୍ୱୀକାର କରି ପାରିବ ନାହିଁ ଏବଂ ମୁଁ ଏହି ବିଶ୍ୱାସ ରଖି ଏଠାକୁ ଆସିଅଛି ଯେ, ନିଃସନ୍ଦେହ ରୂପେ ଇଉରୋପ ଉକ୍ତ ଶିକ୍ଷାକୁ ଅବଶ୍ୟ ସ୍ୱୀକାର କରିବ । **(ପୃ-8, ସ୍ତମ୍ଭ-3)**

**ଇଉରୋପ ଏବଂ ଜଣେ ଅଣଅହେମଦି ବ୍ୟକ୍ତିର ସ୍ୱପ୍ନ**

ହ. ମୌଲାନା ଶେର୍ ଅଲୀ ସାହେବ ର.ଅ 26 ଡିସେମ୍ବର 1924 ମସିହାର ଖୁତ୍‌ବା ଜୁମାରେ ଏକ ଅଣଅହେମଦି ବ୍ୟକ୍ତିର ସ୍ୱପ୍ନର ଚର୍ଚ୍ଚା କରିଥିଲେ । ଉକ୍ତ ସ୍ୱପ୍ନ ହୁଜୁର ର.ଅଙ୍କ ଇଉରୋପ ଗସ୍ତ ସଂପର୍କରେ ଥିଲା । କ'ଣ ସ୍ୱପ୍ନ ଥିଲା ଏବଂ କିଭଳି ଭାବରେ ତାହା ସାକାର ତଥା ପୂର୍ଣ୍ଣ ହେଲା ଏହାର ଚର୍ଚ୍ଚା ଆମେମାନେ ହ. ମୌଲାନା ଶେର୍ ଅଲୀ ସାହେବ ର.ଅଙ୍କ ଶବ୍ଦରେ ହିଁ ବର୍ଣ୍ଣନା କରନ୍ତି । ଆପଣ ର.ଅ କହିଲେ:

"ଅଲ୍ଲାଃତାଲା ନିଜର ପ୍ରିୟଜନ ଏବଂ ସତ୍ୟବାଦୀ ବ୍ୟକ୍ତିମାନଙ୍କୁ ଅନେକ ଉପାୟରେ ସାହାଯ୍ୟ ଓ ସମର୍ଥନ କରିଥାଆନ୍ତି । ଈଶ୍ୱରଙ୍କ ସେହି ସାହାଯ୍ୟ ଏବଂ ସମର୍ଥନ ମଧ୍ୟରୁ ଅନ୍ୟତମ ପନ୍ଥା ହେଲା ଯେ, ଲୋକମାନଙ୍କ ଉପରେ ସ୍ୱପ୍ନ, ଐଶୀବାଣୀ ଓ ତନ୍ଦ୍ରାବସ୍ଥାମୂଳକ ସ୍ୱପ୍ନ ମାଧ୍ୟମରେ ସେମାନଙ୍କର ସତ୍ୟତା ପ୍ରକଟିତ କରିଥାଆନ୍ତି । ଏହିପରି ଭାବରେ ପବିତ୍ରାତ୍ମାମାନେ ଈଶ୍ୱରଙ୍କ ଠାରୁ ସେହି ସତ୍ୟବାଦୀ ବ୍ୟକ୍ତିମାନଙ୍କର ସତ୍ୟତା ଏବଂ ସେମାନଙ୍କର ସତ୍ୟନିଷ୍ଠତାର ସାକ୍ଷ୍ୟ ପ୍ରାପ୍ତ କରି ସେହି ଅବତାରମାନଙ୍କୁ ସ୍ୱୀକାର କରିନେଇ ଥାଆନ୍ତି.........ଆଜି ମୁଁ ଏହି ପ୍ରକାରର ଏକ ଆକାଶୀୟ ସାକ୍ଷ୍ୟ ଆପଣମାନଙ୍କୁ ଶୁଣାଇ ଦେଉଛି ।

ପ୍ରଥମତଃ ଏପରି ପତ୍ରିକାରେ ଏହା ଉଲ୍ଲିଖିତ ରହିଛି ଯାହା ଅନେକ ବର୍ଷ ପୂର୍ବେ ପ୍ରକାଶିତ ହୋଇ ସାରିଛି । ଉକ୍ତ ପତ୍ରିକାର ନାମ ସୁଫି ଅଟେ । ଉକ୍ତ ପତ୍ରିକାଟି କୌଣସି ଅହେମଦି ବ୍ୟକ୍ତିଙ୍କର ପତ୍ରିକା ନୁହେଁ । ବରଂ ଅଣଅହେମଦିଙ୍କର ପତ୍ରିକା ଅଟେ । ତହିଁରେ ଏକ ବିଷୟ ବସ୍ତୁ ଉଲ୍ଲିଖିତ ହୋଇଛି ଏବଂ ଉକ୍ତ ବିଷୟବସ୍ତୁର ଲେଖକ ମଧ୍ୟ କୌଣସି ଅହେମଦି ନୁହନ୍ତି । ବରଂ ସେହି ବ୍ୟକ୍ତି ହେଉଛନ୍ତି ଜମାଅତ୍ ଅହେମଦିୟାର ଶତ୍ରୁ ଏବଂ ଆମ ଜମାଅତ୍ ସେହି ବ୍ୟକ୍ତିକୁ ଭଲ ଭାବରେ ଜାଣେ ଓ ପରିଚିତ ଅଟେ । କାରଣ କିଛି କାଳ ଅତିକ୍ରାନ୍ତ ହୋଇଥିଲା ସେ ହ. ଖଲିଫତୁଲ୍ ମସିହଙ୍କୁ ମୁବାହିଲା (ପରସ୍ପର ଉପରେ ଅଭିଶାପ ପକାଇବା) ନିମନ୍ତେ ଆହ୍ୱାନ ଦେଇଥିଲା ।

ଆପଣ ର.ଅ ଯେତେବେଳେ ଆସିବା ନିମନ୍ତେ ଇଚ୍ଛା ବ୍ୟକ୍ତ କଲେ ସେତେବେଳେ ସେ ନିରବ ହୋଇଗଲା । ସେହି ମୁବାହିଲାକାରୀ ବ୍ୟକ୍ତି ହେଉଛି ଖ୍ୱାଜା ହସନ୍ ନିଜାମୀ । ସେହି ପତ୍ରିକାରେ ତା'ର ଏକ ବିଷୟବସ୍ତୁ ପ୍ରକାଶିତ ହୋଇଛି । ତହିଁରେ ସେ ବସ୍ତୁବାଦୀ ସାଂସାରିକ ଉପାସକଙ୍କ ସମ୍ମୁଖରେ ଏକ ସ୍ୱପ୍ନର ବାସ୍ତବତା ପ୍ରକଟିତ କରି କେତେକ ସ୍ୱପ୍ନ ଉଲ୍ଲେଖ କରିଛି । ପ୍ରଥମ ସ୍ୱପ୍ନ ସେ ନୱାବ୍ ସୟେଦ୍ ସଦ୍‌ରୁଦ୍ଦୀନ୍ ଖାନ୍ ସାହେବ ଯେକି ବଡ଼ୋଦରା ପ୍ରଦେଶର ନିବାସୀ ଅଟନ୍ତି ସେ ଏହା ଉଲ୍ଲେଖି କଲେ ଯେ, "ଏକ ଘରେ ଜନିଷି ପତ୍ର ବନ୍ଧା ହୋଇ ଥୁଆ ହୋଇଛି ଏବଂ ଅନ୍ତେବାସୀ ବା ଘରର ସଦସ୍ୟମାନେ କୌଣସି ବଡ଼ ଯାତ୍ରା ପ୍ରସ୍ତୁତିରେ ବ୍ୟସ୍ତ ଅଛନ୍ତି । ଠିକ୍ ସେତିକିବେଳେ ଏହା ଦେଖାଗଲା କି ଘରର ସଦସ୍ୟମାନ ମଧ୍ୟ ଅତ୍ୟନ୍ତ କାର୍ଯ୍ୟବ୍ୟସ୍ତତାର ସହିତ ନିଜର ଜିନିଷ ପତ୍ର ଠିକ୍ କରୁଛନ୍ତି । "ପରିଶେଷରେ ସେ କହିଲେ, ଜାହାଜ ପ୍ରସ୍ତୁତ କର ଏବଂ ଏହି ଜିନିଷ ପତ୍ର ସବୁ ସେହି ଜାହାଜ ଉପରେ ଲଦି ଦିଅ । ସେ ପଚାରିଲା ହଜୁର ! କେଉଁଠାକୁ ଯିବାକୁ ମନସ୍ଥ କରିଛନ୍ତି ? ହୁଜୁର ର.ଅ କହିଲେ, ମୁଁ ଇଉରୋପ ଯିବାକୁ ଚାହୁଁଛି ଏବଂ ସେଠାରେ ଚିକିତ୍ସା କରାଇବି । ତାଙ୍କୁ ଯେତେବେଳେ ପଚରାଗଲା ଯେ, ମହୋଦୟ ଆପଣଙ୍କ ନାମ କ'ଣ ? ସେ କହିଲେ, ମୋର ନାମ ଉମର୍ ଇବ୍‌ନୁଲ୍ ଖତ୍ତାବ ଅଟେ ।"

ହସନ୍ ନିଜାମୀ ସାହେବ ଉକ୍ତ ସ୍ୱପ୍ନର ଅର୍ଥ ମଧ୍ୟ ସ୍ୱୟଂ କରିଛନ୍ତି ଏବଂ ତାହା ଏହିପରି ଅଟେ ଯେ, ନୱାବ୍ ସାହେବଙ୍କ ଉକ୍ତ ସ୍ୱପ୍ନରେ ଯଦିଓ ଗୋଟିଏ କଥା ବିଚାରଯୋଗ୍ୟ । ଅର୍ଥାତ୍ ହ. ଉମର୍ ଫାରୁକ୍ ର.ଅଙ୍କ ଏହା

କହିବା କି ମୁଁ ଇଉରୋପ ଦେଶକୁ ଚିକିତ୍ସା ନିମନ୍ତେ ଯାଉଛି । ଉକ୍ତ ସ୍ୱପ୍ନର ଅର୍ଥ ଏବଂ ତାତ୍ପର୍ଯ୍ୟ ଏହିକି ଯେ, ଆପଣ ସ୍ୱୟଂ ସେଠାକୁ ଚିକିତ୍ସା କରାଇବା ନିମନ୍ତେ ଯାଉଛନ୍ତି କିମ୍ବା ଇଉରୋପବାସୀଙ୍କ ଚକିତ୍ସା କରାଇବା ନିମନ୍ତେ ଯାଉଛନ୍ତି । କିନ୍ତୁ ଉଭୟ ପରିସ୍ଥିତିରେ ସ୍ୱପ୍ନର ଅର୍ଥ ବିଜ୍ଞାନ ଓ ବସ୍ତୁବାଦର ଉପାସନା ବିପରୀତ ତଥା ବହିର୍ଭୂତ ଅଟେ । ଯଦି ପ୍ରଥମ ସ୍ଥିତିକୁ ଲକ୍ଷ୍ୟ କରାଯାଏ ଅର୍ଥାତ୍ ହ. ଉମର୍ ର.ଅ ସ୍ୱୟଂ ଇଉରୋପ କୁ ନିଜର ଚିକିତ୍ସା କରାଇବା ନିମନ୍ତେ ଯାଉଛନ୍ତି ତେବେ ଏହାର ଅର୍ଥ ଏହା ହେବ ଯେ, ଆଧାତ୍ମିକବାଦୀମାନେ ନିଜର ଅଜ୍ଞାତ ରୋଗର ଚକିତ୍ସା ଇଉରୋପରେ ଯାଇ ଜ୍ଞାତ କରିବେ । ଅର୍ଥାତ୍ ଇଉରୋପ ଯାଇ ସେମାନେ ନିଜର ଅଜ୍ଞାତ ରୋଗ ସଂପର୍କରେ ଜାଣିବାକୁ ପାଇବେ ଓ ସେଠାରେ ଉପଚାର କରିବେ ।

ଏତଦ୍‌ପରେ ବସ୍ତୁବାଦୀ ଉପାସକ ଅର୍ଥାତ୍ ଇଉରୋପର ଚିକିତ୍ସା ଯୋଜଣା ଏବଂ ପ୍ରସ୍ତୁତ ହେଉଅଛି । ଉକ୍ତ ସ୍ୱପ୍ନଟି ଏପରି ସ୍ପଷ୍ଟ ଓ ଜ୍ୱଳନ୍ତ ଯେ, ମୋତେ କୌଣସି ଅତିରିକ୍ତ ଅର୍ଥ କରିବାର ଆବଶ୍ୟକତା ନାହିଁ........... ଏପଟେ ଆପଣ ଉକ୍ତ ସ୍ୱପ୍ନକୁ ଓ ସ୍ୱପ୍ନର ଅର୍ଥକୁ ପାଠ କଲେ । ସେପଟେ ହ. ଖଲିଫତୁଲ୍ ମସିହ୍‌ଙ୍କ ସେହି ଘୋଷଣା ଯାହା ହୁଜୁର ର.ଅ ଇଉରୋପର ଅଭିପ୍ରାୟ ସଂକ୍ରାନ୍ତରେ ପ୍ରକାଶିତ କରିଥିଲେ । ତା'ର ଅଧ୍ୟୟନ କରନ୍ତୁ ତେବେ ଆପଣମାନଙ୍କୁ ଜ୍ଞାତ ହୋଇଯିବ ଯେ, ଏହା କିପରିକା ସ୍ୱପ୍ନ ଅଟେ ଏବଂ ସଂପ୍ରଦାୟର ସତ୍ୟତାର କିପରି ବଳିଷ୍ଠ ନିଦର୍ଶନ ଅଟେ (ବିଶେଷ କରି ସେତେବେଳେ ଯେତେବେଳେ ହୁଜୁର ର.ଅଙ୍କ ଐଶୀବାଣୀରେ ବର୍ଣ୍ଣିତ ନାମ ଉମର୍ ମଧ୍ୟ ଅଟେ) ? **(ଅଲ୍ ଫଜଲ୍ କାଦିୟାନ୍, ଦାରୁଲ୍ ଅମାନ୍, 1924 ମସିହା ଅକ୍ଟୋବର ମାସ 9 ତାରିଖ, ପୃ-8)**

ଉକ୍ତ ଐଶୀ ଯାତ୍ରା ବା ଗସ୍ତ ସଂସାରରେ ଅହେମଦିୟତ୍‌ର ବିଜୟ ନିମନ୍ତେ ଏକ ବୀଜ ପରି ଥିଲା । ଉକ୍ତ ବୀଜ ଅଙ୍କୁରିତ ହୋଇ ବୃଦ୍ଧି ପାଇବା ଏବଂ ଫଳବତ୍ ହେବା ସମଗ୍ର ସଂସାରରେ ଆମେ ଅବଲୋକନ କରୁଛେ । ଅଲ୍ଲାଃତାଲା ଏଥି ନମିନ୍ତେ ଆମେମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । କାରଣ ଆମେମାନେ ତହିଁରେ ନିଜର ଅଧିକରୁ ଅଧିକ ଯୋଗଦାନ ଦେଇ ପାରିବୁ। ଅଲ୍ଲାଃତାଲା ଆମମାନଙ୍କୁ ସ୍ୱୀକୃତ ବା ଗ୍ରହଣୀୟ ସେବା କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ । **(ମନସୁର୍ ଅହେମଦ୍ ମନସୁର୍)**

☆--☆--☆

## ଓଡ଼ିଆ ନଜମ୍

### ଜୀବନ ଓ ମୃତ୍ୟୁ

ରହିମ୍ ଖାଁ (ମୁନ୍ନା)

ଜୀବନ ଦେଇଥିଲୁ ତୁ ଜୀବନ ନେଉ ଆଜି ତୁଉ
କିଛି ଶୁଣୁ ନାହିଁ ଆଜି ତୁ ବାନ୍ଧି ନେଉଛୁ ସାଥେ ମୋତେ ତୁ
ହେ ଅଲ୍ଲାଃ ମୋର ...... ହେ ମଉଲା ମୋର
ଏତେ ଦୁଃଖ ଦେଉଛୁ କାହିଁ ତୁ

ସଂସାର ଯୋଡ଼ି ଦେଲୁ ତୁଉ ମୋହରୋ ବାନ୍ଧି ଦେଲୁ ତୁଉ
ଧନ ସଂପତ୍ତି ଦେଲୁ ତୁଉ ଲୋଭ ଲଗାଇ ଦେଲୁ ତୁଉ
ଛାଡ଼ି ଯାଉଛି ସବୁ ଆଜି ମୁଁ. ସାଥେ ନେଇ ଯାଉଛୁ ମୋତେ ତୁଉ
ହେ ଅଲ୍ଲାଃ ମୋର...ହେ ମଉଲା ମୋର
ଏତେ ଦୁଃଖ ଦେଉଛୁ କାହିଁ ତୁଉ (1)

ଦେଖିପାରୁ ନାହିଁ ଆଜି ମୁଁ ଶୁଣିପାରୁ ନାହିଁ ଆଜି ମୁଁ
କହିପାରୁ ନାହିଁ ଆଜି ମୁଁ କରିପାରୁ ନାହିଁ କିଛି ମୁଁ
କାଢି ନେଇଛୁ ଜୀବନ କୁ ତୁ ..... ଜଡ଼ ହୋଇ ଯାଇଛି ଆଜି ମୁଁ
ହେ ଅଲ୍ଲାଃ ମୋର .... ହେ ମଉଲା ମୋର
ଏତେ ଦୁଃଖ ଦେଇଛୁ କାହିଁ ତୁ (2)
ଜୀବନ ଦେଇଥିଲୁ ତୁଉ ଜୀବନ ନେଉ ଆଜି ତୁଉ
କିଛି ଶୁଣି ନାହୁଁ ଆଜି ତୁ ବାନ୍ଧି ନେଉଛୁ ଆଜି ମୋତେ ତୁ
ହେ ଅଲ୍ଲାଃ ମୋର.........ହେ ମଉଲା ମୋର
ଏତେ ଦୁଃଖ ଦେଉଛୁ କାହିଁ ତୁ (3)

☆--☆--☆

## ଓଡ଼ିଆ ନଜମ୍

### (ମୁ ତୀର୍ଥ ଯିବି ଆରୋ ମୁଁ ତୀର୍ଥ ଯିବି)

ମୁଁକାଦିଆନ୍ ଯିବି ଆରେ ମୁଁ କାଦିଆନ୍ ଯିବି
କଳକୀ ଦୂତର ଜନମ ସ୍ଥାନ ବୁଲି ଦେଖୁଥିବି
ମୁଁ କାଦିଆନ୍ ଯିବି .........................।।
କଳକୀ ଦୂତ ହୋଇବେ ଜାତ
ଏ ସତ୍ୟ ବଚନ ସେ ତ' କୁରଆନ ଲିଖନ
ତାହା ଦେଖି ମୋ ନୟନ୍କୁ ପବିତ୍ର କରିବି ।।
ଦେଖିବି ସେଠି ମିନାରା ମସିହ୍
କେତେ ଉଚ୍ଚ ବାବୁ ସେ ତ' କେଡ଼େ ମନୋରମ
ସେ ବାଟେ କାହିଁ ଇସା ସ୍ୱର୍ଗରୁ ଆସୁ ନାହାନ୍ତି
ମୁଁ ତାହା ଦେଖିବି..........................।।
କେତେ ପଣ୍ଡିତ ଦିଅନ୍ତି ଶିକ୍ଷା
ବିଶ୍ୱ ଶାନ୍ତି ବାଟ ସେ ତ' ବିଶ୍ୱ ଶାନ୍ତି ବାଟ
ପ୍ରଚାର ଲାଗି ସେବକ ଗଣ ଗଢା ହୁଅନ୍ତି
ମୁଁ ତାହା ଦେଖିବି..........................।।
ବୈତୁଦ୍ ଦୁଆରେ ନଫିଲ୍ ପଢି
ମନର ବେଦନା ଯାହା ମନର ବେଦନା
ଅଲ୍ଲାଃ ପାଶରେ କହି ଦେଇ ମୁଁ ଶାନ୍ତି ପାଇବି
ମୁଁ କାଦିଆନ୍ ଯିବି .........................।।
ଧରମ ସଭା କି ମନ ଲୋଭା
କେତେ ଦେଶୁ ବାବୁ ଭକ୍ତ (ବାବୁ) କେତେ ଦେଶ ଭକ୍ତ
ଧାଇଁ ଅଛନ୍ତି ପତଙ୍ଗ ସମ ଜ୍ୱଳନ୍ତ ଦୀପ ଲଭି
ମୁଁ ତାହା ଦେଖିବି..........................।।
ଦୁଇ ମସଜିଦେ କେଡ଼ ଆନନ୍ଦେ
ପ୍ରାର୍ଥନା କରନ୍ତି ଭକ୍ତେ ପ୍ରାର୍ଥନା କରନ୍ତି
ତାଙ୍କ ସହିତ ପ୍ରାର୍ଥନା କରି ପାପ ଉଦ୍ଧରିବି
ମଁ କାଦିଆନ୍ ଯିବି .........................।।
ସବୁରି ହୃଦେ ଗୋଟିଏ ଭାବ
ଦେଖିଲେ ଜାଣିବ, ଭାଇ ଦେଖିଲେ ଜାଣିବ
ଧନ ଜୀବନ ତୁଚ୍ଛ କରି ମାଟିରେ ଗଡିବ
ମୁଁ କାଦିଆନ୍ ଯିବି .........................।।

☆--☆--☆

## ଉର୍ଦ୍ଦୁ ନଜମ୍

(ହ. ମସିହ୍ ମଉଦ୍ ଅ.ସ)

اُنکو سودا ہوا ہے۔ ویدوں کا
اُنکا دِل مبتلاء ہے ویدوں کا
اس آریوں! اس قدر کرو کیوں جوش
کیا نظر آگیا ہے ویدوں کا؟
نہ کیا ہے نہ کر سکے پیدا
سوچ لو یہ خد ہے ویودوں کا
عقل رکھتے ہو آپ بھی سوچو
کیوں بھروسہ کیا ہے ویدوں کا
بے خدا کوئی چیز کیونکر ہو
یہ سراسر خطاء ہے ویودوں کا
ناستک مَت کے ویود ہیں حامی
بس یہی مُدّعا ہے ویدوں کا
کال سرپر کھڑا ہے ویدوں کا

☆--☆--☆

## ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ଇଉରୋପ ଗସ୍ତ 1924 ମସିହାର ଏକ ରିପୋର୍ଟ

(ହାଫିଜ୍ ସୟେଦ୍ ରସୁଲ୍ ନିୟାଜ୍, ମୁବଲ୍ଲିଗ୍ ସିଲ୍‌ସିଲା ନଶ୍ରୋ ଇଶାଅତ୍)

**11 ଜୁଲାଇ 1924 ମସିହା**

**ଶୁକ୍ରବାର ଦିନ ବହିଶ୍‌ତି ମକ୍‌ବରାହ୍‌ରେ ଆପଣ ର.ଅ ତିନି ଥର ଦୁଆ କଲେ :**

ଜୁଲାଇ ମାସ 11 ତାରିଖ ପ୍ରାତଃ ସମୟରେ ହ. ମୁସ୍‌ଲେହ୍ ମଉଦ୍ ର.ଅ ହ. ମସିହ୍ ମଉଦ୍ ଅ.ସଙ୍କ କବର ପାଖରେ ଦୁଆ କରିବା ନିମନ୍ତେ ଗମନ କଲେ । ହୁଜୁର ର.ଅ କବରର ପୂର୍ବ ଦିଗ ଆଡ଼େ ଛିଡ଼ା ହୋଇ ଦୀର୍ଘ ସମୟ ପର୍ଯ୍ୟନ୍ତ ଦୁଆ କଲେ । ପୁନଶ୍ଚ ଏତଦ୍‌ପରେ ଆପଣ ର.ଅ ଦକ୍ଷିଣ ଦିଗରେ ଅବସ୍ଥିତି ନଙ୍ଗଲ୍ ଦେଇ କାଲ୍‌ହ୍ୱାଁ ନିକଟବର୍ତ୍ତୀ ସଡ଼କ ପର୍ଯ୍ୟନ୍ତ ପହଞ୍ଚିଗଲେ ଏବଂ ଅନ୍ୟ ବାଟ ଦେଇ ଆପଣ ଫେରି ଆସିଲେ । ଆପଣ ବହିଶତି ମକ୍‌ବରାହ୍ ଫେରି ଆସିଲେ ଓ ପବିତ୍ର କବର ପାଖରେ ପୁନଃ ଦୁଆ କଲେ । ସେଦିନ ନମାଜ ମଗ୍‌ରିବ୍ ପରେ ତୃତୀୟ ଥର ବହିଶ୍‌ତି ମକ୍‌ବରାହ୍ ଅଭିମୁଖେ ଗମନ କଲେ ଏବଂ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ କବର ପାଖରେ ଛିଡ଼ା ହୋଇ ଦୁଆ କଲେ ।

**ମସ୍‌ଜିଦେ ଅକ୍‌ସାରେ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ଆୟୋଜନ:**

ନମାଜ୍ ଜୁମା ପାଠ କରିବା ପରେ ମସ୍‌ଜିଦ୍‌ରେ ହୁଜୁର ର.ଅଙ୍କୁ ସାକ୍ଷାତ୍ କରିବା ନିମନ୍ତେ ଲୋକମାନେ ବିପୁଳ ସଂଖ୍ୟାରେ ଆସିଥିଲେ । ସେହି ଲୋକମାନେ ହୁଜୁର ର.ଅଙ୍କ ସହିତ କର ମର୍ଦ୍ଦନ (ହାତ ମିଳାଇଲେ) କରିବାକୁ ସୌଭାଗ୍ୟ ଅର୍ଜନ କଲେ । ମସ୍‌ଜିଦେ ମୁବାରକ୍‌ରେ ହୁଜୁର ର.ଅ ଅସର୍ ନମାଜ ପାଠ କରାଇଲେ । ପୁନଶ୍ଚ ମସ୍‌ଜିଦେ ଅକ୍‌ସା ପ୍ରସ୍ଥାନ କଲେ। ସେଠାରେ ଏକ ବିପୁଳ ସଂଖ୍ୟକ ଜନ ସମାଗମରେ ହୁଜୁର ର.ଅ ସେହି ସାହାବାମାନଙ୍କ ସହିତ ଫଟୋ ଉତ୍ତୋଳନ କଲେ ଯେଉଁମାନେ ସାଂପ୍ରତିକ କାଳରେ ହୁଜୁର ର.ଅଙ୍କ ସହିତ ପ୍ରସ୍ଥାନ କରିଥିଲେ। ଇତ୍ୟବସରରେ ହ. ଡାକ୍ତର ମୀର୍ ମୁହମ୍ମଦ ଇସ୍‌ମାଇଲ୍ ସାହେବ ର.ଅଙ୍କ ଏକ ନଜମ୍ (କବିତା) ମାଦ୍ରାସା ଅହେମଦିୟାର ଜନୈକ ଛାତ୍ର ଆୟୁଷ୍ମାନ୍ ମଲକ୍ ଅବ୍‌ଦୁଲ୍ ଅଜିଜ୍ ସାହେବ ଅତ୍ୟନ୍ତ ଅତ୍ୟନ୍ତ ଭାବବିହ୍ୱଳ ସ୍ୱରରେ (କଣ୍ଠରେ) ପାଠ କରି ଶୁଣାଇଲେ । ଉକ୍ତ ନଜମ୍ ପାଠ ସମୟରେ ହୁଜୁର ର.ଅଙ୍କ ଚକ୍ଷୁ ଲୋତକାପ୍ଲୁତ ହୋଇଗଲା । ପରିଶେଷରେ ହୁଜୁର ର.ଅ ନିଜର ଚକ୍ଷୁକୁ ରୁମାଲ୍ ସାହାଯ୍ୟରେ ଘୋଡ଼ାଉ ଥିଲେ । ନଜମ୍‌ର କୋହଭରା କଣ୍ଠରେ କବିତା ଏବଂ ଦୁଃଖାର୍ତ୍ତ ହୃଦୟ ବିହ୍ୱଳିତ ଆବେଗର ଆଇନା ଥିଲା । ଏହା ଅନେକଙ୍କ ଚକ୍ଷୁକୁ ଅଶ୍ରୁଳ ତଥା ଲୋତକାପ୍ଲୁତ କରି ସେମାନଙ୍କ ହୃଦୟରେ ଥିବା ଅବସ୍ଥାକୁ ପରିପ୍ରକାଶିତ କରିବା କର୍ତ୍ତବ୍ୟ ସମ୍ପାଦନ କରିଥିଲା ।

**କାଦିଆନରୁ ପ୍ରସ୍ଥାନ:**

12 ଜୁଲାଇ ପ୍ରସ୍ଥାନର ଦିନ ଥିଲା । ସକାଳୁ ସକାଳୁ ହ. ମସିହ୍ ମଉଦ୍ ଅ.ସଙ୍କ କବର ପାଖରେ ହୁଜୁର ର.ଅ ଶେଷ ଥର ପାଇଁ ଦୁଆ କରିବାକୁ ଗଲେ । ସେହି ଦିନ ଲୋକମାନେ ଫଜର୍ ନମାଜ୍ ପର ଠାରୁ ହିଁ ମସ୍‌ଜିଦ୍ ମୁବାରକ ନିକଟବର୍ତ୍ତୀ ବଜାରରେ ଏକତ୍ରିତ ହେବା ଆରମ୍ଭ ହୋଇଗଲା। ସକାଳ 8.00ଟା ବେଳେ ଘୋଷଣା ହେଲା ଯେ, ହୁଜୁର ର.ଅ ଦୁଆ କରାଉଛନ୍ତି ତେଣୁ ସମସ୍ତ ଲୋକମାନେ ଦୁଆ କରିବା ନିମନ୍ତେ ନିଜ ନିଜ ହାତ ପ୍ରସାରିତ ଅର୍ଥାତ୍ ଉଠାନ୍ତୁ ଓ ଦୁଆ କରନ୍ତୁ ।

ହୁଜୁର ର.ଅ ବୈତୁଦ୍ ଦୁଆରେ ବସି ଦୀର୍ଘ ସମୟ ପର୍ଯ୍ୟନ୍ତ ଦୁଆ କରାଇଲେ । ପୁନଶ୍ଚ ଏତଦ୍‌ପରେ ହୁଜୁର ର.ଅ ଘରୁ ବାହାରୁ ଆସିଲେ। ଜମାଅତ୍‌ର ସଦସ୍ୟବୃନ୍ଦ ହୁଜୁର ର.ଅଙ୍କ ସହିତ ହାତ ମିଳାଇବା ନିମନ୍ତେ ଅତ୍ୟନ୍ତ ବ୍ୟଗ୍ରତାର ସହିତ ଆଗକୁ ଅଗ୍ରସର ହେଲେ । କିନ୍ତୁ ଏହି ଆଦେଶ ଆସିଲା ଯେ, ହୁଜୁର ସଡ଼କ ଉପରେ ମୋଟ ଯାନ ଉପରେ ବସି ହାତ ମିଳାଇବେ । ମାର୍ଗରେ ଯଦିଓ ହୁଜୁର ର.ଅଙ୍କ ନିମନ୍ତେ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ଏବଂ ହୁଜୁର ର.ଅଙ୍କୁ ସୁରକ୍ଷା ବଳୟ ମଧ୍ୟରେ (ଘେର ମଧ୍ୟରେ) ରଖାଗଲା ଏବଂ ଭିଡ଼କୁ ପଛେରେ ରଖାଗଲା । କିନ୍ତୁ ଭିଡ଼କୁ ନିୟନ୍ତ୍ରଣ କରିବା ସମ୍ଭବପର ହେଉ ନଥିଲା ।

ଅନେକ ଲୋକମାନେ ପରସ୍ପର ଉପରେ ପଡୁଥିଲେ । କିନ୍ତୁ ସେମାନେ କୌଣସି ଦୁଃଖ ବ୍ୟକ୍ତ ନକରି ତୁରନ୍ତ ଆଗକୁ ଅଗ୍ରସର ହେବା ନିମନ୍ତେ ଉଦ୍ୟମ କରୁଥିଲେ । ଭିଡ଼ ଦ୍ରୁତ ଗତିରେ ମାର୍ଗରେ ଚାଲିବା ହେତୁ ମାର୍ଗର ଧୂଳିକଣା ବାଦଲ ପରି ଉପରକୁ ଉଠି ପରିବେଶକୁ ଧୂଳି ଧୂଷରିତ, ଧୂମ୍ରାଭ ଏବଂ ଆଚ୍ଛନ୍ନ କରି ପକାଉଥିଲା । ସୁରକ୍ଷା ବ୍ୟବସ୍ଥା ପରିଚାଳକ ଏହା ଭାବିଲେ ଯେ, ଏହି ଭିଡ଼ ଏବଂ ଧୂଳି ଦ୍ୱାରା ହୁଜୁର ର.ଅଙ୍କୁ କଷ୍ଟ ହେବ। ତେଣୁ ସେ ସମସ୍ତ ଲୋକମାନଙ୍କୁ ହୁଜୁର ର.ଅଙ୍କ ପାଖକୁ ଆସିବାରୁ ଅଟକାଇଲେ । ତେବେ ହୁଜୁର ର.ଅ ଏହାକୁ ନାପସନ୍ଦ କଲେ ଏବଂ ହୁଜୁର ର.ଅ ଆଦେଶ ଦେଲେ ଯେ, କୌଣସି ବ୍ୟକ୍ତି ଅଟକାନ୍ତୁ ନାହିଁ । ତତ୍‌ସହିତ ହୁଜୁର ର.ଅ ଏହା ମଧ୍ୟ କହିଲେ, ଯେ, ମୁଁ ମଧ୍ୟ ଧୀରେ ଧୀରେ ଚାଲୁଛି । ଆପଣମାନେ ମଧ୍ୟ ଧୀରେ ଧୀରେ ଚାଲନ୍ତୁ । କାହିଁକି ନା ଧୂଳି ଯେପରି ଅଧିକ ନଉଡୁ । ହୁଜୁର ର.ଅ ଯେତେବେଳେ ମୋଟର ଗାଡ଼ି ନିକଟରେ ପହଞ୍ଚିଲେ ସେତେବେଳେ ସେଠାରା ପୂର୍ବରୁ ହିଁ ମହିଳାମାନେ ଏବଂ ଲୋକମାନେ ବିପୁଳ ସଂଖ୍ୟାରେ ପହଞ୍ଚି ଯାଇଥିଲେ । ହୁଜୁର ର.ଅ ସମସ୍ତ ଭିଡ଼ଙ୍କ ସହିତ ଦୀର୍ଘ ସମୟ ପର୍ଯ୍ୟନ୍ତ ଦୁଆ କରାଇଲେ । ଦୁଆ କରିବା ପରେ ହୁଜୁର ର.ଅ ସମସ୍ତ ସଦସ୍ୟବୃନ୍ଦଙ୍କ ସହିତ ସାମୂହିକ ଫଟୋ ଉତ୍ତୋଳନ କଲେ । ହୁଜୁର ର.ଅ ନିଜ ମାତାଶ୍ରୀ ମହୋଦୟା ହ. ଉମ୍ମୁଲ୍ ମୁମିନିନ୍ ର.ଅଙ୍କ ଆଦେଶ କ୍ରମେ ତାଙ୍କୁ ସାକ୍ଷାତ୍ କରିବା ନିମନ୍ତେ ପୁରୁଷ ଗହଳିରୁ ବାହାରି ଆସିଲେ । ହ. ଉମ୍ମୁଲ୍ ମୁମିନିନ୍ ର.ଅ ଦୀର୍ଘ ସମୟ ପର୍ଯ୍ୟନ୍ତ ହୁଜୁର ର.ଅଙ୍କୁ ଆଲିଙ୍ଗନ କରି ମାତୃତ୍ୱ ବତ୍ସଳ ତଥା ମାତୃତ୍ୱ ଦୟା ଓ ପ୍ରେମର ନଈ ଧାର ପ୍ରବାହିତ କରିଦେଲେ । ଅର୍ଥାତ୍ କାନ୍ଦି ପକାଇଲେ ଏବଂ ସହସ୍ର ସହସ୍ର ରୂପେ ହୁଜୁର ର.ଅଙ୍କୁ ଦୁଆ ଦେଲେ ଅର୍ଥାତ୍ ଆଶୀର୍ବାଦ ଦେଲେ । ଏତଦ୍‌ପରେ ହୁଜୁର ର.ଅ ମୋଟର ଗାଡ଼ି ନିକଟରେ ଛିଡ଼ା ହୋଇଗଲେ ଏବଂ ଜମାଅତ୍‌ର ସଦସ୍ୟବୃନ୍ଦ ପାଳି କରି କର ମର୍ଦ୍ଦନ (ହାତ ମିଳାଇଲେ) । କର ମର୍ଦ୍ଦନ କରିବା ପରେ ସଡ଼କ ବା ରାସ୍ତା ଉପରେ ଦୁଇଟି ଧାଡ଼ିରେ ଲୋକମାନେ ଛିଡ଼ା ହୋଇଗଲେ । ସମସ୍ତ ସଦସ୍ୟବୃନ୍ଦଙ୍କ ସହିତ କର ମର୍ଦ୍ଦନ କରି ସାରିବା ପରେ ହୁଜୁର ର.ଅ ମୋଟର ଗାଡ଼ି ଉପରେ ଆରୋହଣ ହେଲେ ଏବଂ ହୁଜୁର ର.ଅଙ୍କ ସହିତ ଯିବାକୁ ଥିବା ଦୁଇ ଜଣ ଆରୋହୀ ମୋଟର ଗାଡ଼ି ଉପରେ ଛିଡ଼ା ହୋଇ اللہ اکبر ଶ୍ଳୋଗାନ୍ ଦେଲେ ଏବଂ ଏତଦ୍‌ପରେ ଉମ୍ମୁଲ୍ ମୁମିନିନ୍ ର.ଅ ଉକ୍ତ ଶ୍ଳୋଗାନ୍ ଧ୍ୱନିରେ ପ୍ରସ୍ଥାନ କଲେ ।

**(ଅଲ୍ ଫଜଲ୍, 15 ଜୁଲାଇ, 1924 ମସିହା, ପୃ-1-2)**

ଯାତ୍ରୀସମୂହକୁ ବଟାଲା ପହଞ୍ଚିବାରେ ବିଳମ୍ବ ହୋଇଗଲା । ରେଳ ଷ୍ଟେସନ୍‌ରେ ପ୍ଲାଟଫର୍ମ ଉପରେ ରେଳ ଛିଡ଼ା ହୋଇଥିଲା । ସେଠାରେ ଚତୁର୍ଦ୍ଦିଗରେ ହୁଜୁର ର.ଅଙ୍କୁ ଦେଖିବା ନିମନ୍ତେ ଅସମ୍ଭାଳ ଭିଡ଼ ଜମିଥିଲା । ଜମାଅତ୍ ଅହେମଦିୟା ବଟାଲା ଏବଂ ସମସ୍ତ ବନ୍ଧୁମାନେ ଅତ୍ୟନ୍ତ ଦ୍ୱନ୍ଦ୍ୱରେ ଥିଲେ । ଠିକ୍ ସେତିକି ବେଳେ ହୁଜୁର ର.ଅଙ୍କ ସହିତ ଖୁଦାମ୍‌ମାନେ ବଟାଲା ଷ୍ଟେସନ୍‌ରେ ପହଞ୍ଚିଲେ ଏବଂ ଅଲ୍ଲାହୁ ଅକବର ଶ୍ଳୋଗାନ୍ ଦିଆଯାଉଥିଲା ଅର୍ଥାତ୍ ଶ୍ଳୋଗାନର ଧ୍ୱନିରେ ବାତାବରଣ ପ୍ରତିଧ୍ୱନିତ ହେଉଥିଲା ।

**ବଟାଲାରୁ ପ୍ରସ୍ଥାନ:**

ରେଳଗାଡ଼ି ବଟାଲାରୁ ଜୟନ୍ତୀପୁର ପହଞ୍ଚିଲା । ସେଠାରେ ମଧ୍ୟ ହୁଜୁର ର.ଅଙ୍କ ଗାଡ଼ି ସମ୍ମୁଖରେ ଦର୍ଶନକାରୀମାନଙ୍କର ଭିଡ଼ ଜମିଥିଲା। ଅମୃତସର ରେଳ ଷ୍ଟେସନରେ ବ୍ୟାପକ ସଂଖ୍ୟାରେ ଜମାଅତ୍‌ର ବନ୍ଧୁ ଏବଂ ସଦସ୍ୟମାନେ ଉପସ୍ଥିତ ଥିଲେ । ଏହି ଲୋକମାନେ ହୁଜୁର ର.ଅଙ୍କ ଆଗମନର ଖବର ଶୁଣି ଲାହୋର, ଅମୃତସର ଏବଂ ଦୂର ଦୂରାନ୍ତରେ ଥିବା ପୁର ପଲ୍ଲୀରୁ ଧାଇଁ ଆସିଥିଲେ । ଲାହୋର ଏବଂ ଅମୃତସରର ଜମାଅତ୍ ଫଟୋ ଉତ୍ତୋଳନ କଲେ ।

**ବ୍ୟାସ:**

ରେଳଗାଡ଼ି ଯେତେବେଳେ ବ୍ୟାସ୍ ଷ୍ଟେସନ୍‌ରେ ପହଞ୍ଚିଲା ସେତେବେଳେ ସୂଚନା ମୁତାବକ ହୁଜୁର ର.ଅ ଫଟୋ ଉତ୍ତୋଳନ ନିମନ୍ତେ ରେଳଗାଡ଼ିରୁ ବାହାରି ଆସିଲେ । ସେଠାରୁ ହୁଜୁର 3ଟି ଫଟୋ ଉତ୍ତୋଳନ କଲେ ।

**ଜାଲନ୍ଧର୍, ଫଗୱାଡ଼ା, ଫିଲ୍ଲୌର:**

ଜାଲନ୍ଧର ସହର ଜାଲନ୍ଧର ଛାଉଣୀ, ଫଗୱାଡ଼ା ଏବଂ ଫିଲ୍ଲୌର୍ ଇତ୍ୟାଦି ଷ୍ଟେସନ୍‌ରେ ଜମାଅତ୍‌ର ଅତ୍ୟନ୍ତ ନୈଷ୍ଠିକ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ଜାଲନ୍ଧର ଏବଂ ହୋଶିୟାରପୁରର ନୈଷ୍ଠିକ ଅହେମଦିମାନେ ନିଜ ନିଜର ପ୍ରେମ ଓ ଆନ୍ତରୀକତା ଭାବ ପ୍ରକାଶ କଲେ ।

**ଲୁଧିଆନା:**

ଲୁଧିଆନା ସହର ବ୍ୟତୀତ ଗ୍ରାମୀଣ ଏବଂ ଆଖପାଖର ନୈଷ୍ଠିକ ଜମାଅତ୍ର ସଦସ୍ୟମାନେ ମଧ୍ୟ ଏକତ୍ରିତ ହୋଇଥିଲେ । ଲୁଧିଆନାର ଜମାଅତ୍ ଉକ୍ତ ଆନନ୍ଦ ପର୍ବରେ ସମସ୍ତ ଟ୍ରେନର ଯାତ୍ରୀଙ୍କୁ ବରଫ ଓ ଦୁଗ୍ଧ ମିଶ୍ରିତ ସର୍ବତ୍ ବାଣ୍ଟିଥିଲେ । ଜାଲନ୍ଧର ଷ୍ଟେସନ୍ ଠାରେ ଜମାଅତ୍ର ସଦସ୍ୟବୃନ୍ଦ ସୋଡ଼ା ବରଫ ଏବଂ ହୋଶିୟାରପୁରର ଆମ୍ବ ହୁଜୁର୍ ର.ଅ ଏବଂ ହୁଜୁର ର.ଅଙ୍କ ସହିତ ଥିବା ଯାତ୍ରୀ ସମୂହଙ୍କ ସେବାରେ ଉପସ୍ଥାପିତ କରିଥିଲେ ।

**ଖନ୍ନା:**

ଖନ୍ନା ଷ୍ଟେସନ୍‌ରେ ଶ୍ରୀଯୁକ୍ତ ମୁନ୍‌ଶୀ ଅବ୍‌ଦୁଲ୍ଲାଃ ସାହେବ ସନୱରୀ ର.ଅଙ୍କ ଦ୍ୱାରା ପ୍ରସ୍ତୁତ ଜମାଅତ୍ ଗୌସ୍ ଗଡ଼ 18 ମାଇଲ୍ ଦୂରତାର ପାଦରେ ଯାତ୍ରା କରି ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ସହିତ ସାକ୍ଷାତ୍ କରକିବାକୁ ଉପସ୍ଥିତ ଥିଲା.... ଜନୈକ ମହିଳା ଅତ୍ୟନ୍ତ ସାହାସିକତା ପ୍ରଦର୍ଶନ କଲା । ଗାଡ଼ି ପ୍ରସ୍ଥାନ କରିବାର ହ୍ୱିସିଲ୍ ବାଜି ସାରିଥିଲା । ବନ୍ଧୁମାନେ ଉକ୍ତ ମହିଳାକୁ ଅଟକାଇଲେ ଯେ, ଆରେ ହେ ମହିଳା ମହୋଦୟ ଗାଡ଼ି ପ୍ରସ୍ଥାନ କରିବାର ହ୍ୱିସିଲ୍ ଦେଇ ସାରିଛି । ଗାଡି ଚାଲିବା ଆରମ୍ଭ ହୋଇଯିବ । ଆପଣ ତଳେ ଛିଡ଼ା ହୋଇ ସଲାମ୍ କରି ଦିଅନ୍ତୁ । କିନ୍ତୁ ଉକ୍ତ ମହିଳା ଜଣକ କାହାରି କଥା ଶୁଣିଲେ ନାହିଁ ଏବଂ ବୁର୍କା ପରିଧାନ କରି ଗାଡ଼ି ଉପରେ ଚଢି ହୁଜୁର ର.ଅଙ୍କ ସେବାରେ ପହଞ୍ଚିଲେ ଏବଂ ଗାଡ଼ି ପ୍ରସ୍ଥାନ କଲା । ସେହି ମହିଳା ଜଣକ ଓହ୍ଲାଇବା ପାଇଁ ଉଦ୍ୟମ କଲେ ଏବଂ ଚଳନ୍ତା ଗାଡ଼ିରୁ ଡେଇଁ ପଡ଼ିଲେ। ଏହା ଖୁବ୍ ନିକଟବର୍ତ୍ତୀ ଥିଲା ଯେ, ତାଙ୍କର ମୁଣ୍ଡ ଫାଟି ଯାଇ ଥାଆନ୍ତା ଏବଂ ସମସ୍ତ ଶରୀର ରକ୍ତ ଦ୍ୱାରା ଲହୁ ଲୁହାଣ ହୋଇଯାଇ ଥାଆନ୍ତା । କିନ୍ତୁ ଜଣେ ଅହେମଦି ବ୍ୟକ୍ତି ଶୀଘ୍ର ଉକ୍ତ ମହିଳାଙ୍କୁ ନିଜ ହାତରେ ଏପରି ଧରିନେଲେ ଯେପରି ମା ନିଜର ସନ୍ତାନକୁ କୋଳକୁ ଉଠାଇ ନେଇଥାଏ ।

**ରାଜପୁରା ଷ୍ଟେସନ:**

ରାଜପୁରା ଷ୍ଟେସନ୍ ଠାରେ ଜମାଅତ୍ ଅହେମଦିୟା ପଟିୟାଲା ଭୋଜନ ବ୍ୟବସ୍ଥା କରିଥିଲା । ସମସ୍ତ ସଦସ୍ୟଙ୍କ ମଧ୍ୟରେ ଆହାର ଅତ୍ୟନ୍ତ ସୁଷମ ଭାବରେ ବାଣ୍ଟି ଦିଆଗଲା ଏବଂ ଅମ୍ବାଲା ଛାଉଣୀ ପର୍ଯ୍ୟନ୍ତ ଲୋକମାନେ ଆହାର ଖୁଆଇ ଚାଲିଥିଲେ ।

**ମୁଜଫ୍ଫର ନଗର୍ ଓ ମେରଠ୍:**

ମୁଜଫ୍ଫର ନଗର, ମେରଠ୍ ଛାଉଣୀ ଏବଂ ସହରର ବନ୍ଧୁମାନେ ହୁଜୁର ର.ଅଙ୍କ ହସ୍ତକୁ ଚୁମ୍ବନ ଏବଂ ହୁଜୁର ର.ଅଙ୍କୁ ଦର୍ଶନ କରିବା ନିମନ୍ତେ ଆସିଲେ । ସେମାନେ ହୁଜୁର ର.ଅଙ୍କ ଦର୍ଶନ କରି ଉପକୃତ ହୋଇ ଫେରିଗଲେ । ଗାଜିୟାବାଦ୍ ଅବା ଦିଲ୍ଲୀ ପହଞ୍ଚିଲେ ।

**ଦିଲ୍ଲୀର ରେଳ ଷ୍ଟେସନ, 13 ଜୁଲାଇ ଦିନ:**

ଦିଲ୍ଲୀରେ ଜମାଅତ ଏକ ଭବ୍ୟ ସ୍ୱାଗତମ ଧ୍ୱଜା ପ୍ରସ୍ତୁତ କରି ରଖିଥିଲା ଏବଂ ପ୍ଲାଟଫର୍ମ ଉପରେ ସ୍ୱାଗତ ଜଣାଇବା ନିମନ୍ତେ ଜମାଅତ୍ର ସମସ୍ତ ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ । ଫଟୋ ଉତ୍ତୋଳନ ନିମନ୍ତେ ବିଶେଷ ବ୍ୟବସ୍ଥା ରହିଥିଲା । ମଧ୍ୟାହ୍ନ ଭୋଜନର ମଧ୍ୟ ଦିଲ୍ଲୀ ଜମାଅତ୍ ବ୍ୟବସ୍ଥା କରି ରଖିଥିଲା । କ୍ଷୀର, ଚାହା ଓ ବରଫ ମଧ୍ୟ ଆସିଲା । ବରେଲୀ, ଶାହାଯାହାଁପୁର ଜମାଅତ ଏବଂ କାଏମ୍ ଗଞ୍ଜ୍‌ର ଅବଦ୍ଦୁଲ୍ ଗଫ୍ଫାର ଖାନ୍ ସାହେବ ଦିଲ୍ଲୀ ଷ୍ଟେସନ ଆସିଥିଲେ । ଅଲୀଗଡ଼ରୁ ଡାକ୍ତର ଇକ୍‌ବାଲ୍ ଅଲୀ ସାହେବ ଉଫି ଅନ୍‌ହୁ ମଧ୍ୟ ଆସିଥିଲେ ।

ରେଳଗାଡ଼ି ଦିଲ୍ଲୀରୁ ବାହାରି ଅନେକ ଷ୍ଟେସନ ଦେଇ ଅତିକ୍ରମ କରିବା ପରେ ଏକ ସ୍ଥାନରେ ଅଟକିଲା । ସେଠାରେ ଦୁଇ ତିନି ଜଣ ବନ୍ଧୁ ହୁଜୁର ର.ଅଙ୍କୁ ସାକ୍ଷାତ୍ କରିବା ନିମନ୍ତେ ଉପସ୍ଥିତି ଥିଲେ । ମୋ ବିଚାରରେ ସେହି ଲୋକମାନେ ବଲବଗଡ଼୍‌ର ଅଧିବାସୀ ଥିଲେ । ଚଳନ୍ତା ଗାଡ଼ିରେ ବନ୍ଧୁମାନଙ୍କୁ ଦିଲ୍ଲୀରୁ ଆସିଥିବା ଖାଦ୍ୟ ପରସି ଦିଆଗଲା ।

**ମଥୁରା:**

ମଥୁରା ଷ୍ଟସନ୍‌ରେ ଆଗ୍ରାର ଜମାଅତ୍ ଉପସ୍ଥିତ ଥିଲା । ଆମର ଅମୀରୁଲ୍ ମୁଜାହିଦିନ୍ ଏବଂ ଉପଦ୍ରବକୁ ପଣ୍ଡକାରୀ ବ୍ୟକ୍ତି ମଧ୍ୟ ଆସିଥିଲେ। ଫର୍ଖାବାଦ୍ ଅଞ୍ଚଳ ଅନ୍ତର୍ଗତ ମେନ୍‌ପୁରୀରୁ ମାଷ୍ଟର ମୁହମ୍ମଦ୍ ଶଫି ଅସ୍‌ଲମ୍ ସାହେବ ଓ ମୌଲବୀ ଗୁଲାମ୍ ମୁହମ୍ମଦ ସାହେବ ମଧ୍ୟ ଆସିଥିଲେ । ଫଟୋ ଉତ୍ତୋଳନର ମଧ୍ୟ ବ୍ୟବସ୍ଥା ଥିଲା । ଫଟୋ ଉତ୍ତୋଳନ କରାଗଲା ଏବଂ ସମସ୍ତ ବନ୍ଧୁମାନେ ମଥୁରାରୁ ଆଗ୍ରା ଜଙ୍କ୍‌ସନ ପର୍ଯ୍ୟନ୍ତ ହୁଜୁର ର.ଅଙ୍କ ସହିତ ଆରୋହଣ ହୋଇ ଆସିଲେ ।

**ଭୋପାଳ:**

ଆଗ୍ରାରୁ ବାହାରି ଗ୍ୱାଲିୟର, ଝାଁସୀ ଏବଂ ବୀଣା ଦେଇ ମଧ୍ୟ ରାତ୍ରରେ ହୁଜୁର ର.ଅ ଭୋପାଲ୍ ଠାରେ ପହଞ୍ଚିଲେ । ସେଠାରେ ବାବୁ ଅଲୀ ବଖଶ ସାହେବ ଅହେମଦି ସବ୍ ଓଭର୍ ସିୟର୍ ଗୋଟିଏ ଟିଣ ଘିଏ ନେଇ ଉପସ୍ଥିତ ଥିଲେ । ତାଙ୍କ ସହିତ ହ. ମୌଲବୀ ଉବୈଦୁଲ୍ଲାଃ ସାହେବ ବିସମିଲ୍ ଏବଂ ଆଉ ଦୁଇ ଜଣ ବନ୍ଧୁ ମଧ୍ୟ ଥିଲେ । ଭୋପାଳ ପରେ ବମ୍ବେର ଶେଷ ଷ୍ଟେସନ ଭିକ୍ଟୋରିୟା ଟର୍ମିନାଲ୍ ପର୍ଯ୍ୟନ୍ତ କୌଣସି ଜମାଅତ୍ ହୁଜୁର ର.ଅଙ୍କୁ ସାକ୍ଷାତ୍ କରି ପାରିଲା ନାହିଁ ।

14 ଜୁଲାଇ 1924 ମସିହା ଇଦ୍ ଦିନ ଥିଲା । ଉକ୍ତ ଇଦ୍ ଦିନଟି ରେଳ ଯାତ୍ରା ସମୟରେ ଆସିଲା । ହୁଜୁର ର.ଅ ମିନମାଢର ରେଲୱେ ଷ୍ଟେସନରେ ପ୍ଲାଟଫର୍ମ ଉପରେ ନମାଜେ ଇଦ୍ ପାଠ କରାଇଲେ ଓ ଏକ ସଂକ୍ଷିପ୍ତ ଖୁତବା ମଧ୍ୟ ଦେଲେ । ପ୍ଲାଟଫର୍ମରୁ ଉଠି ଗାଡ଼ି ଭିତରେ ଆସିବା ପରେ ହୁଜୁର ର.ଅ ଦୁଆ କରାଇଲେ ।

**ଇଂରାଜୀ ଭାଷାରେ କଥୋପକଥନ:**

13 ଜୁଲାଇ ସନ୍ଧା ସମୟରେ ହୁଜୁର ର.ଅ ଆଦେଶ ଦେଲେ ଯେ, ସମସ୍ତେ ପରସ୍ପର ସହିତ ଇଂରାଜୀ ଭାଷାରେ କଥାବାର୍ତ୍ତା କରନ୍ତୁ ଏବଂ ଯିଏ ଉର୍ଦ୍ଦୁରେ କଥାବାର୍ତ୍ତା କରିବ ସେ ଏକ ଟଙ୍କା ଜୋରିମାନା ପୈଠ କରିବ । ଇଂରାଜା ପରେ ଆରବୀ ଭାଷାରେ କଥୋପକଥନ କରିବା ନିମନ୍ତି ଅନୁମତି ଏବଂ ଆଜ୍ଞା ଥିଲା । କିନ୍ତୁ ଯେତେବେଳେ କୌଣସି ଉର୍ଦ୍ଦୁଭାଷୀ ବ୍ୟକ୍ତି ସାମିଲ୍ ହୁଅନ୍ତି ତେବେ ସେପରିପ୍ରେକ୍ଷୀରେ ଉର୍ଦ୍ଦୁ ଭାଷାରେ ମଧ୍ୟ କଥାବର୍ତ୍ତା କରିବାର ଅନୁମତି ରହିଥିଲା ।

**ବମ୍ବେ ଠାରେ ଅବତୀର୍ଣ୍ଣ:**

ବମ୍ବେ ରେଳ ଷ୍ଟେସନରେ ରେଳଗାଡ଼ି ଠିକ୍ ମଧ୍ୟାହ୍ନ ସମୟରେ ପହଞ୍ଚିଲା। ଜମାଅତ୍ ସେତେବେଳେ ସେଠାରେ ଉପସ୍ଥିତ ଥିଲା । ମୋଟରଗାଡ଼ି ଉପସ୍ଥିତ ଥିଲା । ଫଟୋର ଜିନିଷ ପତ୍ର ସବୁ ପ୍ରସ୍ତୁତ ରହିଥିଲା । କର ମର୍ଦ୍ଦନ ଅର୍ଥାତ୍ ହାତ ମିଳାଇବା ପରେ ଫଟୋ ଉତ୍ତୋଳନ କରାଗଲା । ମୈମନୀ ବିଲଡ଼ିଂ ଠାରେ ସନ୍ଧ୍ୟା 7.30 ମିନିଟରେ ହୁଜୁର ର.ଅ ପହଞ୍ଚିଲେ।

ବମ୍ବେ ପହଞ୍ଚିବା ମାତ୍ରେ ଥମାସ୍ କିକ୍ କମ୍ପାନୀ ପକ୍ଷରୁ ସୂଚନା ମିଳିଲା ଯେ, ଆମର ଏସ୍. ଏସ୍. ଆଫ୍ରିକା ନାମକ ଜାହାଜ ସକାଳ 8.30 ମିନିଟରେ ପ୍ରସ୍ଥାନ କରିବ । ତେଣୁ ଆମମାନଙ୍କୁ ସକାଳୁ ସଅଁଳ ସଅଁଳ 6.00ରେ ବାହାରିଯିବା ଉଚିତ୍ ।

**ବମ୍ବେ:**

ମୁଁ ଉପରୋକ୍ତରେ କହି ସାରିଛି ଯେ, ଆମେ ଯେତେବେଳେ ରେଳରୁ ଓହ୍ଲାଇଲୁ ସେତେବେଳେ ଆମକୁ ପ୍ରଥମ ଖବର ଏହା ମିଳିଲା ଯେ, ଜାହାଜ ଠିକ୍ ସକାଳେ ପ୍ରସ୍ଥାନ କରିବ । ଉକ୍ତ ଖବରର ପ୍ରଭାବ ଆମ ସମସ୍ତଙ୍କ ଉପରେ ପଡ଼ିଥିଲା । କାରଣ ବମ୍ବେରୁ ଅଧିକାଂଶ ଜିନିଷ ପତ୍ର କିଣାକିଣିର କାର୍ଯ୍ୟକ୍ରମ ମଲତବୀ କରିଦିଆ ଯାଇଥିଲା ଯାହାକି ବର୍ତ୍ତମାନେ ଅସମ୍ଭବ ଥିଲା । ଖୁବ୍ ଉଦ୍ୟମ କରାଗଲା, ପରିଶ୍ରମର ସହିତ କାର୍ଯ୍ୟ କରାଗଲା । ସାରା ରାତି ଉଜାଗର ରହିଲୁ । କିନ୍ତୁ କିଛି ହେଲା ନାହିଁ । ଆବଶ୍ୟକତାର ଅନେକ ଭାଗ ଅବଶିଷ୍ଟ ରହିଯାଇଥିଲା ।

ବମ୍ବେରୁ ପ୍ରସ୍ଥାନ ଏବଂ ଅଦନ୍ ଠାରେ ପହଞ୍ଚିବା:

ଦ୍ୱିତୀୟ ଦିନ ଅର୍ଥାତ୍ ଜୁଲାଇ ମାସ 15 ତାରିଖ 1924 ମସିହାରେ ପ୍ରାୟ 7.00 ବେଳେ ହୁଜୁର ର.ଅ ନିଜର ସାଥିମାନଙ୍କ ସମେତ ବମ୍ବେ ବନ୍ଦରକୁ ସିଧା ସଳଖ ଗମନ କଲେ । ବନ୍ଦର ଠାରେ ଜମାଅତର ବନ୍ଧୁମାନେ ବିପୁଳ ସଂଖ୍ୟାରେ ହୁଜୁର ର.ଅଙ୍କୁ ବିଦାୟ କହିବା ନିମନ୍ତେ ଉପସ୍ଥିତ ଥିଲେ । ହୁଜୁର ର.ଅ ଇତ୍ୟବସରରେ ଏକ ଦୀର୍ଘ ସମୟ ବିଳାପ ତଥା ରୋଦନମୟ ସାମୂହିକ ଦୁଆ କରାଇଲେ । ଏପର୍ଯ୍ୟନ୍ତକି ଜାହାଜ ବାହାରିବାର ସମୟ ଅତିକ୍ରାନ୍ତ ହେବାକୁ ଲାଗିଲେ । କିନ୍ତୁ ଜାହାଜର ଅଫିସରମାନଙ୍କ ଉପରେ ଦୁଆର ନିମଗ୍ନତାର ପ୍ରଭାବ ଏପରି ପଡ଼ିଥିଲା ଯେ, ସେମାନେ ଦୁଆ ସାରିବାକୁ ନା କହିପାରୁ ଥିଲା ଓ ନା ହିଁ ସେମାନେ ଜାହାଜ ପ୍ରସ୍ଥାନ କରିପାରୁ ଥିଲେ । ପରିଶେଷରେ ହୁଜୁର ର.ଅ ଦୁଆ ସମାପ୍ତ କଲେ । ହୁଜୁର ର.ଅ ଦୁଆ ସହିତ ଜମାଅତକୁ ବିଦାୟ ଜଣାଇଲେ ଏବଂ ଅସ୍ସଲାମୁ ଅଲୈକୁମ୍ ୱରହେମତୁଲ୍ଲାଃହି ୱ ବରକାତୁହୁର ସ୍ଲୋଗାନ ଦ୍ୱାରା ପରିବେଶକୁ ପ୍ରକମ୍ପିତ କରି ପକାଇଲେ । ଜାହାଜ ଏକ କ୍ଷୁଦ୍ର ବାଷ୍ପୀଭବନ

ପ୍ରକ୍ରିୟା ଦ୍ୱାରା କ୍ରିୟାଶୀଳ ହେଉଥିଲା । ଜମାଅତ୍‌ର ସଦସ୍ୟବୃନ୍ଦମାନେ ଅନ୍ୟ ପାର୍ଶ୍ୱରେ ଛିଡ଼ା ହୋଇଥିଲେ । ଏବଂ ହୁଜୁର ମନରେ ମନରେ ହିଁ ଦୁଆ କରୁଥିଲେ । ପୁନଶ୍ଚ ସହସା ହୁଜୁର ର.ଅ ଉତ୍ସାହ ଓ ଆବେଗ ସୃଷ୍ଟି ହେଲା । ଅଶ୍ରୁଳ ଚକ୍ଷୁ ଦ୍ୱାରା ହୁଜୁର ର.ଅ ପୁନଶ୍ଚ ଜମାଅତ୍ ନିମନ୍ତେ ଅତ୍ୟନ୍ତ ରୋଦନର ସହିତ ଦୀର୍ଘ ସମୟ ପର୍ଯ୍ୟନ୍ତ ଦୁଆ କଲେ ।

ବର୍ତ୍ତମାନ ଜାହାଜ ସକ୍ରିୟ ହୋଇ ସାରିଥିଲା ଏବଂ ବନ୍ଧୁମାନେ ଅତ୍ୟନ୍ତ ଦ୍ରୁତ ଗତିରେ ଚକ୍ଷୁରୁ ଅଦୃଶ୍ୟ ହୋଇ ଯାଉଥିଲେ । କିନ୍ତୁ ହୁଜୁର ର.ଅଙ୍କ ଦୟାବତ୍ସଳ ଏବଂ ପ୍ରେମ ଓ ଆନ୍ତରୀକତାର ଏହି ଅତ୍ୟନ୍ତ ବିଚିତ୍ର ଦୃଶ୍ୟ ଦେଖିବାକୁ ମିଳିଲା । ଅର୍ଥାତ୍ ଜାହାଜର ଯେକୌଣସି ଅଂଶ ବନ୍ଧୁମାନଙ୍କ ନିକଟବର୍ତ୍ତୀ ହେଉଥିଲା ହୁଜୁର ଦଉଡ଼ି ଯାଇ ସେହି ବନ୍ଧୁଙ୍କ ଆଡ଼କୁ ଚାଲି ଯାଉଥିଲେ । ହୁଜୁର ର.ଅ କେତେବେଳେ ଗୋଟିଏ ପ୍ରାନ୍ତକୁ ଦଉଡ଼ି ଯାଉଥିଲେ ତ' ଆଉ କେତେବେଳେ ଅନ୍ୟ ପ୍ରାନ୍ତକୁ ଦଉଡ଼ି ଯାଉଥିଲେ । କେତେବେଳେ ହୁଜୁର ର.ଅ ମଧ୍ୟ ଭାଗକୁ ଯାଇ ଦୁଆ କରାଇ ଦେଉଥିଲେ। ସେତେବେଳେ ବର୍ଷା ହେଉଥିଲା ଏବଂ ଆପଣ ର.ଅଙ୍କ ବସ୍ତ୍ର ବର୍ଷା ଦ୍ୱାରା ଭିଜି ଯାଇଥିଲା । କିନ୍ତୁ ନିଜ ଖୁଦ୍ଦାମ୍‌ଙ୍କ ସହିତ ହୃଦୟାବେଶ ଆବେଗ ଜନିତ ପ୍ରେମ ଓ ଆନ୍ତରୀକତାର ଅଗ୍ନୀ ଆପଣ ର.ଅଙ୍କୁ ବିଚଳିତ କରି ପକାଇଥିଲା। ସୁତରାଂ ହୁଜୁର ର.ଅ ଏହିପରି ଭାବରେ ଜାହାଜର ଚତୁଃପାର୍ଶ୍ୱରେ ଅତ୍ୟନ୍ତ ଅଧୀର ଓ ବ୍ୟଗ୍ରତାର ସହିତ ବିଚରଣ କରୁଥିଲେ । ଏପର୍ଯ୍ୟନ୍ତକି ସମସ୍ତ ବନ୍ଧୁମାନଙ୍କ ଚକ୍ଷୁରୁ ଆପଣ ର.ଅ ସଂପୂର୍ଣ୍ଣ ରୂପେ ଅଦୃଶ୍ୟ ହୋଇଗଲେ ।

**ତାରର (ଟେଲିଗ୍ରାମ) ବୈଦ୍ୟୁତିକ ବାର୍ତ୍ତା:**

ବମ୍ବେରେ ଆୟୁଷ୍ମାନ୍ ଅବୁ ଅବ୍‌ଦୁଲ୍ ଗନି ସାହେବଙ୍କୁ ମୌଲବୀ ରହିମ୍ ବଖ୍‌ଶ୍ ସାହେବ କେତେକ ସ୍ଥାନ ଦେଇ ଜାହାଜ ଅତିକ୍ରମ କରିବା ତାହାର ସୂଚନା ପ୍ରଦାନ କରି ଆସିଥିଲେ ଏବଂ ତାର ଦେବାକୁ କହି ଆସିଥିଲେ। ଉଦାହରଣ ସ୍ୱରୂପ ଲଣ୍ଡନ, ମିସର୍, କାଦିୟାନ୍ ଇତ୍ୟାଦି ସ୍ଥାନ । ସେହି ପ୍ରିୟ ବ୍ୟକ୍ତି ଉପରୋକ୍ତ ଆଦେଶକୁ ପାଳନ କରି ଏକ ତାର ପଠାଇଲେ । ଉକ୍ତ ତାର ଆମକୁ ତୃତୀୟ ଦିନ ଜାହାଜରେ ୱାୟାର୍ ଲେସ ଟେଲିଗ୍ରାଫ୍ ମାଧ୍ୟମରେ ସନ୍ଦେଶ ପ୍ରାପ୍ତ ହେଲା । ତାରରେ ଯେଉଁ ବିଷୟବସ୍ତୁ ଥିଲା ତାହା ଏହିକି ଯେ, ସମସ୍ତ ଆଦେଶବଳୀ ପାଳନ କରି ଦିଆଯାଇଛି । ଉକ୍ତ ତାର ମଧ୍ୟ ଅତ୍ୟନ୍ତ ବୈଚିତ୍ର୍ୟତାର ଏକ ନିଦର୍ଶନମୂଳକ ଚମତ୍କାର ଥିଲା। ଅର୍ଥାତ୍ وَاِذَاالصُّحُفُ نُشِرَتْ **(ଅତ୍‌ତକ୍‌ୱିର୍:11)**ର ବିଶେଷ ଅଙ୍ଗୀକାର ପୁଣ୍ୟଶ୍ଳୋକ ହ. ମ ସିହ୍ ମଉଦ୍ ଅ.ସଙ୍କ ସକାଶେ ଉଦ୍ଦିଷ୍ଟ ଥିଲା । ଏହା ସଂପୂର୍ଣ୍ଣ ହେଉଥିବାର ଦେଖି ଅଲ୍ଲାଃତାଲା ସମକ୍ଷରେ ସଜ୍‌ଦା କରିବା ନିମନ୍ତେ ହୃଦୟ ଚାହିଁଥାଏ । ସେହିଦିନ ସୟେଦିନା ହ.ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ଆଦେଶ କ୍ରମେ ଏକ ତାର କାଦିୟାନ୍‌କୁ ହ. ଅମୀର ଜମାଅତ୍‌ଙ୍କ ସେବାରେ ପ୍ରେରଣ କରାଗଲା । ସେହି ତାର ସନ୍ଦେଶର ବିଷୟବସ୍ତୁ ଏହା ଥିଲା ଯେ, "ସମୁଦ୍ରରେ ଭୀଷଣ ଉତ୍ଥାନ ଓ ପତନ ରହିଛି । ଭାଇ ଜୀ ଏବଂ ସିୟାଲ୍ ସାହେବଙ୍କ ବ୍ୟତୀତ ସମସ୍ତ ସଦସ୍ୟ ବନ୍ଧୁମାନେ ଅସୁସ୍ଥ ଅଛନ୍ତି । ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ର.ଅଙ୍କ ସ୍ୱାସ୍ଥ୍ୟାବସ୍ଥା ସକୁଶଳ ରହିଛି । ଉକ୍ତ ତାର ସନ୍ଦେଶ 35ଟି ଅକ୍ଷର ବିଶିଷ୍ଟ ଥିଲା । ଉକ୍ତ ତାରରେ 26 ଟଙ୍କା ଖର୍ଚ୍ଚ ହୋଇଥିଲା । ଉକ୍ତ ତାର ସାଧାରଣ ସ୍ଥାନରୁ ଯଦି ଯାଇଥାଆନ୍ତା ତେବେ ତାହାର ମୂଲ୍ୟ 26 କଉଡ଼ିରୁ କମ୍ୟ ମୂଲ୍ୟ ହୋଇ ଥାଆନ୍ତା । ତାର ପ୍ରେରଣ କରି ଏଠାକାର ବନ୍ଧୁମାନଙ୍କ ମଧ୍ୟରେ ଏକ ଶାନ୍ତି ଏବଂ ତୃପ୍ତି ଥିଲା ଯେ, ଆମ ଅବସ୍ଥା ସଂକ୍ରାନ୍ତରେ ତାର କାଦିୟାନ୍ ଠାରେ ପହଞ୍ଚିଲା । ସେଠାକାର ସଦସ୍ୟବୃନ୍ଦମାନେ ଅବଶ୍ୟ ଦୁଆ କରିବେ ଏବଂ ଆକାଶରୁ ଐଶୀ କୃପା ଅବତୀର୍ଣ୍ଣ ହେବା ଏବଂ ଆକାଶରୁ ହିଁ ଆମମାନଙ୍କୁ ସାହାଯ୍ୟ କରାଯିବ ।"

**(ଇଉରୋପଗସ୍ତ: ପୃ-17)**

**ଏକ ଚିନ୍ତାଜନକ ବଷୟ:**

ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କୁ ଉକ୍ତ ଯାତ୍ରାରେ ସବୁଠୁ ବଡ଼ ଯେଉଁ ଚିନ୍ତା ଏବଂ ବ୍ୟଗ୍ରତା ଦାନି ରାତି ଆପଣଙ୍କୁ ଚିନ୍ତିତ କରି ରଖିଥିଲା ତାହା କେବଳ ଏତିକି ଥିଲା ଯେ, ଇଉରୋପର ସଭ୍ୟତା ଏବଂ ଇଉରୋପର ବୌଦ୍ଧିକ ଉନ୍ନତିର ମୁକାବିଲା କିପରି କରାଯିବ ? ହୁଜୁର ର.ଅ ନିଜର ସାଥିମାନଙ୍କୁ କହିଲେ-

"ଇଉରୋପ ସଂକ୍ରାନ୍ତରେ ମୋତେ ଉକ୍ତ କଥାର ଆଶଙ୍କା ଏବଂ ଚିନ୍ତା ନାହିଁ ଯେ, ଇଉରୋପ ଧର୍ମକୁ କିପରି ଜୟ କାରଯାଇ ପାରିବ ? ଧର୍ମ ସଂପର୍କରେ ତ' ମୋର ଏହି ବିଶ୍ୱାସ ରହିଛି ଯେ, ଖ୍ରୀଷ୍ଟ ଧର୍ମ ଖୁବ୍ ଶୀଘ୍ର ଇସ୍‌ଲାମ୍ ଧର୍ମ ସମ୍ମୁଖରେ ନତମସ୍ତକ ହେବ । ମୁଁ କେବଳ ଏଇଥି ପାଇଁ ଚିନ୍ତିତ ଯେ, ଇଉରୋପୀୟ ସଭ୍ୟତା ଏବଂ ଇଉରୋପୀୟ ଉନ୍ନତି ଏବଂ ବୌଦ୍ଧିକ ଉନ୍ନତିର ମୁକାବିଲା କିପରି କରାଯାଇ ପାରିବ ? ଉକ୍ତ ଦୁଇଟି ପ୍ରସଙ୍ଗ ଏପରି ପ୍ରସଙ୍ଗ ଅଟନ୍ତି ଯେ, ତତ୍‌ସଂକ୍ରାନ୍ତରେ ମୁଁ ଭାବି ଭାବି ରାତ୍ର ଅତିବାହିତ କିରଦେଇଛି । ଅନେକ ଘଣ୍ଟା ପର୍ଯ୍ୟନ୍ତ ମୁଁ ଉକ୍ତ ଚିନ୍ତାରେ ନିମଗ୍ନ ହୋଇ ରହିଥିଲି । ପୁନଶ୍ଚ କହିଲେ, "ମୁଁ ଇଂରେଜମାନଙ୍କର ବେଶପୋଷାକକୁ ଘୃଣା କରେ । ଆମମାନଙ୍କର ସନ୍ତାନମାନଙ୍କ ମଧ୍ୟରୁ ଯଦି କୌଣସି ସନ୍ତାନ ପ୍ୟାଣ୍ଟ କିମ୍ବା ହ୍ୟାଟ୍‌ର ବ୍ୟବହାର କରନ୍ତି ତେବେ ସେମାନଙ୍କୁ ଶାସ୍ତି ଦେବା ଉଚିତ୍ । ଯେଉଁ ଜାତି ନିକଟରେ ନିଜର ବସ୍ତ୍ର ନାହିଁ ଏବଂ ଅନ୍ୟମାନଙ୍କର ବସ୍ତ୍ରକୁ ନିଜର ବସ୍ତ୍ର ବୋଲି ମନେକରି ତାହାକୁ ପରିଧାନ କରେ ତେବେ ସେହି ଜାତି ଅନ୍ୟ ଜାତିର କିପରି ମୁକାବିଲା କରିବ ? ଆରବବାସୀଙ୍କ ଚକ୍ଷୁ ଫିଟିବା ମାତ୍ରେ ଆଁହଜରତ ସ.ଅ ପ୍ରକୃତ ପ୍ରସଙ୍ଗକୁ ହୃଦୟଙ୍ଗମ କରି ସାରିଥିଲେ । ଅତଃ ଆପଣ ସ.ଅ ଆଦେଶ ଦେଲେ: خَالِفُوا الْيَهُوْدَ وَالنَّصَارٰى (ଅର୍ଥାତ୍ ଇହୁଦୀ ଓ ଖ୍ରୀଷ୍ଟିଆନମାନଙ୍କୁ ବିରୋଧ ଅର୍ଥାତ୍ ସେମାନଙ୍କର ବେଶଭୂଷା ଏବଂ ସେମାନଙ୍କ ଆସ୍ଥାକୁ ବିରୋଧ କର) ସେହିପରି ଆପଣ ସ.ଅ ଏହା ମଧ୍ୟ କହିଲେ, ଯେ, مَنْ تَشَبَّهَ بِقَوْمٍ فَهُوَ مِنْهُمْ (ଯେଉଁ ବ୍ୟକ୍ତି ଅନ୍ୟ ଜାତିର ଅନ୍ଧ ଆନୁଗତ୍ୟ ଅର୍ଥାତ୍ ସେମାନଙ୍କ ବେଶ ପୋଷକ ଓ ସଭ୍ୟତାର ଅନୁକରଣ କରେ ତେବେ ସେହି ବ୍ୟକ୍ତି ସେମାନଙ୍କ ମଧ୍ୟରୁ ଅନ୍ୟତମ ଅଟେ) ବାସ୍ତବତା ଏହା ହିଁ ଯେ, ଯେଉଁ ବ୍ୟକ୍ତି କୌଣସି ଜାତିର ବେଶଭୂଷା ଏବଂ ପୋଷାକ ପରିଚ୍ଛଦକୁ ଓ ସଭ୍ୟତାକୁ ସ୍ୱୀକାର କରି ନେଇଥାଏ ତେବେ ସେହି ବ୍ୟକ୍ତି ହୃଦୟରୁ ହିଁ ସେହି ଜାତି ମଧ୍ୟରୁ ଅନ୍ୟତମ ହୋଇଥାଏ । କାରଣ ସେହି ବ୍ୟକ୍ତିର ହୃଦୟ ସେମାନଙ୍କ ଜାତିର (ଅର୍ଥାତ୍ ଅନ୍ୟ ଜାତିର) ମର୍ଯ୍ୟାଦା ଏବଂ ସମ୍ମାନର ସ୍ୱୀକାରୋକ୍ତି ପ୍ରକାଶକାରୀ ହୋଇଯାଇଥାଏ ।"**(ଅଲ୍ ଫଜଲ୍, 24 ଅଗଷ୍ଟ 1924 ମସିହା, ପୃ- 8,9)**

ହ. ଖଲିଫତୁଲ୍ ମସିହ୍ ସାନି ର.ଅ ବାତ୍ୟାବସ୍ଥାରେ ମଧ୍ୟ ବାଜମାଅତ୍ ନମାଜ ପାଠ କରିବାର ଅଭ୍ୟାସ ରଖିଲେ ଏବଂ ଯାତ୍ରାରେ ନିଜର ବନ୍ଧୁମାନଙ୍କ ସହିତ ଜମାଅତ୍ ପାଇଁ ବହୁତ ଦୁଆ କଲେ । ପରିଶେଷରେ ପଞ୍ଚମ ଅର୍ଥାତ୍ 19 ଜୁଲାଇରୁ ବାତ୍ୟାର ପ୍ରକୋପ ଟିକିଏ କମି ଗଲା ଏବଂ ଷଷ୍ଠ ଦିନ 20 ଜୁଲାଇରେ ଅନେକାଂଶରେ ବାତ୍ୟା ଥମିଗଲା ।

**ଏକ ସୂକ୍ଷ୍ମ, ସଂକ୍ଷିପ୍ତ ଓ ସାରଗର୍ଭକ ଭାଷଣ:**

ସପ୍ତମ ଦିନ ଅର୍ଥାତ୍ 21 ଜୁଲାଇ 1924 ମସିହାରେ ହୁଜୁର ର.ଅ ନିଜର ଖୁଦ୍ଦାମ୍‌ମାନଙ୍କ ମଧ୍ୟରେ ପ୍ରାୟ 1.30 ମିନିଟ୍ ରାତ୍ର ସମୟ ପର୍ଯ୍ୟନ୍ତ ବିରାଜମାନ ଥିଲେ । ନାଗପୁରର ଜନୈକ ହିନ୍ଦୁ ଯୁବକ ଜୋଶୀ ପି.ଏସ୍. ସି ମେକାନିକାଲ ଇଞ୍ଜିନିୟରିଂର ଶିକ୍ଷା ପ୍ରାପ୍ତ କରିବା ନିମନ୍ତେ ଜର୍ମାନୀ ଯାଉଥିଲା । ସେ ହୁଜୁର ର.ଅଙ୍କ ସେବାରେ ଉପସ୍ଥିତ ଥିଲା । ହୁଜୁର ର.ଅ ପ୍ରକୃତ ଧର୍ମ କିପରି ଚିହ୍ନି ହେବ ଓ ଜୀବନ୍ତ ଈଶ୍ୱରଙ୍କ ଉପରେ ବିଶ୍ୱାସ ଆଣିବାର ସଠିକ୍ ମାର୍ଗ ସଂପର୍କରେ ଅତ୍ୟନ୍ତ ମନମୁଗ୍ଧକର ଭାଷଣ ଦେଲେ। ଉକ୍ତ ଭାଷଣ ଦ୍ୱାରା ମିଷ୍ଟର ଜୋଶୀ ଗଭୀର ଭାବରେ ପ୍ରଭାବିତ ହେଲା ଏବଂ କହିଲା, ବାସ୍ତବରେ ଆଜି ମୋତେ ନୂତନ ଜ୍ଞାନ ପ୍ରାପ୍ତ ହୋଇଛି ।

**ଏକ ହାସ୍ୟ ରସାମତ୍ମକ ପ୍ରସଙ୍ଗ:**

ଦିନେ ଚୌଧୁରୀ ମୁହମ୍ମଦ ଶରୀଫ ସାହେବ ଲାଇମ୍ ଜୁସ୍ (Lime Juice) ମଗେଇଲେ । ଜାହାଜର ସେବକ (Waiter) ଜୁସ୍ ନେଇ ଆସିଲା । ସାହିବ୍‌ଜାଦା ମିର୍ଜା ଶରୀଫ୍ ଅହେମଦ ସାହେବ ର.ଅ ବସିଥିଲେ, ତାଙ୍କ ସମ୍ମୁଖରେ ସେବକ ଜଣକ ଜୁସ୍ ଉପସ୍ଥାପିତ କଲା । ଆପଣ ର.ଅ କହିଲେ, ହେ ସେବକ ! ମୁଁ ତ' ଜୁସ୍ (ଫଳ ରସ) ମଗେଇ ନାହିଁ । ଚୌଧୁରୀ ମୁହମ୍ମଦ ଶରୀଫ୍ ସାହେବ ମଗେଇଥିବେ । ଉକ୍ତ କଥା ଶୁଣି ଜାହାଜର ସେବକ କହିଲା, ହେ ଭଗବାନ ! ମୁଁ କ'ଣ କରିବି ଆପଣ ସମସ୍ତଙ୍କର ଦାଢି ରହିଛି ତେଣୁ ମୁଁ କାହାରିକୁ ଚିହ୍ନି ପାରୁ ନାହିଁ । ବଡ଼ ଗଡ଼ବଡ଼ ହୋଇଯାଉଛି ଚିହ୍ନିବାରେ । ହ. ମିଆଁ (ମିର୍ଜା ଶରୀଫ୍ ଅହେମଦ ସାହେବ) ସାହେବ କହିଲେ, ହେ ସେବକ ! ଆମେମାନେ ଦାଢି ରଖିଥିବା ହେତୁ ତୁମେମାନେ ଆମମାନଙ୍କୁ ଚିହ୍ନି ପାରୁ ନାହଁ । ବଡ଼ ଗଡ଼ବଡ଼ ହୋଇଯାଉଛି ।

**(ଇଉରୋପ ଗସ୍ତ: ପୃ-25)**

ଅଷ୍ଟମ ଦିନ 22 ଜୁଲାଇରେ ଜାହାଜ ଅଦନ୍‌ର ଆହୁରି ନିକଟତର ଯେତେବେଳେ ହେଲା ସେତେବେଳେ ହୁଜୁର ର.ଅ ଅର୍ଦ୍ଧ ରାତ୍ର ସମୟରେ

ନିଜର କଲମ୍‌ରୁ ଜମାଅତ୍ ନାମରେ ଏକ ସୁବିସ୍ତୃତ ପତ୍ରରେ ଏହା ଉଲ୍ଲେଖ କଲେ । ଉକ୍ତ ପତ୍ର ପାଠକମଣ୍ଡଳୀଙ୍କ ଦୃଷ୍ଟିଗୋଚର ହେଉ ।

ଜାହାଜ ଜୁଲାଇ ମାସ 23 ତାରିଖ ଦିନ 1924 ମସିହାରେ ସକାଳ 9.00ଟା ପାଖାପାଖି ସକୁଶଳେ ପହଞ୍ଚିଲା ଏବଂ ହୁଜୁର ର.ଅ ତାର ମାଧ୍ୟମରେ ନିଜର କୁଶଳତା ସଂପର୍କରେ ଜମାଅତ୍‌କୁ ସୂଚନା ଦେଲେ ଏବଂ ଅବଗତ କରାଇଲେ ଯେ, ଆମେମାନେ ସମସ୍ତେ ସକୁଶଳେ ଅଛୁ ।

**ଅଦନ୍ ଠାରୁ ପୋଷ୍ଟ ସଇଦ୍ ପର୍ଯ୍ୟନ୍ତ:**

ବର୍ତ୍ତମାନ ଜାହାଜ ଅଦନ୍ ଠାରୁ ପୋର୍ଟ ସଇଦ୍ ଅଭିମୁଖେ ଚାଲିଲା ଏବଂ ହ. ଖଲିଫତୁଲ୍ ମସିହଉସ୍ ସାନି ର.ଅଙ୍କ ସମୟ ପୂର୍ବାପେକ୍ଷା ଅଧିକ ଦୁଆରେ ଅତିବାହିତ ହେବାକୁ ଲାଗିଲା । ସେହିପରି ଆପଣ ର.ଅଙ୍କ ଅଧିକାଂଶ ସମୟ ଉକ୍ତ ମୁଖ୍ୟ ଯାତ୍ରା ସଂକ୍ରାନ୍ତରେ ବ୍ୟବହାରିକ କାର୍ଯ୍ୟ ଉପରେ ଚିନ୍ତା କରିବାରେ ଅତିବାହିତ ହେବାକୁ ଲାଗିଲା । ସୁତରାଂ 1924 ମସିହା ଜୁଲାଇ ମାସ 24 ତାରିଖ ଦିନ ଆପଣ ର.ଅ ସିରୀୟା ଏବଂ ମିସର୍‌ରେ ତବ୍‌ଲିଗ୍ ଉପରେ ଅନେକ ସମୟ ଧରି ସାଥିମାନଙ୍କ ଠାରୁ ପରାମର୍ଶ ଲୋଡ଼ିଲେ ଏବଂ ଏକ ସ୍କିମ୍ (ଯୋଜନା) ପ୍ରସ୍ତାବ ଦେଲେ । ଆପଣ ର.ଅ ବନ୍ଧୁମାନଙ୍କୁ ତାଗିଦ୍ କଲେ ଯେ, ଯାତ୍ରାର ମହତ୍ତ୍ୱ, ଅଭିପ୍ରାୟର ମର୍ଯ୍ୟାଦା ଏବଂ ଅସୁବିଧା, କ୍ଲୀଷ୍ଟତା ତଥା ସମସ୍ୟାକୁ ଦୃଷ୍ଟି ସମ୍ମୁଖରେ ରଖି ସର୍ବଦା ଏଥି  ନିମନ୍ତେ ପ୍ରସ୍ତୁତ ଓ ତତ୍ପର ରହିବାରେ ଅତିବାହିତ ହେବା ଉଚିତ୍ । ଏଥି ନିମନ୍ତେ ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନା କରିବା ଉଚିତ୍ । କାରଣ ଆମମାନଙ୍କୁ ପ୍ରତ୍ୟେକ ପ୍ରକାରର କଲ୍ୟାଣ ପ୍ରାପ୍ତ ହେବ ।

ସୁତରାଂ ପ୍ରତ୍ୟେକ ଉଠିବା ସମୟଟି ଆପଣ ର.ଅଙ୍କ ଦୃଷ୍ଟି ସମ୍ମୁଖରେ ଥିଲା କୌଣସି ମୁହୂର୍ତ୍ତ ଅପଚୟ ବା ନଷ୍ଟ ନହେଉ । ସେହି ଦିନ ଅର୍ଥାତ୍ ଜୁଲାଇ ମାସ 24 ତାରିଖ ଦିନ ହୁଜୁର୍ ର.ଅ ଦୀର୍ଘ ସମୟ ପର୍ଯ୍ୟନ୍ତ ଇସ୍‌ଲାମୀୟ ଜଗତରେ ସାମୂହିକ ଏକତା ସୃଷ୍ଟି କରିବା ନିମନ୍ତେ ଏକ ପ୍ରଭାବଶାଳୀ ତେହ୍‌ରିକ୍ (ଆହ୍ୱାନା ବା ଯୋଜନା)ର ମୂଳଦୁଆ ବିଷୟବସ୍ତୁ ଉପରେ କଥୋପକଥନ କରୁଥିଲେ । ଜୁଲାଇ ମାସ 25 ତାରିଖ ଦିନ 11 ଏବଂ 12ଟା ମଧ୍ୟରେ ଜାହାଜ ଜଦ୍ଦା ଏବଂ ପବିତ୍ର ଭୂମି ମକ୍କା ସମ୍ମୁଖ ଦେଇ ଅତିକ୍ରମ କରିବାର ଥିଲା । ହୁଜୁର ର.ଅ ଏହି ଅଭିଳାଷା ବ୍ୟକ୍ତ କଲେ ଯେ, ବିଶେଷ ରୂପେ ଦୁଆ କରାଯାଉ ।

ସୁତରାଂ ହୁଜୁର ର.ଅ ଦୁଇ ରେକାତ୍ ନମାଜ ବାଜମାଅତ୍ ପାଠ କରାଇଲେ । ସେହି ଦୁଇ ରେକାତ୍ ନମାଜ୍‌ରେ ଅତ୍ୟନ୍ତ କୋହଭରା କଣ୍ଠରେ ହୁଜୁର ର.ଅ ରୋଦନ କରି ଦୁଆ କରାଇଲେ । ଜୁଲାଇ ମାସ 26 ତାରିଖ ଦିନ ହୁଜୁର ର.ଅ ଦିନ ସାରା ବିଷୟବସ୍ତୁ ଲେଖିବାରେ ନିମଜ୍ଜିତ ରହିଥିଲେ ।

**ପୋର୍ଟ ସଇଦ୍ ଠାରୁ କାହିରା, ବୈତୁଲ୍ ମୁକଦ୍ଦସ୍ ଏବଂ ରୋମା:**

ହୁଜୁର ର.ଅ ଖୁଦ୍ଦାମ୍‌ଙ୍କ ସମେତ ପୋର୍ଟ ସଇଦ୍ ଠାରୁ ସେହି ଦିନ ଏକ୍ସପ୍ରେସ୍ ଗାଡ଼ି ଯୋଗେ କାହିରା ଗମନ କଲେ । ଶେଖ୍ ମେହ୍‌ମୁଦ୍ ଅହେମଦ୍ ସାହେବ ଇର୍ଫାନୀଙ୍କ ଆତିଥ୍ୟତା ଗ୍ରହଣ କରି ତାଙ୍କ ଘରେ ଅବସ୍ଥାନ କଲେ । କାହିରା ଠାରେ ହୁଜୁର ର.ଅଙ୍କ ଅବସ୍ଥାନ କେବଳ ଦୁଇ ଦିନ ଥିଲା । କିନ୍ତୁ ଆପଣ ର.ଅଙ୍କ କଲ୍ୟାଣ ଏବଂ ଧ୍ୟାନ ଦେବାରୁ ଦୁଇ ଦିନରେ ହିଁ କାହିରା ମଦ୍ୟରେ ଜମାଅତ୍‌ର ସମର୍ଥରେ ଏକ ନୂତନ ବାତାବରଣ ଏବଂ ଜାଗରଣ ସୃଷ୍ଟି ହେଲା ।

ହୁଜୁର ର.ଅ କୁହନ୍ତି; "ଦୁଇ ଦିନର ଅବସ୍ଥାନ କରିବା ପରେ ଆମେ ଦମିଶ୍କ୍ ଅଭିମୁଖେ ପ୍ରସ୍ଥାନ କଲୁ । କିନ୍ତୁ ମାର୍ଗରେ ବୈତୁଲ୍ ମୁକଦ୍ଦସ୍ ପଡୁଥିଲା ତେଣୁ ଆମେମାନେ ଅବତାରମାନଙ୍କ ପବିତ୍ର ଜନ୍ମପୀଠକୁ ନଦେଖି ଯିବାଟା ଉଚିତ୍ ବୋଲି ମନେକଲୁ ନାହିଁ । ତେଣୁ ଆମେମାନେ ସେଠାରେ ଦୁଇ ଦିନ୍ ପର୍ଯ୍ୟନ୍ତ ଅବସ୍ଥାନ କଲୁ .........ଏଠାରେ ଇହୁଦୀଙ୍କୁ ଦୟନୀୟ ଅବସ୍ଥାକୁ ଦେଖି ଏପରି ଲାଗୁଥିଲା ଯେପରିକି ଇହୁଦୀମାନଙ୍କର ଏତାଦୃଶ ଦୟନୀୟ ଅବସ୍ଥା ଅନ୍ୟ କେଉଁଠି ବି ଦେଖିବାକୁ ମିଳୁ ନାହିଁ । ଇହୁଦୀମାନଙ୍କର ସବୁଠୁ ବଡ଼ ଉପାସନା ସ୍ଥଳୀ ହେଉଛି ବୈତୁଲ୍ ମୁକଦ୍ଦସ୍। ଉକ୍ତ ଉପାସନା ସ୍ଥଳୀକୁ ଖ୍ରୀଷ୍ଟିଆନ୍‌ମାନେ ଇହୁଦୀଙ୍କ ଠାରୁ ଛିନ୍ନ ବା ହାତେଇ ନେଇଥିଲେ । ପରେ ଖ୍ରୀଷ୍ଟିଆନ୍‌ମାନଙ୍କ ଠାରୁ ଉକ୍ତ ଉପାସନା ସ୍ଥଳୀକୁ ମୁସଲମାନମାନେ ଅଧିକାର କରି ମସଜିଦ୍ ନିର୍ମାଣ କରିଦେଲେ। ଉକ୍ତ ମସ୍‌ଜିଦ୍‌ର କାନ୍ଥ ସହିତ ସଂଲଗ୍ନ ହୋଇ ସପ୍ତାହରେ ଦୁଇ ଦିନ ଅହରହ ଦୁଇ ହଜାରରୁ ଉର୍ଦ୍ଧ୍ୱ ଇହୁଦୀମାନେ ରୋଦନ ଏବଂ ବିଳାପ କରି ଚାଲନ୍ତି । ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି ଆମେମାନେ ଯେଉଁ ଦିନ ସେହି ସ୍ଥାନକୁ ଦେଖିବା ନିମନ୍ତେ ଗଲୁ ସେଦିନ ଦୈବାତ୍ ରୋଦନ ଏବଂ ବିଳାପର ଦିନ ଥିଲା । ଆବାଳ ବୃଦ୍ଧ ବନୀତା କାନ୍ଥ ପଛ ପଟେ ଛିଡ଼ା ହୋଇ ବାଇବେଲ୍‌ର ଦୁଆ ପାଠ କରି ନିଜର ଭାବବେଗ ବ୍ୟକ୍ତ କରୁଥିଲେ ଏବଂ ନିଜର ବିନୀତତା ଓ ବିନମ୍ରତାର ଏକ ଶୋକାକୁଳ ଦୃଶ୍ୟ ତଥା ପରିବେଶ ଦେଖିବାକୁ ମିଳିଥିଲା......... ବୈତୁଲ୍ ମୁକଦ୍ଦସ୍‌ର ସ୍ଥାନମାନଙ୍କ ମଧ୍ୟରୁ ନିମ୍ନ ସ୍ଥାନଗୁଡ଼ିକ ଉଲ୍ଲେଖଯୋଗ୍ୟ ଅଟନ୍ତି ଯଥା- ଅବୁଲ୍ ଅମ୍ବିୟା ହ. ଇବ୍ରାହିମ୍ ଅ.ସ, ହ. ଇସ୍‌ହାକ୍ ଅ.ସ, ହ. ୟାକୁବ୍ ଅ.ସ, ହ. ୟୁସୁଫ୍ ଅ.ସଙ୍କର କବର ଏବଂ ସେହି ସ୍ଥାନ ଯେଉଁଠି ହ. ଉମର୍ ର.ଅ ନମାଜ ପାଠ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ଉକ୍ତ ସ୍ଥାନରେ ମସ୍‌ଜିଦ୍ ନିର୍ମାଣ କରାଯାଇଥିଲା । ହ. ଇସା ଅ.ସଙ୍କ ଜନ୍ମସ୍ଥାନ ସଂକ୍ରାନ୍ତରେ ହୁଜୁର ର.ଅ କୁହନ୍ତି: ସେଠାରେ ଅନେକ ବଡ଼ ବଡ଼ ମୁସଲମାନମାନଙ୍କ ସହିତ ସାକ୍ଷାତ୍ କରିଛି । ମୁଁ ଦେଖିଛି ଯେ, ସେମାନେ ସନ୍ତୁଷ୍ଟ ଏବଂ ତୃପ୍ତ ଅଟନ୍ତି । ସେମାନେ ଏହା ଭାବନ୍ତି ଯେ, ଇହୁଦୀମାନଙ୍କୁ କାଢିବାରେ ସେମାନେ ସଫଳ ହୋଇଯିବେ ।  କିନ୍ତୁ ମୋ ନିକଟରେ ସେମାନଙ୍କର ଏହି ମତାମତ ଓ ଧାରଣା ଭୁଲ୍ ଅଟେ । ଇହୁଦୀ ଜାତି ନିଜ ମାତୃଭୂମି ଉପରେ ଅଧିକାର କରିବାକୁ ଉଦ୍ୟମରତ.......... ପବିତ୍ର କୁରଆନ୍ କରୀମ୍‌ର ଭବିଷ୍ୟବାଣୀ ଏବଂ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ କେତେକ ଐଶୀବାଣୀରୁ ଏହା ଜ୍ଞାତ ହୁଏ ଯେ, ଇହୁଦୀମାନେ ଅବଶ୍ୟ ଉକ୍ତ ଦେଶରେ ବସତି ସ୍ଥାପନ କରିବାରେ ସଫଳ ହୋଇଯିବେ । ସୁତରାଂ ମୋ ନିକଟରେ  ମୁସଲମାନ ଅଧିପତିଙ୍କର ସନ୍ତୁଷ୍ଟି ପରିଶଷରେ ସେମାନଙ୍କର ବିନାଶର କାରଣ ହେବ......ପାଲେଷ୍ଟାଇନ୍‌ର ଗଭର୍ଣ୍ଣରଙ୍କୁ ହାଇ କମିଶ୍‌ନର୍ କୁହାଯାଏ । ବାସ୍ତବରେ ହାଇ କମିଶ୍‌ନର ଆଜିକାଲି ବିଲାତ୍ ଯାଇଛନ୍ତି । ତାଙ୍କ ସ୍ଥାନରେ ସାର୍ ଗିଲବର୍ଟ କ୍ଲିଣ୍ଟନ୍ କାର୍ଯ୍ୟ ଅର୍ଥାତ୍ ଦାୟିତ୍ୱ ତୁଲାଉଛନ୍ତି । ମୁଁ ତାଙ୍କୁ ଭେଟ କରିଥିଲି । 1 ଘଣ୍ଟା ପର୍ଯ୍ୟନ୍ତ ତାଙ୍କ ସହିତ ଦେଶର ପରିସ୍ଥିତି ଏବଂ ପ୍ରସଙ୍ଗ ସଂକ୍ରାନ୍ତରେ ବାର୍ତ୍ତାଳାପ ହେଉଥିଲା....... ମୁସଲମାନମାନଙ୍କ ସାଧାରଣ ରୂପେ ଏହି ଅଭିଯୋଗ ଥିଲା କି ଶୈକ୍ଷିକ ପ୍ରସଙ୍ଗରେ ଆମମାନଙ୍କୁ ସ୍ୱାଧୀନତା ନାହିଁ । ମୁଁ ଉକ୍ତ ପ୍ରସଙ୍ଗ ସଂକ୍ରାନ୍ତରେ ତାଙ୍କ ସହିତ ବାର୍ତ୍ତାଳାପ କଲି ଏବଂ ସେ ଉକ୍ତ କଥାକୁ ସ୍ୱୀକାର କଲେ ଯେ, ମୁସଲମାନମାନଙ୍କର ଏହି ଅଭିଯୋଗ ଏକପକ୍ଷେ ଉଚିତ୍ ଓ ଯୁକ୍ତିଯୁକ୍ତ ଅଟେ । ମୋତେ ସେ କହିଲେ, କି ଗୋଟିଏ ଦିନ ପୂର୍ବରୁ ହିଁ ସେ ଏକ ପ୍ରସ୍ତାବ ବ୍ରିଟିଶ୍ ମନ୍ତ୍ରାଳୟ ନିକଟକୁ ବିଚାର ନିମନ୍ତେ ପ୍ରେରଣ କରିଛନ୍ତି........... ସାର କ୍ଲିଣ୍ଟନ୍ ସାହେବଙ୍କୁ ପ୍ରଥମ ସାକ୍ଷାତ୍‌ରେ ଆମ ସଂପ୍ରଦାୟ ସହିତ ମଧ୍ୟ ଅତ୍ୟନ୍ତ ଅଭିରୁଚି ସୃଷ୍ଟି ହୋଇଗଲା ଏବଂ ଆମେମାନେ ତା' ଆର ଦିନ ବାହାରି ଥାଆନ୍ତୁ । କିନ୍ତୁ ସେ ଜିଦ୍ କଲେ ଯେ, 1.30ରେ ଆମେମାନେ ତାଙ୍କ ସହିତ ମଧ୍ୟାହ୍ନ ଭୋଜନ କରିବୁ । ସୁତରାଂ ଦ୍ୱିତୀୟ ଦିନ ମଧ୍ୟ ତାଙ୍କ ସହିତ ଦେଢ ଘଣ୍ଟା ପର୍ଯ୍ୟନ୍ତ ତାଙ୍କ ସହିତ କଥୋପକଥନ ଚାଲିଲା ଏବଂ ପାଲେଷ୍ଟାଇନ୍‌ର ଅବସ୍ଥା ସଂକ୍ରାନ୍ତରେ ଅନେକ ତଥ୍ୟ ଏବଂ ଜ୍ଞାନ ମୋତେ ତାଙ୍କ ଠାରୁ ପ୍ରାପ୍ତ ହେଲା ।" **(ଅଲ୍ ଫଜଲ୍ 1924 ମସିହା ଡିସେମ୍ବର ମାସ 13 ତାରିଖ, ପୃ- 3 ରୁ 6 ପର୍ଯ୍ୟନ୍ତ)**

ହୁଜୁର ର.ଅ ବୈତୁଲ୍ ମୁକଦ୍ଦସ୍‌ର ଦମିଶ୍କ୍ ଅଭିମୁଖେ ଗମନ କଲେ। ପ୍ରାରିମ୍ଭିକ ପର୍ଯ୍ୟାୟରେ ଲୋକମାନେ ହୁଜୁର୍ ର.ଅଙ୍କ ଗସ୍ତି ପ୍ରତି କୌଣସି ଅଭିରୁଚି ତଥା ଆଗ୍ରହ ପ୍ରକାଶ କଲେ ନାହିଁ । କିନ୍ତୁ ଦୁଆ ପରେ ଲୋକମାନଙ୍କର ଭିଡ଼ ସାକ୍ଷାତ୍ କରିବା ନିମନ୍ତେ ମାଡ଼ି ଆସିଲା । ଏଠାରେ ଅବସ୍ଥାନ ସଂକ୍ରାନ୍ତରେ ହୁଜୁର ର.ଅ ସ୍ୱୟଂ କୁହନ୍ତି:

"ଦମିଶ୍କରେ ଆଶା ଅପେକ୍ଷା ଅଧିକ ସଫଳତା ମିଳିଲା......... ସମ୍ବାଦପତ୍ରରେ ନାତି ଦୀର୍ଘ ପ୍ରଶଂସନୀୟ ବିଷୟବସ୍ତୁ ପ୍ରକାଶିତ ହେଲା। ଦମିଶ୍କର ଶିକ୍ଷିତ ଗୋଷ୍ଠୀ ଅତ୍ୟନ୍ତ ଗଭୀର ଅଭିରୁଚି ପ୍ରକାଶ କଲେ । ଆମ ସଂକ୍ରାନ୍ତରେ ବିଭିନ୍ନ ସମ୍ବାଦପତ୍ରମାନଙ୍କରେ ଯେଉଁ ବିଷୟବସ୍ତୁ ଏବଂ ଆଲେଖ୍ୟ ପ୍ରକାଶିତ ହେଉଥିଲା ସେହି ଖବରକାଗଜଗୁଡ଼ିକ ଶୀଘ୍ର ଶୀଘ୍ର ବିକ୍ରି ହୋଇଯାଉଥିଲା ।"

**(ଅଲ୍ ଫଜଲ୍ 1924 ମସିହା ଅଗଷ୍ଟ ମାସ 28 ତାରିଖ, ପୃ- 2)**

ହୁଜୁର ର.ଅ 1924 ମସିହା ଅଗଷ୍ଟ ମାସ 10 ତାରିଖ ଦିନ ଦମିଶ୍କରୁ ପ୍ରସ୍ଥାନ କରି ବୈରୁତ୍ ମଧ୍ୟ ଦେଇ ହୈଫା ଠାରେ ପହଞ୍ଚିଲେ । ସେଠାରୁ ଅକ୍କାରେ ବାହାଇମାନଙ୍କର କେନ୍ଦ୍ରସ୍ଥଳୀ ଦେଖିବା ନିମନ୍ତେ ଚାଲିଗଲେ । ଅକ୍କାରେ କୌଣସି ବାହାଇ ନଥିଲା ବରଂ । ତିନି ଚାରି ମାଇଲ୍ ଦୂରତାରେ

ମନ୍ଶିୟା ନାମକ ଗ୍ରାମରେ ବାହାଇମାନେ ରହୁଥିଲେ । ଦୁଇ ଘଣ୍ଟା ପରେ ଫେରି ହେିଫା ଆସିଲେ । ଅଗଷ୍ଟ ମାସ 13 ତାରିଖ ଦିନ ହୁଜୁର ର.ଅ ପୋର୍ଟ୍ ସଇଦରୁ ବ୍ରଣ୍ଡିଜି ଅଭିମୁଖେ ପିଲ୍ନାନା ନାମକ ଜାହାଜରେ ପ୍ରସ୍ଥାନ କଲେ । 1924 ମସିହା ଅଗଷ୍ଟ ମାସ 16 ତାରିଖ ଦିନ 9.30 ମିନିଟରେ ଆପଣଙ୍କ ଜାହାଜ ଇଟାଲୀର ବନ୍ଦର ବ୍ରଣ୍ଡିଜି ଠାରେ ପହଞ୍ଚିଲା । ହୁଜୁର ର.ଅ ଖୁଦାମ୍‌ମାନଙ୍କ ସହିତ ବ୍ରଣ୍ଡିଜିରୁ 6.30 ମିନିଟରେ ସନ୍ଧ୍ୟା ସମୟେର ଗାଡ଼ିରେ ଆରୋହଣ ହୋଇ 1924 ମସିହା ଅଗଷ୍ଟ ମାସ 17 ତାରିଖ ଦିନ ରୋମାରେ ପ୍ରବେଶ କଲେ । ଉକ୍ତ ସ୍ଥାନ ହେଉଛି ଖ୍ରୀଷ୍ଟିଆନ୍ ପୋପଙ୍କ କେନ୍ଦ୍ର ଅଟେ । ରୋମାରେ ହୁଜୁର ର.ଅଙ୍କ ଅବସ୍ଥାନ ଚାରି ଦିନ କାଳ ରହିଲା । ଉକ୍ତ ଅବଧି ମଧ୍ୟରେ ହୁଜୁର ର.ଅ ଅହରହ ଜମାଅତ୍‌ର ପ୍ରକାଶନ କାର୍ଯ୍ୟରେ ବ୍ୟସ୍ତ ରହିଲେ । ଖବର କାଗଜର ପ୍ରତିନିଧି ଅର୍ଥାତ୍ ସାମ୍ବାଦିକମାନେ ଏବଂ ଫଟୋଗ୍ରାଫର୍‌ମାନେ ଆପଣ ର.ଅଙ୍କ ଇଣ୍ଟରଭ୍ୟୁ ନେଲେ । ହୁଜୁର ର.ଅ ଇଟାଲୀର ପ୍ରଧାନମନ୍ତ୍ରୀ ମୁସୋଲିନିଙ୍କ ସହିତ ସାକ୍ଷାତ୍ କଲେ ଏବଂ ମୁସୋଲିନିଙ୍କୁ ଜମାଅତ୍ ଅହେମଦିୟାର ଅଭିପ୍ରାୟ ଓ ଉଦ୍ଦେଶ୍ୟ ସଂପର୍କରେ ଅବଗତ କଲେ । ମୁସୋଲିନ୍ ଆପଣ ର.ଅଙ୍କ ପ୍ରତି ଅତ୍ୟନ୍ତ ସମ୍ମାନ ପ୍ରଦର୍ଶନ କଲା ।

**ଇଟାଲୀରେ ପୋପଙ୍କୁ ଇସ୍‌ଲାମ୍ ଧର୍ମର ସନ୍ଦେଶ:**

ହୁଜୁର ର.ଅଙ୍କ ଉଦ୍ଦେଶ୍ୟ ପୋପଙ୍କ ସହିତ ସାକ୍ଷାତ କରିବା ଏବଂ ତାଙ୍କୁ ଇସ୍‌ଲାମ୍ ଧର୍ମର ତବ୍‌ଲିଗ କରିବା ଥିଲା । କିନ୍ତୁ ପୋପ୍ ଆପଣ ର.ଅଙ୍କ ଆଗମନ ହେତୁ ସାକ୍ଷାତ କରିବାର କାର୍ଯ୍ୟକ୍ରମକୁ ବନ୍ଦ କରିଦେଲା । ତଥାପି ହ. ଖଲିଫତୁଲ୍ ମସିହ୍ ସାନି ର.ଅ ତାଙ୍କ ପର୍ଯ୍ୟନ୍ତ ଯେଉଁ ସତ୍ୟର ସନ୍ଦେଶ ପହଞ୍ଚାଇବାକୁ ଚାହୁଁଥିଲେ ତାହା ଈଶ୍ୱର ଅନ୍ୟ ପନ୍ଥାରେ ପହଞ୍ଚାଇ ଦେଲେ । ଅର୍ଥାତ ରୋମାର ବିଖ୍ୟାତ ଏବଂ ବହୁ ପ୍ରକାଶିତ ସମ୍ବାଦ "**ଲାଟର୍ ବିଓନା**" ହୁଜୁର ର.ଅଙ୍କ ବିସ୍ତୃତ ସାକ୍ଷାତ୍‌କାର ପ୍ରକାଶ କଲେ । ହୁଜୁର ର.ଅଙ୍କୁ ପ୍ରଶ୍ନ କରାଗଲା ଯେ, ହୁଜୁର ! ଆପଣ ? ଯଦି ପୋପଙ୍କୁ ସାକ୍ଷାତ୍ କରି ଥାଆନ୍ତେ ତେବେ ଆପଣ ର.ଅ ତାଙ୍କୁ କ'ଣ କହି ଥାଆନ୍ତେ ? ହୁଜୁର ର.ଅ ଉତ୍ତର ପ୍ରଦାନ କଲେ:

"ମୁଁ ଯେତେବେଳେ ପୋପଙ୍କୁ ସାକ୍ଷାତ କରିଥାଆନ୍ତି ସେତେବେଳେ ସର୍ବୋତ୍କୃଷ୍ଟ ଉପହାର ଯାହା ମୋ ନିକଟରେ ରହିଥିଲା ମୁଁ ତାହା ଉପସ୍ଥାପିତ କରି ଥାଆନ୍ତି । ସେହି ସର୍ବୋତ୍କୃଷ୍ଟ ଉପହାର ଏହିକି ଯେ, ମୁଁ ପୋପଙ୍କୁ ଇସ୍‌ଲାମ୍ ଧର୍ମର ନିମନ୍ତ୍ରଣ ଦେଇ ଥାଆନ୍ତି । ଅର୍ଥାତ୍ ଆମନ୍ତ୍ରିତ କରିଥାଆନ୍ତି । ମୁଁ ପୋପଙ୍କୁ ସେହି ଆଲୋକ ଅଭିମୁଖେ ଆମନ୍ତ୍ରିତ କରି ଥାଆନ୍ତି ଯେଉଁ ଅଲୋକ ମନୁଷ୍ୟମାନଙ୍କୁ ଈଶ୍ୱରଙ୍କ ପର୍ଯ୍ୟନ୍ତ ପହଞ୍ଚାଇ ଦେଇଥାଏ । ଏହା ଶାବ୍ଦିକ ନୁହେଁ ବରଂ ଅଲ୍ଲାଃତାଲାଙ୍କ ସାନ୍ନିଧ୍ୟତାର ନିଦର୍ଶନ ତହିଁରେ ଦେଖିବାକୁ ମିଳେ........ବଡ଼ ବଡ଼ ଲୋକମାନେ ଖ୍ରୀଷ୍ଟିଆନ୍‌ମାନଙ୍କ ମଧ୍ୟରେ ଦେଖିବାକୁ ମିଳେ । ସେହି ବଡ଼ ବଡ଼ ଖ୍ରୀଷ୍ଟିଆନ ଲୋକମାନଙ୍କୁ ବଡ଼ ଧର୍ମପରାୟଣ ଏବଂ ପୁଣ୍ୟବାନ ବ୍ୟକ୍ତି କୁହାଯାଇଥାଏ । କିନ୍ତୁ ସେ ନିଜର ସତ୍ୟତାରେ କୌଣସି ନିଦର୍ଶନ ପ୍ରଦର୍ଶନ କରି ପାରିବେ ନାହିଁ । ତହିଁରୁ ଏହା ଜ୍ଞାତ ହୁଏ ଯେ, ଈଶ୍ୱରଙ୍କ ସାନ୍ନିଧ୍ୟତା ପ୍ରାପ୍ତ କରିବାରେ ଏହା ଉଚିତ୍ ମାର୍ଗ ନୁହେଁ ।

ଏକଥା ସତ୍ୟ ଯେ, ଈଶ୍ୱର ପ୍ରତିଶ୍ରୁତି ମସିହ୍ ମଉଦ୍ ଅ.ସଙ୍କୁ ଏଇଥି ପାଇଁ ସଂସାରରେ ପ୍ରେରଣ କରିଛନ୍ତି ଯେ, ସେ ସଂସାରବାସୀଙ୍କ ସମ୍ମୁଖରେ ଏହା ପ୍ରମାଣିତ କରିଦେବେ ଯେ, ବର୍ତ୍ତମାନ ଉକ୍ତ ଶକ୍ତି ଓ ସାମର୍ଥ୍ୟ କେବଳ ଇସ୍‌ଲାମ୍ ଧର୍ମରେ ହିଁ ରହିଛି........ସୁତରାଂ ମୁଁ ପୋପଙ୍କୁ ସେହି ଇସ୍‌ଲାମ୍ ଧର୍ମର ଶୁଭ ସୂଚନା ପ୍ରଦାନ କରି ଥାଆନ୍ତି ଏବଂ ସେହି ବ୍ୟକ୍ତିଙ୍କୁ ଏକଥା କହି ଥାଆନ୍ତି ଯେ, ଆମମାନଙ୍କୁ ସେହି ନିଦର୍ଶନ ପ୍ରଦାନ କରାଯାଇଛି ଯାହା ଈଶ୍ୱରଙ୍କ ପ୍ରିୟ ମନୋନୀତ ଅବତାରଙ୍କୁ ପ୍ରାପ୍ତ ହୋଇଥାଏ ।" **(ଅଲ୍ ଫଜଲ୍ 1924 ମସିହା ସେପ୍ଟେମ୍ବର ମାସ 23 ତାରିଖ, ପୃ- 3-4)**

ରୋମାରେ ହୁଜୁର ର.ଅ ଅସ୍‌ହାବେ କହଫ୍ (କହଫ୍ ବାସୀ)ଙ୍କ ଗୁମ୍ଫା ମଧ୍ୟ ଦେଖିଲେ । ଉକ୍ତ କଥାର ବିସ୍ତୃତ ବିବରଣୀ ହୁଜୁର ର.ଅ ସୁରାଃ କହଫ୍‌ର ତଫ୍‌ସିରରେ ବର୍ଣ୍ଣନା କରିଛନ୍ତି । ହୁଜୁର ର.ଅ କୁହନ୍ତି: "ଉକ୍ତ ଭୂତଳ କୋଠରୀଗିଡ଼ିକ ତିନି ମାହାଲା ବିଶିଷ୍ଟ ନିର୍ମିତ ହୋଇଛି ଏବଂ 1924 ମସିହାରେ ଇଂଲଣ୍ଡ ଗମନ କଲାବେଳେ ରୋମ୍‌ରେ ମୁଁ ସ୍ୱଚକ୍ଷୁରେ ଏହାକୁ ଦେଖିଅଛି ।"

**(ତଫ୍‌ସିର୍ କବିର୍, ଭାଗ-6, ପୃ485, ସଂସ୍କରଣ ବର୍ଷ 2023 ମସିହା)**

**ଲଣ୍ଡନ ଠାରେ ପହଞ୍ଚିବା:**

ରୋମା (ରୋମ୍)ରୁ 1924 ମସିହା ଅଗଷ୍ଟ ମାସ 20 ତାରିଖ ସନ୍ଧ୍ୟା ସମୟରୁ ପ୍ରସ୍ଥାନ କରି ତା' ଆର ଦିନ ପ୍ରାତଃ 9.00 ଘଟିକା ପାଖାପାଖି ସମୟରେ ଫ୍ରାନ୍ସର ରାଜଧାନୀ ପ୍ୟାରୀସ୍ ଠାରେ ପହଞ୍ଚିଲୁ । ଜାହାଜ ସାହାଯ୍ୟରେ ଦୁଇ ସମୁଦ୍ର ମଧ୍ୟ ଦେଇ ଇଂଲଣ୍ଡ ଅତିକ୍ରମ କରି ଡୋଭରରୁ ଗାଡ଼ି ଧରି 1924 ମସିହା 22 ଅଗଷ୍ଟ ଦିନ 6.00ଟା ବେଳେ ଲଣ୍ଡନ୍‌ର ବିଖ୍ୟାତ ଭିକ୍ଟୋରିଆ ଷ୍ଟେସନ୍ ଠାରେ ପହଞ୍ଚିଲେ । ସେହି ଭିକ୍ଟୋରିଆ ଷ୍ଟେସନ୍‌ରେ ମୁବଲ୍ଲିଗେ ଇସ୍‌ଲାମ୍ ଏବଂ ଅନ୍ୟ ସାହାବାମାନେ ସ୍ୱାଗତ କରିବା ନିମନ୍ତେ ଉପସ୍ଥିତ ଥିଲେ ।

ହୁଜୁର ର.ଅ ପ୍ଲାଟଫର୍ମ ଉପରେ ପାଦ ରଖିବା ମାତ୍ରେ ନିଜର ଯାତ୍ରୀସମୂହଙ୍କ ସମେତ ଦୁଆ କଲେ । ଉକ୍ତ ଦୃଶ୍ୟର ଫଟୋ ଲଣ୍ଡନ୍‌ର ଖବରକାଗଜମାନଙ୍କରେ ମଧ୍ୟ ପ୍ରକାଶିତ ହେଲା । ଷ୍ଟେସନ୍‌ରୁ ହୁଜୁର ର.ଅ ଲିଡ୍‌ଗେଟ୍ ଠାରେ ପହଞ୍ଚିଲେ ଏବଂ ସେଣ୍ଟ ପଲ୍ ଗୀର୍ଜା ଘରର ଦ୍ୱାର ନିକଟବର୍ତ୍ତୀ ପ୍ରାଙ୍ଗଣରେ ଆପଣ ଇସ୍‌ଲାମ୍ ଧର୍ମର ସଫଳତା ଏବଂ ଶୃଙ୍ଖଳି ଭଗ୍ନ ହେବା ନିମନ୍ତେ ଦୁଆ କଲେ । ଉକ୍ତ ଦୃଶ୍ୟକୁ ଲଣ୍ଡନ୍‌ବାସୀ କେବେ ଅବଲୋକନ କରି ନଥିଲେ । ଅତଃ ଚତୁର୍ପାର୍ଶ୍ୱରୁ ଜନସମାଗମ ହୋଇଗଲା ଅର୍ଥାତ୍ ଭିଡ଼ ହୋଇଗଲା । ହୁଜୁର ର.ଅ ଦୀର୍ଘ ସମୟ ପର୍ଯ୍ୟନ୍ତ ଦୁଆ କରିବା ପରେ ନିଜର ଖୁଦାମ୍‌ଙ୍କ ସମେତ ଆରୋହଣ ହୋଇ ନିଜର ରହଣୀ ସ୍ଥଳ ଚେଶମ୍ ପ୍ୟାଲେସ୍ ସଂଖ୍ୟା ୨ରେ ପହଞ୍ଚିଲେ ଏବଂ ବାସ ଭବନରେ ପ୍ରବେଶ କରିବା ପୂର୍ବରୁ ଆପଣ ର.ଅ ଦୁଆ କଲେ ।

ସମ୍ବାଦପତ୍ର ମାଧ୍ୟମରେ ଇଂଲଣ୍ଡରେ ଆପଣ ର.ଅଙ୍କ ଆଗମନର ଖବର ପ୍ରଚାରିତ ହେଲା । ହୁଜୁର ର.ଅ ଏଠାରେ ପହଞ୍ଚି ସର୍ବ ପ୍ରଥମ କାର୍ଯ୍ୟ ଏହା କଲେ ଯେ, ନିଜର ବନ୍ଧୁମାନଙ୍କୁ ବିଭିନ୍ନ ଦାୟିତ୍ୱ ଅର୍ପଣ କରି ଏକ ବ୍ୟବସ୍ଥାପିକା କମିଟି ଗଠନ କରିଦେଲେ । ଉକ୍ତ କମିଟିର ସଭାପତି ଚୌଧୁରୀ ଫତେହ୍ ମୁହମ୍ମଦ୍ ସିୟାଲ୍ ସାହେବ ଏବଂ ସେକ୍ରେଟାରୀ ମୌଲବୀ ମୁହମ୍ମଦ୍ ଦୀନ୍ ସାହେବଙ୍କୁ ମନୋନୀତ କଲେ । ଏତଦ୍‌ଭିନ୍ନ ହୁଜୁର ର.ଅ ଲଣ୍ଡନ ଠାରେ ଅବସ୍ଥାନ କାଳର ପ୍ରଥମ ସପ୍ତାହରେ "**ଇଭିନିଂ ଷ୍ଟାଣ୍ଡାର୍ଡ୍**" ଏବଂ "**ଷ୍ଟାର୍**" ଖବର କାଗଜର ପ୍ରତିନିଧିମାନଙ୍କୁ ସାକ୍ଷାତ୍‌କାର (ଇଣ୍ଟରଭ୍ୟୁ) ଦେଲେ । ହ. ହାଫିଜ୍ ରୌଶନ୍ ଅଲୀ ସାହେବଙ୍କ "ତସୱୁଫ୍" (ଅର୍ଥାତ୍ ଅଧ୍ୟାତ୍ମବାଦ) ବିଷୟବସ୍ତୁ ଉପରେ ପୁନଃ ଦୃଷ୍ଟିପାତ କଲେ ଏବଂ ଆବଶ୍ୟକୀୟ ଉପଦେଶାବଳୀ ଏବଂ ମାର୍ଗଦର୍ଶିକା ସହ ମୌଲବୀ ମୁହମ୍ମଦ୍ ଦୀନ ସାହେବଙ୍କୁ ଅନୁବାଦ ନିମନ୍ତେ ଦେଲେ । ଉକ୍ତ ବିଷୟବସ୍ତୁ 1924 ମସିହା ଡିସେମ୍ବର ମାସ 25 ତାରିଖ ଦିନ ମୌଲବୀ ମୁହମ୍ମଦ୍ ଦିନ୍ ସାହେବ ନିଜେ ସନ୍ଧ୍ୟା 5.00 ଘଟିକା ସମୟରେ ସାର୍ ପ୍ୟାଟ୍ରିକ୍ ନିଗନ୍ ସାହେବଙ୍କ ସଭାପତିତ୍ୱରେ ପାଠ କରି ଶୁଣାଇଲେ ଏବଂ ତାହା ଖୁବ୍ ଆଦୃତ ଲାଭ ହୋଇଥିଲା । ସେହି ସପ୍ତାହ ହୁଜୁର ର.ଅ ଚୌଧୁରୀ ମୁହମ୍ମଦ୍ ଜଫ୍ରୁଲ୍ଲାଃ ସାହେବଙ୍କ ସହିତ ୱେମ୍ବଲେ ଏବଂ ଇଣ୍ଡିଆ ଅଫିସ୍ ଗମନ କଲେ । ଇଂଲଣ୍ଡର ମୁବଲ୍ଲିଗ୍ (ପ୍ରଚାରକ) ହ. ମୌଲବୀ ଅବଦୁର୍ ରହିମ୍ ସାହେବ ନୈୟେର୍ ସାହେବ ଖବରକାଗଜର ପ୍ରତିନିଧିମାନଙ୍କୁ ନିମନ୍ତ୍ରଣ ଦେଲେ । ଯହିଁରେ ଧର୍ମସମ୍ମିଳନୀର ବ୍ୟବସ୍ଥାପିକା ତଥା ଆୟୋଜକଙ୍କ କେତେକ ସଦ୍ୟସମାନେ ମଧ୍ୟ ସାମିଲ୍ ହେଲେ । ଉକ୍ତ ନିମନ୍ତ୍ରଣରେ ହୁଜୁର ର.ଅ ଇଂରେଜବାସୀଙ୍କ ନାମରେ ଏକ ସନ୍ଦେଶ ଦେଲେ । ଉକ୍ତ ସନ୍ଦେଶର ଉଚ୍ଚ ଲାଳିତ୍ୟ ସମ୍ପନ୍ନ ଆଳଂକାରିକ ଇଂରାଜୀ ଭାଷା ଶୈଳୀରେ ସଧାସଳଖ (Extempore/ ପୂର୍ବରୁ ପ୍ରସ୍ତୁତ ନହୋଇ (ଭାଷଣ ଦେବା) କହିବା) ଅନୁବାଦ୍ ସମ୍ମାନନୀୟ ଚୌଧୁରୀ ମୁହମ୍ମଦ୍ ଜଫ୍ରୁଲ୍ଲାଃ ଖାନ ସାହେବ ଶୁଣାଇଲେ । ଉକ୍ତ ସନ୍ଦେଶର ଏକ ଭାଗ ଏହିପରି ଅଟେ :

"ମୁଁ ମାନବ ଜାତିଙ୍କ ପ୍ରତି ପ୍ରେମ, ଅନ୍ତରୀକତା ଓ ସହାନୁଭୂତି ପ୍ରଦର୍ଶନ କରେ ଏବଂ ମୁଁ ଭାବୁଛି ଯେ, ଜମାଅତ୍ ଅହେମଦିୟାର ସଂସ୍ଥାପକଙ୍କ ସାହଚର୍ଯ୍ୟତ୍ୱ ଏବଂ ଇସ୍‌ଲାମ୍ ଧର୍ମର ଶିକ୍ଷାର ଏହି ପରିଣାମ ଯେ, ମୁଁ ଇଂଲଣ୍ଡ ଆସିଅଛି । ଜମାଅତ୍ ଅହେମଦିୟାର ସଂସ୍ଥାପକ ଯେଉଁ ଭବିଷ୍ୟବାଣୀ କରିଥିଲେ ମୁଁ ସେହି ଭବିଷ୍ୟବାଣୀ ଉପରେ ବିଶ୍ୱାସ ରଖୁଛି । ଅର୍ଥାତ୍ ଜମାଅତ୍ ଅହେମଦିୟାର ସଂସ୍ଥାପକ ହ. ମିର୍ଜା ଗୁଲାମ୍ ଅହେମଦ ସାହେବ କାଦିୟାନୀ ଏହି ଭବିଷ୍ୟବାଣୀ କରିଥିଲେ ଯେ, ଖୁବଶୀଘ୍ର ପାଶ୍ଚାତ୍ୟ ଦେଶର ଲୋକମାନେ ମସିହ୍ ମଉଦ୍ ଅ.ସଙ୍କ ସତ୍ୟତାକୁ ସ୍ୱୀକାର କରିନେବେ ।" ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସ ପ୍ରତିଶ୍ରୁତ ମସିହ୍ ଏବଂ

ମେହଦୀ ଓ ସକଳ ଧର୍ମ ନିମନ୍ତେ ପ୍ରତିଶୃତ ଅବତାର ଭାବରେ ଉକ୍ତ ସଂସାର ଲୋକକୁ ଆସିଥିଲେ..........ପ୍ରତିଶୃତ ମସିହଙ୍କର ଉକ୍ତ ଦାବି ରହିଥିଲା ଯେ, ସେହି ପ୍ରତିଶୃତ ମସିହ୍ ସନ୍ଧି, ଶାନ୍ତି ପ୍ରୀତି ଓ ମୈତ୍ରୀର ରାଜକୁମାର ତଥା ସନ୍ଦେଶବାହକ ଅଟନ୍ତି । ସଂସାର ସେହି ରାଜକୁମାରଙ୍କ ହସ୍ତରେ ଏକତ୍ରିତ ହୋଇଯିବ ଏବଂ ଶାନ୍ତି ପ୍ରତିଷ୍ଠା ହେବ । ସୁତରାଂ ପ୍ରତ୍ୟେକ ଶାନ୍ତିପ୍ରିୟ ବ୍ୟକ୍ତିର ଏହି କର୍ତ୍ତବ୍ୟ ରହିଛି ଯେ, ସେ ଏହି ଦାବିଗୁଡ଼ିକ ଉପରେ ବିଚାର କରୁ । କାରଣ ସେହି ବ୍ୟକ୍ତିର ଆଳସ୍ୟତା ବ୍ୟକ୍ତିଙ୍କୁ ସେହି ଅଭିପ୍ରାୟକୁ ପଛରେ ନଫିଙ୍ଗି ଦେଉ । ଅର୍ଥାତ୍ ସେହି ବ୍ୟକ୍ତିର ଯେଉଁ ଅଭିପ୍ରାୟ ରହିଥିଲା ଯେ, ସେ ସେହି ଶାନ୍ତି, ପ୍ରୀତି, ମୈତ୍ରୀ ଓ ସନ୍ଧିକୁ ପ୍ରାପ୍ତ କରିବା ନିମନ୍ତେ ସର୍ବଦା ଉଦ୍ୟମରତ ଅଟେ । ଯେପର୍ଯ୍ୟନ୍ତ ଈଶ୍ଵରଙ୍କ ସହିତ ପ୍ରକୃତ ସଂପର୍କ ସ୍ଥାପନ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ କୌଣସି ପ୍ରକୃତ ଭ୍ରାତୃତ୍ଵତାମୂଳକ ସଂପର୍କ ପରସ୍ପର ମଧ୍ୟରେ କଦାପି ସ୍ଥାପିତ ହୋଇ ପାରିବ ନାହିଁ । କାରଣ ଭାଇମାନଙ୍କର ସଂପର୍କ ପିତାଙ୍କ ମାଧ୍ୟମରେ ହିଁ ହୋଇଥାଏ । ଉକ୍ତ ସଂପର୍କ ପିତାଙ୍କୁ ଚିହ୍ନିଥାଏ ଏବଂ ତାହା ପିତାଙ୍କର ଅଧିକାରକୁ ମଧ୍ୟ ଚିହ୍ନି ପାରିଥାଏ । ସାଂପ୍ରତିକ କାଳରେ କେବଳ ହ. ମସିହ୍ ମଉଦ୍ ହିଁ ଏପରି ବ୍ୟକ୍ତି (ଯଗାବତାର) ଅଟନ୍ତି ଯିଏ ଏହି ଦାବି କରନ୍ତି ଯେ, ସେ ଏହି ସଂସାରରେ ହିଁ ପିତାଙ୍କ ସହିତ ମନୁଷ୍ୟକୁ ସାକ୍ଷାତ୍ (ଭେଟ) କରାଇ ଦେଇଛନ୍ତି । ସେହି ମସିହ୍ କେବଳ ଏହି ଦାବି କରନ୍ତି ନାହିଁ ବରଂ ଯିଏ ବି ଉକ୍ତ ମସିହଙ୍କ ଶିକ୍ଷା ଉପରେ କାର୍ଯ୍ୟାନୁସରଣ କଲା ସେ ଈଶ୍ଵରଙ୍କ ବାଣୀକୁ ସେହିପରି ଶୁଣିଲା ଯେପରି ପୂର୍ବ ଅବତାରମାନଙ୍କର ହୱାରୀ (ହ. ଇସା ଅ.ସଙ୍କ ଅନୁଚର) ମାନେ ଶୁଣୁଥିଲେ । ସୁତରାଂ ଉକ୍ତ ବିଷୟବସ୍ତୁକୁ ଉଲ୍ଲେଖ କରୁଥିବ ଲେଖକ ମଧ୍ୟ ସେହି ହୱାରୀମାନଙ୍କ ମଧ୍ୟରୁ ଅନ୍ୟତମ ଅଟେ..........ସୁତରାଂ ଆମମମାନଙ୍କର ଅଭିପ୍ରାୟ ଈଶ୍ଵରଙ୍କ ସଂପର୍କ ଭକ୍ତମାନଙ୍କ ସହିତ ଓ ଭକ୍ତମାନଙ୍କର ସଂପର୍କ ଭକ୍ତମାନଙ୍କ ସହିତ ଏକ ସୁସଂପର୍କ ସ୍ଥାପନ କରିବା ଅଟେ..........ଅତଏବ୍ ଆସ ଆମେମାନେ ସମସ୍ତ ମିଳିମିଶି ବିକାଶ ଏବଂ କଲ୍ୟାଣ ନିମନ୍ତେ ଉଦ୍ୟମ କରିବା । ଆମେମାନେ ସଂସାରକୁ ଖିନଭିନ୍ କରିବା ପରିବର୍ତ୍ତେ ସଂସାରକୁ ଶୃଙ୍ଖଳିତ ଓ ସଜ୍ଜିତକାରୀ ବ୍ୟକ୍ତି ରୂପେ ବିବେଚିତ ହେବା । **(ତାରିଖେ ଅହେମଦିୟତ୍, ଭାଗ-4, ପୃ-447)**

ଲଣ୍ଡନ୍ ଅବସ୍ଥାନର ଦ୍ୱିତୀୟ ସପ୍ତାହ ଅର୍ଥାତ୍ 29 ଅଗଷ୍ଟରୁ ସେପ୍ଟେମ୍ବର 4, 1924 ମସିହା ପର୍ଯ୍ୟନ୍ତ ହୁଜୁର ର.ଅ ବ୍ରାଇଟନ୍ ପ୍ରାନ୍ତ ଅଭିମୁଖେ ଗମନ କଲେ ଏବଂ ବିଶ୍ଵ ଯୁଦ୍ଧରେ ପ୍ରାଣ ହରାଇଥିବା ସିପାହୀମାନଙ୍କର ସ୍ମୃତିରେ ଛତା ତଳେ ଛିଡ଼ା ହୋଇ ଦୁଆ କଲେ । ଅର୍ଥାତ୍ ଯେପରି ଉକ୍ତ ସ୍ମୃତ ସ୍ଥଳୀ ହେଉଛି ସେହି ଲୋକମାନଙ୍କର ଏକ ନିଦର୍ଶନ ଯାହାକି ଏକ ସାଂସାରିକ ଅଭିପ୍ରାୟ ସକାଶେ ଏହି ଲୋକମାନେ ଏକତ୍ରି ହୋଇଥିଲେ। ଠିକ୍ ସେହିପରି ଅଲ୍ଲାଃତାଲା ହ. ମସିହ୍ ମଉଦ୍ ଅ.ସଙ୍କ ମହାନ ଛତା ତଳେ ପୂର୍ବ ଓ ପଶ୍ଚିମକୁ ଏକତ୍ରିତ କରିଦେଲେ । ହୁଜୁର ର.ଅ ଦୁଆ ମାଧ୍ୟମରେ ପ୍ରଥମେ ଏକ ଭାଷଣ ଦେଲେ । ଉକ୍ତ ଦୃଶ୍ୟାବଳୀ ଫିଲିମ୍ ରିଲ୍‌ମାନଙ୍କରେ ପୂରାଇ ସିନେମାରେ ପ୍ରେରଣ କରିଦିଆଗଲା । ଉକ୍ତ ଚଳଚ୍ଚିତ୍ର ଇରାକ୍, ଆରବ, ମିସର, ସିରୀୟା, ଆମେରିକା ଓ ଆଫ୍ରିକା ଆଦି ସମସ୍ତ ରାଷ୍ଟ୍ରମାନଙ୍କରେ ପରିକ୍ରମା କରୁଅଛି ।

1927 ମସିହା ସେପ୍ଟେମ୍ବର ମାସ 7 ତାରିଖ ଦିନ ଅନେକ ଇଂରେଜ ମହିଳା, ପୁରୁଷ, ଭାରତୀୟ ଛାତ୍ରମାନେ ଏବଂ ତୁର୍କୀମାନଙ୍କର ରାଜଦୂତ ଓ ଅନ୍ୟ ସମ୍ମାନିତ ମୁସଲମାନମାନଙ୍କୁ ଭୋଜନ ନିମନ୍ତେ ନିମନ୍ତ୍ରଣ କରାଗଲା। ଯହିଁରେ ହୁଜୁର ର.ଅଙ୍କ ଆଉ ଏକ ପ୍ରେମ ଭରା ସନ୍ଦେଶ ପୂର୍ବବତ୍ ଶ୍ରୀଯୁକ୍ତ ଚୌଧୁରୀ ଜଫୁଲ୍ଲାଃ ଖାଁ ସାହେବ ଅତ୍ୟନ୍ତ ଯୋଗ୍ୟତାଭିତ୍ତିକ ଶୈଳୀରେ ପଠ କରି ଶୁଣାଇଲେ । 1924 ମସିହା ସେପ୍ଟେମ୍ବର ମାସ 9 ତାରିଖ ଦିନ ସନ୍ଧ୍ୟା ସମୟରେ ହୁଜୁର ର.ଅ "**ଇଷ୍ଟ ଆଣ୍ଡ ୱେଷ୍ଟ ୟୁନିୟନ୍**"ର ସଭା (ଗିଲ୍ଡ୍ ହାଉସ୍ ଠାରେ ଆୟୋଜିତ ସଭା)ରେ ପ୍ରଥମ ଇଂରାଜୀ ଅଭିଭାଷଣ ଦେଲେ । ଉକ୍ତ ଭାଷଣକୁ ଲୋକମାନେ ଖୁବ୍ ପସନ୍ଦ କଲେ। ପୁନଶ୍ଚ 1924 ମସିହା ସେପ୍ଟେମ୍ବର ମାସ 11 ତାରିଖ ଦିନ ଶାନ୍ତି ସ୍ଥାପନ ସମସ୍ୟା ଉପରେ ଲିଗ୍ ଅଫ୍ ନେଶନ୍‌ସ୍‌ର ଧର୍ମ ବିଭାଗ ଏବଂ ଚରିତ୍ର ବିଭାଗର ସଚିବ ମିଷ୍ଟର ଏଲସନ୍ ଏବଂ ମିଷ୍ଟର ରେନ୍‌ଙ୍କ ସହିତ ଦୀର୍ଘ ସମୟ ପର୍ଯ୍ୟନ୍ତ କଥାବାର୍ତ୍ତା କଲେ । ତାତ୍ତ୍ଵିକପୂର୍ଣ୍ଣ ଶୈଳରେ କହିଲେ, ଯେ, ଯେପର୍ଯ୍ୟନ୍ତ ଇସଲାମୀୟ ଆଦର୍ଶ ଉପରେ ଲିଗ୍ ଅଫ୍ ନେଶନ୍‌ସ୍‌ର ମୂଳଦୁଆ ସ୍ଥାପିତ ହୋଇ ନାହିଁ ସେପର୍ଯ୍ୟନ୍ତ ଏହି ଲିଗ୍ ଅଫ ନେଶନ୍‌ସ୍ ନିଜର ଉଦ୍ଦେଶ୍ୟ ଓ ଅଭିପ୍ରାୟରେ କଦାପି ସାଫଲ୍ୟ ମଣ୍ଡିତ ହୋଇ ପାରିବ ନାହିଁ ।

**(ଅଲ୍ ଫଜଲ୍ 1924 ମସିହା ଡିସେମ୍ବର ମାସ 13 ତାରିଖ, ପୃ- 3-4)**

1924 ମସିହା ସେପ୍ଟେମ୍ବର ମାସ 12 ତାରିଖ ଦିନ ହୁଜୁର ର.ଅ ଜୁମା ନମାଜ ପାଠ କରାଇଲେ ଏବଂ ଜମାଅତ୍‌ର ଧ୍ୟାନ ଆକର୍ଷଣ କରି କହିଲେ, ଜମାଅତ୍‌କୁ ଆଫଗାନିସ୍ତାନର ବୀର ଶହୀଦ୍ ଶ୍ରୀଯୁକ୍ତ ମୌଲବୀ ନେମତୁଲ୍ଲାଃ ଖାନ୍ ସାହେବଙ୍କ ପରି ପ୍ରତ୍ୟେକ ମୁହୂର୍ତ୍ତ ଶାହାଦତ୍ (ବୀରଗତି ପ୍ରାପ୍ତ କରିବା) ନିମନ୍ତେ ପ୍ରସ୍ତୁତ ରହିବା ଉଚିତ୍ । 1924 ମସିହା ସେପ୍ଟେମ୍ବର ମାସ 16 ତାରିଖ ଦିନ ଆପଣ ର.ଅ କନ୍‌ଫ୍ରେନ୍ସ (ସମ୍ମିଳନୀ) ନିମନ୍ତେ ପ୍ରସ୍ତାବିତ ବିଷୟବସ୍ତୁର ସାରାଂଶ ଲେଖିଲେ । 1924 ମସିହା ସେପ୍ଟେମ୍ବର ମାସ 17 ତାରିଖ ଦିନ ଆପଣ ର.ଅ ଆଫଗାନିସ୍ତାନ୍ ଦେଶ ଅନ୍ତର୍ଗତ କାବୁଲ୍ ଜିଲ୍ଲାର ମୌଳବୀ ନେମତୁଲ୍ଲାଃ ଖାନ୍ ସାହେବ ଶହୀଦ୍‌ଙ୍କ ଶାହାଦତ୍ ସଂପର୍କିତ ଏକ ବିକ୍ଷୋଭ ସଭାରେ ଭାଷଣ ଦେଲେ ।

ସେପ୍ଟେମ୍ବର ମାସ 19 ତାରିଖ ଶୁକ୍ରବାର ଦିନ ହୁଜୁର୍ ର.ଅ ଜୁମା ନମାଜ ପରେ ୱେମ୍ବଲେ ସମ୍ମିଳନୀର ସଭାପତି ସାର୍ ଇ.ଡ଼ି. ରସ୍ ମହୋଦୟଙ୍କ ସହିତ ସାକ୍ଷାତ୍ କଲେ । ସେ ଇଂଲଣ୍ଡର ଜଣେ ପ୍ରଖ୍ୟାତ ପ୍ରାଚ୍ୟତତ୍ତ୍ଵବିତଙ୍କ ମଧ୍ୟରୁ ଅନ୍ୟତମ ପ୍ରାଚ୍ୟତତ୍ତ୍ଵବିତ୍ ଅଟନ୍ତି । ହାଲ୍‌ଚାଲ୍ ପଚାରିବା ପରେ ସେ କହିଲେ, ମହୋଦୟ (ହ. ଖଲିଫତୁଲ୍ ମସିହ୍ ସାନି ର.ଅ) ଆପଣଙ୍କ ଆଗମନ ଫଳରେ ଇଂଲଣ୍ଡର ପ୍ରେସ୍ ଅତ୍ୟନ୍ତ ରୁଚି ଦେଖାଉଛି । ସେହି ଦିନ ସନ୍ଧ୍ୟା ସମୟରେ ଆପଣ ର.ଅ ସେଣ୍ଟ ଲୋକସ୍ ହଲରେ "**ହୟାତ୍ ବାଦଲ୍ ମୌତ୍**" (ମୃତ୍ୟୁ ପରବର୍ତ୍ତୀ ଜୀବନ) ଉପରେ ଭବ୍ୟ ଭାଷଣ ହୁଜୁର ର.ଅ ପ୍ରଦାନ କଲେ । ସେପ୍ଟେମ୍ବର ମାସ 20 ତାରିଖ ଦିନ କୋଲିଗିସ୍ (ନାଇଜିରିୟା)ର ଦୁଇ ଜଣ ହାଜି (ହଜ୍ ତୀର୍ଥକାରୀ) ମହୋଦୟ (ତନ୍ମଧ୍ୟରୁ ଜଣେ ବ୍ୟକ୍ତି ଅହେମଦି ଥିଲେ) । ହୁଜୁର ର.ଅଙ୍କ ସେବାରେ ଉପସ୍ଥିତ ହେଲେ ।

**କର୍ଣ୍ଣଲ୍ ଡଗଲସ୍:**

1924 ମସିହା ସେପ୍ଟେମ୍ବର ମାସ 21 ତାରିଖ ଦିନ ସନ୍ଧ୍ୟା ସମୟରେ ହୁଜୁର ର.ଅଙ୍କ କର୍ଣ୍ଣଲ ଡଗଲସ୍ ସହିତ ସାକ୍ଷାତ୍ କଲେ । ଏ ହେଉଛନ୍ତି ସେହି ଡଗଲସ୍ ଯିଏ ଡିଷ୍ଟ୍ରିକ୍ଟ (ଜିଲ୍ଲା) ମାଜିଷ୍ଟ୍ରେଟ୍ (ଦଣ୍ଡାଧିକାରୀ) ଗୁରଦାସପୁର ଜିଲ୍ଲା (ପଞ୍ଜାବ ଭାରତ) ରୂପେ ଡିଉଟି ସମୟରେ ହ. ମସିହ୍ ମଉଦ୍ ଅ.ସଙ୍କ ବିରୁଦ୍ଧରେ ହେନ୍‌ରୀ ମାର୍ଟିନ କ୍ଲାର୍କ୍ ଦ୍ଵାରା ଦାୟର କରାଯାଇଥିବା ମକଦ୍ଦମା ଭିତ୍ତିହୀନ ମନେକରି ଖାରଜ କରି ଦେଇଥିଲେ ଏବଂ ନ୍ୟାୟର ସର୍ବୋତ୍କୃଷ୍ଟ ଉଦାହରଣ ପ୍ରଦର୍ଶନ କରିଥିଲେ ।

**ଇଉରୋପରେ ଇସଲାମ୍ ଧର୍ମର ଆଧାତ୍ମିକ ବିଜୟର ମୂଳଦୁଆ:**

1924 ମସିହା ସେପ୍ଟେମ୍ବର ମାସ 22 ତାରିଖ ଦିନ ୱେମ୍ବଲେ କନ୍‌ଫରେନ୍‌ସ୍‌ର ଶୁଭାରମ୍ଭ ହେଲା । ହୁଜୁର ର.ଅ ନିଜର ସାଥିମାନଙ୍କ ସହିତ ଉକ୍ତ ସମ୍ମିଳନୀରେ ସାମିଲ୍ ହେବା ନିମନ୍ତେ ପ୍ରସ୍ଥାନ କଲେ । 1924 ମସିହା ସେପ୍ଟେମ୍ବର ମାସ 23 ତାରିଖ ଦିନ ଇଉରୋପ ଗସ୍ତର ଐତିହାସିକ ଦିନ ଅଟେ । କାରଣ ସେହି ଦିନ ୱେମ୍ବଲେ ସମ୍ମିଳନୀରେ ହୁଜୁର ର.ଅଙ୍କ ଅଦ୍ୱିଷ୍ଟାନ୍ତନୀୟ ବିଷୟ ପାଠ କରାଗଲା ତାହା ଜମାଅତ୍ ଅହେମଦିୟାର ଖ୍ୟାତିକୁ ଚାରିଗୁଣା କରିଦେଲେ । ଇଉରୋପରେ ଇସଲାମ୍ ଧର୍ମର ଆଧାତ୍ମିକ ବିଜୟର ମୂଳଦୁଆ ପକାଇଲେ ଏବଂ ହ. ମସିହ୍ ମଉଦ୍ ଅ.ସ ଲଣ୍ଡନ୍‌ରେ ଭାଷଣ ଦେବାର ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ସାକାର ହୋଇଥିଲା । ସେପ୍ଟେମ୍ବର ମାସ 26 ତାରିଖ ଦିନ ହୁଜୁର ର.ଅ କନ୍‌ଜର୍‌ଭେଟିବ୍ (ରକ୍ଷଣଶୀଳ) ଗୋଷ୍ଠୀଙ୍କ ନିବେଦନ କ୍ରମେ ଡଚ୍ ହଲ୍ ଲଣ୍ଡନ୍ ଠାରେ ଭାରତର ସାଂପ୍ରତିକ ପରିସ୍ଥିତି ଏବଂ ଏକତା ସୃଷ୍ଟି କରିବା ନିମନ୍ତେ ଏକ ଜ୍ଞାନଭିତ୍ତିକ ଭାଷଣ ଦେଲେ । ସେପ୍ଟେମ୍ବର ମାସ 28 ତାରିଖ ଦିନ ଆପଣ ର.ଅ ଏକ ବିଷୟବସ୍ତୁ "**ରସୁଲ୍ କରୀମ୍ ସ.ଅଙ୍କ ଜୀବନ ଏବଂ ଶିକ୍ଷାରୁ ଯୁବ ପିଢ଼ୀମାନେ କିପରି ଲାଭବାନ ହୋଇ ପାରିବେ**" ଉପରେ ଲଣ୍ଡନ ଫିଲ୍ଡ଼ରେ ପାଠ କରାଗଲା । ସେହି ସପ୍ତାହରେ ଆପଣ ର.ଅ ଏହି ନିଷ୍ପତ୍ତି ନେଲେ ଯେ, "ରିଭ୍ୟୁ ଅଫ୍ ରିଲିଜିୟନ୍‌ସ୍"ର ଇଂରାଜୀ ସଂସ୍କରଣ ଆସନ୍ତା (ବର୍ଷ)ରୁ ଲଣ୍ଡନରୁ ପ୍ରକାଶିତ ହେବ ।

**ବିଜୟୀ ଜେନେରାଲ୍ (ସେନପତି):**

ଅକ୍ଟୋବର ମାସ 2 ତାରିଖ ଦିନ ହୁଜୁର୍ ର.ଅ "**ୱିଲିୟମ୍ ଦି କଙ୍କର**"ର ସ୍ୱପ୍ନକୁ ସଂପୂର୍ଣ୍ଣ ଏବଂ ସାକାର କରିବା ନିମନ୍ତେ ମ୍ୟୁନିସ୍ ଉପସାଗର ଠାରେ

ପହଞ୍ଚିଲେ ଏବଂ ଏକ ଡଙ୍ଗା ସାହାଯ୍ୟରେ ସେହି ସ୍ଥାନ ଅଭିମୁଖେ ପ୍ରସ୍ଥାନ କଲେ ଯେଉଁଠି "**ଓଲିୟମ୍ ଦି କଙ୍କର**" ଅବତରଣ କରିଥିଲା । ହ. ଭାଇ ଅବ୍ଦୁଲ୍ ରହେମାନ ସାହେବ କାଦିୟାନୀ ର.ଅଙ୍କ ବର୍ଣ୍ଣନା ରହିଛି ଯେ, ସେତେବେଳେ ଆପଣ ର.ଅଙ୍କ ମୁଖମଣ୍ଡଳରେ ଯେଉଁ ପ୍ରତାପ ଏବଂ ଓଃ କି ତେଜ ଥିଲା । ତତ୍‌ସହିତ ଏକ ଆକର୍ଷଣୀୟ ଏବଂ ମନହୋର ଭାବ ରହିଥିଲା । ଏତଦ୍‌ପରେ ଆପଣ ର.ଅ ନିରବତାର ସହିତ ଦୁଆ କରାଇଲେ। ହୁଜୁର ର.ଅ ନମାଜ କସର୍ (ଦୁଇଟି ନମାଜ୍‌କୁ ସଂକ୍ଷିପ୍ତ କରିବା ଅର୍ଥାତ୍ ଜୁହର ଅସର ଓ ମଗରିବ୍ ଓ ଇଶା) କରି ପାଠ କରିଥିଲେ ଏବଂ ନମାଜର ମଧ୍ୟ ହୁଜୁର ର.ଅ ଦୀର୍ଘ ଦୁଆ କଲେ । ହୁଜୁର ର.ଅ ଭୂମି ଉପରେ ସଳଖ ଭାବରେ ବସି ନିଜ ହାତ ମୁଠାରେ ଗୁଣ୍ଡ ହୋଇଥିବା ପଥର ଭର୍ତ୍ତି କଲେ ଏବଂ କହିଲେ, କିସ୍ରାର ଦରବାରରେ ଏକ ସାହାବିଙ୍କୁ ମାଟି ଦିଆଗଲା। ତେବେ ସାହାବି ଜଣକ ଶୁଭ ଶକୁନ୍ (ଶୁଭ ଅର୍ଥ ବା ଫଳ) ନେଲେ ଏବଂ କିସ୍ରା ଦେଶ ମିଳିଗଲା ଏବଂ ନେଇ ସେ ପ୍ରସ୍ଥାନ କଲେ । ଇରାନ୍‌ର ସମ୍ରାଟ୍ ନିଜ ଲୋକ ପଠାଇଲା ଯେ, ସେ ଉକ୍ତ ସାହାବିଙ୍କ ଠାରୁ ମାଟି ଫେରାଇ ଆଣୁ । କିନ୍ତୁ ସାହାବି ଜଣକ ମାଟି ଫେରସ୍ତ କଲେ ନାହିଁ । ଈଶ୍ୱର ସେହି କଲ୍ୟାଣମୂଳକ ଶକୁନ ଯୋଗୁଁ ଇରାନ୍‌ର ଭୂମି ସାହାବାମାନଙ୍କୁ ଦେଇଦେଲେ । ଭାଇ ଅବ୍ଦୁର୍ ରହେମାନ ସାହେବ କାଦିୟାନୀ ଏବଂ ଦର୍ଦ୍ଦ ସାହେବ ସେହି ଦୁଇ ମୁଠା ପଥରଗୁଣ୍ଡ ବା ପଥର କଣିକା ଭର୍ତ୍ତି କରି ନିଜର ପକେଟରେ ପକାଇ ଦେଲେ । ଭାଇଜୀଙ୍କ ମନରେ ଏକ ତାତକ୍ଷଣିକ ତେହରିକ୍ (ଆହ୍ୱାନ) ସୃଷ୍ଟି ହେଲା ଏବଂ ଆପଣ ଉଚ୍ଚ ସ୍ୱରରେ ଅଭିନନ୍ଦ ଜଣାଇଲେ ଏବଂ ଉତ୍ସାହର ସହିତ ହ. ମସିହ୍ ମଉଦ୍ ଅ.ସଙ୍କ ଏହି ବାକ୍ୟ ବା ପଂକ୍ତି ପାଠ କଲେ: تو سچے وعدوں والا منکر کہاں کدھر ہیں ଅନୁବାଦ: ଅର୍ଥାତ୍ ସତ୍ୟ ପ୍ରତିଶୃତି ରକ୍ଷାକାରୀ ପ୍ରତ୍ୟାଖ୍ୟାନକାରୀ କେଉଁଠି ଅଛି ?

**(ଅଲ୍ ଫଜଲ୍ 1924 ମସିହା ନଭେମ୍ବର ମାସ 20 ତାରିଖ, ପୃ-5)**

1924 ମସିହା ଅକ୍ଟୋବର ମାସ 3 ତାରିଖ ଦିନ ହୁଜୁର ର.ଅ ସର୍ବ ଧର୍ମ ସମ୍ମିଳନୀର ଶେଷ ସଭାରେ ଉର୍ଦ୍ଦୁ ଭଷାରେ ଉଦ୍‌ବୋଧନ ଦେଲେ । ଉକ୍ତ ଉଦ୍‌ବୋଧନକୁ ଶୁଣି ଶ୍ରୋତାମଣ୍ଡଳୀ ଆନନ୍ଦିତ ଭାବ ପ୍ରକାଶ କଲେ । ଲେକ୍‌ଚର୍ ହଲ ସଂପୂର୍ଣ୍ଣ ରୂପେ ଖଚାଖଚ ଭର୍ତ୍ତି ହୋଇ ରହିଥିଲା ।

**(ଅଲ୍ ଫଜଲ୍ 1924 ମସିହା ନଭେମ୍ବର ମାସ 15 ତାରିଖ, ପୃ-6)**

1924 ମସିହା ଅକ୍ଟୋବର ମାସ 4 ତାରିଖ ଦିନ ହୁଜୁର ର.ଅଙ୍କ ସାଥି ଇଂଲଣ୍ଡର ନୂତନ ମୁବଲ୍ଲିଗ୍ ଅବ୍ଦୁର୍ ରହିମ୍ ସାହେବ ଦର୍ଦ୍ଦଙ୍କୁ ନେଇ ପଟ୍‌ନୀର ସେହି ବାସ ଭବନର ଦୁଆର ନିକଟକୁ ଗଲେ ଯେଉଁଠି ପ୍ରସ୍ତାବିତ ମସ୍‌ଜିଦ୍ ଖୋଲିବାର ଥିଲା । ସେହି ସ୍ଥାନରେ ଛିଡ଼ା ହୋଇ ହୁଜୁର ର.ଅ ମସ୍‌ଜିଦ୍ ନିର୍ମାଣର ସ୍କିମ୍‌ର ସଂକ୍ଷିପ୍ତ ଚର୍ଚ୍ଚା କଲେ । ପୁନଶ୍ଚ ଘରର ସେହି କୋଠରୀ ଆଡ଼କୁ ଚାଲିଗଲେ ଯେଉଁଠି ସେହି ଦିନମାନଙ୍କରେ ନମାଜ ପାଠ କରାଯାଉଥିଲା । ହୁଜୁର ର.ଅ ସେଠାରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଦୁଆ କରାଇଲେ ଏବଂ ଏତଦ୍‌ପରେ ନିଜର ପବିତ୍ର ହସ୍ତରୁ ମୌଲବୀ ଅବ୍ଦୁର୍ ରହିମ୍ ସାହେବ ଦର୍ଦ୍ଦ ର.ଅଙ୍କୁ ଉକ୍ତ ବାସ ଭବନର ଚାବି ପ୍ରଦାନ କଲେ । ଏତଦ୍‌ପରେ ହୁଜୁର ର.ଅ ଅବ୍ଦୁର୍ ରହିମ୍ ସାହେବ ଦର୍ଦ୍ଦ ଓ ତାଙ୍କର ସହସାଥୀ ମଲକ୍ ଗୁଲାମ ଫରିଦ୍ ସାହେବ ଏମ୍.ଏଙ୍କୁ ସବିଶେଷ ମାର୍ଗଦର୍ଶିକା ପ୍ରଦାନ କଲେ । ଅକ୍ଟୋବର ମାସ 7 ତାରିଖ ଦିନ ହୁଜୁର ର.ଅ ଦାରୁଲ୍ ଇମ୍ରା (House of Lords) (ବ୍ରିଟେନର ଦ୍ୱିତୀୟ ସଦନ ଅର୍ଥାତ୍ ଉଚ୍ଚ ସଦନ)ର ସଭା ଦେଖିଲେ ଏବଂ 8 ଏବଂ 9 ଅକ୍ଟୋବର ଦିନ ଦାରୁଲ୍ ଅୱାମ୍ (House of Commons)(ବ୍ରିଟେନର ସାର୍ବଜନୀନ ରୂପେ ମନୋନୀତ ହୋଇଥିବା ସଦନ)ର ସଭା ଦେଖିବାକୁ ଗଲେ । ହୁଜୁର ର.ଅ ଅକ୍ଟୋବର ମାସ 12 ତାରିଖ ଦିନ ନବାଗତ ମୁସଲମାନମାନଙ୍କୁ ଦୀର୍ଘ 5 ଘଣ୍ଟା ପର୍ଯ୍ୟନ୍ତ ତବ୍‌ଲିଗ୍ (ପ୍ରଚାର) ଏବଂ ସେମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରିବାରେ ସମୟ ଅତିବାହିତ କଲେ । ସେହିପରି ଇଂରେଜ ମହିଳା ଓ ପୁରୁଷମାନେ ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ଅଭିରୁଚି ତଥା ଆଗ୍ରହ ପ୍ରକାଶ କରି ଧାର୍ମିକ ବାର୍ତ୍ତାଳାପ କଲେ । ଅକ୍ଟୋବର ମାସ 15 ତାରିଖ ଦିନ ହୁଜୁର ର.ଅ "**ଓରିଏଣ୍ଟାଲ ସ୍କୁଲ ଅଫ୍ ଷ୍ଟଡ଼ିଜ୍**" ପରିଦର୍ଶନ (ଦେଖିଲେ) କଲେ ।

**(ଅଲ୍ ଫଜଲ୍ 1924 ମସିହା ନଭେମ୍ବର ମାସ 11 ତାରିଖ)**

**1924 ମସିହା ଅକ୍ଟୋବର ମାସ 19 ତାରିଖ ଦିନ:**

1924 ମସିହା ଅକ୍ଟୋବର ମାସ 19 ତାରିଖ ଦିନ ଏକ ସ୍ମରଣୀୟ ଦିବସ ସାବ୍ୟସ୍ତ ହେଲା । ହୁଜୁର ର.ଅ ସନ୍ଧ୍ୟା 4.00 ବେଳେ ଏକ ବିଶାଳ ଜନସମାବେଶଙ୍କ ମଧ୍ୟରେ "**ମସଜିଦ୍ ଫଜଲ୍ ଲଣ୍ଡନ**" ଭିତ୍ତି ପ୍ରସ୍ତର ସ୍ଥାପନ ସ୍ୱହସ୍ତରୁ କଲେ ।

**(ଅଲ୍ ଫଜଲ୍ 1924 ମସିହା ଅକ୍ଟୋବର ମାସ 25 ତାରିଖ)**

ଲଣ୍ଡନ୍‌ରେ ସର୍ବ ପ୍ରଥମେ ମସ୍‌ଜିଦର ଭିତ୍ତି ପ୍ରସ୍ତର ସ୍ଥାପିତ ହୋଇ ସାରିଥିଲା । ତେବେ ମୌଲବୀ ଅବ୍ଦୁର୍ ରହିମ ସାହେବ ଦର୍ଦ୍ଦ ଉଚ୍ଚ ସ୍ୱରରେ ହ. ମୌଲବୀ ଶେର୍ ଅଲୀ ସାହେବଙ୍କର ଏକ ଟେଲିଗ୍ରାମ୍ ପଢ଼ି ଶୁଣାଇଲେ । ଉକ୍ତ ଟେଲିଗ୍ରାମ୍ ସନ୍ଦେଶ ସେ ଜମାଅତ୍ ଅହେମଦିୟା ଭାରତ ତରଫରୁ ଉକ୍ତ ଉତ୍ସବ ଅବସରରେ ଅଭିନନ୍ଦନ ଜ୍ଞାପନପୂର୍ବକ ପ୍ରେରଣ କରିଥିଲେ । ଏତଦ୍‌ପରେ ହୁଜୁର୍ ର.ଅ ଦୀର୍ଘ ସମୟ ପର୍ଯ୍ୟନ୍ତ ଦୁଆ କଲେ । ପୁନଶ୍ଚ ଅସର୍ ନମାଜ ସେହି ସ୍ଥାନରେ ହିଁ ପାଠ କଲେ ଓ ହୁଜୁର ର.ଅ ଏହି ଘୋଷଣା କଲେ ଯେ, "ମୁଁ ଏହି ଘୋଷଣା କରୁଛି ଯେ, ଉକ୍ତ ମସ୍‌ଜିଦ୍‌ର ନିୟମିତ ତଥା ସ୍ଥାୟୀ ଭିତ୍ତି ପ୍ରସ୍ତର ସ୍ଥାପନ କରାଗଲା । ନମାଜ ପରେ ଅଭିନନ୍ଦନର ସ୍ୱର ଚତୁର୍ଦ୍ଦିଗରୁ ଗୁଞ୍ଜରିତ ହେବାକୁ ଲାଗିଲା। ମସ୍‌ଜିଦ୍‌ର ମିହ୍‌ରାବ (ଗୁମ୍ବଜ) ଉପରେ ଏକ ଧ୍ୱଜା ଉଡାଗଲା । ଉକ୍ତ ଧ୍ୱଜା ହାଇଦ୍ରାବଦ୍‌ର ହୋମ୍ ସେକ୍ରେଟାରୀ ନୱାବ୍ ଅକ୍‌ବର୍ ନୱାଜ୍ ଜଙ୍ଗ୍ ସାହେବ ଦେଇଥିଲେ ।"

**(ଅଲ୍ ଫଜଲ୍ 1924 ମସିହା ନଭେମ୍ବର ମାସ 20 ତାରିଖ)**

**ଲଣ୍ଡନରୁ ପ୍ରସ୍ଥାନ ଏବଂ ବମ୍ବେ ଠାରେ ଆଗମନ ଓ ଅବତରଣ:**

**ଶେଷ କଥା:**

ହ. ଖଲିଫତୁଲ୍ ସମହି ସାନି ର.ଅ ଅତ୍ୟନ୍ତ ଦୁଆ ଏବଂ ଜମାଅତ୍‌ର ସଦସ୍ୟଙ୍କ ସହିତ ପରାମର୍ଶ କରିବା ପରେ ସ୍ୱୟଂ ଇଉରୋପର ଅବସ୍ଥା ବା ପରିସ୍ଥିତିର ସମୀକ୍ଷା କରିବା ନିମନ୍ତେ ଉକ୍ତ ଦେଶକୁ ଯାତ୍ରା କରିବା ନିମନ୍ତେ ନିଷ୍ପତ୍ତି ନେଇଥିଲେ । ଲଣ୍ଡନ୍‌ରେ ହିଁ ଏକ ରେଭ୍‌ରେଣ୍ଟ ସେକ୍ରେଟାରୀ ପୁଣ୍ୟଶ୍ଳୋକ ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କୁ ପ୍ରଶ୍ନ କଲା ଯେ, ମହୋଦୟ ! ଆପଣଙ୍କୁ ଉକ୍ତ ଯାତ୍ରା ଦ୍ୱାରା କେଉଁ ଲାଭ ପ୍ରାପ୍ତ ହୋଇଛି? ହୁଜୁର ର.ଅ କହିଲେ,"ମନୁଷ୍ୟ ସମ୍ମୁଖରେ ଦିବାରାତ୍ର ସହସ୍ର ସହସ୍ର ପ୍ରକାରର ପରିସ୍ଥିତି ଏବଂ ଚିନ୍ତାଧାରା ଆସିଥାଏ । କିନ୍ତୁ ସମସ୍ତ ପରିସ୍ଥିତି ସଂକ୍ରନ୍ତରେ ତା' ମନରେ ଗବେଷଣା ତଥା ସନ୍ଧାନ କରିବାର ଭାବନା ଉଦ୍ରେକ ହୋଇ ନଥାଏ । ଗବେଷଣା ତଥା ସନ୍ଧାନର ଭାବନା ଏବଂ ଧାରଣା ମନୁଷ୍ୟ ମସ୍ତିଷ୍କରେ ସେତେବେଳେ ଉତ୍ପନ୍ନ ହୋଇଥାଏ ଯେତେବେଳେ ସେ ଅର୍ଥାତ୍ ମନୁଷ୍ୟ କୌଣସି ବସ୍ତୁକୁ ବିଶେଷ ଏବଂ ମହତ୍ତ୍ୱପୂର୍ଣ୍ଣ ସ୍ତର ପର୍ଯ୍ୟନ୍ତ ଉପନୀତ କରାଇ ଦେଇଥାଏ ।"

"ଆଜି ଠାରୁ ପୂର୍ବେ ଆମ ଜମାଅତ୍‌କୁ ଉକ୍ତ ମହତ୍ତ୍ୱ ପ୍ରାପ୍ତ ହୋଇ ନଥିଲା ଯେ, ଲୋକମାନେ ଉକ୍ତ ଜମାଅତ୍ ଆଡ଼କୁ ଧ୍ୟାନ ଦେବେ । ବରଂ ଅତି କଷ୍ଟରେ କେହି ଜମାଅତ୍‌ର ନାମ ପ୍ରତି ଅବଗତ ଥିବ । କିନ୍ତୁ ବର୍ତ୍ତମାନ ମୋ (ଅର୍ଥାତ୍ ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ) ଆଗମନ ଦ୍ୱାରା ଈଶ୍ୱର ଏଭଳି ଖବର ପ୍ରସାରିତ କରି ଦେଇଛନ୍ତି ଏବଂ ଖ୍ୟାତି ତଥା ମର୍ଯ୍ୟାଦାର ଏପରି ସାଧାନ ସୃଷ୍ଟି କରି ଦେଇଛନ୍ତି ଯେ, ବର୍ତ୍ତମାନ ସେହି ସବୁ ବାଧା ବିଘ୍ନ ମାର୍ଗରୁ ଅପସାରିତ ହୋଇଯାଇଛି । ସାଧାରଣତଃ ଲୋକମାନେ ଆମମାନଙ୍କୁ ଜାଣିବାକୁ ଲାଗିଲେଣି ଏବଂ ସଂସାରର ଧ୍ୟାନ ଆମ ଆଡ଼କୁ ଆକର୍ଷିତ ହେବାକୁ ଲାଗିଲାଣି ଇତ୍ୟାଦି ।" ଉକ୍ତ ଉତ୍ତରକୁ ଶୁଣି ପ୍ରିଂସିପାଲ୍ ଏବଂ ତା'ର ସେକ୍ରେଟାରୀ କହିଲା, "Very great achievement" ଅଲ୍ଲାଃତାଲାଙ୍କ କୃପାରୁ ଉକ୍ତ ଜଲ୍‌ସାର ବହୁତ ବଡ଼ ସୁଫଳ ଓ ଲାଭ ମଧ୍ୟ ଅବଶ୍ୟ ମିଳିବ । **ଇନ୍‌ଶାଅଲ୍ଲାଃ** ।

**(ଇଉରୋପ ଯାତ୍ରା: 393)**

ଅଲ୍ଲାଃତାଲାଙ୍କ କୃପାରୁ ଆଜି ଏକଶତ ବର୍ଷ ପରେ ଆମେମାନେ ଯେତେବେଳେ ଇଉରୋପରେ ଇସଲାମ୍ ଏବଂ ଅହେମଦିୟତ୍‌ର ପ୍ରଚାରର ତତ୍ପରତା ଓ ତନ୍ମୟତାକୁ ପକ୍ଷୀ ଦୃଷ୍ଟିରୁ ଅବଲୋକନ କରୁ ତେବେ ଆମମାନେ ନିଃସନ୍ଦେହ ରୂପେ ଏହି ସାକ୍ଷ୍ୟ ପ୍ରଦାନ କରିଥାଉ ଯେ, ଉକ୍ତ ଗସ୍ତର ଉଦ୍ଦେଶ୍ୟ ଏବଂ ଅଭିପ୍ରାୟ ଶତପ୍ରତିଶତ ପୂର୍ଣ୍ଣ ହୋଇଛି। ହ. ମସିହ୍ ମଉଦ୍ ଅ.ସଙ୍କ ଭବିଷ୍ୟବାଣୀ ଅତ୍ୟନ୍ତ ଭବ୍ୟତାର ସହିତ ପୂର୍ଣ୍ଣ ଏବଂ ସାକାର ହେଉଅଛି । ଶେଷରେ ଏତିକି ପ୍ରାର୍ଥନା ରହିଛି ଯେ, ଅଲ୍ଲାଃତାଲା ଆମମାନଙ୍କୁ ଇସଲାମ୍ ଓ ଅହେମଦିୟତ୍‌ର ଶିକ୍ଷା ଉପରେ ସଠିକ୍ ଭାବରେ କାର୍ଯ୍ୟାନୁସରଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।

☆--☆--☆

## ପବିତ୍ରତା ଅବଲମ୍ବନ କର । କାରଣ ତୁମମାନଙ୍କ ମାଧ୍ୟମରେ ହିଁ ଈଶ୍ୱର ନିଜର ଐଶୀ ମହିମାକୁ ପ୍ରକାଶ କରିବେ ।

ଅଦନ୍ ନିକଟବର୍ତ୍ତୀ ଜାହାଜରୁ ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ଜମାଅତ ଅହେମଦିୟା ନାମରେ ପ୍ରଥମ ପତ୍ର ପ୍ରେରଣ (1924 ମସିହା ଜୁଲାଇ ମାସ 22 ତାରିଖ ଦିନ ଲିଖିତ ପତ୍ର)

ଜମାଅତ୍‌ର ସଦସ୍ୟବୃନ୍ଦ ! **ଅସ୍ସଲାମୁ ଅଲୈକୁମ୍ ଓ ରହେମତୁଲ୍ଲାଃହି ଓ ବରକାତୁହୁ** ! ଆଜି ଜାହାଜ ଅଦନ ନିକଟତର ହେଉଅଛି । ସନ୍ଧ୍ୟା 4.00 ଘଟିକା ସମୟରେ ଜାହାଜ ଲାଗିବ । ଅଲ୍ଲାଃତାଲାଙ୍କ କୃପାରୁ ଜାହାଜ ଝଡ଼ ତୋଫାନ୍ ଅଞ୍ଚଳରୁ ସକୁଶଳେ ବାହାରି ଆସିଛି । ବର୍ତ୍ତମାନ ସମତଳ ଜଳରାଶିରେ ଜାହାଜ ଅଗ୍ରସର ହେଉଅଛି । ଯାତ୍ରୀମାନେ ଅନେକ ଦିନ ହେଲା କୋଠରୀ ମଧ୍ୟରେ ବନ୍ଦ ରହିଥିଲେ । ବର୍ତ୍ତମାନ କୋଠରୀ ମଧ୍ୟରୁ ସେମାନେ ବାହାରକୁ ବାହାରି ବୁଲାବୁଲି କରୁଛନ୍ତି । ସୁଖକର ସୂର୍ଯ୍ୟ, ପବନ ଏବଂ ଉତ୍ତମ ପାଣିପାଗର ଆନନ୍ଦ ଉପଭୋଗ କରୁଛନ୍ତି ସେମାନେ। କିଛି ଲୋକ ତାଶ୍ ଖେଳିବାରେ ମାତିଛନ୍ତି, କିଛି ଲୋକ ମଦ୍ୟକୁ ଗିଲାସ୍ (ଗ୍ଲାସ୍) ରେ ଉଣ୍ଡାଳି ମଦ୍ୟପାନ କରୁଛନ୍ତି, କିଛି ଲୋକ ପ୍ରାଙ୍ଗଣରେ ଥିବା ବେଞ୍ଚ୍ ଉପରେ ଗୋଡ଼ ଲମ୍ବାଇ ପବନ ଖାଉଛନ୍ତି । ଶହ ଶହ ଯାତ୍ରୀମାନେ ଜାହାଜରେ ଅଛନ୍ତି । ରାତ୍ର ମସୟ ମଧ୍ୟ ଅତ୍ୟନ୍ତ ଭଲ ଭାବରେ ଅତିକ୍ରାନ୍ତ ହୋଇଗଲା । ମୋତେ ଲୋକମାନେ କହୁଥିଲେ ହୁଜୁର ! ଆପଣ କାଲି ରାତିରେ କମ୍ ଶୋଇଛନ୍ତି । ବର୍ତ୍ତମାନ ଆପଣ ଶୋଇ ଯାଆନ୍ତୁ ଏବଂ ଟିକେ ବିଶ୍ରାମ ନିଅନ୍ତୁ । କିନ୍ତୁ ଅଦନ୍ ନିକଟତର ହୋଇ ଆସୁଛି ଏବଂ ଜାହାଜ ସେଠାରେ ଖୁବ୍ କମ୍ ସମୟ ପାଇଁ ଅଟକିବ । ମୁଁ ଯଦି ବର୍ତ୍ତମାନ କଲମ ରଖିଦିଏ ତେବେ ମୋତେ ଅଦନ୍ ପରେ ହିଁ ଲେଖିବାକୁ ସୁଯୋଗ ପ୍ରାପ୍ତ ହେବ । ତେଣୁ ମୁଁ ସେହି ବନ୍ଧୁମାନଙ୍କ ଉପଦେଶକୁ ଧ୍ୟାନ ଦୃଷ୍ଟିରେ ଏବଂ ମୂଲ୍ୟବାନ ବୋଲି ମନେକରି ସେମାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରି ଏହା କହି ଦେବାକୁ ଚାହୁଁଛି ଯେ, ପତ୍ର ଅର୍ଦ୍ଧ ସାକ୍ଷାତ୍ ହୋଇଥାଏ । ମୁଁ ଐଶୀ ବିଧାନ ଅନୁଯାୟୀ ନିଜ ବନ୍ଧୁମାନଙ୍କୁ ସଂପୂର୍ଣ୍ଣ ସାକ୍ଷାତ୍ କରିବାରୁ ବଞ୍ଚିତ ଓ ଅସମର୍ଥ ଅଟେ । ତେଣୁ ମୋତେ ଆପଣମାନେ ଅଧା (ଅର୍ଦ୍ଧ) ସାକ୍ଷାତ୍ କରିବା ନିମନ୍ତେ ସୁଯୋଗ ଦିଅନ୍ତୁ ନା ! ମୋତେ ଛାଡିଦିଅ ! କାରଣ ମୁଁ ଭାବନା ରାଇଜରେ ଶରୀରରେ ପର ଲଗାଇ କାଗଜ ଡଙ୍ଗା ଉପରେ ଆରୋହଣ ହୋଇ ସେହି ପୁଣ୍ୟ ଭୂମିରେ ପହଞ୍ଚିବି ଯେଉଁ ଭୂମିରୁ ମୋର ଶରୀର ଗଢା ହୋଇଛି । ସେହି ଭୂମିରେ ମୋର ମାର୍ଗଦର୍ଶକ ଏବଂ ଦିଗଦର୍ଶକ କବରରେ ପୋତା ହୋଇଛନ୍ତି । ଯେଉଁ ଭୂମିରେ ମୋ ପ୍ରିୟ ମୁନିବଙ୍କ ସାଥିମାନଙ୍କ ଗୋଷ୍ଠୀ ବାସକରେ ସେହି ଭୂମିକୁ ଦେଖି ମୋ ଚକ୍ଷୁ ଶୀତଳ ହୋଇଯିବ ଏବଂ ମୋ ହୃଦୟକୁ ଶାନ୍ତି ମିଳିବ । ଭାରତକୁ ଯିବାକୁ ଥିବା ଡାକ (Post Mail)ର ସମୟ ଅତିକ୍ରାନ୍ତ ହୋଇଯିବ ମୋତେ ନିଜର ବନ୍ଧୁମାନଙ୍କର ନାମ ଏକ ପତ୍ରରେ ଲେଖିବାକୁ ଦିଅ । କାରଣ ମୋର ଅର୍ଦ୍ଧ ସାକ୍ଷାତ୍ ଦ୍ୱାରା ସେମାନେ ଆନନ୍ଦିତ ହେବେ ଏବଂ ମୋର ଚିନ୍ତାଧାରା କିଛି ସମୟ ପାଇଁ ସେହି ଭୂମି ଅଭିମୁଖେ ଉଡ଼ିଯାଇ ମୋତେ ମୋ ପ୍ରିୟ ମୁନିବଙ୍କ ନଗରୀ ନିକଟବର୍ତ୍ତୀ କରିଦେଉ । ଲୋକମାନଙ୍କୁ ବିଶ୍ରାମ ନେବାକୁ ଦିଅ, ଖେଳିବାକୁ ଦିଆ, ମଦ୍ୟପାନ କରିବାକୁ ଦିଅ, ମୋର ଖେଳ ମୋର ପ୍ରିୟ ମୁନିବଙ୍କ ସେବାରେ ହିଁ ରହିଛି । ମୋର ମଦ୍ୟପାନ ହେଉଛି ମୋର ନିଜର ପ୍ରିୟ ମୁନିବଙ୍କ ପ୍ରତି ପ୍ରେମ ଏବଂ ମୋର ବିଶ୍ରାମ ନେବା ହେଉଛି ମୋର ବନ୍ଧୁ ପ୍ରିୟଜନମାନଙ୍କର ସାନ୍ନିଧ୍ୟତା । ଅର୍ଥାତ୍ ତାହା ଚିନ୍ତାଧାରା ଏବଂ ଚେତନା ମାଧ୍ୟମରେ ହିଁ ହୋଇଥାଉ ନା କାହିଁକି । ଅର୍ଥାତ୍ କଳ୍ପନା ରାଜ୍ୟରେ କାଳ୍ପନିକ ହେଉ ନା କାହିଁକି ।

ହୁଜୁର ର.ଅ କହିଲେ, କୌଣସି ବସ୍ତୁ ଯେତେବେଳେ ହଜିଯାଏ ସେତେବେଳେ ତା'ର ମୂଲ୍ୟବୋଧ ସଂପର୍କରେ ଜ୍ଞାତ ହୁଏ । ଉକ୍ତ ଯାତ୍ରାରେ ମୁଁ ଉକ୍ତ ଦୃଶ୍ୟକୁ ସ୍ୱଚକ୍ଷୁରେ ଅବଲୋକନ କରିଅଛି । ସେହି ବନ୍ଧୁମାନେ ଯେଉଁମାନେ ପୂର୍ବେ ଉକ୍ତ ଚିନ୍ତାଧାରାର ଅଧୀନ ଥିଲେ ଅର୍ଥାତ୍ ମୁଁ ଏପଟେ ବିଲାତ୍ ଗଲି ସେପଟେ ଇଉରୋପ ବିଜୟ ହେଲା । ସେହି ଲୋକମାନେ ଜିଦ୍ କରୁଥିଲେ ଯେ, ମୁଁ ଅବଶ୍ୟ ବିଲାତ୍ ଯିବି ଓ ସେହି ବିଜୟ ଦିନ ସେମାନଙ୍କ ନିକଟବର୍ତ୍ତୀ କରାଇଦେବି । ମୁଁ ଯେଉଁ ଦିନ ବିଲାତ ବାହାରୁ ଥିଲି, ସେଦିନ ମୋତେ ଏପରି ପ୍ରତିତ ହେଉଥିଲା ଯେ, ମାଛ ଯେପରି ବିନା ଜଳରେ ଛଟପଟ ହେଉଥାଏ ଠିକ୍ ସେହିପରି ଜମାଅତ୍‌ର ସଦସ୍ୟମାନେ ମଧ୍ୟ ଛଟପଟ ହେଉଥିଲେ ଏବଂ ଦୁଃଖ ତଥା ଅନୁଶୋଚନା କରୁଥିଲେ ଯେ, ଆମେମାନେ (ଅର୍ଥାତ୍ ଲୋକମାନେ) ହୁଜୁର ର.ଅଙ୍କୁ ବିଲାତ୍ ଯିବାକୁ କାହିଁକି ଅନୁମତି ପ୍ରଦାନ କଲେ । ମୁଁ ମଧ୍ୟ ଉକ୍ତ କଥାକୁ ଜାଣିଥିଲି ଏବଂ ମୋତେ ଉକ୍ତ କଥା ଜ୍ଞାତ ଥିଲା ଯେ, ପାଣିପାଗ ଅତ୍ୟନ୍ତ ପ୍ରତିକୂଳ ରହିଛି, ବାତ୍ୟା, ଝଡ଼ ତୋଫାନର ଦିନ ଅଟେ । ଏସବୁ ସତ୍ତ୍ୱେ ମୁଁ ବିଲାତ୍ ଯାତ୍ରା କରିବା ନିମନ୍ତେ ମନସ୍ଥ କରି ନେଇଥିଲି । ଇତ୍ୟବସରରେ ମୁଁ ଅବଶ୍ୟ ପାଶ୍ଚାତ୍ୟ ଦେଶର ଯାତ୍ରା କରିବି ଓ ଇସ୍‌ଲାମ୍ ଧର୍ମର ପ୍ରକାଶନ ସ୍କିମ୍ (ଯୋଜନା, ଅହ୍ୱାନ) ପ୍ରସ୍ତାବିତ କରିବି, ମୁଁ ମନରେ ଏହା ଅନୁଭବ କରୁଥିଲି ଯେ, ବିରହର ଇଚ୍ଛା କରିନେବା ତ' ସହଜ କଥା ଅଟେ । କିନ୍ତୁ କିଛି ଦିନ ପାଇଁ ଭିନ୍ନ ବା ବିରହ ହେବା ଅତ୍ୟନ୍ତ କଷ୍ଟ ଦାୟକ ଅଟେ । ଆହା ! ନିଜର ବନ୍ଧୁମାନଙ୍କ ଠାରୁ ସେହି ବିଦାୟ ନେବା, ସେହି ବନ୍ଧୁମାନଙ୍କ ସହିତ ସାକ୍ଷାତ୍ କରି ମୁଁ ଯେଉଁ ଅଙ୍ଗୀକାର କରିଥିଲି ଯେ, ଇସ୍‌ଲାମ ଧର୍ମର ମର୍ଯ୍ୟାଦାକୁ ସଂସାରରେ ସ୍ଥାପିତ କରିଦେବି ଏବଂ ଈଶ୍ୱରଙ୍କ ନାମକୁ ଉଜ୍ଜ୍ୱଳ କରିଦେବି । ହଁ ସେହି ବନ୍ଧୁମାନଙ୍କ ଠାରୁ ଯେଉଁମାନଙ୍କର ହୃଦୟ ମୋର ହୃଦୟ ସହିତ ଏବଂ ସେମାନଙ୍କର ଆତ୍ମା ମୋ ଆତ୍ମା ସହିତ, ସେମାନଙ୍କର ଇଚ୍ଛା ମୋ ଇଚ୍ଛା ସହିତ, ଯେଉଁମାନଙ୍କ ଅଭିଳାଷା ମୋ ଅଭିଳାଷା ସହିତ ସଂପୂର୍ଣ୍ଣ ରୂପେ ଏକତ୍ରିତ ହୋଇଯାଇଥିଲା । ଏପର୍ଯ୍ୟନ୍ତକି ଉକ୍ତ କବିତାର ବିଷୟବସ୍ତୁ ମୋ ଉପରେ ଚରିତାର୍ଥ ହେଉଥିଲା,

من تُو شدم تُو من شدی
من تن شدم تُو جاں شدی
تا کس نگوید بعد ازیں
من دیگرم تُو دیگری

ଏହା କେତେ ଦୁଃଖଦାୟକ ଥିଲା, କିପରି ଆଶ୍ଚର୍ଯ୍ୟଜନକ ଥିଲା ଯେ, ସେହି ହୃଦୟ ଯାହା ଉକ୍ତ ପ୍ରେମରୁ ଅପରିଚିତ ଅଟେ ଯାହାକି ମୋତେ ଜମାଅତ୍ ସହିତ ରହିଛି । ସେହିପରି ସେହି ହୃଦୟ ଯାହା ଉକ୍ତ ପ୍ରେମରୁ ଅପରିଚିତ ଅଟେ ଯାହା ଅହେମଦି ଜମାଅତ୍‌କୁ ମୋ ସହିତ ରହିଛି । ସେହି ବ୍ୟକ୍ତି ଉକ୍ତ ଅବସ୍ଥାକୁ କଦାପି ଆକଳନ କରିପାରିବ ନାହିଁ । (ଅର୍ଥାତ୍ ହୁଜୁର ଜମାଅତ୍‌କୁ ଏତେ ଭଲ ପାଉଥିଲେ ଏବଂ ଜମାଅତ୍ ମଧ୍ୟ ହୁଜୁର ର.ଅଙ୍କୁ ବହୁତ ଭଲ ପାଉଥିଲା ।) କିଏ ସେହି ବ୍ୟକ୍ତି ଯିଏ ଉକ୍ତ ବ୍ୟଥା ଏବଂ ବେଦନା ସହିତ ଅବଗତ ହୋଇ ପାରିବ ଯେଉଁ ବେଦନା, ବ୍ୟଥା ଓ ପୀଡ଼ାରେ ମୁଁ ପିଡ଼ୀତ ଅଟେ ଏବଂ କିଏ ସେହି ବ୍ୟକ୍ତି ଯିଏ ଉକ୍ତ ଅବସ୍ଥା ସହିତ ଅବଗତ ହୋଇ ପାରିବ । ଲୋକମାନେ କହିବେ ଯେ, ବିରହ ସବୁଦିନ ହୋଇଥାଏ ଏବଂ ପୃଥକତା ବା ବିରହତା ଯୁଗର ବିଶେଷତା ମଧ୍ୟରୁ ଅନ୍ୟତମ ବିଶେଷତା ଅଟେ । କିନ୍ତୁ କିଏ ସେହି ବ୍ୟକ୍ତି ଯିଏ ଅନ୍ଧକୁ ସୂର୍ଯ୍ୟ ଦେଖାଇ ପାରିବ, କାଲ ବ୍ୟକ୍ତିକୁ ଡାକ ମାରି ପାରିବ ଏବଂ ହୃଦୟର ଆକର୍ଷଣରୁ ଅବଗତ କରି ପାରିବ । ସେହି ବ୍ୟକ୍ତି କେବେ لِلّٰہ ଓ فِی اللّٰہ ପ୍ରେମର ସ୍ୱାଦକୁ ଆସ୍ୱାଦିତ (ଚାଖିଛି) କରିଛି । ଅର୍ଥାତ୍ ସେ ଉକ୍ତ ଆନନ୍ଦ ଏବଂ ଉକ୍ତ ବ୍ୟଥାକୁ ଅନୁଭବ କରିବ । ସେହି ବ୍ୟକ୍ତି ଉକ୍ତ ପିଆଲାକୁ (ପାତ୍ର)କେତେବେଳେ ପାନ କରିଥିବ ? ସେହି ପିଆଲାରେ ଥିବା ମଧୁକୁ ପାନ କରି ସେହି ବ୍ୟକ୍ତି ମତୁଆଲା କରିପକାଉଥିବା ଅବସ୍ଥା ପ୍ରତି ଅବଗତ ହେବ । ସଂସାରରେ ନେତାମାନେ ଅଛନ୍ତି ଏବଂ ସେହି ନେତାମାନଙ୍କର ସମର୍ଥକମାନେ ଅଛନ୍ତି, ଯଦି ପ୍ରେମୀ ରହିଛନ୍ତି ତେବେ ପ୍ରେମିକ ମଧ୍ୟ ରହିଛି କିନ୍ତୁ :

ہر گلے را رنگ و بوئے دیگر است

ଅର୍ଥାତ୍ ପ୍ରତ୍ୟେକ ପୁଷ୍ପ (ଫୁଲ) ଏବଂ ପୁଷ୍ପର ସୁଗନ୍ଧ (ବାସ୍ନା) ମଧ୍ୟ ଭିନ୍ନ ଭିନ୍ନ ଅଟେ । ହସ୍ତ (ହାତ) ସେହି ପୁଷ୍ପକୁ କେତେବେଳେ ମାଳାରେ ଗ୍ରଥିତ (ଗୁନ୍ଥିବା) କରିଛି ? ଆହା ! ଅବୋଧ ବ୍ୟକ୍ତିମାନେ କ'ଣ ଜାଣନ୍ତି ଯେ, ଈଶ୍ୱରଙ୍କ ଦ୍ୱାରା ଗ୍ରଥିତ ଏବଂ ଭକ୍ତମାନଙ୍କ ହାତରେ ଗୁନ୍ଥା ହୋଇଥିବା ମାଳାରେ ପାର୍ଥକ୍ୟ ରହିଛି ? ବ୍ୟକ୍ତି ଯେତେ ମୋତି (ମାଣିକ୍ୟ)ମାଳାରେ ଗୁନ୍ଥି ଦେଉ ପଛେ କିନ୍ତୁ ତଥାପି ସମସ୍ତ ମୋତି (ମାଣିକ୍ୟ) ପରସ୍ପର ଠାରୁ ଭିନ୍ନ ଅଟନ୍ତି ଓ ଭିନ୍ନ ରୁହନ୍ତି । କିନ୍ତୁ ଈଶ୍ୱରଙ୍କ ଦ୍ୱାରା ଏବଂ ତାହାଙ୍କ ହସ୍ତ ଦ୍ୱାରା ଗ୍ରଥିତ (ଗୁନ୍ଥା ହୋଇଥିବା) ରତ୍ନ ମାଣିକ୍ୟ କେବେ ବି ପୃଥକ୍ ଓ ଭିନ୍ନ ଭିନ୍ନ ରୁହନ୍ତି ନାହିଁ । ସେହି ରତ୍ନ ମାଣିକ୍ୟ ଗୁଡ଼ିକ ଇହ ଜଗତରେ ମଧ୍ୟ ଏକତ୍ରିତ ହୋଇ ରୁହନ୍ତି ଏବଂ ପର ଜଗତରେ ମଧ୍ୟ ସେହି ରତ୍ନ ମାଣିକ୍ୟଗୁଡ଼ିକୁ

ଏକତ୍ରିତ କରି ରଖା ଯାଇଥାଏ । ପୁନଶ୍ଚ ସେହି ହୃଦୟମାନଙ୍କର ସଂଲଗ୍ନ ଏବଂ ସେମାନଙ୍କ ହୃଦୟର ଅନନ୍ୟତା ଉପରେ ଅନ୍ୟ କୌଣସି ଜମାଅତ୍ କିମ୍ବା ଅନ୍ୟ କୌଣସି ବ୍ୟକ୍ତିର ପରିକଳ୍ପନା କରିବା ଅବୋଧତା ନୁହେଁ ତ' ଆଉ କ'ଣ ଅଟେ ?

ଅତଃ ଉକ୍ତ ଯାତ୍ରାର ସେହି ଗୋପନ ପ୍ରେମକୁ ଅର୍ଥାତ୍ ଯେଉଁ ଗୋପନ ପ୍ରେମ ଅହେମଦିମାନଙ୍କୁ ମୋ ସହିତ ଥିଲା (ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କୁ ଜମାଅତ୍ ଭଲ ପାଉଥିଲା) ଏବଂ ମୁଁ ସେହି ଜମାଅତ୍‌କୁ ଭଲ ପାଉଥିଲି । ତାହାକୁ (ସେହି ପ୍ରେମକୁ) କାଢି ବାହାରକୁ କରି ଦିଆଗଲା । ଆମର ଲୁକ୍କାୟିତ ହୋଇଥିବା ରହସ୍ୟ ପ୍ରକଟିତ ହୋଇଗଲା । ସେହିପରି ସେମାନଙ୍କର ରହସ୍ୟ ମଧ୍ୟ ଉଦ୍‌ଘାଟିତ ବା ପ୍ରକଟିତ ହେବା ଯଥାର୍ଥ ଥିଲା ।

نہاں کے ماند آں رازے کزو سازند محفلہا

ଅର୍ଥାତ୍ ହେ ପ୍ରିୟଜନମାନେ ! ମୁଁ ଆପଣମାନଙ୍କ ଠାରୁ ବହୁ ଦୂରରେ ରହିଛି, ମୋ ଶରୀର ତୁମମାନଙ୍କ ଠାରୁ ବହୁ ଦୂରରେ ରହିଛି । କିନ୍ତୁ ମୋର ଆତ୍ମା ତୁମମାନଙ୍କ ଠାରୁ ଦୂରରେ ନାହିଁ । ମୋ ଶରୀରର ପ୍ରତ୍ୟେକଟି କଣିକା ଏବଂ ମୋର ଆତ୍ମାର ପ୍ରତ୍ୟେକ ଶକ୍ତି ତୁମମମାନଙ୍କ ସକାଶେ ଦୁଆରେ ନିମଜ୍ଜିତ ରହିଛି । ଶୋଇବା ଚେଇଁବା ସମୟରେ ମଧ୍ୟ ମୋର ହୃଦୟ ତୁମମାନଙ୍କର କଲ୍ୟାଣ ନିମନ୍ତେ ଚିନ୍ତିତ ଅଟେ ।

ମୁଁ ନିଜର ଅଭିପ୍ରାୟ ସଂକ୍ରାନ୍ତରେ ଜାହାଜରେ ଏକ ଅଂଶର ନିଷ୍ପତ୍ତି ଓ ନିର୍ଣ୍ଣୟ ନେଇ ସାରିଛି ଏବଂ ତାହାକୁ ମୁଁ ଯଥା ସମୟରେ ପ୍ରକଟତି ତଥା ପ୍ରକାଶ କରିବି । କିନ୍ତୁ ମୁଁ ତୁମମାନଙ୍କୁ ଏହି ଆଶ୍ୱାସନା ଦେଉଅଛି ଯେ, ମୋର ଯେଭଳି ବିଶ୍ୱାସ ରିହଥିଲା ଯେ, ଭାରତ ବର୍ଷରେ ଯଦି ଇସ୍‌ଲାମ୍ ଧର୍ମ ବ୍ୟାପୀ ପାରୁଛି ତେବେ ଆପଣମାନଙ୍କ ମାଧ୍ୟମରେ ହିଁ ବ୍ୟାପୀ ପାରିବ। ବର୍ତ୍ତମାନ ଏହାଠୁ ବି ଅଧିକ ବିଶ୍ୱାସ ରହିଛି । ଆହ! ତୁମେମାନ ହିଁ ଈଶ୍ୱରଙ୍କ ସେହି ଆକାଶ ଅଟ ଯେଉଁ ଆକାଶ ଉପରେ ପ୍ରଭୁ ରାଜତ୍ୱ କରୁଛନ୍ତି । ପ୍ରଭୁ ତୁମମାନଙ୍କୁ ଆଲୋକ ପ୍ରଦାନ କଲେ । ହେଲେ ଅପରପକ୍ଷେ ସଂସାର ଅନ୍ଧକାର ମଧ୍ୟରେ ରହିଛି ।

ତୁମକୁ ପ୍ରଭୁ ସାହସ ପ୍ରଦାନ କରିଛନ୍ତି । କିନ୍ତୁ ସଂସାର ନିରାଶାର ଶିକାର ହେଉଅଛି । ଈଶ୍ୱର ତୁମମାନଙ୍କୁ କଲ୍ୟାଣ ପ୍ରଦାନ କରିଛନ୍ତି । କିନ୍ତୁ ଅପରପକ୍ଷେ ସଂସାର ତାହା (ଈଶ୍ୱର)ଙ୍କ କୋପକୁ ନିଜ ଉପରେ ଅବତୀର୍ଣ୍ଣ କରୁଅଛି । ତୁମେମାନେ ପରା ଈଶ୍ୱରଙ୍କ ସେହି ପବିତ୍ର ସଂପ୍ରଦାୟ ଅଟ । ତୁମମାନଙ୍କ ହୃଦୟ ତାହାଙ୍କ ଆକାଶରେ ରହିଛି । ଆହ୍ ! ଅନ୍ଧ ସଂସାରକୁ କ'ଣ ବା ଜଣା ଯେ, ଯେତେବେଳେ ଜଣେ ଅହେମଦି ସେମାନଙ୍କ ଗ୍ରାମ, ସାହିରେ ବିଚରଣ କଲେ ସେତେବେଳେ ସେହି ଅହେମଦି ଈଶ୍ୱରଙ୍କର ସୂର୍ଯ୍ୟ ଅଟେ । ସେହି ସୂର୍ଯ୍ୟ ଅର୍ଥାତ୍ ଅହେମଦି ବ୍ୟକ୍ତି ଉକ୍ତ ଅନ୍ଧକାରକୁ ଆଲୋକିତ କରିଥାଏ ।

କିନ୍ତୁ ଅନ୍ଧ ବ୍ୟକ୍ତିକୁ କିଏ ବା ଆଲୋକ ଦେଖାଇ ପାରିବ ? କିଏ ବା ଅନ୍ଧ ବ୍ୟକ୍ତିକୁ ଚକ୍ଷୁଷ୍ମାନ୍ କରି ପାରିବ ? ସୁନ୍ଦର ମୁଖମଣ୍ଡଳ ଅସୁନ୍ଦର ମୁଖମଣ୍ଡଳ ଅପେକ୍ଷା ଅଧିକ ଉତ୍ତମ ବୋଲି ଜ୍ଞାତ ହୋଇଥାଏ । ମୁଁ ସଂସାରକୁ ଦେଖି ଉକ୍ତ ଜମାଅତ୍‌ର ସୌନ୍ଦର୍ଯ୍ୟକୁ ଅବଲୋକନ କରୁଅଛି । ଏପିର ହୁଅନ୍ତା କି ଲୋକମାନେ ମୋର ଚକ୍ଷୁକୁ ନେଇ ନିଅନ୍ତେ ଏବଂ ତା' ପରେ ଯାଇ ସେମାନେ କୁହନ୍ତେ ଯେ, ଏପରି ହୁଅନ୍ତା କି ସେମାନଙ୍କୁ ମୋର କର୍ଣ୍ଣ (କାନ) ମିଳନ୍ତା । ସେମାନେ ସେହି କର୍ଣ୍ଣ (କାନ) ସାହାଯ୍ୟରେ ଶୁଣିପାରି ଥାଆନ୍ତେ। ସେତେବେଳେ ସେମାନେ ତୁମ ମଧ୍ୟରେ ତାହା ଦେଖି ଥାଆନ୍ତେ ଯାହାକୁ ଦେଖିବା ଏବା ଶୁଣିବାର ସେମାନେ ଆଶା କରି ନଥିଲେ । କିନ୍ତୁ ପ୍ରତ୍ୟେକ ପ୍ରସଙ୍ଗ ନିମନ୍ତେ ଏକ ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରିତ ହୋଇଥାଏ ।

ସେହି ଦିନ ଓ ସେହି ସମୟ ଯେତେବେଳେ ଆସେ ସେତେବେଳେ ମସିହ୍ ମଉଦ୍ ଅ.ସଙ୍କ ଅଲୌକକି ଐଶୀ ଶକ୍ତିକୁ ଲୋକମାନେ ଅବଲୋକନ କରିବେ । ଏପରି ହୁହନ୍ତା କି ଯେତେବେଳେ ସେହି ଈଶ୍ୱରଙ୍କ ମଲ୍ଲ (ପହିଲମାନ) ଯେତେବେଳେ ବିଜୟୀ ହେବେ ସେହି ଦିନକୁ ଅବଲୋକନ କରିବାକୁ ସକ୍ଷମ ହୋଇ ପାରିବୁ ।

ହେ ପ୍ରିୟଜନମାନେ ! ବର୍ତ୍ତମାନ ମୁଁ ନିଜର ପତ୍ରକୁ ସମାପ୍ତ କରୁଛି । କିନ୍ତୁ ଏହା କହି ଦେବାକୁ ଚାହୁଁଛି ଯେ, ସଫା ସୁଥୁରା ଏବଂ ପରିଷ୍କାର ପରିଚ୍ଛନ୍ନ ବସ୍ତ୍ରର ଯତ୍ନ ନେବାର ଆବଶ୍ୟକତା ଅଧିକ ହୋଇଥାଏ । କାରଣ ମଇଳା ଏବଂ ଅପରିଷ୍କାର ବସ୍ତ୍ର ଓ ବସ୍ତୁ ଉପରେ ଆହୁରି ମଇଳା ଯେତେବେଳେ ଲାଗିଯାଏ ସେତେବେଳେ ମଇଳା ସଂପର୍କରେ ବ୍ୟକ୍ତିକୁ କିଛି ଜଣା ନଥାଏ ଯ, କେତେବେଳେ ଏହି ମଇଳା ତା' ବସ୍ତ୍ରରେ ଲାଗି ଯାଇଛି ।

ସୁତରାଂ ତୁମେମାନେ ନିଜକୁ ପରିଷ୍କାର ଓ ପରିଚ୍ଛନ୍ନ ରଖ । ପବିତ୍ର ଈଶ୍ୱର ତୁମମାନଙ୍କ ମାଧ୍ୟମରେ ହିଁ ନିଜର ପବିତ୍ରତାକୁ ପ୍ରକାଶିତ କରିବେ ଏବଂ ନିଜର ମୁଖମଣ୍ଡଳରୁ ପରଦା ହଟାଇ ଦେବେ । ଏକତା, ପ୍ରେମ, ବଳିଦାନ, ସମର୍ପଣ, ଆଜ୍ଞା ପଳନ, ମାନବ ଜାତି ପ୍ରତି ସହାନୁଭୂତି ପ୍ରଦର୍ଶନ, ଦୟା, କ୍ଷମା, ଉପକାର ଓ ଧର୍ମପରାୟଣତା ମାଧ୍ୟମରେ ନିଜକୁ ସର୍ବାଧିକ ରୂପେ ଈଶ୍ୱରଙ୍କ ଅସ୍ତ୍ର କରିବାକୁ ସକ୍ଷମ ଓ ଯୋଗ୍ୟ କରାଅ ।

ମନେରଖ ! ତୁମମାନଙ୍କର କୁଶଳତା ହିଁ ଆଜି ଧର୍ମର କୁଶଳତା ଅଟେ। ତୁମମାନଙ୍କର ବିନାଶ ହିଁ ଧର୍ମର ବିନାଶ ଅଟେ । ସଂସାର ତୁମକୁ ଧ୍ୱଂସ କରିବା ନିମନ୍ତେ ଉଦ୍ୟମ କରିଥାଏ । କିନ୍ତୁ ମୁଁ ଏଥି ପ୍ରତି ଚିନ୍ତିତ ନୁହେଁ। ତୁମେମାନେ ଯଦି ଈଶ୍ୱରଙ୍କୁ ରୁଷ୍ଟ କରି ସ୍ୱୟଂକୁ ଧ୍ୱଂସ କରିଦେଇ ନାହଁ ସେପର୍ଯ୍ୟନ୍ତ ସଂସାର ତୁମମାନଙ୍କୁ କଦାପି ଧ୍ୱଂସ କରି ପାରିବ ନାହିଁ । କାରଣ ଈଶ୍ୱର ତୁମମାନଙ୍କୁ ବୃଦ୍ଧି ହେବା ନିମନ୍ତେ ସୃଷ୍ଟି କରିଛନ୍ତି । ଧ୍ୱଂସ ହେବା ନିମନ୍ତେ ସୃଷ୍ଟି କରି ନାହାନ୍ତି ।

ଅନେକ କିଛି କଥା ଲେଖିବାକୁ ମୋ ମନରେ ଇଚ୍ଛା ସୃଷ୍ଟି ହେଉଛି । କିନ୍ତୁ ବର୍ତ୍ତମାନ ରାତି 2.00ଟା ବାଜିବାକୁ ଯାଉଛି । ଅତଏବ୍ ମୁଁ ନିଜର ଉକ୍ତ ପତ୍ରକୁ ଏଠାରେ ସମାପ୍ତ କରୁଛି । ଅଲ୍ଲାଃତାଲା ଆପଣମାନଙ୍କ ସାଥିରେ ଥାଆନ୍ତୁ ଏବଂ ଆମ ସହିତ ମଧ୍ୟ ଥାଆନ୍ତୁ । **ଆମିନ୍** ।

ବିନୀତ

ମିର୍ଜା ମେହ୍‌ମୁଦ୍ ଅହେମଦ୍

1924 ମସିହା ଜୁଲାଇ ମାସ 22 ତାରିଖ

☆--☆--☆

## ଓଡ଼ିଆ ନଜମ୍

## ସର୍ବଶକ୍ତିମାନ ଦୟାମୟ ଅଲ୍ଲାଃତାଲାଙ୍କ ଗୌରବ ଗାଥା

ରହିମ୍ ଖାଁ (ମୁନ୍ନା)

ନିରାକାର ଶକ୍ତି କର ତାକୁ ଭକ୍ତି
ଡାକ୍ ତାକୁ ପାଞ୍ଚବେଳା

କ୍ଷମାଦାତା ସେହି ଜ୍ଞାନ ଦାତା ସେହି
ସେହି ଦୟାମୟ ଅଲ୍ଲାଃ

ନମାଜ ପଢ ହେ କୋରାନ ପଢ ହେ
ନ ରଖ ମନେ ଗରବ

ସବୁର ମାଲିକ ଅଟେ ସେହି ଶକ୍ତି
ଆମେ ତ' ଛାର ମାନବ

ଆସିଛେ ରେ ଆମେ ସ୍ୱଳ୍ପ କାଳ ପାଇଁ
କି ହୋଇବ ଆମ ସାଥି

ଧର୍ମ ଏକ ସିନା ସାଥିରେ ଯିବଟି
ସବୁ ତ' ଖାଇବ ମାଟି

ଆସ ମାଆମାନେ ଆସ ଭାଇମାନେ
ଭୁଲି ମନୁ ଭେଦଭାବ

ସର୍ବେ ମିଳି ହୋଇ ଏକ ମନ ହୋଇ
ଗାଇବା ଅଲ୍ଲାଃ ଗୌରବ

ଆହେ ଦୟାମୟ ଶୁଣ ମୋର ଭବ
ଏତିକି ଗୁହାରୀ ଶୁଣ

ଦିଅ ମୋତେ ଶକ୍ତି କର ମୋତେ ମୁକ୍ତି
ମୁଁ ଅଟେ ପାପି ରହିମ୍ ।।

☆--☆--☆
☆--☆--☆ ☆--☆--☆
☆--☆--☆

# ହ. ମୁସ୍‌ଲେହ୍ ମଉଦ୍ ଖଲିଫତୁଲ୍ ମସିହ୍ ସାନି (ଦ୍ୱିତୀୟ ଖଲିଫା) ର.ଅଙ୍କ 1924 ମସିହାରେ ଇଉରୋପ ଯାତ୍ରାରୁ ପ୍ରତ୍ୟାବର୍ତ୍ତନ ।

(ମୁହମ୍ମଦ ଶରୀପ୍ କୌସର୍ ସାହେବ, ମୁବଲ୍ଲିଗ୍ ସିଲ୍‌ସିଲା ନଶ୍ରୋ ଇଶାଅତ୍, କାଦିୟାନ୍)

**କାଦିଆନ୍‌ରେ ଆପଣ ର.ଅଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଏବଂ ଆନନ୍ଦ ଓ ଉଲ୍ଲାସର ପରିବେଶ:**

ଅଲ୍ଲାଃତାଲା ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ହୃଦୟରେ ନିଜ ଖଲିଫାଙ୍କ ପ୍ରତି ଅସୀମ ପ୍ରେମ, ଆନ୍ତରୀକତା, ନୈଷ୍ଠିକତା ଏବଂ ବିଶ୍ୱସ୍ତତା ପ୍ରବିଷ୍ଟ କରି ରଖିଛନ୍ତି । ଜମାଅତ୍‌ର ସଦସ୍ୟବୃନ୍ଦ ନିଜର ପ୍ରିୟ ଖଲିଫାଙ୍କୁ ବହୁତ ଭଲ ପାଆନ୍ତି । ତାହାଙ୍କ ଆଦେଶାବାଳୀ ଉପରେ କାର୍ଯ୍ୟାନୁସରଣ କରିବା ନିମନ୍ତେ ଯଥା ସମ୍ଭବ ପ୍ରୟାସ କରନ୍ତି । ଜମାଅତ୍‌ର ସଦସ୍ୟବୃନ୍ଦ ସର୍ବଦା ଉପସ୍ଥିତ ଖଲିଫାଙ୍କ ନିମନ୍ତେ ଦୁଆ କରିଥାଆନ୍ତି ।

ଉପସ୍ଥିତ ଖଲିଫା ଯେଉଁଠାକୁ ବି ଯାଆନ୍ତି ସେଠାରେ ଲୋକମାନଙ୍କ ମଧ୍ୟରେ ତାଙ୍କ ସହିତ ଏକ ବିଶେଷ ଆଧ୍ୟାତ୍ମିକ ସଂପର୍କ ସୃଷ୍ଟି ହୋଇଯାଇଥାଏ । ଧାର୍ମିକ ଆବଶ୍ୟକତା ସକାଶେ ଯଦି ଉପସ୍ଥିତ ଖଲିଫାଙ୍କୁ କିଛି ଦିନ ପାଇଁ ବାହାରକୁ ଏବଂ ଦୂରକୁ ଯିବାକୁ ପଡୁଥିଲା ତେବେ ସେପରିପ୍ରେକ୍ଷୀରେ ଖଲିଫାଙ୍କ ମର୍କଜ୍ (କେନ୍ଦ୍ର)ରୁ ଦୂରେଇ ରହିବା ଅତ୍ୟନ୍ତ କଷ୍ଟକର ଥିଲା । ସେମାନେ ବ୍ୟଗ୍ରତାର ସହିତ ନିଜର ପ୍ରିୟ ମୁନିବଙ୍କ ଫେରିବା ବାଟକୁ ଅପେକ୍ଷା କରି ବସି ଥାଆନ୍ତି ।

ଏହିପରି କିଛି ପରିସ୍ଥିତି 1924 ମସିହାରେ କାଦିୟାନ୍‌ର ମଧ୍ୟ ଥିଲା। ଯେତେବେଳେ ହ. ମୁସ୍‌ଲେହ୍ ମଉଦ୍ ର.ଅ ଇଉରୋପ ଯାତ୍ରାରେ ଯାଇଥିଲେ । ଜମାଅତର ସଦସ୍ୟବୃନ୍ଦ ଅତ୍ୟନ୍ତ ଆତୁରତାର ସହିତ ହୁଜୁର୍ ର.ଅଙ୍କ ଫେରିବା ବାଟକୁ ଅପେକ୍ଷା କରି ବସିଥିଲେ । ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ର.ଅଙ୍କ ସକାଶେ ଦୁଆରେ ସଦସ୍ୟବୃନ୍ଦ ନିମଜ୍ଜିତ ଥିଲେ । ପରିଶେଷରେ ସେହି ମଙ୍ଗଳମୟ ମୁହୂର୍ତ୍ତ ଆସିଗଲା ଯେତେବେଳେ ହୁଜୁର୍ ର.ଅ କାଦିୟାନ୍ ନିମନ୍ତେ ଲଣ୍ଡନରୁ ପ୍ରସ୍ଥାନ କଲେ ।

**ଲଣ୍ଡନ୍‌ରୁ ପ୍ରସ୍ଥାନ ଏବଂ ବମ୍ବେରେ ଆଗମନ:**

ହ. ଖଲିଫତୁଲ୍ ମସିହ୍ ସାନି ର.ଅ 1924 ମସିହା ଅକ୍ଟୋବର ମାସ 24 ତାରିଖ ଦିନ ମସ୍‌ଜିଦ୍ ଫଜଲ ଲଣ୍ଡନ୍‌ରେ ପ୍ରଥମ ଶୁକ୍ରବାର ନମାଜ୍ ପାଠ କରାଇଲେ । ଲଣ୍ଡନ୍‌ରୁ ପ୍ରସ୍ଥାନ ପୂର୍ବରୁ ହୁଜୁର ର.ଅ କହିଲେ, "ମୋ ନିକଟରେ ଇଂଲଣ୍ଡ ବିଜୟର ମୂଳଦୁଆ ରଖି ଦିଆଯାଇଛି । ଆକାଶ ଉପରେ ଉକ୍ତ ବିଜୟର ମୂଳଦୁଆ ରଖାଯାଇଛି ଏବଂ ତାହାର ଘୋଷଣା ସ୍ଥଳଭାଗରେ ଯଥା ସମୟରେ ହୋଇଯିବ । ଶତ୍ରୁ ହସିବାକୁ ଲାଗିଲା ଏବଂ କହିବାକୁ ଲାଗିଲା । ଉକ୍ତ ପ୍ରମାଣହୀନ ଦାବି ତ' ପ୍ରତ୍ୟେକ ବ୍ୟକ୍ତି କରିପାରିବ । କିନ୍ତୁ ସେହି ବ୍ୟକ୍ତିକୁ ହସିବାକୁ ଦିଅ । କାରଣ ସେହି ବ୍ୟକ୍ତି ଅନ୍ଧ ଅଟେ ଏବଂ ବାସ୍ତବତାକୁ ସେ ଦେଖି ପାରିବ ନାହିଁ । "

**ଅକ୍ଟୋବର ମାସ 25 ତାରିଖ ଦିନ ହୁଜୁର ର.ଅ ଲଣ୍ଡନ୍‌ରୁ ପ୍ରସ୍ଥାନ କରିଥିଲେ:**

ୱାଟର ଲୋ ଷ୍ଟେସନ୍ ଯେଉଁ ଠାରୁ ହୁଜୁର୍ ର.ଅ ନିଜର ଖୁଦ୍ଦାମ୍‌ମାନଙ୍କ ସହିତ ବାହାନ ଉପରେ ଆରୋହଣ ହୋଇଥିଲେ । ସେହି ଷ୍ଟେସନ୍‌ରେ ଅନେକ ଇଉରୋପୀୟ ମହିଳା ଓ ପୁରୁଷମାନଙ୍କ ବ୍ୟତୀତ ଭାରତୀୟ ଏବଂ ଆଫ୍ରିକୀୟ ଲୋକମାନେ ହୁଜୁର ର.ଅଙ୍କୁ ବିଦାୟ ଜଣାଇବା ନିମନ୍ତେ ଉପସ୍ଥିତ ଥିଲେ । ଅତ୍ୟନ୍ତ ପ୍ରେମମୂଳକ କରମର୍ଦ୍ଦନ (ହାତ ମିଳାଇବା) ପରେ ପ୍ରତ୍ୟେକ ବ୍ୟକ୍ତି ଖୁଦା ହାଫିଜ୍ (ଭଗବାନ ଆପଣଙ୍କ ରକ୍ଷା କରନ୍ତୁ) କହିଲେ ଏବଂ ଫଟୋଗ୍ରାଫର୍ (ଫଟୋ ଉତ୍ତୋଳନକାରୀ) ଫଟୋ ଉତ୍ତୋଳନ କଲା। ଲଣ୍ଡନ୍‌ରୁ ଗାଡ଼ି ସାଉଥ୍ ପଟନ୍ ପହଞ୍ଚିଲା । ସେଠାରୁ ହୁଜୁର ର.ଅ ନିଜର ସାଥିମାନଙ୍କ ସହିତ ରାତ୍ର 12.00 ଘଟିକା ସମୟରେ ସାମୁଦ୍ରିକ ଜାହଜ ଦ୍ୱାରା ଇଂଲଣ୍ଡ ସମୁଦ୍ର ଅତିକ୍ରମ କଲେ ।

ହୁଜୁର ର.ଅ ଅକ୍ଟୋବର ମାସ 26 ତାରିଖ ଦିନ 8.30 ମିନିଟ୍ ସମୟରେ ଯାନ ଦ୍ୱାରା ଆରୋହଣ ହୋଇ ପ୍ୟାରିସ୍ ପହଞ୍ଚିଲେ । ପ୍ୟାରିସ୍‌ରେ ହୁଜୁର ର.ଅଙ୍କ ଅବସ୍ଥାନ ଖୁବ୍ କମ୍ ସମୟ ପାଇଁ ଥିଲା । ଉକ୍ତ ଯାତ୍ରା ସଫଳ ରହିଲା । ଦୈନିକ ଖବର କାଗଜର ସାମ୍ବାଦିକମାନେ ସାକ୍ଷାତ୍ କରିବା ନିମନ୍ତେ ଧାଇଁ ଆସିଲେ । ପ୍ୟାରିସ୍‌ର ନୂତନ ଭାବରେ ନିର୍ମିତ ହୋଇଥିବା ସରକାରୀ ମସ୍‌ଜିଦ୍‌ରେ ପ୍ରଥମ ଥର କରି ହୁଜୁର ର.ଅ ନମାଜ ପାଠ କରାଇଥିଲେ । ପ୍ରେସ୍‌ର ପ୍ରତିନିଧିମାନେ ଏବଂ ସିନେମା କମ୍ପାନୀର ପ୍ରତିନିଧିମାନେ ଫଟୋ ନିମନ୍ତେ ଧାଇଁ ଆସିଲେ । ସେହି ଫଟୋ ଚିତ୍ରକୁ ସିନେମା କମ୍ପାନୀ ଏବଂ ଖବରକାଗଜ ପ୍ରତିନିଧି ତଥା ସାମ୍ବଦିକମାନେ ଦୈନିକ ଖବରକାଗଜରେ ପ୍ରକାଶ କଲେ ।

ହୁଜୁର ର.ଅ ଅକ୍ଟୋବର ମାସ 31 ତାରିଖ ଦିନ ପ୍ୟାରିସ୍‌ରୁ ପ୍ରସ୍ଥାନ କଲେ। ନଭେମ୍ବର ମାସ 2 ତାରିଖ ଦିନ ରାତ୍ର ସମୟରେ ଭିନସ୍ (ଇଟାଲୀ)ରୁ ସାମୁଦ୍ରିକ ଜାହାଜରେ ଅରୋହଣ ହୋଇ ନ୍ୟୁନାଧିକ 16 ଦିନର ସାମୁଦ୍ରିକ ଯାତ୍ରା ପରେ 1924 ମସିହା ନଭେମ୍ବର ମାସ 18 ତାରିଖ ଦିନ ବମ୍ବେର ଉପକୂଳ ଠାରେ ପହଞ୍ଚିଲା । ବମ୍ବେ ଉପକୂଳରେ ଜମାଅତ୍ ଅହେମଦିୟାର ପ୍ରାୟ 200 ଜଣ ସଦସ୍ୟ ଭାରତବର୍ଷର ବିଭିନ୍ନ ପ୍ରାନ୍ତରୁ ଆସିଥିଲେ । ସେହି ସଦସ୍ୟମାନେ ଅତ୍ୟନ୍ତ ଉଷ୍ମ ଉତ୍ସାହର ସହିତ ହୁଜୁର ର.ଅଙ୍କୁ ସ୍ୱାଗତ ଜଣାଇଲେ ଏବଂ ପ୍ରେସର ପ୍ରତିନିଧି ଅର୍ଥାତ୍ ସାମ୍ବାଦିକମାନେ ହୁଜୁର ର.ଅଙ୍କ ଫଟୋ ଉତ୍ତୋଳନ କଲେ । ହ. ମୁଫ୍‌ତି ମୁହମ୍ମଦ୍ ସାଦିକ୍ ସାହେବ ର.ଅ ଭାରତ ବର୍ଷର ସମସ୍ତ ଜମାଅତ୍‌ର ସଦସ୍ୟଙ୍କ ପକ୍ଷରୁ ମାନପତ୍ର ଅର୍ଥାତ୍ ଅଭିନନ୍ଦନ ପତ୍ର ଉପସ୍ଥାପିତ କଲେ। ଏଠାରୁ ହୁଜୁର ର.ଅ ଲିୟାକତ୍ ମନଜିଲ୍ ଠାରେ ପହଞ୍ଚିଲେ ଏବଂ ମହୋଦୟ ସୟେଦ୍ ମୁହମ୍ମଦ ରିଜ୍‌ୱି ସାହେବଙ୍କ ଘରେ ଅତିଥି ହେଲେ । ବମ୍ବେର ସମସ୍ତ ଖବର କାଗଜମାନଙ୍କ ସାମ୍ବାଦିକମାନେ ହୁଜୁର ର.ଅଙ୍କ ଇଉରୋପ ଯାତ୍ରାର ଅବସ୍ଥା ସଂପର୍କରେ ପ୍ରଶ୍ନ ପଚାରିବା ନିମନ୍ତେ ହୁଜୁର ର.ଅଙ୍କ ସହିତ ସାକ୍ଷାତ୍ କଲେ ଏବଂ ହୁଜୁର ର.ଅଙ୍କ ସହିତ ବାର୍ତ୍ତାଳାପ କଲେ ।

**ବମ୍ବେରେ ସକୁଶଳେ ପହଞ୍ଚିବା ପରେ ହୁଜୁର ର.ଅ ଜମାଅତ୍ ଅହେମଦିୟା ନାମରେ ଏକ ଟେଲିଗ୍ରାମ ସନ୍ଦେଶ ପ୍ରେରଣ କଲେ :**

"ହୁଜୁର୍ ର.ଅ କହିଲେ, ମୁଁ ନିଜ ପକ୍ଷରୁ ଏବଂ ଯାତ୍ରାରେ ମୋ ସହିତ ଥିବା ନିଜର ବନ୍ଧୁ ତଥା ସାଥିମାନଙ୍କ ପକ୍ଷରୁ ଜମାଅତ୍‌ର ସମସ୍ତ ସଦସ୍ୟବୃନ୍ଦଙ୍କୁ ଆନ୍ତରୀକତାର ସହିତ କୃତଜ୍ଞତା ଜ୍ଞାପନ କରୁଛି । କାରଣ ଆପଣମାନେ ଆମ ମିଶନର ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଦୁଆ କଲେ। ମୁଁ ଏହି ବିଶ୍ୱାସ ରଖୁଛି ଯେ, ଆମମାନଙ୍କୁ ଯେଉଁ ଆଶ୍ଚର୍ଯ୍ୟକର ସଫଳତା ଯାତ୍ରା ସମୟରେ ପ୍ରାପ୍ତ ହେଲା, ତାହା କେବଳ ଓ କେବଳ ଅଲ୍ଲାଃତାଲାଙ୍କ ବିଶେଷ କୃପା ଓ ତାହାଙ୍କ ଅସୀମ ଦୟା ଯୋଗୁଁ ହିଁ ସମ୍ଭବପର ହୋଇ ପାରିଛି । ପ୍ରତ୍ୟେକ ପାଦରେ ଅଲ୍ଲାଃତାଲା ଆମମାନଙ୍କୁ ସାହାଯ୍ୟ ପ୍ରଦାନ କଲେ ଏବଂ ଆମମାନଙ୍କ ନିମନ୍ତେ ଏପରି ଦ୍ୱାରା ଉନ୍ମୁକ୍ତ କଲେ ଯେତେବେଳେ ଆମମାନଙ୍କୁ କୌଣସି ମାର୍ଗ ଦିଶୁ ନଥିଲା । ମୁଁ ସମସ୍ତ ସଦସ୍ୟଙ୍କୁ ଅନୁରୋଧ କରୁଛି ଯେ, ସେମାନେ ନିଜର ପ୍ରିୟ ମୁନିବଙ୍କ ଉକ୍ତ ବିଶେଷ କୃପାକୁ ସ୍ମରଣ ରଖନ୍ତୁ ଏବଂ ନିଜକୁ ସେହି ବୃହତ୍ ବଳିଦାନ ନିମନ୍ତେ ପ୍ରସ୍ତୁତ ରଖନ୍ତୁ ଯାହାକି ସେମାନଙ୍କୁ ଫଳ ପ୍ରାପ୍ତ ହେବା ନିମନ୍ତେ ଉଦ୍ୟମ କରିବାକୁ ପଡ଼ିବ । ବିଗତ ଚାରି ମାସର କାର୍ଯ୍ୟ ଫଳରେ ଅଲ୍ଲାଃତାଲାଙ୍କ ପକ୍ଷରୁ ଏହାର ସୁଫଳ ଅବଶ୍ୟ ପ୍ରକଟିତ ହେବ.........ଅଲ୍ଲାଃତାଲା ଆମ ସମସ୍ତଙ୍କ ଉପରେ କଲ୍ୟାଣ ଅବତୀର୍ଣ୍ଣ କରନ୍ତୁ ।"

**ହ. ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ଆଗ୍ରା ଗସ୍ତ:**

ହୁଜୁର ର.ଅ 1924 ମସିହା ନଭେମ୍ବର ମାସ 20 ତାରିଖ ଦିନ ବମ୍ବେରୁ ବି.ବି ଆଣ୍ଡ୍.ସି.ଆଇ ରେଳ ମାଧ୍ୟମରେ ପ୍ରସ୍ଥାନ କରି ପରବର୍ତ୍ତୀ ଦିନ ଅର୍ଥାତ୍ 1924 ମସିହା ନଭେମ୍ବର ମାସ 21 ତାରିଖ ଦିନ ଆଗ୍ରା ଠାରେ ପହଞ୍ଚିଥିଲେ । ଆଗ୍ରା ଆସିବା ସମୟରେ ଆପଣ ର.ଅ ଇକ୍ରନ୍ ନାମକ ବିଖ୍ୟାତ ସ୍ଥାନକୁ ଦେଖିଲେ । ଉକ୍ତ ସ୍ଥାନଟି ମାଇଁ ଜମିୟାର ଗ୍ରାମ ଏବଂ ଜମାଅତ୍ ଅହେମଦିୟାର ଯୁଦ୍ଧ ଏବଂ ଜିହାଦ୍‌ର ପ୍ରମୁଖ ସ୍ଥାନ ଭାବରେ ପରିଚିତ । ଆଗ୍ରା ଷ୍ଟେସନ୍‌ରେ ଆପଣ ର.ଅଙ୍କୁ ନୈଷ୍ଠିକପୂର୍ଣ୍ଣ ଭବ୍ୟ ସ୍ୱାଗତ କରାଗଲା । ମିର୍ଜା ଇର୍ଫାନ୍ ଅଲୀ ବେଗ୍ ସାହେବ ଆପଣ ର.ଅଙ୍କ ବେକରେ ପୁଷ୍ପ ମାଲ୍ୟ ପିନ୍ଧାଇଲେ ।

ସୁଫି ମୁହମ୍ମଦ ଇବ୍ରାହିମ୍ ସାହେବ ବି.ଏସ୍.ସି ଅମୀରୁ ମୁଜାହିଦୀନ ଆଗ୍ରା ପକ୍ଷରୁ ଅଖବାର୍ ଅଲ୍ ଅଫଜଲ୍ 1924 ମସିହା ଡିସେମ୍ବର ମାସ 6 ତାରିଖ, ପୃ-7ରେ ନିମ୍ନ ଲିଖିତ ଖବର ପ୍ରକାଶିତ ହେଲା ।

**(ଅବଶିଷ୍ଟାଂଶ ପରବର୍ତ୍ତୀ ସଂଖ୍ୟାରେ.............)**





ମସ୍‌ଜିଦ୍ ଫଜଲ୍ ଲଣ୍ଡନ୍‌ର ଭିତ୍ତି ପ୍ରସ୍ତର ସ୍ଥାପନକୁ ଏକଶତ ବର୍ଷ ପୂର୍ତ୍ତି ଅବସରରେ ଲଣ୍ଡନ୍‌ରେ ଆୟୋଜିତ ହୋଇଥିବା ଏକ ବିଶେଷ ଜଲ୍‌ସା ମାଧ୍ୟମରେ
ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ ଇସ୍‌ଲାମାବାଦ୍ ସ୍ଥିତ ଏମ୍.ଟି.ଏ ଷ୍ଟୁଡ଼ିଓରୁ ଉଦ୍‌ବୋଧନ ଦେଉଥିବାର ମନୋରମ ଦୃଶ୍ୟ





ଉଦ୍‌ବୋଧନ ସମୟର ଶ୍ରୋତାମଣ୍ଡଳୀଙ୍କର ଦୁଇଟି ମନୋରମ ଦୃଶ୍ୟ




ବିଦ୍ୟୁତ୍ ଲିଟୁ ବଲ୍‌ବ୍ ଦ୍ୱାର ସୁସଜ୍ଜିତ ମସ୍‌ଜିଦ୍ ଫଜଲ୍ ଲଣ୍ଡନ୍‌ର ଏକ ସୁନ୍ଦର ଓ ମନୋରମ ଦୃଶ୍ୟ

EDITOR
Qamarul Haque Khan
SUB EDITOR:
SAYED ATAUL WAHAB
Mob : (+91) 8437782443

website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750

The Weekly **BADAR** Qadian

Qadian - 143516 Distt. Gurdaspur (Pb.)

Postal Reg. No.GDP-40/2023-2025 Vol. 9 Thursday-19-26 DECEMBER 2024 Issue No. 51-52

MANAGER
SHAIKH MUJAHID AHMAD
Mobile : +91 99153 79255
e -mail:managerbadrqnd@gmail.com

# ଅଠାନବେ ବର୍ଷ ପୂର୍ବେ ମସ୍‌ଜିଦ୍ ଫଜଲ୍ ଲଣ୍ଡନ୍‌ର ଭବ୍ୟ ଶୁଭୋଦ୍‌ଘାଟନ

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି:

"ଉପଦ୍ରବକାରୀମାନେ ତ' ଏହି ଉଦ୍ୟମ ମଧ୍ୟ କରିଥିଲେ ଯେ, ମସ୍‌ଜିଦ୍ ହିଁ ନିର୍ମାଣ ନହେଉ । କିନ୍ତୁ ଈଶ୍ୱର ସେହି ଉପଦ୍ରବକାରୀମାନଙ୍କ ମୁଖମଣ୍ଡଳକୁ କଳା (ଅର୍ଥାତ୍ ଅକୃତକାର୍ଯ୍ୟ) କରିବା ନିମନ୍ତେ ଜମାଅତ୍‌କୁ କେବଳ ମସଜିଦ୍ ନିର୍ମାଣ କରିବାର ସାମର୍ଥ୍ୟ ପ୍ରଦାନ କଲେ ନାହିଁ । ବରଂ ଏପରି ସାଧନ ମଧ୍ୟ ସୃଷ୍ଟି କଲେ ଯେ, ମସ୍‌ଜିଦ୍ ନିର୍ମାଣ ହେବା ପରେ ମସ୍‌ଜିଦ୍‌ର ଭବ୍ୟ ଶୁଭୋଦ୍‌ଘାଟନ ମଧ୍ୟ ହୋଇଗଲା । ଉକ୍ତ ଶୁଭୋଦ୍‌ଘାଟନ ପର୍ବ ଏପରି ଭବ୍ୟ ଥିଲା ଯେ, ପ୍ରତ୍ୟେକ ବ୍ୟକ୍ତି ଉକ୍ତ କଥାକୁ ସ୍ୱୀକାର କରିବାକୁ ବାଧ୍ୟ ଥିଲା ଯେ, ଏପରି ଉଦାହରଣ ପୂର୍ବେ କେବେ ଉପଲବ୍ଧ ନଥିଲା । ପ୍ରାୟ ଦୁଇ ଶହରୁ ଉର୍ଦ୍ଧ୍ୱ ଖବର କାଗଜମାନଙ୍କରେ ଅତ୍ୟନ୍ତ ବଳିଷ୍ଠ ଶବ୍ଦର ସହିତ ଉକ୍ତ ଶୁଭୋଦ୍‌ଘାଟନ ପର୍ବର ଚର୍ଚ୍ଚା ଉଲ୍ଲେଖ କରାଯାଇଛି। ଖବର କାଗଜରେ ପ୍ରକାଶିତ ସମସ୍ତ ସମ୍ବାଦପତ୍ର ଇଂଲଣ୍ଡର ସମ୍ବାଦପତ୍ର ଅଟନ୍ତି। ଏତଦ୍‌ଭିନ୍ନ ଅନ୍ୟ ଖବର କାଗଜମାନେ ମଧ୍ୟ ଅଛନ୍ତି ଯେଉଁ ଖବର କାଗଜଗୁଡ଼ିକ ଅନ୍ୟ ଦେଶରୁ ପ୍ରକାଶିତ ହୁଅନ୍ତି । ସେହି ସବୁ ସମ୍ବାଦ ପତ୍ରମାନଙ୍କରେ ଉକ୍ତ ଶତବାର୍ଷିକ ସମ୍ବାଦର ଚର୍ଚ୍ଚା ମଧ୍ୟ ହେଉଅଛି ଏବଂ କଟିଂ ମଧ୍ୟ ଆସୁଅଛି । ଅର୍ଥାତ୍ ହସ୍ତଗତ ହେଉଅଛି । ଏହିପରି ଭାବରେ ଏଯାବତ୍ ପ୍ରାୟ କୋଡ଼ିଏ ପଚିଶ କୋଟି ବ୍ୟକ୍ତିମାନେ ଉକ୍ତ କଥାକୁ ଶୁଣି ସାରିଛନ୍ତି ଯେ, ଲଣ୍ଡନ୍‌ରେ ଏକ ମସଜିଦ୍ ନିର୍ମିତ ହୋଇଛି । ଉକ୍ତ ମସ୍‌ଜିଦ୍‌ର ଶୁଭୋଦ୍‌ଘାଟନ ହୋଇଛି । ଉକ୍ତ ମସ୍‌ଜିଦ୍‌କୁ ଅହେମଦି ଜମାଅତ୍ ନିର୍ମାଣ କରିଛି ଏବଂ ଉକ୍ତ ସଂପ୍ରଦାୟର ଧର୍ମାଧ୍ୟକ୍ଷ ହେଉଛନ୍ତି ହ. ମିର୍ଜା ଗୁଲାମ୍ ଅହେମଦ ସାହେବ । ଆପଣ ଅ.ସଙ୍କୁ ଅଲ୍ଲାଃତାଲା ପ୍ରତିଶୃତ ମସିହ୍ କରି ପ୍ରେରଣ କଲେ ଏବଂ ସେହି ଯୁଗାବତାର ହ. ମସିହ୍ ମଉଦ୍ ଅ.ସଙ୍କ ମୁଖ୍ୟ କାର୍ଯ୍ୟ ହେଲା, ଇସ୍‌ଲାମ୍ ଧର୍ମର ପ୍ରକାଶନ ଓ ପ୍ରଚାର ପ୍ରସାର । ସଂସାରର ପ୍ରତ୍ୟେକ ତିନିଜଣ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ବ୍ୟକ୍ତିର ପର୍ଯ୍ୟନ୍ତ ଉକ୍ତ କଥାଟି (ମସଜିଦ୍ ନିର୍ମାଣ କଥା) ପହଞ୍ଚି ଯାଇଛି ଏବଂ ସ୍ୱୟଂ ଇଂଲଣ୍ଡର ସମ୍ବାଦ ପତ୍ର ଲେଖକମାନଙ୍କ ଏବଂ ଅନ୍ୟ ବରିଷ୍ଠ ନେତା ତଥା ପଦାଧିକାରୀ ଲୋକମାନଙ୍କର ଏହି ମତାମତ ରହିଛି ଯେ, ଆମେମାନେ ଯଦି ଦୁଇ କୋଟି ଟଙ୍କା ବ୍ୟୟ ମଧ୍ୟ କରି ଥାଆନ୍ତୁ ତେବେ ଯେତିକି ପ୍ରକାଶନ କାର୍ଯ୍ୟ ବର୍ତ୍ତମାନ ସମ୍ପାଦିତ ହୋଇଅଛି ସେତିକି ପ୍ରକାଶନ କେବେ ବି ସମ୍ଭବପର ହୋଇପାରି ନଥାଆନ୍ତା । ବରଂ କେତେକ ନେତା ତଥା ପଦାଧିକାରୀମାନେ ଏହା ମଧ୍ୟ କହିଛନ୍ତି ଯେ, ଉକ୍ତ ଟଙ୍କାତକ ଯେଉଁ କାର୍ଯ୍ୟ ସମ୍ପାଦନ କରି ଦେଇଛି ଏବଂ ମସଜିଦ୍ ଉପରେ ଯେଉଁ ଅର୍ଥ ବ୍ୟୟ ହୋଇଛି ତାହା ଦୁଇ କୋଟି ଟଙ୍କା କ'ଣ ବରଂ ଦୁଇ କୋଟି ପାଉଣ୍ଡ୍ ଅର୍ଥରେ ମଧ୍ୟ ଉକ୍ତ କାର୍ଯ୍ୟ ସମ୍ପାଦନ ହୋଇପାରି ନଥାଆନ୍ତା । ପୁନଶ୍ଚ ଉକ୍ତ ମସ୍‌ଜିଦ୍‌ର ଶୁଭୋଦ୍‌ଘାଟନ ପର୍ବ ଅବସରରେ ଅନେକ ପ୍ରତିଷ୍ଠିତ ଲୋକମାନେ ତଥା ଜଣାଶୁଣା ବରିଷ୍ଠ ବ୍ୟକ୍ତିମାନେ ମଧ୍ୟ ସାମିଲ୍ ହୋଇଥିଲେ । ତେର ଜଣ ସାଂସଦ ଏବଂ ବିଭିନ୍ନ ଦେଶର ରାଜଦୂତ ଏବଂ ମନ୍ତ୍ରୀ ପାର୍ଷଦ, ନୱାବ୍ ଓ କ୍ଷମତାସୀନ ବିପୁଳ ସଂଖ୍ୟକ ଅନ୍ୟାନ୍ୟ ସମ୍ମାନିତ ନେତାମାନେ ମଧ୍ୟ ଉକ୍ତ ଉତ୍ସବରେ ଅଂଶ ଗ୍ରହଣ କରିଥିଲେ । କେବେଳ ଉତ୍ସବର ସେମାନେ ଯୋଗ ଦେଇ ନଥିଲେ ବରଂ ସେହି ଉଚ୍ଚ ଶ୍ରେଣୀର ଲୋକମାନଙ୍କ ସହିତ ନିମ୍ନ ବର୍ଗର ଲୋକମାନେ ମଧ୍ୟ ଉକ୍ତ ଶୁଭୋଦ୍‌ଘାଟନ ଉତ୍ସବରେ ଅଭିରୁଚି ପ୍ରକାଶ କରିଥିଲେ ଏବଂ ଆନନ୍ଦ ମଧ୍ୟ ଅନୁଭବ କଲେ। କେତେକ ଲୋକମାନେ ତ' କାର୍ଯ୍ୟ କରିବାରେ ମଧ୍ୟ ଗର୍ବ ପ୍ରକାଶ କଲେ ଏବଂ ଅତ୍ୟନ୍ତ ଆଗ୍ରହର ସହକାରେ ସେମାନେ ପ୍ରତ୍ୟେକ କାର୍ଯ୍ୟରେ ଭାଗ ନେଲେ। ପୁନଶ୍ଚ ଭାରତର ବର୍ଷରୁ ଅନେକ ବଡ଼ ବଡ଼ ଲୋକମାନେ ମଧ୍ୟ ଉକ୍ତ ଶୁଭୋଦ୍‌ଘୋଟନ ପର୍ବରେ ଅଂଶ ଗ୍ରହଣ କରିଥିଲେ । ଏପର୍ଯ୍ୟନ୍ତ କି ମହାରାଜା ବର୍ଦ୍ଧମାନ ମଧ୍ୟ ସାମିଲ ହୋଇଥିଲେ । ସେ ଇତ୍ୟବସରରେ ଏକ ଭାଷଣ ଦେବା ନିମନ୍ତେ ଅନୁମତି ଲୋଡ଼ିଲେ ଏବଂ ଆନନ୍ଦର ପରିପ୍ରକାଶ କରି କହିଲେ, ଯଦିଓ ମୁଁ ଜଣେ ହିନ୍ଦୁ ଧର୍ମାବଲମ୍ବୀ ଅଟେ କିନ୍ତୁ ମୁଁ ଉକ୍ତ ଶୁଭୋଦ୍‌ଘାଟନ ପର୍ବରେ ସାମିଲ୍ ହେବାକୁ ଅନିର୍ବାର୍ଯ୍ୟ ବୋଲି ମନେକରେ । ପୁନଶ୍ଚ ଏଗାରଟି ଦେଶର ପ୍ରତିଷ୍ଠାନିକ ପ୍ରତିନିଧିମାନେ ମଧ୍ୟ ଇତ୍ୟବସରରେ ଆସିଥିଲେ ଓ ଯୋଗ ଦେଇଥିଲେ । ଜର୍ମାନୀ, ଇଟାଲି, ଚୀନ୍ ଇତ୍ୟାଦି ଦେଶର ମନ୍ତ୍ରୀମାନେ ମଧ୍ୟ ଉକ୍ତ ଶୁଭୋଦ୍‌ଘାଟନ ପର୍ବରେ ଉପସ୍ଥିତ ଥିଲେ। ସୁତରାଂ ଉକ୍ତ ଉତ୍ତର ହେଉଛି ସେହି ଲୋକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଯେଉଁମାନେ ଏହା କହି ବୁଲୁଛନ୍ତି ଯେ, ମସ୍‌ଜିଦ୍ ସକାଶେ ଏକତ୍ରିତ ହୋଇଥିବା ସେହି ଟଙ୍କା କୁଆଡ଼େ ଗଲା ? ସୁତରାଂ ସେହି ଲୋକମାନେ ଶୁଣି ନିଅନ୍ତୁ ଯେ, ସେହି ଟଙ୍କା ଏଠାକୁ ଆସିଛି (ଅର୍ଥାତ୍ ମସିଜିଦ୍ ଫଜଲ ଲଣ୍ଡନ୍‌ର ଶୁଭୋଦ୍‌ଘାଟନ ଏବଂ ନିର୍ମାଣ କାର୍ଯ୍ୟ ନିମନ୍ତେ ଏଠାକୁ ଆସିଛି) ।"

(ଅଲ୍‌ଫଜଲ୍ କାଦିୟାନ୍ ଦାରୁଲ୍ ଅମାନ୍, 1926 ମସିହା ନଭେମ୍ବର ମାସ 9 ତାରିଖ)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan